গুরুদেব প্রসঙ্গ



ଓଜନପଡୋଡ଼ାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ଗଜପତି ଶାରୀରିକ ଅକ୍ଷମମାନଙ୍କୁ
ତିନି ଚକିଆ ସାଇକେଲ ପ୍ରଦାନ କରୁଛନ୍ତି ।



ଜାତୀୟତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୂର୍ବାହ୍ନ ୮ଟା୩୦ ମିନିଟରେ ଶୀତା ପ୍ରତିଯୋଗୀତାକୁ ପତାକାଚନ କରି ପରିବାଦନ କରୁଛନ୍ତି ।



ଫକୀର ମୋହନ ସେନାପତି

ଉତ୍କଳ ପ୍ରସଙ୍ଗ

୫୦ ଭାଗ ୬ଷ୍ଠ ସଂଖ୍ୟା ପୌଷ ୧୯୧୫ ଶକାବ୍ଦ ଜାନୁଆରୀ ୧୯୯୪

ସମ୍ପାଦକ ମଣ୍ଡଳୀ

ମୁଖ୍ୟ ସମ୍ପାଦକ
ଶ୍ରୀ ସତୀଶ ପାଢ଼ି

ସହ ସମ୍ପାଦକ
ଡଃ ଶଶଧର ଦାସ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ପ୍ରଚ୍ଛଦପଟ
ଆଶିଷ କୁମାର ପାଣ୍ଡେ

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦

ପ୍ରକାଶକ :
ଶ୍ରୀ ସୁରସେନ ଜେନା, ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ଅଧିକୃତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ଅଧିକୃତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଳି ବିଷୟକୁ ଯଥାର୍ଥ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହିତ। କରିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଜ୍ଞାପନ। ପାଇଁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ସୂଚୀ

ସୁବିଖ୍ୟାତ : ବନ୍ଦେ ମାତରମ୍	..	ଡକ୍ଟର ଜଗନ୍ନାଥ ମହାନ୍ତି	..	୧
ବାବା ସାହେବ ଆମ୍ବେଦ୍‌କର	..	ଶ୍ରୀ ଜୟଶଙ୍କର ନାୟକ	..	୩
ସତ୍ୟବାଦୀର ପତ୍ର ପଥା	..	ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ	..	୫
ଆଦିବାସୀ ଉପଯୋଜନାରେ ଦିବାସ୍ତୀ ଉନ୍ନୟନ କାର୍ଯ୍ୟକ୍ରମ	..	ଶ୍ରୀ ଶରତ ଚନ୍ଦ୍ର ମହାନ୍ତି	..	୬
ଇତିଶ କରୁଛି ଦାବୀ	..	ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ	..	୧୦
ଶହୀଦ ଦିବାକର – ଏକ ଅନ୍ତିକାରୀ ବ୍ୟକ୍ତିତ୍ୱ	..	ଶ୍ରୀ ବ୍ରଜ ପାଇକରାୟ	..	୧୩
ଆଗାମୀ ଯୁଗର ଅଗ୍ରଗାମୀ ହେ !	..	ଶ୍ରୀ ଭାସ୍କର ଚନ୍ଦ୍ର ଦାସ	..	୧୫
ଜନସଂଖ୍ୟା ଶିକ୍ଷା	..	ଶ୍ରୀ ସଞ୍ଜୀବ କୁମାର ପ୍ରଧାନ	..	୧୬
ଓଡ଼ିଶାର ସାଂସ୍କୃତିକ ଐତିହ୍ୟ	..	ଶ୍ରୀ ଜୀବନାନନ୍ଦ ପାଣି	..	୧୮
ଫକୀର ମୋହନଙ୍କ ଉପନ୍ୟାସରେ ଓଡ଼ିଶାର ସାମାଜିକ ଦୃଶ୍ୟପଟ	..	ଡକ୍ଟର ଶଶଧର ଦାସ	..	୨୧
ଦିଗ୍‌ଦର୍ଶକ ଶଶିଭୂଷଣ	..	ଶ୍ରୀ କୁଞ୍ଜବିହାରୀ ନାୟକ	..	୨୩
ସ୍ୱାଧୀନତା	..	ବନପ୍ରଭା ପରିଡ଼ା	..	୨୫
ନିରକ୍ଷରତା : ଏକ ଅଭିଶାପ	..	ଶ୍ରୀ ସୁରେନ୍ଦ୍ରନାଥ ପଣ୍ଡା	..	୨୬
ସ୍ୱାଧୀନତା ଆନ୍ଦୋଳନ ଓ କୁନ୍ତଳତା ଦେବୀ	..	ଡକ୍ଟର ଭି: ଗାଜେନ୍ଦ୍ର ରାଜୁ	..	୨୭
ଜାତିଙ୍କି ଦେବା ପାକ୍ଷରୁ	..	ଶ୍ରୀ ଦେବେନ୍ଦ୍ରନାଥ ସାହୁ	..	୨୮
ସୁନ୍ଦରଗଡ଼ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷରତା କାର୍ଯ୍ୟକ୍ରମର ଅଗ୍ରଗତି	..	ଶ୍ରୀ ଧନେଶ୍ୱର ଷଡ଼ଙ୍ଗୀ	..	୨୯
କହୁଛି କଥାଏ ତୁମରି ପାଇଁ	..	ଶ୍ରୀମତୀ ସୁଷମା ପଣ୍ଡା	..	୩୧
ଅଣଛାଡ଼ ଗ୍ରାମୀଣ ଯୁବକମାନଙ୍କ ବିକାଶ ପାଇଁ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ	..	ଶ୍ରୀ ନବିନ କୁମାର ନାଏକ	..	୩୨
ସ୍ୱାଧୀନତାର ସ୍ୱାଦ	..	ଚପଳା ପଣ୍ଡା	..	୩୫
ଆଉ ଜଣେ ମେହେର ରବି : ହୀନବନ୍ଧୁ ମେହେର	..	ଓଃ ସୁଧାକର ଦାସ	..	୩୬
ଅମର ଶହୀଦ ଗାଲିଜୀ	..	ଶ୍ରୀ ସୁବାସ ଚନ୍ଦ୍ର ବିଶି	..	୩୯
ଶୈବ ପୀଠ ଦେଉଳଝରୀ	..	ଶ୍ରୀ ଅଲେଖ ପଡ଼ିଆରୀ	..	୪୦
ବୈଦିକ ସାହିତ୍ୟର ସାରଗର୍ଭ ମୂଲ୍ୟବୋଧ	..	ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ	..	୪୨
ବିକାଶ ପଥେ ଗାୟଗଡ଼ା ଜିଲ୍ଲା	..	ଶ୍ରୀ ରାଜେନ୍ଦ୍ରନାଥ ଜେନା	..	୪୪
ପାର୍ଥିବ ସ୍ୱପ୍ନ	..	..	..	୪୬
ପ୍ରସାଦ ପରିକ୍ରମା	..	..	..	୪୭

ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ।"

ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା:

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃ ଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"

ଜନରାଜ୍ୟ ଦିବସ ଉପଲକ୍ଷେ
ଓଡ଼ିଶାର ରାଜ୍ୟପାଳ

ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀଙ୍କ ବାର୍ତ୍ତା

୬୫ ତମ ଗଣତନ୍ତ୍ର ଦିବସର ପବିତ୍ର ଅବସରରେ ମୁଁ ସମଗ୍ର ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ସଦ୍‌ଭାବନା ଜ୍ଞାପନ କରୁଛି ।

୪୪ ବର୍ଷ ପୂର୍ବେ ଏହି ଦିନ ଭାରତର ସମ୍ବିଧାନ ପ୍ରବର୍ତ୍ତନ କରାଯାଇଥିଲା । ମୌଳିକ ମାନବୀୟ ମୂଲ୍ୟବୋଧଗୁଡ଼ିକର ସୁରକ୍ଷାର ସଂକଳ୍ପ ନେଇ ଏବଂ ଆମର ସମାଜର ସମସ୍ତ ଶ୍ରେଣୀକୁ ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଏକ ଧର୍ମ ନିରପେକ୍ଷ ସାମାଜିକ ନୀତି ପ୍ରଚଳନ ପାଇଁ ଆମ ଦେଶକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସମାଜବାଦୀ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରାଗଲା । ଏହାକୁ ପ୍ରତିଷ୍ଠା କରିଥିବା ଆମର ପୂର୍ବ ସୂରୀମାନଙ୍କର ଜ୍ଞାନ ପ୍ରତି କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ଆଜିର ଏହି ଅବସରରେ ପୁଣି ସେହି ସଂକଳ୍ପର ପୁନାରାବୃତ୍ତି କରୁଛି ଯେ, ଆମେ ଆମ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ଏବଂ ଆମର ସଂସ୍କୃତିର ମହନୀୟ ବିବିଧତାର ଉପଯୁକ୍ତ ଅଭିବ୍ୟକ୍ତି ପ୍ରତି ଧ୍ୟାନ ଦେବା ।

ବିଗତ ୪୪ ବର୍ଷ ଭିତରେ ଆମ ଦେଶ ଆଗରେ ବହୁ ସମସ୍ୟା ଆସିଛି । ବାହ୍ୟ ଶତ୍ରୁମାନଙ୍କର ଆକ୍ରମଣ ଏବଂ ଆଭ୍ୟନ୍ତରୀଣ ମତଭେଦଗୁଡ଼ିକ ଉପରେ ଆମେ ବିଜୟଲାଭ କରିଛୁ । ଏସବୁ ବିପଦର ସମ୍ମୁଖୀନ ହେବା ଫଳରେ ଆମର ଗଣତାନ୍ତ୍ରିକ ଜୀବନଧାରା ଅଧିକ ସୁଦୃଢ଼ ହୋଇପାରିଛି ।

ଶାନ୍ତି ଏବଂ ସଦ୍‌ଭାବନାର ଯେଉଁ ଉନ୍ନତ ସାଂସ୍କୃତିକ ପରମ୍ପରା ଓଡ଼ିଶାରେ ଅଛି, ତା' ପାଇଁ ଆମେ ସମସ୍ତେ ଗର୍ବ ଅନୁଭବ କରୁଛୁ । ପ୍ରକୃତି ମଧ୍ୟ ଆମର ବିକାଶ ପାଇଁ ପ୍ରଚୁର ବିଭବ ଯୋଗାଇ ଦେଇଛି । ରାଷ୍ଟ୍ରୀୟ ସ୍ରୋତର ମୁଖ୍ୟ ଧାରାରେ ଆମ ଲୋକମାନଙ୍କର ମହାନ୍ ପ୍ରତିଭାର ଉଲ୍ଲେଖନୀୟ ଅବଦାନ ରହିଛି । ଦୁର୍ଭାଗ୍ୟର ବିଷୟ ଏହି ଯେ, ଆମେ ଏହି ସବୁ ଐତିହାସିକ କାରଣ ପାଇଁ ଅର୍ଥନୈତିକ କ୍ଷେତ୍ରରେ ପଛରେ ପଡ଼ି ଯାଇଛୁ । ବିଗତ ୪ ବର୍ଷ ମଧ୍ୟରେ ଆମ ରାଜ୍ୟ ଗରିବ ଏବଂ ଅନଗ୍ରସରମାନଙ୍କର ସମସ୍ୟାର ସମ୍ମୁଖୀନ ହେବା ପାଇଁ ସମୁଚିତ ପଦକ୍ଷେପ ନେବାର କଠିନ ପ୍ରୟାସ କରିଛି । ଏଥି ସହିତ ପ୍ରାଥମିକ ସ୍ତରରେ ଗଣତାନ୍ତ୍ରିକ ସଙ୍ଗଠନଗୁଡ଼ିକୁ ଅଧିକ ସୁଦୃଢ଼ କରିବା ପାଇଁ ଉଦ୍ୟମ କରାଯାଇଛି । ଯଦ୍ଦ୍ୱାରା ଲୋକମାନେ ନିଜେ ନିଜର କାର୍ଯ୍ୟ କରିବା ପାଇଁ ଏବଂ ନିଜର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ଅଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

ବିଗତ ଦିନମାନଙ୍କରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଯେଉଁଥିରେ ମହିଳା, ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦିଆଯାଇଛି । ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ନିର୍ବାଚନ କରାଯାଇଛି । ଅତିଶୀଘ୍ର ଜିଲ୍ଲା ପରିଷଦଗୁଡ଼ିକ ଗଠନ କରାଯାଉଅଛି । ପ୍ରଶାସନକୁ ଅଧିକ ପ୍ରଭାବଶାଳୀ କରିବା ଏବଂ ଲୋକମାନଙ୍କର ନିକଟତର କରିବା ପାଇଁ ଜିଲ୍ଲାଗୁଡ଼ିକର ପୁନର୍ଗଠନ ଭଳି ଶାସନ ସଂସ୍କାରର ଆବଶ୍ୟକତା ବହୁ ପ୍ରତୀକ୍ଷିତ ଥିଲା । ସ୍ୱାଧୀନତା ପରେ ୪୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ଗୋଟିଏ ମଧ୍ୟ ଅତିରିକ୍ତ ଜିଲ୍ଲା ଗଠନ କରାଯାଇ ନଥିଲା । ଜିଲ୍ଲା ପ୍ରଶାସନକୁ ଲୋକମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ଅଧିକ ଉତ୍ତରଦାୟୀ କରିବା ପାଇଁ ରାଜ୍ୟ ସରକାର ନିକଟରେ ୧୭ଟି ନୂତନ ଜିଲ୍ଲା ସୃଷ୍ଟି କରିଛନ୍ତି । ପଞ୍ଚାୟତ ସମିତି ଏବଂ ତହସିଲ୍‌ଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି ।

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ; ସାମାଜିକ ଏବଂ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରକ୍ରିୟାକୁ ଏକ ନୂତନ ରୂପ ଦେଇଛନ୍ତି । ଆମ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ବିକାଶ, କୃଷି ଉତ୍ପାଦନ ବୃଦ୍ଧି ଏବଂ ସମସ୍ତ କ୍ଷେତ୍ରରେ ଉନ୍ନତି ଏବଂ ସମ୍ପୂର୍ଣ୍ଣ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତି ।

ନୂତନ ଶିଳ୍ପ ନୀତିର ପ୍ରବର୍ତ୍ତନ ଦ୍ୱାରା ଶିଳ୍ପ କ୍ଷେତ୍ରରେ ବିକାଶର ନୂତନ ବାତାବରଣ ସୃଷ୍ଟି ହୋଇଛି ।ମେସ୍କୋ ଏବଂ ଚୀନ୍‌ର ମିଳିତ ପ୍ରଚେଷ୍ଟାରେ ଗୋଟିଏ ଇସ୍ପାତ୍ ଶିଳ୍ପ ପ୍ରକଳ୍ପ ନିର୍ମାଣାଧୀନ ଅଛି । ୧୨ ହଜାର କୋଟି ଟଙ୍କା ବିନିଯୋଗରେ ଗୋଟିଏ ସମ୍ପୂର୍ଣ୍ଣ ଇସ୍ପାତ୍ ପ୍ରକଳ୍ପ ପ୍ରତିଷ୍ଠାର ପ୍ରସ୍ତାବକୁ ଯୋଜନାରେ ଅଗ୍ରାଧିକାର ଦିଆଯାଇଛି । ତୈଳ ବିଶୋଧନ, ଆଲମ୍ୟୁନିୟମ ପ୍ରକଳ୍ପ ଭଳି ଅନ୍ୟ ବୃହଦାକାର ଶିଳ୍ପଗୁଡ଼ିକ ବିଷୟରେ ମଧ୍ୟ ଚିନ୍ତା କରାଯାଉଛି । କୃଷି ଉତ୍ପାଦନରେ ଉନ୍ନତି ପାଇଁ ଅଧିକ ଜଳସେଚନର ଆବଶ୍ୟକତା ରହିଛି । ଜଳସେଚନର ବିକାଶ ଏବଂ ମିଳୁଥିବା ସୁବିଧା ସୁଯୋଗର ଉପଯୁକ୍ତ ବିନିଯୋଗ ଦ୍ୱାରା ଜଳସେଚିତ ଅଞ୍ଚଳର ଅଭିବୃଦ୍ଧି ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆ ଯାଉଛି । ଜଳସେଚନ ଯୋଜନାର ପରିଗ୍ରହଣାରେ ଲୋକମାନଙ୍କର ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ କେତେକ ଜଳସେଚନ ଯୋଜନାକୁ ସେଥିରୁ ଲାଭ ପାଉଥିବା ଲୋକମାନଙ୍କୁ ଦେବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି । ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ୧୯୯୪ ମସିହା ରାଜ୍ୟ ପାଇଁ ଏକ ଉଲ୍ଲେଖନୀୟ ବର୍ଷ ହେବ । ଇବ୍ ଉପତ୍ୟକା ପରିଯୋଜନାର ପ୍ରଥମ ଏବଂ ଦ୍ୱିତୀୟ ୟୁନିଟ୍ ଏବର୍ଷର ମଧ୍ୟଭାଗ ସୁଦ୍ଧା ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ ହେବ ଏବଂ ଆସନ୍ତା ମାର୍ଚ୍ଚ ମାସଠାରୁ ତୃତୀୟ ଏବଂ ଚତୁର୍ଥ ୟୁନିଟ୍‌ର କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି । ଘରୋଇ ଏବଂ ସାଧାରଣ କ୍ଷେତ୍ରରେ ମଧ୍ୟ ଆହୁରି ଅନେକ ପରିଯୋଜନା ଏହି ଯୋଜନାର ବିଭିନ୍ନ ସ୍ତରରେ ରହିଛି ।

ରାଜ୍ୟ ଅର୍ଥନୀତିରେ କୃଷି ଏବଂ ଶିଳ୍ପ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସାଧନ ଏବଂ ଉପଯୁକ୍ତ ଭିତ୍ତିଭୂମିରେ ସରକାର ମହିଳାମାନଙ୍କର ସାମାଜିକ ମର୍ଯ୍ୟାଦାର ଅଭିବୃଦ୍ଧି ପାଇଁ ସଙ୍କଳ୍ପବଦ୍ଧ । ବିଭିନ୍ନ ସ୍ଥାନୀୟ ସଂସ୍ଥାମାନଙ୍କରେ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିଛି । ସରକାରୀ ଚାକିରିରେ ଶତକଡ଼ା ୩୦ ଭାଗ ସ୍ଥାନ ସେମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଏହା ସହିତ ଏକ ମହିଳା ବିକାଶ ନିଗମ ଏବଂ ଏକ ରାଜ୍ୟ ମହିଳା କମିଶନ ସ୍ଥାପନ କରାଯାଇଛି । ଅନୁସୂଚିତ ଜାତି, ଜନଜାତି, ଅନଗ୍ରସର ଏବଂ ସମାଜର ଦୁର୍ବଳ ଶ୍ରେଣୀର ସାମାଜିକ ତଥା ଆର୍ଥିକ ପ୍ରଗତି ପାଇଁ ବିଶେଷ ଧ୍ୟାନ ଦିଆଯାଉଛି । ଗ୍ରାମର ଗରିବ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ "କଲିଙ୍ଗ କୁଟୀର" ଯୋଜନା ନାମରେ ଏକ ନୂତନ ଯୋଜନା ସଫଳତାର ସହିତ ପ୍ରସ୍ତୁତ କରାଯାଇଛି ।

ସାଧାରଣ ଜୀବନରୁ ଦୁର୍ନୀତି ନିରାକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଶାସନିକ ପୁନର୍ଗଠନ ମାନବିକ ମୂଲ୍ୟବୋଧର ବିକାଶ ପାଇଁ ନ୍ୟାୟାଳୟକୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯାଉଛି । ବାସ୍ତବ ଦୃଷ୍ଟିକୋଣରୁ ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଗଭୀର ଉତ୍ସାହର ସହିତ କାର୍ଯ୍ୟ କରୁଛନ୍ତି । ଏସବୁ ପ୍ରଚେଷ୍ଟା ସହିତ ପ୍ରାଥମିକ ସ୍ତରରେ ସିଦ୍ଧାନ୍ତ କରିବାର ପ୍ରକ୍ରିୟା, ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ପ୍ରଭୃତି ସମାଜର ଅନଗ୍ରସର ଶ୍ରେଣୀ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀଗୁଡ଼ିକର ସମ୍ପୂର୍ଣ୍ଣ ଯୋଗଦାନ ସୁନିଶ୍ଚିତ କରିବା ପାଇଁ ଏକ ନୂତନ ପ୍ରସ୍ତାବର ଶୁଭାରମ୍ଭ କରାଯାଇଛି । ମୋର ବିଶ୍ୱାସ ଏ ପ୍ରଚେଷ୍ଟା ନିଶ୍ଚିତ ରୂପେ ସଫଳ ହେବ । ଏକ ସମୃଦ୍ଧ ଏବଂ ଗତିଶୀଳ ସମାଜ ସୃଷ୍ଟି କରିବା ଏତେ ସହଜ ନୁହେଁ । ଏହା ଏକ ସୁଦୀର୍ଘ ଏବଂ କଷ୍ଟସାଧ୍ୟ ପ୍ରୟାସ । ନିଜର ଲକ୍ଷ୍ୟରେ ସଫଳତା ହାସଲ କରିବା ପାଇଁ ଆମ ସମସ୍ତଙ୍କୁ ଅତ୍ୟନ୍ତ ଉତ୍ସାହର ସହିତ ଏବଂ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ ।

ଏହି ଶୁଭ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ନିବେଦନ କରୁଛି ଯେ, ସେମାନେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରନ୍ତୁ ଏବଂ ଏକ ନ୍ୟାୟପୂର୍ଣ୍ଣ, ସହାନୁଭୂତିଶୀଳ ଏବଂ ସମୃଦ୍ଧ ସମାଜ ଗଠନର ଲକ୍ଷ୍ୟ ନେଇ ନିଜକୁ ପୁଣି ଥରେ ଉତ୍ସର୍ଗ କରନ୍ତୁ ।

ଜୟ ହିନ୍ଦ୍ ।

ଜନରାଜ୍ୟ ଦିବସ ଉପଲକ୍ଷେ
ଓଡ଼ିଶାର ମୁଖ୍ୟମନ୍ତ୍ରୀ

ଶ୍ରୀ ବିଜୁ ପଟ୍ଟନାୟକଙ୍କ

ବାର୍ତ୍ତା

୧୯୯୪ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ବାର୍ତ୍ତା ପ୍ରଦାନ କରିଛନ୍ତି :

"ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନର ଶୁଭ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଜାନୁଆରୀ ୨୬ ତାରିଖଟି ଆମ ଜାତୀୟ ଜୀବନରେ ଏକ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଦିନ । ଏହି ଦିନ ଆମ ଦେଶର ଶାସନ କ୍ଷମତା ଭାରତର ଜନଗଣଙ୍କ ହାତରେ ସମର୍ପିତ ହୋଇଥିଲା । ଆମ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକଙ୍କୁ ହିଁ ଶାସନର ପ୍ରକୃତ ମାଲିକ କରାଯାଇଛି । କିନ୍ତୁ ସମ୍ବିଧାନ ପ୍ରବର୍ତ୍ତିତ ହେବାର ୪୫ ବର୍ଷ ପରେ ମଧ୍ୟ ଶାସନର ଯଥାର୍ଥ ବିକେନ୍ଦ୍ରୀକରଣ ହୋଇପାରି ନାହିଁ । ଶାସନକୁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡ଼ିବ । ତା' ନହେଲେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ । ଏଥିପାଇଁ କେନ୍ଦ୍ରରେ ପଞ୍ଚାୟତିରାଜ ବିଲ୍ ଆସିବାର ବହୁ ପୂର୍ବରୁ ଆମ ରାଜ୍ୟରେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ଉଦ୍ୟମ ହୋଇଥିଲା । ଏହାର ଉଦ୍ଦେଶ୍ୟ, ଲୋକେ ନିଜେ ନିଜକୁ ଶାସନ କରନ୍ତୁ, ନିଜ ଅଞ୍ଚଳର ସମୁହ ଉନ୍ନତି ପାଇଁ ନିଜେ ଯୋଜନା ତିଆରି କରନ୍ତୁ, ନିଜେ ଏହାକୁ କାର୍ଯ୍ୟକାରୀ କରନ୍ତୁ । କୌଣସି ଯୋଜନା ଉପରୁ ତାଙ୍କ ଉପରେ ଲଦି ଦିଆନଯାଉ । ଏହାଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣଙ୍କ ଭିତରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି, ନୂଆ ଜାଗରଣ ଆସିଛି । ଏହି ଉତ୍ସାହ ସହିତ ଶୃଙ୍ଖଳା ଓ ଦାୟିତ୍ୱବୋଧ ମିଶିଲେ ଜନସାଧାରଣ ଗଣତନ୍ତ୍ରର ବାସ୍ତବ ସୁଫଳ ପାଇବେ ।

ଆଜି ଆମକୁ ଓଡ଼ିଶାର ଉନ୍ନତି କଥା ଚିନ୍ତା କରିବାକୁ ପଡ଼ିବ । ଓଡ଼ିଶା ସାରା ଭାରତରେ ଏକ ପଛୁଆ ରାଜ୍ୟ ରୂପେ ପରିଗଣିତ ହେଉଛି । ଏହାର ଐତିହାସିକ କାରଣ ରହିଛି । ବିପୁଳ ପ୍ରାକୃତିକ ସମ୍ପଦରେ ଭରପୂର ଆମ ରାଜ୍ୟକୁ ଏକ ଆଗୁଆ ରାଜ୍ୟରେ ପରିଣତ କରିବା ପାଇଁ ମିଳିତ ଭାବରେ ଉଦ୍ୟମ କରିବାକୁ ହେବ । ଏହି କାର୍ଯ୍ୟକ୍ରମରେ ଛାତ୍ର, ଯୁବକ ଓ ମହିଳାମାନେ ଆଗଭର ହେବା ଦରକାର । ବର୍ତ୍ତମାନ ଆମ ରାଜ୍ୟର ବିଭିନ୍ନ ପଞ୍ଚାୟତିରାଜ ଓ ନଗରପାଳିକା ସଂସ୍ଥାମାନଙ୍କରେ ୨୬,୦୦୦ ନିର୍ବାଚିତ ମହିଳା ପ୍ରତିନିଧିମାନେ ଅଛନ୍ତି । ସେମାନଙ୍କ ସାଙ୍ଗକୁ ଛାତ୍ର ଓ ଯୁବକମାନେ ନିସ୍ୱାପର ଭାବରେ ଏହି ପୁନର୍ଗଠନ କାର୍ଯ୍ୟରେ ନିଜକୁ ସାମିଲ କରିବା ଉଚିତ । ଯୁବକମାନେ ଆଗାମୀ ଯୁଗର ସ୍ୱପ୍ନକୁ ସାକାର କରିବା ଦିଗରେ ସାରଥୀ ଭଳି କାର୍ଯ୍ୟ କରିପାରିବେ ।

ଆମର ସବୁଠାରୁ ବଡ଼ ସମସ୍ୟା ହେଉଛି ଜନସଂଖ୍ୟା ବୃଦ୍ଧି ଓ ପରିବେଶର ଅବନତି । ଆଗାମୀ ଦିନମାନଙ୍କରେ ଏହି ସମସ୍ୟା ଅଧିକ ଉଚ୍ଚଟ ଓ ଉଗ୍ର ରୂପ ଧାରଣ କରିବାର ଆଶଙ୍କା ରହିଛି । ତେଣୁ ବର୍ତ୍ତମାନଠାରୁ ଏହାର ଦୃଢ଼ ମୁକାବିଲା ନକଲେ, ଆମର ଭବିଷ୍ୟତ ବଂଶଧରମାନଙ୍କ ଜୀବନ ବିପଦସଙ୍କୁଳ ହୋଇପଡ଼ିବ । ଭାରତର ଜନସଂଖ୍ୟା ୧୯୫୧ ମସିହାରେ ୩୬ କୋଟି ଥିଲାବେଳେ ୧୯୯୧ ଜନଗଣନାରେ ତାହା ୮୫ କୋଟି ବୋଲି ଜଣାପଡ଼ିଛି । ବର୍ତ୍ତମାନ ତାହା ୯୦ କୋଟିକୁ ଛୁଇଁଲାଣି । ତେଣୁ ଯେତେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଗଲେ ବି ତା'ର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଦାରିଦ୍ର୍ୟ, ବେକାରୀ ଓ ଅଶିକ୍ଷା ବିରୁଦ୍ଧରେ ଆମର ଲଢ଼େଇ ସଫଳ ହୋଇପାରୁ ନାହିଁ । ତେଣୁ ମୋ ରାଜ୍ୟର ଯୁବକ ଓ ମହିଳାମାନେ ଛୋଟ ପରିବାରର ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚାଇ ପାରିଲେ, ତାହା ନିଜ ପାଇଁ ଓ ରାଷ୍ଟ୍ର ପାଇଁ ହିତକର ହେବ । ସେହିପରି କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ବୃକ୍ଷ ରୋପଣ, ନୂତନ ଜଙ୍ଗଲ ସୃଷ୍ଟି ଓ ଗ୍ରାମ ଜଙ୍ଗଲର ସୁରକ୍ଷା ମାଧ୍ୟମରେ ପରିବେଶର ଉନ୍ନତି ଓ ଜମିର ଉର୍ବରତା ବୃଦ୍ଧି ପାଇଁ ମଧ୍ୟ ଯୁବକ ସଙ୍ଘ ଓ ମହିଳା ସମିତିଗୁଡ଼ିକୁ କାର୍ଯ୍ୟ କରିବାକୁ ପଡ଼ିବ ।

ପ୍ରାକୃତିକ ସମ୍ପଦର ବିନିଯୋଗ ଦ୍ୱାରା ଓଡ଼ିଶାର ଉନ୍ନତି ପାଇଁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି ଓ ବୃହତ୍ ଶିଳ୍ପ ପ୍ରତିଷ୍ଠା ଦିଗରେ ମୋର ଉଦ୍ୟମ ଜୋରସୋରରେ ଚାଲିଛି । ତା' ସାଙ୍ଗକୁ କୃଷି ଓ ଆନୁଷଙ୍ଗିକ ଧନ୍ଦା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆମର ଗ୍ରାମାଞ୍ଚଳର ଭାଇଭଉଣୀମାନେ କୃଷି, ପଶୁ ପାଳନ, ମାଛ ଚାଷ, ବସ୍ତ୍ର ଶିଳ୍ପ ଓ ହସ୍ତ ତନ୍ତ ଏବଂ କୁଟୀର ଶିଳ୍ପ ଉପରେ ହିଁ ନିର୍ଭର କରିଥାନ୍ତି । ସେମାନଙ୍କର ଜୀବନ ଧାରଣର ମାନ ଉନ୍ନତ କରିବା ପାଇଁ ମୋ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ କୃଷି ଉତ୍ପାଦନ ବଢ଼ାଇବା ପାଇଁ ଉନ୍ନତ ଧରଣର କୃଷି ଯନ୍ତ୍ରପାତିର ପ୍ରୟୋଗ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ପାଇଁ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବଢ଼େଇ ଓ କମାର ପ୍ରଭୃତି ଗ୍ରାମ୍ୟ କାରିଗରମାନଙ୍କ ଦ୍ୱାରା ଉନ୍ନତ କୃଷି ଯନ୍ତ୍ରପାତିର ମରାମତି ଓ ତିଆରି କରାଯିବା ପାଇଁ ସେମାନଙ୍କୁ ତାଲିମ ଦିଆଯିବ । ରାଜ୍ୟରେ ଆଦିବାସୀ, ହରିଜନ, ଖଟିଖିଆ, ଦିନ ମଜୁରିଆ, ଶ୍ରମିକ ଓ କୃଷକଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ପାଇଁ ମୋ ସରକାର ସର୍ବଦା ସଚେତନ ଓ ଉଦ୍ୟମଶୀଳ । ମୋର ଦୃଢ଼ ବିଶ୍ୱାସ, ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ପଛରେ ଥିବା ଲୋକମାନଙ୍କର ଉପଯୁକ୍ତ ଉନ୍ନତି ଦ୍ୱାରା ରାଜ୍ୟର ସମୁହ ଉନ୍ନତି ସମ୍ଭବ ହେବ ।

ଓଡ଼ିଶାକୁ ନୂଆ କରି ଗଢ଼ିବା ପାଇଁ ମୋର ଚିନ୍ତାଧାରା ଓ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଆଜିର ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀ, ସମସ୍ତଙ୍କୁ ନିବେଦନ କରୁଛି । ଜାତି, ଧର୍ମ, ଦଳ, ମତକୁ ପଛରେ ପକାଇ ଓଡ଼ିଶାର ଉନ୍ନତି ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ମୋର ଦୃଢ଼ ଆଶା ଓ ବିଶ୍ୱାସ, ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ଏଥିରେ ନିଶ୍ଚିତ ଭାବେ ସଫଳ ହେବା ।"

ଜୟ ହିନ୍ଦ୍ ।

ଜନରାଜ୍ୟ ଦିବସ ଉପଲକ୍ଷେ
ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ

ଶ୍ରୀ ବୈରାଗୀ ଜେନାଙ୍କ ବାର୍ତ୍ତା

ପବିତ୍ର ୪୫ତମ ଜନରାଜ୍ୟ ଦିବସ ଉପଲକ୍ଷେ ମୋ ରାଜ୍ୟର ଅଗଣିତ ଭାଇ ଭଉଣୀଙ୍କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି ।

ସମଗ୍ର ବିଶ୍ୱରେ "ସୁନାର ଭାରତ" ନାମରେ ପରିଚିତ ଭାରତବର୍ଷ ଆଜି ଋଣ ଭାରରେ ଭାରାକ୍ରାନ୍ତ । ଯୁଗ ଯୁଗ ଧରି ଧର୍ମ ନିରପେକ୍ଷତାର ଧ୍ୱଜା ଉଡ଼ାଇ ଆସିଥିବା ଭାରତବର୍ଷରେ ଆଜି ସାମ୍ପ୍ରଦାୟିକ ଦଙ୍ଗାର ଲୁଚକାଳି ଖେଳ ଦେଖାଦେଇଛି । ଗଣତାନ୍ତ୍ରିକ ଆଦର୍ଶ ବର୍ତ୍ତମାନ ଅବକ୍ଷୟ ହେବାରେ ଲାଗିଛି । ତଥାପି ସମସ୍ତ ଘାତ ପ୍ରତିଘାତ ଭିତରେ ଆମେ ନିଜେ ନିଜକୁ ଗଢ଼ିବାକୁ ହେବ । ନିଜେ ନିଜ ଦେଶକୁ ସଜାଡ଼ିବାକୁ ହେବ । "ସୁନାର ଭାରତ" ନିର୍ମାଣ କରି ଜନ୍ମଭୂମିର ସୁନାମକୁ ପୁନଃ ପ୍ରତିଷ୍ଠା କରିବାକୁ ହେବ । ଏଥିପାଇଁ ଆବଶ୍ୟକ କେବଳ "ଦୃଢ଼ ସଂକଳ୍ପ" ।

ନୀତି ଏବଂ ନିଷ୍ଠାକୁ ଆମର ମୂଳମନ୍ତ୍ର ଓ ଅମୋଘ ଅସ୍ତ୍ର ରୂପେ ଗ୍ରହଣ କରି ଆଗେଇ ଗଲେ ଆମେ ନିଶ୍ଚିତ ଭାବେ ଆମର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ସେଥିରେ ସନ୍ଦେହ ନାହିଁ ।

ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ଆମେ ସମସ୍ତେ ସେହି ଦୃଢ଼ ସଂକଳ୍ପ ନେଇ କାନ୍ଧରେ କାନ୍ଧ ମିଳାଇ ଆଗେଇ ଯିବା ।

ସଂପାଦକୀୟ

ଆଜିର ଚିନ୍ତା

ଆଜି ଜାନୁଆରୀ ୨୬ ତାରିଖ । ପବିତ୍ର ସାଧାରଣତନ୍ତ୍ର ଦିବସ । ୪୪ ବର୍ଷ ପୂର୍ବେ ୧୯୫୦ ମସିହାର ଏହି ଜାନୁଆରୀ ୨୬ ତାରିଖରେ ଆମର ମଙ୍ଗଳ ପାଇଁ ଆମେ ଆମ ଦେଶର ସମ୍ବିଧାନ ପ୍ରଣୟନ କରି ଭାରତବର୍ଷକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଘୋଷଣା କରିଥିଲେ ।

ନିଜେ ଲଗାଇଥିବା ଫୁଲ ଗଛରେ ଫୁଲ ଫୁଟିବା ଦେଖିଲେ ଆମକୁ ନିଶ୍ଚିତ ଭାବେ ଆନନ୍ଦ ମିଳିଥାଏ । ଗଛଟି ଫୁଲରେ ଭରପୂର ହୋଇଗଲେ ସେ ଆନନ୍ଦ ମଧ୍ୟ ସେ ପରିମାଣରେ ବଢ଼ିଥାଏ । ଅପର ପକ୍ଷରେ ସେହି ଗଛର ଡାଳ ଖଣ୍ଡେ ଭାଙ୍ଗିଗଲେ କିମ୍ବା ଗଛଟି କୌଣସି କାରଣରୁ ଦୁର୍ବଳ ହୋଇଗଲେ ମନ ଭିତରେ ସେତିକି ଦୁଃଖ ମଧ୍ୟ ଦେଖା ଦେଇଥାଏ । ସେଥିପାଇଁ ଆମେ ସେଥିର ପ୍ରତିକାର ବ୍ୟବସ୍ଥା କରିଥାଉ । ଠିକ୍ ସେହିଭଳି ଭାବରେ ଆମେ ତିଆରି କରିଥିବା ସମ୍ବିଧାନ କେତେ ଫୁଲ ଫୁଟେଇ ପାରିଛି, ତାହା ଆଜିର ଏହି ପୁଣ୍ୟ ଦିବସରେ ଅନୁଧାନ କରିବା ଉଚିତ ।

ବାସ୍ତବ କ୍ଷେତ୍ରରୁ ବିଚ୍ୟୁତ କରି ଆମେ ଆମ ରାଜ୍ୟର ଅତୀତକୁ ସିଂହାବଲୋକନ କଲେ ଦେଖିବା ଯେ, ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ରାଉରକେଲା ଇସ୍ପାତ୍ କାରଖାନା ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକ ମନ ଭିତରେ ଯେଉଁ ନୂତନ ଆଶା ସଞ୍ଚାର କରିଥିଲା, ତାହା ପରବର୍ତ୍ତୀ ସମୟରେ ମଉଳିଗଲା । ତିରିଶି ବର୍ଷର ନିଷ୍କ୍ରିୟତା ପରେ ଆଜି ଆମେ ଆସ ସମୀକ୍ଷା କଲାବେଳକୁ ସବୁ କିଛି ଓଲଟ ପାଲଟ ହୋଇଯାଇଛି । ପ୍ରାକୃତିକ ସମ୍ପଦରେ ଭରପୂର ଥିବା ଓଡ଼ିଶା ଆଜି ଭାରତବର୍ଷର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏକ ପଛୁଆ ରାଜ୍ୟ ।

ଦେଶର ଅବସ୍ଥା ମଧ୍ୟ ରାଜ୍ୟ ଭଳି । ଋଣ ଯନ୍ତାରେ ପଡ଼ି ଦେଶ ଆଜି ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ପୁଞ୍ଜି ବିନିଯୋଗ କରିବା ପ୍ରସଙ୍ଗ ଆଜି ସର୍ବତ୍ର ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇପଡିଛି ।

ବାସ୍ତବ ଚିତ୍ର ଆଙ୍କିବାକୁ ଗଲେ ଗଛରେ ଆଜି ଫୁଲ ନାହିଁ । ଫୁଲ ନଥାଇ ମହକର ପ୍ରଶ୍ନ ବା ଉଠିବ କାହିକି ? ପୁଣି ଗଛ ମଉଳିବାକୁ ବସିଲାଣି । ଏ ଗଛକୁ ପୁଣି ସତେଜ କରିବାକୁ ହେବ । ଫୁଲ ଫୁଟେଇବାକୁ ହେବ । ତେବେ ଯାଇ ଫୁଲର ମହକ ମିଳିବ ।

ଦୂରଦ୍ରଷ୍ଟା ବିଜୁବାବୁ ଏ ସବୁକୁ ଲକ୍ଷ୍ୟ କରି ବିଗ୍ରର କଲେ ଯେ, ଏ ଜାତି — ଏ ଦେଶକୁ ନିର୍ମାଣ କରିବାକୁ ହେଲେ କ୍ଷମତାକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ କରି ରଖିଲେ ଚଳିବ ନାହିଁ । ବାରଶହ ବଢ଼େଇକୁ ନେଇ ହିଁ ଏ ଜାତିର କୋଣାର୍କ ନିର୍ମାଣ କରିବାକୁ ହେବ । ସେଥିପାଇଁ ପଞ୍ଚାୟତ ଓ ପୌର ସଭା ନିର୍ବାଚନ କରାଇ କ୍ଷମତାର ବିକେନ୍ଦ୍ରୀକରଣ କଲେ । ଗାଁର ସମସ୍ୟା ଗାଁରେ ସମାଧାନ କରି ଗାଁକୁ ସଜାଡ଼ିବା ଦାୟିତ୍ୱ ବର୍ତ୍ତମାନ ସରପଞ୍ଚ ହାତରେ ନ୍ୟସ୍ତ । ଗାଁ ସରପଞ୍ଚ ବର୍ତ୍ତମାନ ସେ ପଞ୍ଚାୟତର ମୁଖ୍ୟମନ୍ତ୍ରୀ କହିବା କଦାପି ଅତିରଞ୍ଜିତ ହେବ ନାହିଁ । ଠିକ୍ ସେହିଭଳି ଭାବରେ ସହରାଞ୍ଚଳ ପାଇଁ ସହରର ନଗରପାଳଙ୍କ ଭୂମିକା ।

ଏହି ବ୍ୟବସ୍ଥା ଫଳରେ କ୍ଷମତାର ବିକେନ୍ଦ୍ରୀକରଣ ହୋଇ ଜନସାଧାରଣଙ୍କ ମନରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିପାରିଛି । ନୂତନ ଆଶା ସଞ୍ଚାର ହୋଇ ପାରିଛି । ବାରଶହ ବଢ଼େଇ ଆଜି ନିଜ ନିଜ କାର୍ଯ୍ୟରେ କାର୍ଯ୍ୟରତ । ଫଳତଃ ବିଜୁବାବୁଙ୍କ ସ୍ୱପ୍ନ ଆଜି ସାକାର ହେବାରେ ଲାଗିଛି । ତେବେ ଏହି ସ୍ରୋତର ବେଗକୁ ଆହୁରି ଅଧିକ ଗତିଶୀଳ କରିବାକୁ ହେବ । କମ୍ ସମୟ ଭିତରେ ଆମକୁ ଅଧିକ ପଥ ଅତିକ୍ରମ କରିବାକୁ ହେବ । ସେଥିପାଇଁ କ୍ଷମତାର ବିକେନ୍ଦ୍ରୀକରଣ ବ୍ୟବସ୍ଥା ଭଳି ଦେଶ ନିର୍ମାଣର ଦାୟିତ୍ୱ ମଧ୍ୟ ପ୍ରତ୍ୟେକେ ବହନ କରିବାକୁ ପଡ଼ିବ । ଦେଶରୁ ନିରକ୍ଷରତା ଦୂରୀକରଣ ପାଇଁ ଆମର ବିଭିନ୍ନ ଜିଲ୍ଲାରେ ଗ୍ରହିଥିବା ସାକ୍ଷରତା କାର୍ଯ୍ୟକ୍ରମକୁ ସହଯୋଗ କରି ଜଣେ ଜଣେ ସ୍ୱେଚ୍ଛାସେବୀ ଦଶ ଦଶ ଜଣଙ୍କୁ ସାକ୍ଷର କରିବା ଦାୟିତ୍ୱ ବହନ କଲା ଭଳି ସରକାରୀ ଚାକିରି କିମ୍ବା ଆସ ନିଯୁକ୍ତି ପାଇଁ ସରକାରୀ ଋଣ ଉପରେ ନିର୍ଭରଶୀଳ ନହୋଇ ଜଣେ ଆଉ ଜଣକୁ ସ୍ୱାବଲମ୍ବୀ କରିବା ଦାୟିତ୍ୱ ବହନ କରିପାରିଲେ ଆମ ଦେଶ ମଧ୍ୟ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ସାହାଯ୍ୟ ଭିକ୍ଷା କରିବାର ଆବଶ୍ୟକତା ରହିବ ନାହିଁ । ଏହା ହିଁ ପ୍ରକୃତ ପକ୍ଷେ ସଚ୍ଚା ଦେଶପ୍ରେମ ଓ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ।

ସୁତରାଂ, ମଣିଷକୁ ମଣିଷ କରି ଗଢ଼ି ତୋଳିବା ଭଳି ପୁଣ୍ୟ କର୍ମରେ ନିଜକୁ ନିୟୋଜିତ କରିବା ପାଇଁ ଆଜିର ଏହି ପୁଣ୍ୟ ଦିବସରେ ପ୍ରତ୍ୟେକେ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ । ଏହା ହିଁ ଆଜିର ଆବଶ୍ୟକତା — ଆଜିର ଚିନ୍ତା ।

ଖୁଦିରାମ : ବନ୍ଦେ ମାତରମ୍

ଡକ୍ଟର ଜଗନ୍ନାଥ ମହାନ୍ତି

ଆମ ରାଜ୍ୟକୁ ଲାଗିଥିବା ପଶ୍ଚିମବଙ୍ଗର ମେଦିନୀପୁର ଅଞ୍ଚଳ। ପ୍ରାୟ ଦୁଇଶହ ବର୍ଷ ତଳର କଥା। ସେଠାର ଗୋଟିଏ ଗାଁ, ନାଁ ତାର ମୌବାନିପୁର। ସେହି ଗାଁରେ ଜଣେ 'ମା' ଥିଲେ ଲକ୍ଷ୍ମୀପ୍ରିୟା। ଗୋଟିଏ ପରେ ଗୋଟିଏ ହୋଇ ତାଙ୍କର ଦୁଇଟି ପୁଅ ପିଲାଦିନୁ ମରିଗଲେ। ସମସ୍ତେ ତେଣୁ କହିଲେ – ଆଉ ପିଲାଟିଏ ହେଲେ ତାକୁ କାହାକୁ ବିକିଦେବ ଯମ ତାକୁ ଆଉ ନେବ ନାହିଁ।

ଏହାଥିଲା ଆଗକାଳରେ ଆମ ଲୋକଙ୍କର ଅନ୍ଧବିଶ୍ୱାସ। ତେଣୁ ଆଉ ଗୋଟିଏ ପୁଅ ଜନ୍ମ ହେବାରୁ ଲକ୍ଷ୍ମୀପ୍ରିୟା ତାକୁ ଦୁଇମୁଠା ଖୁଦ ବଦଳରେ ବିକିଦେଲେ। ତେଣୁ ଲୋକେ ସେଇ ପିଲାଟିକୁ ଖୁଦିରାମ ବୋଲି ଡାକିଲେ।

ପିଲାଟିକୁ ମାତ୍ର ସାତବର୍ଷ ହେଲା ବେଳେ 'ମା' ଲକ୍ଷ୍ମୀପ୍ରିୟା ଆଖିବୁଜିଲେ। ତା'ପରେ ବାପା ତ୍ରୈଲୋକ୍ୟନାଥ ବୋଷ ମଧ୍ୟ ଗଲିଗଲେ ପରପାରକୁ। ପିଲାଟି ଅନାଥ ହୋଇ ଜଣେ ବନ୍ଧୁଙ୍କ ଘରେ ରହି ପାଠ ପଢ଼ିଲେ। ପିଲାଦିନୁ ସେ ସବୁ ଅନ୍ୟାୟ କଥାର ବିରୋଧ କରୁଥିଲେ।

ଦିନବର କଥା। ଖୁଦିରାମ ବିଦ୍ୟାଳୟରେ ପାଠ ପଢୁଥିଲେ। ଗୋଟିଏ ପିଲା ମୋଟା ଶଦିଲୁଗା ପିନ୍ଧି ପଢ଼ିବାକୁ ଆସିଥିଲା। ସାଙ୍ଗ ପିଲାମାନେ ସେଥିପାଇଁ ତାକୁ ଭାରି ଟାହି ଟାପରା କଲେ। କେତେକ ତାକୁ ମଫ ବା ମଫସଲିଆ କହି ମାଡ଼ଗାଜି ବି ଦେଲେ। ଖୁଦିରାମ ସେଠାରେ ପହଞ୍ଚି ସେହି ପିଲାକୁ ବାହାବା କଲେ। ଦେଶୀ ଲୁଗା ପିନ୍ଧି ଆସିଥିବାରୁ ବିଦ୍ୟାଳୟର ମଉଡ଼ମଣି ବୋଲି କହି ଧନ୍ୟ ଧନ୍ୟ କଲେ।

ଖୁଦିରାମ କେବଳ ଅନ୍ୟାୟର ବିରୋଧ କରୁନଥିଲେ। ଅନ୍ୟର ବିପଦ ଆପଦରେ ସେ ସାହା ହେଉଥିଲେ। ତାଙ୍କ ବିଦ୍ୟାଳୟ ପାଖ ଗାଁଗଣ୍ଡାରେ ଥରେ ହଇଜା ଲାଗିଲା। ଖୁଦିରାମ ସାଙ୍ଗସାଥୀମାନଙ୍କୁ ନେଇ ହଇଜା ରୋଗୀଙ୍କର ସେବା କଲେ। ଥରେ ଥରେ ନିଜେ ମଗାଣିକୁ ସେ ଶବ ବୋହି ନେଇ ଦାହା କରୁଥିଲେ। ଅନ୍ୟକୁ ସାହାଯ୍ୟ କରିବାକୁ ମନରେ ତାଙ୍କର ଯେତିକି ଆଗ୍ରହ ସେତିକି ସାହସ।

ମେଦିନୀପୁର ସହରରେ ଖେଳ କସରତ ଶିଖିବା ପାଇଁ କେତୋଟି ଆଖଡ଼ାଘର ଥିଲା। ଖୁଦିରାମ ସାଙ୍ଗମାନଙ୍କୁ ନେଇ ଲାଠି, ଛୁରୀ, ଖଣ୍ଡା ଆଦି ଚଳାଇବା ଶିଖିଲେ। ଦେହ ତାଙ୍କର ଇସ୍ପାତ ପରି ଟାଣ ହେଲା। ମନରେ ତାଙ୍କର ବି ଖୁବ୍ ବହପ ବଢ଼ିଲା।

ଖୁଦିରାମ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ। ଖଦଡ଼ ଲୁଗା ପିନ୍ଧିବା ପାଇଁ ସେ ଘଣ୍ଟା ଘଣ୍ଟାଧରି ସୂତା କାଟୁଥିଲେ। ସେହି ସୂତାରେ ଲୁଗାବୁଣି ନିଜେ ପିନ୍ଧୁଥିଲେ, ଅନ୍ୟମାନଙ୍କୁ ବି ପିନ୍ଧାଉଥିଲେ। ବିଲାତୀ ଜିନିଷପତ୍ର ସବୁ ସେ ପୋଡ଼ିଜାଳି ପାଉଁଶ କରିଦେଉଥିଲେ। ବଡ଼ିମରୁଡ଼ି ପଡ଼ିଲେ ସେ ଦୁର୍ଗତ ଲୋକମାନଙ୍କୁ ବୁଡ଼ା ଗଉଜ ବାଣ୍ଟୁଥିଲେ। ମେଦିନୀପୁର ଅଞ୍ଚଳରେ ସେ ସ୍ୱାଧୀନତା ଆନ୍ଦୋଳନରେ ପବୁରି ଆଗୁଆ ଥିଲେ।

ସେତେବେଳେ ବଙ୍ଗ ପ୍ରଦେଶରେ ଜଣେ ଗୋରା ସାହେବ ଥିଲେ। ନାଁ ତାଙ୍କର କିଙ୍ଗ୍‌ସଫୋର୍ଡ଼। ସେ ବିପ୍ଳବୀମାନଙ୍କୁ କଠିନ ଦଣ୍ଡ ଦେଉଥିଲେ। ନ୍ୟାୟ ଅନ୍ୟାୟର କିଛି ବାଛବିଗୁର କରୁନଥିଲେ। ତେଣୁ ଲୋକମାନେ ତାଙ୍କ ଉପରେ ଭାରି ରାଗିଗଲେ। ସାହେବଙ୍କୁ ମାରିଦେବା ପାଇଁ ଖୁଦିରାମ ଓ ତାଙ୍କ ସାଥୀ ପ୍ରଫୁଲ ଗୁକି ପଣ କଲେ।

ଦିନେ ଗୋରା ହାକିମ କିଙ୍ଗ୍‌ସଫୋର୍ଡ଼ଙ୍କ ବଙ୍ଗଳା ପାଖରେ ସେମାନେ ଲୁଚି ରହିଲେ। ରାତି ସାଢ଼େ ଆଠଟା ବାଜିଲା। ଅନ୍ଧାର ରାତି। ସାହେବଙ୍କ ଘୋଡ଼ାଗାଡ଼ି ଭାବି ତା ଉପରକୁ ଗୋଟିଏ ବୋମା ପକାଇଦେଲେ। ମାତ୍ର, ସାହେବ ସେଥିରେ ନଥିଲେ। ବିଚରା ଜଣେ ମେମ୍ ସାହେବ ଓ ତାଙ୍କର ଝିଅଟି ସେଥିରେ ମରିଗଲେ। ସବୁ ଥାନାକୁ ଜଣାଇ ଦିଆଗଲା

ଖୁଦିରାମ ଓ ପ୍ରଫୁଲ ବୋମାମାଡ଼ କରି ପ୍ରାୟ ୩୫ କିଲୋମିଟର ଗଲି ଗଲି ଦୂରକୁ ପଳାଇଲେ। ଗୋଟିଏ ଦୋକାନରେ ବସି ଜଳଖିଆ ଖାଉଥିଲାବେଳେ ପୋଲିସ ସେମାନଙ୍କୁ ଧରିନେଲା। ସେମାନଙ୍କୁ ହାତକଡ଼ି ପିନ୍ଧାଇ ମୁଜାଫରପୁର ଜେଲକୁ ନେଇଗଲେ। ଖୁଦିରାମଙ୍କ ପାଟିରୁ ସଦାବେଳେ ବାହାରୁଥିଲା – ବନ୍ଦେ ମାତରମ୍, ବନ୍ଦେ ମାତରମ୍। ଲୋକେ ବି ତାଙ୍କ ସାଥିରେ ସ୍ୱର ମିଳାଉଥିଲେ। ଚଉଦିଗ ଜମ୍ପିଉଠୁଥିଲା।

ମୋକଦ୍ଦମାମାନ ବିଗୁର ଗଲିଲା। ଶେଷରେ ଖୁଦିରାମଙ୍କୁ ଫାଶିଦଣ୍ଡ ମିଳିଲା। ୧୯୦୮ ମସିହା ଅଗଷ୍ଟ ମାସ ୧୩ ତାରିଖ। ଭୋର ବେଳା। ଖୁଦିରାମଙ୍କୁ ଫାଶିଖୁଣ୍ଟକୁ

ନିଆଗଲା। ମୁହଁ ତାଙ୍କର ହସ ହସ। ସେ ପ୍ରଥମେ ମାଟି 'ମା'ଙ୍କୁ ନମସ୍କାର ଜଣାଇଲେ। ଫାଶିଦଉଡ଼ିକୁ ଆଣି ନିଜ ବେକରେ ଫୁଲମାଳ ପରି ଲଘାଇଦେଲେ ଉଚ୍ଚ ସ୍ୱରରେ ସେ କହିଉଠିଲେ – ବନ୍ଦେ ମାତରମ୍, ବନ୍ଦେ ମାତରମ୍.....

ନିମିଷକ ମଧ୍ୟରେ ସବୁ ସରିଗଲା। ତାଙ୍କର ଜୀବନ–ଦୀପ ଲିଭିଗଲା। ଦେଲେ ମୁକ୍ତିର ନାଲି ସୂରୁଯ ଉଇଁ ଉଠିଲା। ତାଙ୍କ ଫାଶିଦଣ୍ଡ ଯୋଗୁଁ ସାରା ଦେଶରେ ଦୁଃଖର କଳା ଅନ୍ଧାର ଘୋଟିଗଲା। ହେଲେ, ତାତିଡୁ ଜାତିପ୍ରେମର ଯେଉଁ ନିଆଁ ଜଳିଉଠିଲା, ତାହା ସେଇ ଅଙ୍ଗାରକୁ ପୋଛିଦେଲା। ସ୍ୱାଧୀନତା ପାଇଁ ସମସ୍ତେ ମାତି ଉଠିଲେ। ଦେଶ ଆମର ସ୍ୱାଧୀନ ହେଲା। ଆମେ ଏବେ ସ୍ୱାଧୀନ .ଦେଶର ସନ୍ତାନ ବୋଲି ଗର୍ବ ଅନୁଭବ କରୁଛୁ। ବନ୍ଦେ ମାତରମ୍

୨୯୩୫, ଗୋରୀନଗର,
ମାଣିକ ବିଶ୍ୱନାଥ ସ୍ମୃତି ସଦନ,
ଭୁବନେଶ୍ୱର–୭୫୨୦୦୨।

ସ୍କୋଚଗାର୍ଡ ନିବେଶାଳସ୍ଥ ସାଂସ୍କୃତିକ ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବରେ ଅତିଥିମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ନିହୋତ୍ରୀ ଯୋଗଦାନ କରି ଓଜଜୋଟୀର ନୃତ୍ୟ ପ୍ରଦର୍ଶନ କରିଥିବାରୁ କୁମାରୀ ମିନାକ୍ଷୀ ନାୟକଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି। ନିକଟରେ ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ରାମାନନ୍ଦ ପଣ୍ଡା ଉପସ୍ଥିତ ଅଛନ୍ତି।

ବାବା ସାହେବ ଆମ୍ବେଦକର

ଜୟଶଙ୍କର ନାୟକ୍

ଭାରତର ଇତିହାସକୁ ମହିମାନ୍ୱିତ ଓ ଗୌରବାନ୍ୱିତ କରିଥିବା ଅସାଧାରଣ ପ୍ରତିଭା ସମ୍ପନ୍ନ ଓ ମହନୀୟ କୃତିତ୍ୱ ଦ୍ୱାରା ବରେଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ବାବା ସାହେବ ଆମ୍ବେଦକର ଥିଲେ ଅନ୍ୟତମ। ସେ ଥିଲେ ଜଣେ ଯୁଗ ଜନ୍ମା ପୁରୁଷ। ସେ ମଧ୍ୟ ଥିଲେ ସ୍ୱାଧୀନ ଭାରତର ସମ୍ବିଧାନର ମୁଖ୍ୟ ପ୍ରଣେତା, ଆଧୁନିକ ଯୁଗର ମନୁ, ଦଳିତ, ନିଷ୍ପେଷିତ ଅସ୍ପୃଶ୍ୟତା ଶ୍ରେଣୀର ମୁକ୍ତି ଓ ଉନ୍ନତି।

୧୮୯୧ ମସିହା ଅପ୍ରେଲ ୧୪ ତାରିଖ ଦିନ ଭାରତ ରତ୍ନ ଭୀମରାଓ ରାମଜୀ ଆମ୍ବେଦକର ମହାରାଷ୍ଟ୍ର ଅନ୍ତର୍ଗତ ରତ୍ନଗିରି ଜିଲ୍ଲାର ଆମ୍ବଭା ଗ୍ରାମର ଏକ ଦରିଦ୍ର ହରିଜନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ରାଓ ରାମଜୀ ସକ୍‌ପାଲ ଓ ମାତାଙ୍କ ନାମ ଭୀମା ବାଇ। ସେ ଥିଲେ ତାଙ୍କ ପିତାମାତାଙ୍କର ୧୪ ତମ ସନ୍ତାନ। ସେହି ପିତାମାତା ତଥା ଗ୍ରାମର ମିଶ୍ରିତ ନାମାନୁସାରେ ତାଙ୍କ ନାମ ହୋଇଥିଲା ଭୀମରାଓ ରାମଜୀ ଆମ୍ବେଦକର। ଆମ୍ବେଦକରଙ୍କୁ ଯେତେବେଳେ ପାଞ୍ଚ ବର୍ଷ, ତାଙ୍କ ମା' ଇହଧାମ ପରିତ୍ୟାଗ କଲେ। ମା ଛେଉଣ୍ଡ ହୋଇ ଆମ୍ବେଦକରଙ୍କର ଅପରନ୍ତି ଦୁଃଖ ବହୁ ଆର୍ଥିକ ଅନାଟନ, ସାମାଜିକ ନିର୍ଯ୍ୟାତନା, ଦାରିଦ୍ର୍ୟର କଷାଘାତ ଓ ବହୁକୁଟୁମ୍ବୀ ପାରିବାରିକ ବାଧାବିଘ୍ନ ମଧ୍ୟ ଦେଇ ବିଦ୍ୟା ଅଧ୍ୟୟନରୁ କେବେହେଲେ ବିରତ ହୋଇ ନଥିଲେ।

ସେତେବେଳେ ସାମାଜିକ ସ୍ପୃଶ୍ୟତା ଏତେ ଉତ୍‌କଟ ହୋଇଥିଲା ଯେ ସାଧାରଣ ହରିଜନ ଆଦିବାସୀ ଲୋକମାନଙ୍କୁ ଛୁଇଁ ନଥିଲେ। ଏପରିକି ତାଙ୍କ ଛାଇ ମଧ୍ୟ ମାଡୁ ନଥିଲେ। ସର୍ବସାଧାରଣ କୁଅ ପୋଖରୀରୁ ସେମାନଙ୍କୁ ପାଣି ମୁଣ୍ଡାଏ ମିଳୁ ନଥିଲା। ଶାଁ। ସ୍କୁଟଶାଳୀରେ ପାଠ ପଢ଼ା ସମୟରେ ଅନ୍ୟମାନଙ୍କ ସହ ବସିବା ପାଇଁ ଦିଆଯାଇ ନଥିଲା। ଶିକ୍ଷକ ମଧ୍ୟ ତାଙ୍କର ଖାତା ସର୍ଶ କରୁନଥିଲେ। ଏଥିପାଇଁ ସ୍କୁଟଶାଳୀରେ ଆମ୍ବେଦକରଙ୍କୁ ଅଲଗା ସ୍ଥାନରେ ବସିବାକୁ ପଡୁଥିଲା। ସେତେବେଳେ ଶଗଡ଼ ଗାଡ଼ିରେ ଯିବାକୁ ସେମାନଙ୍କୁ ମନାଥିଲା। ତଥାପି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ତାଙ୍କ ବାପା ସୈନ୍ୟ ବିଭାଗର ସୁବେଦାର ରୂପେ କାର୍ଯ୍ୟକରୁଥିବା ସ୍ଥାନକୁ ନିଜ ଭାଇଙ୍କ ସହିତ ଏକ ଭଡ଼ା ଶଗଡ଼ରେ ବସି ଯାଉଥିବା ବେଳେ ବାଟରେ ଶଗଡ଼ିଆ କୌଣସି ପ୍ରକାରେ ଆମ୍ବେଦକରଙ୍କ ଭ୍ରାତାଦ୍ୱୟଙ୍କୁ ଅଛବ ମାହାର ସମ୍ପ୍ରଦାୟର ଜାଣି ତାଙ୍କୁ ବଳପୂର୍ବକ ଶଗଡ଼ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ତଥାପି ସେମାନେ ମନର କଥା ମନ ଭିତରେ ରଖି ନିଜର ଦାସ୍ତିକତା ନ ହରାଇ ରେଳ ଷ୍ଟେସନ ଆଡ଼କୁ ଗୁଲିଗଲେ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନରୁ ଆମ୍ବେଦକରଙ୍କ ଜ୍ଞାନ ଓ ଚରିତ୍ରର ମହାନତା ସ୍ପଷ୍ଟ ଜଣା ପଡ଼ିଥିଲା କିନ୍ତୁ ତାଙ୍କୁ ସେ ସମୟର ଜାତିପ୍ରଥା ଓ ଅସ୍ପୃଶ୍ୟତା ବିଦ୍ୟାର୍ଜନରେ ଯଥେଷ୍ଟ ଅନ୍ତରାୟ ସୃଷ୍ଟି କରିଥିଲା। ସୌଭାଗ୍ୟବଶତଃ ୧୯୦୭ ମସିହାରେ ବମ୍ବେର ଏଲଫିନ୍ଷ୍ଟୋନ ହାଇସ୍କୁଲରୁ ମାଟ୍ରିକ୍ ପାଶ କରିଥିଲେ। ଆମ୍ବେଦକରଙ୍କର ଉଚ୍ଚ ଶିକ୍ଷା ଲାଭ କରିବାର ଦେଖି ବରୋଦାର ଉଦାରଚେତା ମହାରାଜା ଶୟାଜୀ ରାଓ ଗାଏକ୍ୱାଡ୍ ମାସିକ ପଚିଶ ଟଙ୍କା ଲେଖାଏଁ ଛାତ୍ରବୃତ୍ତି ଦେଲେ। ଏତଦ୍‌ବ୍ୟତୀତ ତାଙ୍କୁ ଦୁଇଜଣ ଶିକ୍ଷକ ବିଷ୍ଣୁଜୀ ଅର୍ଦନ କେଲୁସ୍‌କର ଓ ପ୍ରଫେସର ମୂଲର ମଧ୍ୟ ସାହାଯ୍ୟ କରିଥିଲେ। ବମ୍ବେର ଏଲ୍ ଫିନ୍ ଷ୍ଟୋନ୍ ମହାବିଦ୍ୟାଳୟରୁ ଇଞ୍ଜର ମିଡ଼ିଏଟ ଉର୍ତ୍ତୀର୍ଣ୍ଣ ହୋଇ ସେହି ମହାବିଦ୍ୟାଳୟରୁ ୧୯୧୭ ମସିହାରେ ବି:ଏ: ପାସ୍ କଲେ। ସେତେବେଳେ ବରୋଦାର ମହାରାଜା ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଗୋଟିଏ ସର୍ତ୍ତ ରଖି ବିଲାତ ପଠାଉଥାନ୍ତି। ସେହି ସର୍ତ୍ତରେ ରାଜି ହୋଇ ଆମ୍ବେଦକର ବିଲାତ ଯିବା ପାଇଁ ମହାରାଜାଙ୍କର ସାହାଯ୍ୟ ପାଇଲେ। ଆମେରିକାର କଲମ୍ବିଆ ବିଶ୍ୱ ବିଦ୍ୟାଳୟରେ ଅର୍ଥଶାସ୍ତ୍ରରେ ଏମ୍: ଏ: ପାଶ କରି ୧୯୧୬ ଖ୍ରୀଷ୍ଟାବ୍ଦରେ ପି:ଏଚ୍:ଡ଼ି: ଡ଼ିଗ୍ରୀ ଲାଭ କଲେ। ଇଂଲଣ୍ଡର ପ୍ରଖ୍ୟାତ ଲଣ୍ଡନ ଅର୍ଥନୀତି ସ୍କୁଲରେ ଅଧିକ ଗବେଷଣା କରି ଡ଼ି:ଏସ୍:ସି: ଡ଼ିଗ୍ରୀ ଉପାର୍ଜନ କଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରି ପୂର୍ବ ସର୍ତ୍ତ ଅନୁଯାୟୀ ମହାରାଜା ଗାଏକ୍‌ୱାଡ୍‌ଙ୍କ ଦେୱାନୀରେ ବରୋଦା ରାଜ୍ୟର ସାମରିକ ସଚିବ ଭାବେ ନିଯୁକ୍ତି ପାଇଲେ। କିନ୍ତୁ ବଡ଼ ଦୁର୍ଭାଗ୍ୟର କଥା ତାଙ୍କର ଉଚ୍ଚଶିକ୍ଷା ପଛେ ଅସ୍ପୃଶ୍ୟତାର କଳଙ୍କରୁ ମୁକ୍ତ ହୋଇ ନଥିଲେ। ଏପରିକି ଅମଲା ଓ କର୍ମଗ୍ରୀମାନେ ଜଣେ ଅସ୍ପୃଶ୍ୟ ସଚିବଙ୍କ ଅଧୀନରେ କାର୍ଯ୍ୟ ନ କରିବାକୁ ପ୍ରତିବାଦମୂଳକ ଧର୍ମଘଟ ଆରମ୍ଭ କଲେ, କେବଳ ସେତିକି ନୁହେଁ, ସାଧାରଣ ପିଅନ ମଧ୍ୟ ତାଙ୍କ ଅଫିସ ଭିତରକୁ

ପ୍ରବେଶ ନ କରି ବାହାରୁ ଟେବୁଲ ଉପରକୁ ଫାଇଲଗୁଡ଼ିକ ଫିଙ୍ଗି ଦେଉଥିଲେ। ଏସବୁ ଘଟଣା ମହାରାଜାଙ୍କୁ ଜଣାଇବା ପରେ ମହାରାଜା ମୁହାବିଲା କରିବା ପାଇଁ ଅପାମର୍ଥ୍ୟ ହୋଇବାରୁ ଆସେମ୍ବଲର ଇସ୍ତଫା ଦେଇ ଚାଲି ଯାଇଥିଲେ।

୧୯୪୭ ମସିହା ଅଗଷ୍ଟମାସ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା ଭାରତ ସ୍ୱାଧୀନତା ଲାଭ କରିବା ପରେ ଡଃ ଆମ୍ବେଦକର ନେହେରୁ ସରକାରଙ୍କ ସମୟରେ ଭାରତର ଆଇନ ମନ୍ତ୍ରୀ ହୋଇଥିଲେ। ଗାନ୍ଧିଜୀଙ୍କ ସମେତ ତତ୍‌କାଳୀନ ନେତୃବର୍ଗ ଦେଶର ଶାସନ ଖସଡ଼ା ବା ସମ୍ବିଧାନ ପ୍ରଣୟନ କରିବାର ଗୁରୁଦାୟିତ୍ୱ ତାଙ୍କୁ ଦେଇଥିଲେ।

୧୯୪୭ ମସିହା ଅଗଷ୍ଟ ମାସ ୨୯ ତାରିଖରେ ଗଠିତ ଏହି ସାମ୍ବିଧାନିକ ସଭା ଡଃ ଆମ୍ବେଦକରଙ୍କ ବଳିଷ୍ଠ ନେତୃତ୍ୱରେ ନୂତନ ସମ୍ବିଧାନର ବିଧାନ ପ୍ରସ୍ତୁତ କରିବାରେ ଲାଗିଲେ।

ଆଇନ ମନ୍ତ୍ରୀ ହିସାବରେ ଡଃ ଆମ୍ବେଦକର ୧୯୪୮ ମସିହା ନଭେମ୍ବର ୪ ତାରିଖ ଦିନ ସମ୍ବିଧାନ ବିଧା କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ସମ୍ମୁଖରେ ଉପସ୍ଥାପିତ କରିଥିଲେ। ତାହା ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଶାସନ ବିଧାୟକ ସଭାରେ ଗୃହୀତ ହୋଇ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ଏହା ପ୍ରଣୀତ ହୋଇ ସେହିଦିନ ଏ ଦେଶ ଏକ ଧର୍ମ ନିରପେକ୍ଷ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା।

ସମ୍ବିଧାନର ପ୍ରତ୍ୟେକ ଧାରା ଓ ଉପଧାରାରେ ମାନବିକ ଅଧିକାର ଓ ଗଣତନ୍ତ୍ରର ଭିତ୍ତି ସୁରକ୍ଷିତ କରିଛନ୍ତି। ବିଶେଷତଃ ଦଳିତ, ନିଷ୍ପେଷିତ, ଅସ୍ପୃଶ୍ୟତ ଓ ଅବହେଳିତ ଲୋକଙ୍କର ଉନ୍ନତି ପାଇଁ ସବୁ ପ୍ରକାର ବ୍ୟବସ୍ଥା ଖଞ୍ଜିଛନ୍ତି। ପାର୍ଲାମେଣ୍ଟ ବିଧାନସଭା, କୋର୍ଟ କଚେରୀ ଓ ଅଫିସଗୁଡ଼ିକ ଏହି ସମ୍ବିଧାନକୁ ଭିତ୍ତି କରି କାର୍ଯ୍ୟ କରିଛନ୍ତି।

ଗଡପୁର ଦୋବଲଶାଠାରେ ଉଚ୍ଚ ପ୍ରାଥମିକ ସ୍କୁଲର ଉଦ୍‌ଘାଟନୀ ଉତ୍ସବରେ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼େଇଙ୍କ ଉଦ୍‌ବୋଧନ।

ସତ୍ୟବାଦୀର ପଞ୍ଚ ସଖା

ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ

ସତ୍ୟବାଦୀର ପଞ୍ଚ ସଖା ଯେ
ସାରା ଓଡ଼ିଶାର ପଞ୍ଚ ପ୍ରାଣ,
ଉଛଳ ମଣି, ଭାରତର ମଣି
ଗୋପବନ୍ଧୁ ସେ ପ୍ରମୁଖ ଜାଣ ।

ସତ୍ୟବାଦୀର ବକୁଳ ବନରେ
ଥାପିଲେ ସେ ଯେଉଁ ବିଦ୍ୟାଳୟ,
ଶିକ୍ଷାର ଭୂମି, ଦୀକ୍ଷାର ଭୂମି
ଛାତ୍ର କୁଳର ସିଦ୍ଧ୍ୟାଳୟ ।

ବଡ଼ି ମହରଗେ ସେବା ବରିନେଲେ
ମୁଣ୍ଡି–ସମରେ ଡାଳିଲେ ଛାତି,
ବିଧାନ ସଭାରେ, ଦେଶ–ମିଶ୍ରଣେ
ଦେଶକୁ, ଜାତିକୁ କରିଲେ ଥାତି ।

ସମାଜ ପଙ୍କ ବାହାର କରିଲେ
ପ୍ରକାଶ କରିଲେ ତହିଁରେ ଯାହା,
ଦିଗ ବିଦିଗରେ ଥାଲୁଅ ବୁଣୁଚି
ଦେଶ ବିଦେଶରେ କରୁଚି ନାଆଁ ।

ସତ୍ୟବାଦୀର ଗୁରୁ ହୋଇଥିଲେ
ହରିହର ନିଜ ଜୀବନ ଢାଳି,
ସର୍ବୋଦୟର ଉପାସକ ହେଲେ
ଅନ୍ତରେ ତା'ର ନିଷ୍ଠା ଜାଳି ।

ଋଷି ପ୍ରାଣ ସିଏ ସେ ପଥରେ ଥିଲେ
ନିର୍ମଳ–ମତି, ସ୍ୱଚ୍ଛା–ମନା,
ବ୍ୟଥୀର ବ୍ୟଥାରେ, ସ୍ନେହ ମମତାରେ
ଅନ୍ଧ ସେ କାରେ ନଥିଲା ଜଣା ?

ଗୁରୁ ହୋଇଥିଲେ ନୀଳକଣ୍ଠ ସେ
ମୁକ୍ତି–ସମରେ ହୋଇଲେ ରଥୀ,
ରାଜନ୍ତ–ସଭାରେ ବାଗ୍ମୀ ଅତୁଳ
ବିଧାନ ସଭାରେ ବାଚସ୍ପତି ।

ଏକାଧାରେ ଥିଲେ ସ୍ରଷ୍ଟା, ଦ୍ରଷ୍ଟା
ଏକାଧାରେ କବି, ସମୀକ୍ଷକ,
ନବ ଭାରତରେ, ବାକ୍ ଭାରତୀରେ
ପୁଜିଲେ ପ୍ରଭୂତ ପଟ୍ ସାଧକ ।

ଛାତ୍ର କୁଳର ଗୁରୁ ହୋଇଥିଲେ
ରୁଚିର ଛବି ସେ ଗୋଦାବରୀଶ,
ରାଜନୀତି ବଳେ ମନ୍ତ୍ରୀ ହୋଇଲେ
ଶିକ୍ଷାର ଗତି ଦେଖାଇଲେ କିସ ।

ବହୁତ ଚିନ୍ତି ପ୍ରତିକାର କଲେ
ଗଢ଼ିଲେ ବିଶ୍ୱ–ବିଦ୍ୟାଳୟ,
ଆଲୋକିତ କଲେ ପୁଲକିତ ହଲେ
ଆମ ରାଇଜର ଦିଗ୍‌ବଳୟ ।

କୃପାସିନ୍ଧୁ ସେ ଟାଶୁଆ ମଣିଷ
ଦେଶ–ଇତିହାସ ରଚନା କରି,
ବାରବାଟୀ ଗଡ଼, ଉଛଳ ଦେଶ
ଉଜ୍ଜ୍ୱଳ ଜଲେ ଆଲୋକ ଭରି ।

ଭାବି–ଇତିହାସ ତିଆରିବା ପାଇଁ
ମଣିଷ ଗଢ଼ିଲେ ଜୀବନ ସାରା,
ନବୀନ କିଶୋର ଜୀବନ ଭିତରେ
ଭରି ଦେଲେ ନିଜ ଜୀବନ ଧାରା ।

ସତ୍ୟବାଦୀର ପଞ୍ଚ ସଖା ଯେ
ସାରା ଓଡ଼ିଶାର ପଞ୍ଚ ପ୍ରାଣ,
ଦେଶକୁ ଗଢ଼ିଲେ, ଜାତିକୁ ଗଢ଼ିଲେ
ଦେଶ ବିଦେଶରେ ରଖିଲେ ମାନ ।

ସତ୍ୟବାଦୀର ପଞ୍ଚ ସଖା ଯେ
ସାରା ଓଡ଼ିଶାର ପରାଣ–ପ୍ରିୟ,
ବନ୍ଦନୀୟ ସେ ପଦ ପ୍ରାନ୍ତରେ
ଦିଅ ହେ ବନ୍ଧୁ, ଅର୍ଘ୍ୟ ଦିଅ ।

(ଘଟ ୯–୮–୧୯୯୩ର ଆକାଶବାଣୀରେ ପଠିତ)

ବାଣୀ ବିତାନ,
ପୋ: ଅ:–ଅନୁଗୁଳ,
ଜିଲ୍ଲା:–ଅନୁଗୁଳ ।

ଆଦିବାସୀ ଉପଯୋଜନାରେ ଦିଦାୟୀ ଉନ୍ନୟନ କାର୍ଯ୍ୟକ୍ରମ

ଶରତ ଚନ୍ଦ୍ର ମହାନ୍ତି

'ଦିଦାୟୀ' ଦକ୍ଷିଣ ଓଡ଼ିଶାର ଏକ ଅଜ୍ଞାତ ସଂଖ୍ୟାଲଘୁ ଆଦିବାସୀ ଗୋଷ୍ଠୀ। ପ୍ରସିଦ୍ଧ ବଣ୍ଡା ଆଦିବାସୀମାନଙ୍କ ପଡ଼ୋଶୀ ଭାବେ ଗୋଟିଏ ଛୋଟଗୋଳିକ ପରିସୀମା ମଧ୍ୟରେ କେଉଁ ଆଦିମ କାଳରୁ ଏକାଠି ବସବାସ କରି ଆସୁଥିଲେ ମଧ୍ୟ, ଦିଦାୟୀମାନେ ଏବେ ମଧ୍ୟ ବାହାର ଦୁନିଆଁକୁ ଅଜଣା, ଅଶୁଣା। ଏହି ଦୁଇ ଆଦିମ ଗୋଷ୍ଠୀ ନିଜକୁ ଦୁଇଭାଇ ଓ ତାଙ୍କ ବଂଶଧର ଅଞ୍ଚଳର ପ୍ରଥମ ମାନବ ଜାତି ବୋଲି ଦାବୀ କରନ୍ତି। ଏହାର ପ୍ରମାଣ ସ୍ୱରୂପ ସେମାନଙ୍କ ଭାଷା, ଜନସଂଖ୍ୟା ତଥା ଜୀବନଯାପନ ପ୍ରଣାଳୀରେ ଅନେକ ସାମଞ୍ଜସ୍ୟ ଦେଖାଯାଇଥାଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ ବଣ୍ଡାମାନେ ସେମାନଙ୍କ ବିଚିତ୍ର ବେଶଭୂଷା ଓ ଉଗ୍ର ସ୍ୱଭାବ ପାଇଁ ଖ୍ୟାତିଲାଭ କରିଥିବା ବେଳେ, ସେମାନଙ୍କ ପଡ଼ୋଶୀ ଦିଦାୟୀମାନେ ଶାନ୍ତ, ସରଳ ଓ ନିରାଡ଼ମ୍ବର ଜୀବନଯାପନ କରିଥାନ୍ତି।

ଦିଦାୟୀମାନଙ୍କର ବାସସ୍ଥାନ, ମାଲକାନଗିରି ଜିଲ୍ଲାର ପୂର୍ବସୀମାନ୍ତ ଅଞ୍ଚଳର ଦୁର୍ଗମ ପୂର୍ବଘାଟ ପର୍ବତମାଳାର କୋଣ୍ଡାକାପେରୁ ରେଖା ମଧ୍ୟରେ ସୀମାବଦ୍ଧ। ଏହାମଧ୍ୟରେ ପ୍ରବାହିତ ମାଇକୁଣ୍ଡ ନଦୀର ଉଭୟ ପାର୍ଶ୍ୱରେ, ପର୍ବତ ଉପରେ ଏବଂ ପାଦଦେଶରେ ପ୍ରାୟ ୪୨ଟି ଦିଦାୟୀ ଗ୍ରାମ ରହିଅଛି। ଏହି ଗ୍ରାମଗୁଡ଼ିକରୁ ଅଧିକାଂଶ କୁଟୁମ୍ବସୁମା ବ୍ଲକ ଓ ବାକିତକ ଖଇରପୁଟ ବ୍ଲକ ପରିଚାଳିତ।

ବଣ୍ଡାମାନଙ୍କର ଜନସଂଖ୍ୟା ପ୍ରାୟ ୫,୦୦୦ ଥିବାବେଳେ, ଦିଦାୟୀମାନଙ୍କ ସଂଖ୍ୟା ଖୁବ୍ ବେଶୀରେ ୪,୦୦୦ ହେବ। ୧୯୬୧ ମସିହା ଜନଗଣନାରେ ଦିଦାୟୀମାନଙ୍କ ସଂଖ୍ୟା ଥିଲା ୧,୯୭୮। ୧୯୭୧ ଜନଗଣନାରେ ଏହି ସଂଖ୍ୟା ବଢ଼ି ହେଲା ୨,୧୪୫। କିନ୍ତୁ ୧୯୮୧ ଜନଗଣନାରେ ଏହା ୧,୯୭୨ରୁ ହ୍ରାସ ପାଇଲା। ପରେ ୧୯୮୨ ମସିହାରେ ଆଦିବାସୀ ଓ ହରିଜନ ଉନ୍ନୟନ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏକ ପରିସଂଖ୍ୟାନ ଅନୁଯାୟୀ ଏହି ୪୨ ଖଣ୍ଡ ଦିଦାୟୀ ଗ୍ରାମରେ ମୋଟ ଦିଦାୟୀ ସଂଖ୍ୟା ୩,୧୯୫ ବୋଲି ଜଣାପଡ଼ିଲା। ଏହା ମଧ୍ୟରେ ୧,୯୮୨ ଜଣ ପୁରୁଷ ଓ ୨,୦୧୨ ଜଣ ସ୍ତ୍ରୀ ରହିଛନ୍ତି। ଏଥିରୁ ଜଣାଯାଏ ଦିଦାୟୀମାନଙ୍କ ମଧ୍ୟରୁ ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀମାନେ ସଂଖ୍ୟାଧିକ।

ଶିକ୍ଷା କ୍ଷେତ୍ରରେ ଦିଦାୟୀମାନଙ୍କ ସ୍ଥାନ ଖୁବ୍ ନିମ୍ନରେ। ସେମାନଙ୍କ ମଧ୍ୟରେ ଶିକ୍ଷିତ ଓ ସାକ୍ଷରମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ। ୧୯୭୧ ମସିହା ଜଣଗଣନା ତଥ୍ୟ ଅନୁଯାୟୀ ସେମାନଙ୍କ ମଧ୍ୟରେ ଶତକଡ଼ା ୦.୭୮ ଲୋକ ସାକ୍ଷର ଥିଲେ। ୧୯୮୧ ଜନଗଣନାରେ ଏହା ଶତକଡ଼ା ୩.୨କୁ ବୃଦ୍ଧିପାଇଲା, ଯେତେବେଳେ କି ସାରା ଓଡ଼ିଶାର ଆଦିବାସୀମାନଙ୍କର ସାକ୍ଷରତା ହାର ଶତକଡ଼ା ୧୩.୯୬ ଥିଲା।

ଦିଦାୟୀମାନଙ୍କର ଏକ ନିଜସ୍ୱ କଥିତ ଭାଷା (dilect) ଅଛି ଯାହାକୁ ସେମାନେ ନିଜ ଭାଷାରେ "ଗଂଟାଃ –ପା" ବୋଲି କହିଥାନ୍ତି। ଭାଷାବିତ୍‌ମାନଙ୍କ ମତରେ ବଣ୍ଡା, ପଉରା, ଜୁଆଙ୍ଗ ଆଦିବାସୀମାନଙ୍କ ଭାଷା ସହ ସାମଞ୍ଜସ୍ୟ ରହିଥିବା ଏହି ଦିଦାୟୀ ଭାଷା ଏକ ଅତିପ୍ରାଚୀନ ଭାଷା ଏବଂ ଏହା ମୁଣ୍ଡାରୀ ଭାଷା ପରିବାର ଅନ୍ତର୍ଭୁକ୍ତ। ଅନ୍ୟାନ୍ୟ ଆଦିବାସୀ ଭାଷାମାନଙ୍କ ଭଳି ଦିଦାୟୀ ଭାଷାର ସ୍ୱତନ୍ତ୍ର ଲିପି ବା ଲିଖିତ ସାହିତ୍ୟ ନଥିଲେ ମଧ୍ୟ ଏହା ଅନେକ ଲୋକକଥା, ଗୀତ, କବିତା ଓ ଢ଼ଗଢ଼ମାଳିରେ ସମୃଦ୍ଧ।

ଦିଦାୟୀମାନେ ନିଜଭାଷାରେ ନିଜକୁ "ଗଂଟାଃ –ରେ" ଅର୍ଥାତ 'ମଣିଷ' ବୋଲି କହିଥାନ୍ତି। କିନ୍ତୁ ବଣଜଙ୍ଗଲରେ ବାସକରୁଥିବାରୁ ସେମାନଙ୍କ ପଡ଼ୋଶୀମାନେ ସେମାନଙ୍କୁ 'ଦିଦାୟୀ' ଅର୍ଥାତ "ଜଙ୍ଗଲୀ ମଣିଷ" ନାମ ଦେଇଛନ୍ତି। ତେଣୁ ସେମାନେ 'ଦିଦାୟୀ' ନାମରେ ପରିଚିତ।

ଯୁଗଯୁଗ ଧରି ବାହାର ଦୁନିଆଁରୁ ବିଚ୍ଛିନ୍ନ ହୋଇ ରହିବା ଦ୍ୱାରା ଦିଦାୟୀମାନେ ସେମାନଙ୍କ ସ୍ୱତନ୍ତ୍ର ସାମାଜିକ ବ୍ୟବସ୍ଥା, ସଂସ୍କୃତି, ଭାଷା ଓ ଜୀବନଧାରାକୁ ଏଯାଏ, ବାହ୍ୟ ପ୍ରଭାବରୁ ସୁରକ୍ଷିତ ରଖିପାରିଛନ୍ତି। ପୂର୍ବଘାଟ ପର୍ବତ ମାଳାର ପଶ୍ଚିମ ପଟ ସମତଳ ଭୂମିରେ ଥିବା ୪ଟି ବଡ଼ ବଡ଼ ଦିଦାୟୀ ଗ୍ରାମକୁ ଛାଡ଼ି ଦେଲେ ବାକିଥିବା ଅଧିକାଂଶ ଦିଦାୟୀ ଗ୍ରାମ ପର୍ବତମାଳା ଉପରେ ଓ ପୂର୍ବ ପଟରେ ଥିବା ଦୁର୍ଗମ ଅଞ୍ଚଳରେ ରହିଛି। ଏହି ଗ୍ରାମରେ ଥିବା ଦିଦାୟୀମାନେ ଆଧୁନିକ ସଭ୍ୟତାଠାରୁ ବହୁଦୂରରେ ଅଛନ୍ତି। ପୋଡୁଚାଷ, ଶିକାର ଓ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଅତି କଷ୍ଟରେ ସେମାନେ ବଞ୍ଚି ରହିଛନ୍ତି। ଏହା ପାହାଡ଼ ଜଙ୍ଗଲ ମଧ୍ୟରେ ଥିବା ବସତିମାନ ଖୁବ୍ ଛୋଟ ଓ ପ୍ରତ୍ୟେକ ଗ୍ରାମରେ ପ୍ରାୟ ୧୦ରୁ ୨୦ଟି ଦିଦାୟୀ ପରିବାର ଥିବାର ଦେଖାଯାଏ। ଏହା ତୁଳନାରେ ପାହାଡ଼ତଳ ସମତଳ ଅଞ୍ଚଳର ୪ଟି ଦିଦାୟୀ ଗ୍ରାମ ଟିକେ ବଡ଼ ଓ ଏଥିରେ ୨୫ ରୁ ୧୦୦ ଯାଏଁ ଦିଦାୟୀ ପରିବାର ବସବାସ କରନ୍ତି। କେବଳ ଆକାର ଓ ଜନସଂଖ୍ୟାରେ ବଡ଼ନୁହେଁ, ଏହି ସମତଳ ଦିଦାୟୀ ଗ୍ରାମଗୁଡ଼ିକୁ ଗମନାଗମନର

ସୁବିଧା ଥିବାରୁ ଓ ଏଗୁଡ଼ିକ ବୁକ୍ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ଡାକଘର, ସ୍କୁଲ, ବ୍ୟାଙ୍କ୍, ହାଟ୍ ନିକଟରେ ଥିବାରୁ ଜେତେକ ଆଧୁନିକ ସୁବିଧା, ସୁଯୋଗ ତଥା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରୁ ସୁଫଳ ଲାଭକରି ଏହାର ଦିଦାୟୀ ଜାତିମାନେ ପାହାଡ଼ ଅଞ୍ଚଳର ଦିଦାୟୀମାନଙ୍କ ଅପେକ୍ଷା ଟିକେ ଶିକ୍ଷିତ ଓ ଉନ୍ନତ। ଏମ୍ବି ଗ୍ରାମମାନଙ୍କରେ ସମତଳ ଶୁଷ୍କଜମି ଥିବାରୁ, ଏହାର ବାସିନ୍ଦାମାନେ ବର୍ଷାଦିନିଆ ଧାନ ଫସଲ, ମାଣ୍ଡିଆ ଓ ରବି ଶୁଷ କରି ଓ ଅବପର ସମୟରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି।

ଅତୀତରେ ଶିକାର ଏକ ମୁଖ୍ୟ ଜୀବିକା ଥିବାରୁ, ଦିଦାୟୀମାନେ ତୀର ଧନୁକାରେ ଦକ୍ଷ। ମାଣ୍ଡିଆ ଓ ଗୁଡଳ ସେମାନଙ୍କ ମୁଖ୍ୟ ଖାଦ୍ୟ ହୋଇଥିଲେ ମଧ୍ୟ ଯଥେଷ୍ଟ ପରିମାଣରେ ଆମଦାନୀ ହେଉନଥିବାରୁ ବର୍ଷର ଅନେକାଂଶ ସେମାନେ ଜଙ୍ଗଲର ଫଳ, ମୂଳ ଉପରେ ନିର୍ଭର କରିଥାନ୍ତି। ଏହାଛଡ଼ା ସେମାନେ ସଲପ ରସ, ମହୁଲୀ ମଦ, ଗୁଡଳ ମଦ (ଲାଙ୍ଦା) ଓ ମାଣ୍ଡିଆ ମଦ ନିଜେ ପ୍ରସ୍ତୁତ କରି ପାନ କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନିଶାଶକ୍ତ ଏବଂ ଏହା ସେମାନଙ୍କ ଦୁଃଖ, ଦୁର୍ଦ୍ଦଶା ଓ ଅନୁନ୍ନତ ଅବସ୍ଥାର ମୁଖ୍ୟକାରଣମାନଙ୍କ ମଧ୍ୟରେ ଅନ୍ୟତମ।

ସେମାନଙ୍କ ବେଶଭୂଷାରେ ସେପରି କିଛି ଉଲ୍ଲେଖନୀୟ ବିଶେଷତ୍ୱ ନାହିଁ। ନିକଟ ଅତୀତରେ ଦିଦାୟୀ ମହିଳାମାନେ ଗଛର ଛାଲିରୁ "କିଶାଲୁ" ନାମକ ଏକ ଅଙ୍ଗବସ୍ତ୍ର ପ୍ରସ୍ତୁତ କରି ଅଞ୍ଚାରେ ଗୁଡ଼ାଇ ଲଜ୍ଜା ନିବାରଣ କରୁଥିଲେ। ଅଞ୍ଚାଠାରୁ ଉପରକୁ ଥିବା ଅଂଶ ଅନାବୃତ ରହୁଥିଲା। ପୁରୁଷମାନେ ଖଣ୍ଡେ କୌପୁନି ପିନ୍ଧୁଥିଲେ ଓ ଛୋଟ ପିଲାମାନେ ପ୍ରାୟ ଉଲଗ୍ନ ରହୁଥିଲେ। ଏବେ ସେମାନେ ଛାନୀୟ ହାଟମାନଙ୍କରେ ମିଳୁଥିବା ଶସ୍ତା ରଙ୍ଗୀନ ଶାଢ଼ୀ, ଧୋତି, ଗଞ୍ଜି, ଜାମା ଆଦି ପିନ୍ଧିବାକୁ ଆରମ୍ଭ କଲେଣି।

ଦିଦାୟୀ ଗ୍ରାମଗୁଡ଼ିକରେ ଘରଗୁଡ଼ିକ ଏଣେ ତେଣେ ବିଛାଇ ହୋଇ ରହିଥାଏ। ଘର ଗୁଡିପଟେ ବାଉଁଶ ବାଡ଼ ଘେରା ହୋଇଥାଏ। ଘରଗୁଡ଼ିକ ଆକାରରେ ଛୋଟ ଓ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ। ପ୍ରତ୍ୟେକ ଘରେ ଗୋଟିଏ ମାତ୍ର ବଖରା ଥାଏ ଯାହା ଭିତରେ ଖୋଷେଇ କରିବା ଜାଗା, ଶୋଇବା ଯାଗା ଓ ଜିନିଷପତ୍ର ରଖିବା ଯାଗାମାନ ଥାଏ। ଦିଦାୟୀ ଘରର ବିଶିଷ୍ଟତା ହେଲା ଶସ୍ୟ ଓ ଖାଦ୍ୟ ସାମଗ୍ରୀ ରଖିବା ପାଇଁ ଉପରେ ଥିବା ଆଟ୍‌ଘର ଓ ଘର ସାମ୍ନାରେ ଥିବା ଉଚ୍ଚ ଓ ପ୍ରଶସ୍ତ ବାରଣ୍ଡା। ଏହି ଘରର ଛାତକୁ ଏକ ଜଙ୍ଗଲୀ ଘାସରେ ଛପର କରାଯାଇଥାଏ। ଘୁଷୁରୀ ଛେଳି ଓ ଗାଈ ବଳଦ ଆଦି ଗୃହପାଳିତ ପଶୁମାନଙ୍କ ରହିବା ପାଇଁ ଅଗଣା ମଧ୍ୟରେ ଅଲଗା ଗୃହାଳଘର ରହିଥାଏ। ଘରର ପଦପଟେ ବୋଟ ଏକ ବଗିଚା ଥାଏ ଯେଉଁଥିରେ ଲଙ୍କା, ଅମ୍ବାଡୁଖା, କଦଳୀ, ମଜା, ଲାଉ, କଖାରୁ ଆଦି ପନିପରିବା ଶୁଷ କରାଯାଇଥାଏ। ଗ୍ରାମର କେନ୍ଦ୍ରସ୍ଥଳରେ "ଗୁଲିସଙ୍ଗ" ନାମକ ଏକ ଖୋଲାସ୍ଥାନ ରଖାଯାଇଥାଏ, ଯେଉଁଠାରେ, ସାମୂହିକ, ନାଚ, ଗୀତ, ପୂଜା, ପର୍ବ ଓ ଉତ୍ସବ ଆଦି ଅନୁଷ୍ଠିତ ହୁଏ।

ସାମାଜିକ ସମ୍ପର୍କ ଦୃଷ୍ଟିରୁ ଦିଦାୟୀ ସମାଜ ୫ ଗୋଟି ବଂଶରେ ବିଭକ୍ତ। ପ୍ରତ୍ୟେକ ବଂଶର ଲୋକମାନେ ଜଣେ ଜଣେ ନିର୍ଦ୍ଦିଷ୍ଟ ପୂର୍ବ ପୁରୁଷଙ୍କ ବାସ୍ତବ ଭାବେ ନିଜକୁ ରକ୍ତ ସମ୍ପର୍କୀୟ ବୋଲି ବିବେଚନା କରିଥାନ୍ତି। ତେଣୁ ଗୋଟିଏ ବଂଶର ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ବିବାହ ଓ ଯୌନ ସମ୍ପର୍କ ସମ୍ପୂର୍ଣ୍ଣ ନିଷେଧ। କିନ୍ତୁ ଗୋଟିଏ ବଂଶର ଲୋକ ଅନ୍ୟ ଏକ ବଂଶର ଲୋକ ସାଙ୍ଗେ ବିବାହ କରିପାରିବେ।

ଦିଦାୟୀ ସମାଜରେ ମୌଳିକ ପରିବାର ଦେଖାଯାଏ। ଏକ ମୌଳିକ ପରିବାରରେ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ଅବିବାହିତ ସନ୍ତାନମାନେ ରହିଥାନ୍ତି। ବିବାହ ପରେ ପୁଅଝିଅମାନେ ସେମାନଙ୍କ ପିତାମାତାଙ୍କ ପରିବାର ତ୍ୟାଗ କରି ନିଜର ଅଲଗା ଘର ଓ ପରିବାର ଗଢ଼ନ୍ତି। ଦିଦାୟୀ ପରିବାର ପିତୃକୈନ୍ଦ୍ରିକ ହେଲେ ମଧ୍ୟ ସ୍ତ୍ରୀଲୋକମାନେ ପରିବାର ପରିଗଳନାରେ ଏକ ମୁଖ୍ୟଭୂମିକା ଗ୍ରହଣ କରିଥାନ୍ତି। ଏହାର ପ୍ରଧାନ କାରଣ ହେଲା ସ୍ତ୍ରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ କର୍ମଠ ଓ ପରିବାରର ଭରଣପୋଷଣ ପାଇଁ ସେମାନଙ୍କର ଅର୍ଥନୈତିକ ଅବଦାନ ଓ ଶ୍ରମଦାନ ସର୍ବାଧିକ। ସେଥିପାଇଁ ଦିଦାୟୀ ସମାଜରେ ସ୍ତ୍ରୀଲୋକମାନଙ୍କୁ ସମ୍ମାନଜନକ ସ୍ଥାନ ଦିଆଯାଇଥାଏ। ସ୍ତ୍ରୀ ବିନା ପୁରୁଷର ଜୀବନ ନିରର୍ଥକ ଓ ଦୁର୍ବିସହ। ତେଣୁ ପୁରୁଷମାନେ ସ୍ତ୍ରୀମାନଙ୍କୁ ଦୁର୍ବ୍ୟବହାର ବା ଅସମ୍ମାନ କରିବାକୁ ସାଧାରଣତଃ ସାହାସ କରନ୍ତିନାହିଁ। ଯଦି କୌଣସି ନିର୍ବୋଧ ପୁରୁଷ ତାହାକରେ, ତେବେ ତା'ର ସ୍ତ୍ରୀ ତାକୁ ପରିତ୍ୟାଗ କରି ନିଜର ବାପାଭାଇଙ୍କ ପାଖକୁ ଫେରିଯାଏ ବା ଅନ୍ୟ ଏକ ପୁରୁଷ ସହ ସମ୍ପର୍କ ସ୍ଥାପନକରି ତା ପାଖକୁ ଚାଲିଯାଏ। ସେ ପରିସ୍ଥିତିରେ ତା'ର ପ୍ରକୃତ ସ୍ୱାମୀ ତାକୁ ବୁଝାଇ ସୁଝାଇ ପୁଣି ନିଜପାଖକୁ ଫେରେଇ ଆଣିବା ପାଇଁ ବହୁତ ବଞ୍ଚସ୍ୱୀକାର କରେ। ଅସଫଳ ହେଲେ ଶେଷକୁ ବାଧ୍ୟହୋଇ ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ ପଡ଼େ ଓ ତା'ପରେ ନିଜର ପରିବାର ଚଳେଇବାକୁ ଆଉଜଣେ ସ୍ତ୍ରୀ ପାଇବା ଏକ ସମସ୍ୟା। ସେଥିପାଇଁ ଅନେକ କଷ୍ଟ ଓ ଅର୍ଥଶ୍ରାଦ୍ଧ ହୁଏ।

ଏକ ଦିଦାୟୀ ପୁରୁଷ ପାଇଁ ବିବାହ ଏକ ଅତି ମଧୁର ତଥା ଗୁରୁତ୍ୱପୂର୍ଣ୍ଣ ଓ ଅନିର୍ବାର୍ଯ୍ୟ ଆବଶ୍ୟକତା। କିନ୍ତୁ ଜୀବନସଙ୍ଗୀ ନିର୍ବାଚନକରିବା ଓ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହେବା ଏତେ ସରଳ ଓ ସହଜ କଥା ନୁହେଁ। ଅବଶ୍ୟ ଜୀବନସଙ୍ଗୀ ବାଛିବା ପାଇଁ ଦିଦାୟୀ ପୁରୁଷ ଓ ସ୍ତ୍ରୀମାନଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ବିଶେଷକରି କୌଣସି ସ୍ତ୍ରୀକୁ ତା ଇଚ୍ଛା ବିରୁଦ୍ଧରେ କାହା ସାଙ୍ଗେ ବିବାହ ଦିଆଯିବା ପ୍ରାୟ ଅସମ୍ଭବ। ବିବାହ ପ୍ରସ୍ତାବ ନେଇ ପୁଅପକ୍ଷ ଝିଅପକ୍ଷଙ୍କ ଦ୍ୱାରସ୍ଥ ହୁଅନ୍ତି। ଅନେକ ଥର ଯିବା ପରେ, ଝିଅର ମତାମତ ନେଇ ଝିଅପକ୍ଷ ନିଜର ସମ୍ମତି ଦିଅନ୍ତି। ବିବାହ ପୂର୍ବରୁ ପୁଅପକ୍ଷ ଝିଅ ପକ୍ଷକୁ କନ୍ୟାମୂଲ୍ୟ (bride-price)ଟଙ୍କା, ଖାଦ୍ୟଦ୍ରବ୍ୟ, ଲୁଗାପଟା ଓ ମଦ ଆଦାୟରେ ପଇଠ କରନ୍ତି। ତା'ପରେ ବିବାହ ଓ ଭୋଜି ପାଇଁ ସମସ୍ତ ଖର୍ଚ୍ଚ ପୁଅ ପକ୍ଷକୁ ବହନ କରିବାକୁ ପଡ଼େ। ଏ ସବୁ ଖର୍ଚ୍ଚ ପାଇଁ ଅନେକ ସମୟରେ ପୁଅ ପକ୍ଷକୁ ନିଜର ସମ୍ପତ୍ତି ବିକ୍ରୟ କରିବାକୁ ବା ଋଣଗ୍ରସ୍ତ ହେବାକୁ ପଡ଼େ।

ଦିଦାୟୀ ସମାଜରେ ବୟସ୍କ ବିବାହ (adult marriage) ଓ ଏକ ପତ୍ନୀ ବିବାହ (monogamy)ର ପ୍ରଚଳନ ଥିବା

ଦେଖାଯାଏ। ଅବଶ୍ୟ ଜଣେ ପୁରୁଷ ବହୁ ପତ୍ନୀ ବିବାହ (polygyny) କରିବାରେ କୌଣସି ବାରଣ ନାହିଁ। ତେବେ ଏପରି ଘଟଣା କ୍ୱଚିତ୍ ଦେଖାଯାଏ। ଏହାଛଡ଼ା ବିଧବା ବିବାହର ମଧ୍ୟ ପ୍ରଚଳନ ଅଛି। ବଡ଼ଭାଇ ମରିଗଲେ, ତା'ର ବିଧବା ସ୍ତ୍ରୀକୁ ସାନ ଭାଇ ବିବାହ କରିଯାରିବ ଯଦି ସେ ସ୍ତ୍ରୀଲୋକଟି ରାଜିହୁଏ। ନଚେତ୍ ବିଧବାଟି ନିଜର ଇଚ୍ଛା ଅନୁଯାଇ ଅନ୍ୟ ଯେ କୌଣସି ପୁରୁଷକୁ ପୁନଃବିବାହ କରିଯାଇପାରେ।

ଆଭ୍ୟନ୍ତରୀଣ ସମସ୍ୟା, ସାମୁହିକ ବ୍ୟାପାର ଓ ବ୍ୟକ୍ତିଗତ କଳି ଝଗଡ଼ା ଇତ୍ୟାଦିର ବିଗ୍ଭର ଓ ସମାଧାନ କରିବା ପାଇଁ ପ୍ରତ୍ୟେକ ଦିଦାୟୀ ଗ୍ରାମରେ ପାରମ୍ପରିକ ପଞ୍ଚାୟତ ସଙ୍ଗଠନ ରହିଛି। ଗ୍ରାମର 'ମୁଖିଆ–ନାଏକ', ତାଙ୍କ ସହକାରୀ – 'ବଲାନ୍' ଓ ଗ୍ରାମର ପୂଜକ 'ପଜାପା' ଏହି ପାରମ୍ପରିକ ସଙ୍ଗଠନରେ ମୁଖ୍ୟ ଭୂମିକା ନେଇଥାନ୍ତି। କୌଣସି ଅପରାଧ ଓ ଅନ୍ୟାୟ କାର୍ଯ୍ୟର ଅଭିଯୋଗ ହେଲେ ଏଇ ମୁଖିଆମାନେ ପଞ୍ଚାୟତ ସଭା ଡକାଇ ଘଟଣାର ବିଗ୍ଭର କରି ଦୋଷୀ ପ୍ରତି ଦଣ୍ଡ ବିଧାନ କରିଥାନ୍ତି।

ଆଧୁନିକ ଜଗତରୁ ବିଚ୍ଛିନ୍ନ ହୋଇ, ପାହାଡ଼ ଜଙ୍ଗଲ ମଧ୍ୟରେ ପୋଡୁଗ୍ଭଷ, ଶିକାର ଓ ଫଳମୂଳ ସଂଗ୍ରହ କରି କଷ୍ଟରେ ବଞ୍ଚୁଥିବା ଏହି ଦିଦାୟୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ଓଡ଼ିଶାର ଅନ୍ୟାନ୍ୟ କ୍ଷୁଦ୍ର ତଥା ଅନୁନ୍ନତ ଆଦିମ ଅଧିବାସୀ ଯଥା, ବଞ୍ଜା, ଭୁଟିଆ ଜଣ୍ଡ, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ପାଉଡ଼ି ଭୂୟାଁ, ମାଙ୍ଗଡ଼ିଆମାନଙ୍କ ଅବସ୍ଥା ପରି ଖୁବ ଦୁର୍ବଳ। ଏକ କ୍ଷୁଦ୍ର ଏବଂ ଅନଗ୍ରସର ଜନ ଜାତି ଭାବେ ସେମାନଙ୍କ ଜୀବନଧାରଣର ସମସ୍ୟା ଅନ୍ୟମାନଙ୍କଠାରୁ ଭିନ୍ନ ଯାହାଫଳରେ ସାଧାରଣ ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ସମସ୍ୟା ସମାଧାନ କରିବା କଷ୍ଟକର। ତେଣୁ ସରକାର ଦିଦାୟୀ ଗୋଷ୍ଠୀକୁ ଏକ ଅନୁନ୍ନତ ଆଦିମ ଜନଜାତି (Primitive Tribe) ଭାବେ ବିଚାର କରିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକରି, ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ଲକ୍ଷେ ଆଦିବାସୀ ଉପଯୋଜନା ମାଧ୍ୟମରେ ଏକ ସ୍ୱତନ୍ତ୍ର ଆଶୁ ଯୋଜନା Micro-Project) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ରୂପାୟନ ପାଇଁ ବଞ୍ଜା ଉନ୍ନୟନ ପ୍ରକଳ୍ପ ପରି ଏକ ଦିଦାୟୀ ଉନ୍ନୟନ ପ୍ରକଳ୍ପ (Didayi Development Agency) ୧୯୮୬–୮୭ ମସିହାଠାରୁ ମାଲକାନଗିରି ଜିଲ୍ଲାର ଖୁଡୁମୁଲିଗୁମ୍ମା ବ୍ଲକ ସଦର ମହକୁମାଠାରେ ସ୍ଥାପନ ହୋଇ କାର୍ଯ୍ୟ କରୁଛି।

ଦିଦାୟୀ ଉନ୍ନୟନ ସଂସ୍ଥା

ଏହି ପ୍ରକଳ୍ପକୁ ଓଡ଼ିଶା ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା ରୂପେ ଗଠନ କରାଯାଇଛି। ସମନ୍ୱୟୋପଯୋଗୀ ପଦକ୍ଷେପ ନେଇ ଦିଦାୟୀ ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରଣ ତଥା ଯୋଜନା ପ୍ରଣୟନ ଓ ମୂଲ୍ୟାୟନ ନିମନ୍ତେ ଏହି ପ୍ରକଳ୍ପ ପାଇଁ ଏକ ଶାସନ ପରିଷଦ (Governing Body) ଗଠନ କରାଯାଇଛି। ଏହି ପରିଷଦରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ମାଲକାନଗିରି ସମ୍ମିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରଶାସକ, ସ୍ଥାନୀୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଗଣ, ସ୍ଥାନୀୟ ଲୋକ ପ୍ରତିନିଧି ଓ ଦିଦାୟୀ ପ୍ରତିନିଧିମାନେ ସଭ୍ୟ ଭାବେ ରହିଛନ୍ତି। ଶାସନ ପରିଷଦର ଓ ସରକାରଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ପାଳନ କରି ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥାନ୍ତି। କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ଚୁଲାଇବା ପାଇଁ କେନ୍ଦ୍ରସରକାରଙ୍କଠାରୁ ମିଳୁଥିବା "ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ" (Special Central Assistance)କୁ ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଏହି ପ୍ରକଳ୍ପକୁ ଆର୍ଥିକ ଅନୁଦାନ (Grant-in-aid) ଆକାରରେ ଦେଇଥାନ୍ତି। ମାତ୍ର ଏହି ଅନୁଦାନ ଯଥେଷ୍ଟ ହେଉନଥିବାରୁ ଅନେକ ସମୟରେ ଏହି ପ୍ରକଳ୍ପକୁ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାସଂସ୍ଥା ଯଥା– ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଇତ୍ୟାଦିଙ୍କ ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ।

ଦିଦାୟୀ ଉନ୍ନୟନ ସଂସ୍ଥାର ଆୟୁଷ ମାତ୍ର ୬ ବର୍ଷ ହୋଇଥିଲେ ମଧ୍ୟ ଏହି ସ୍ୱଳ୍ପ ସମୟ ମଧ୍ୟରେ ଅନେକ ଘାତ ପ୍ରତିଘାତ, ଅଭାବ, ଅସୁବିଧା ଓ ପ୍ରତିକୂଳ ପରିସ୍ଥିତି ଭିତରେ ଅନେକ ବିକାଶ ମୂଳକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସାତଗୋଟି ଦିଦାୟୀ ଗ୍ରାମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଦଶଟି ଦିଦାୟୀ ଗ୍ରାମ ନିଆଯାଇଛି। ସୀମିତ ଆର୍ଥିକ ଅବସ୍ଥା, ଆବଶ୍ୟକୀୟ କ୍ଷେତ୍ର କର୍ମଚାରୀ ଓ ବୈଷୟିକ କର୍ମଚାରୀଙ୍କ ଅଭାବ ଓ ଅନ୍ୟାନ୍ୟ ଅଭାବ ଅସୁବିଧାକୁ ବିଗ୍ଭର କରି କାଳକ୍ରମେ ଓ ପର୍ଯ୍ୟାୟ କ୍ରମେ ଅବଶିଷ୍ଟ ଦିଦାୟୀ ଗ୍ରାମଗୁଡ଼ିକୁ ପ୍ରକଳ୍ପର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉଛି। ଇତିମଧ୍ୟରେ ପ୍ରାୟ ୬୦୦ ଦିଦାୟୀ ପରିବାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଛନ୍ତି। ସେମାନଙ୍କ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କାରିଗରି ତଥା ସାଂସ୍କୃତିକ ବିକାଶ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଦିଦାୟୀମାନେ ମୁଖ୍ୟତଃ ପୋଡୁଗ୍ଭଷ ଉପରେ ନିର୍ଭର କରିଥାନ୍ତି। ପୋଡୁଗ୍ଭଷ ଦ୍ୱାରା ପ୍ରାକୃତିକ ପରିବେଶ ଧ୍ୱଂସ ହୋଇ, ମୃତ୍ତିକା କ୍ଷୟ, ଅନାବୃଷ୍ଟି ଓ ମରୁଡ଼ି ପରି ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହି ଗ୍ଭଷ ବର୍ଷାଜଳ ତଥା ଅନୁକୂଳ ପାଣିପାଗ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବାରୁ ପ୍ରତିକୂଳ ପରିସ୍ଥିତିରେ ମରୁଡ଼ିର ସମ୍ଭାବନା ଅଧିକ। ଏହା ପାଇଁ ହେଉଥିବା କଠିନ ପରିଶ୍ରମ ଓ ପ୍ରାକୃତିକ ପରିବେଶଜନିତ ବିପୁଳ ତଥା ଅପୂରଣୀୟ କ୍ଷତି ତୁଳନାରେ ଏଥିରୁ ମିଳୁଥିବା ସ୍ୱଳ୍ପ ବା ନାମମାତ୍ର ଶସ୍ୟ ଉତ୍ପାଦନ ଆଦୌ ଲାଭଜନକ ନୁହେଁ। ସେଥିପାଇଁ ପୋଡୁଗ୍ଭଷ ଉପରେ ସରକାର ଛଟକଣା ଲାଗୁ କରିଛନ୍ତି। ଦିଦାୟୀ ଉନ୍ନୟନ ପ୍ରକଳ୍ପ ତରଫରୁ ଦିଦାୟୀମାନଙ୍କୁ ବୁଝାଇ ସୁଝାଇ ଧିରେ ଧିରେ ପୋଡୁଗ୍ଭଷ ଛାଡ଼ି ବିକଳ୍ପ ବ୍ୟବସ୍ଥା ଆଡ଼କୁ ଆକର୍ଷିତ କରିବାକୁ ନିରନ୍ତର ଉଦ୍ୟମ କରାଯାଉଛି। ପୋଡୁଗ୍ଭଷ ଦ୍ୱାରା ନଷ୍ଟ ହୋଇଯାଇଥିବା ପାହାଡ଼ ଓ ଜଙ୍ଗଲକୁ ପୁନରୁଦ୍ଧାର କରିବା ସଙ୍ଗେ ସଙ୍ଗେ ଦିଦାୟୀମାନଙ୍କୁ ବିକଳ୍ପ ଜୀବିକା ଦେବା ନିମନ୍ତେ, ପୋଡୁ ଜମିମାନଙ୍କରେ ଲାଭଜନକ ଫଳ ବୃକ୍ଷ ଯଥା, କାନ୍ଥୁ, ଆମ୍ବ, ପଣସ, ଲେମ୍ବୁ ଇତ୍ୟାଦି ରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ

ଦିଦାସ୍ତ୍ରୀ ହିତାଧିକାରୀମାନେ ସକ୍ରିୟ ଅଂଶ ଗ୍ରହଣ କରି ଏହି ନୂତନ କାର୍ଯ୍ୟ ଶିଖିବା ସଙ୍ଗେ ସଙ୍ଗେ ମଜୁରୀ ଅର୍ଜନ କରି ଲାଭବାନ ହୋଇଛନ୍ତି ।

ପ୍ରଥମକରି ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ସମୟରେ ଦିଦାସ୍ତ୍ରୀମାନେ ଏଥିରେ ସାମିଲ୍ ହେବାକୁ କୁଣ୍ଠା ପ୍ରକାଶ କରିଥିଲେ । ସେମାନଙ୍କର ଏକ ଭ୍ରମଧାରଣା ତଥା ଆଶଙ୍କା ଥିଲା ଯେ ଏପରି ବୃକ୍ଷରୋପଣ କରି ସରକାର କୌଶଳରେ ତାଙ୍କ ଜୀବନ ଧାରଣର ଏକ ମୁଖ୍ୟ ମାଧ୍ୟମ ସେମାନଙ୍କର ପୋତୁ ଜମିଗୁଡ଼ିକୁ ସେମାନଙ୍କଠାରୁ ଛଡ଼ାଇ ନେବେ । ସ୍ଥାନୀୟ କେତେକ ଆଦିବାସୀ ଶୋଷଣ କାରୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ପ୍ରଶ୍ନର ଓ ପ୍ରରୋଚନା ଫଳରେ ଆତଙ୍କିତ ହୋଇ ନିଜର ପୋତୁ ଜମିକୁ ସରକାରଙ୍କ କବଳରୁ ରକ୍ଷାକରିବା ପାଇଁ ସେମାନେ ଏହି କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ । ପୋତୁଶୁଷ ଛଡ଼ା ସେମାନଙ୍କ ପାଇଁ ଜୀବିକା ଅର୍ଜନ ନିମନ୍ତେ ଅନ୍ୟ କୌଣସି ନିର୍ଭରଯୋଗ୍ୟ ବିକଳ୍ପ ପନ୍ଥା ନାହିଁ କାରଣ ଅନ୍ୟ ବିଇଚ୍ଛ ପନ୍ଥାରେ ସେମାନଙ୍କର ଦକ୍ଷତା ଓ ଅଭିଜ୍ଞତା ନଥିବାରୁ ଆସ୍ଥା ଓ ବିଶ୍ୱାସ ନାହିଁ । ଏପରି ବିରୋଧାଭାସ ମଧ୍ୟରେ ଦିଦାସ୍ତ୍ରୀ ଉନ୍ନୟନ ପ୍ରକଳ୍ପ କର୍ମଗ୍ରରୀ ମାନଙ୍କ ପ୍ରଗାଢ଼ ଉଦ୍ୟମ ଫଳରେ ଦିଦାସ୍ତ୍ରୀମାନଙ୍କୁ ବୁଝାଇ ସୁଝାଇ ସେମାନଙ୍କ ସହ ଖୋଲା ହୃଦୟରେ ଆଲୋଚନା କରି, ସେମାନଙ୍କ ଆଶଙ୍କା ଦୂରକରି କାର୍ଯ୍ୟକ୍ରମରେ ଭାଗନେବା ପାଇଁ ସେମାନଙ୍କୁ ଶେଷରେ ରାଜି କରାଯାଇ ପାରିଥିଲା । ଏହା ପରେ ଧିରେ ଧିରେ ବିଭିନ୍ନ ଗ୍ରାମର ଦିଦାସ୍ତ୍ରୀ ଗୃଷ୍ଠୀମାନେ ବୃକ୍ଷରୋପଣ କରିବାକୁ ଆଗେଇ ଆସିଥିଲେ ଓ କାର୍ଯ୍ୟକ୍ରମଟି ସେମାନଙ୍କ ସମଥିନ ଲାଭକରିଥିଲା । ଦିଦାସ୍ତ୍ରୀ ଉନ୍ନୟନ କାର୍ଯ୍ୟକ୍ରମର ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା ବୋଲି କୁହାଯାଇ ପାରେ ।

ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ କୃଷି ବିକାଶ ଓ ଆଧୁନୀକିକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରକଳ୍ପ ପକ୍ଷରୁ ହାତକୁ ନିଆଯାଇଛି । ପାହାଡ଼ିଆ ଅଞ୍ଚଳ ଓ ପାହାଡ଼ତଳି ସମତଳ ଅଞ୍ଚଳରେ ଥିବା ଦିଦାସ୍ତ୍ରୀମାନଙ୍କର ଗୃଷ୍ଠ ଜମି ଓ ଗୃଷ୍ଠ ଉପୋଯୋଗୀ ଜମିମାନଙ୍କୁ ଚିହ୍ନଟ କରାଯାଇ ତାହାର ଉନ୍ନତି କରିବା ପାଇଁ ଚେଷ୍ଟା କରାଯାଉଛି । ଏହି ଜମିରେ ସେମାନେ କେବଳ ବର୍ଷାଜଳ ଓ ପାଣିପାଗ ଉପରେ ନିର୍ଭରକରି ବର୍ଷାଦିନିଆ ଧାନ, ମାଣ୍ଡିଆ, ମକା, ବିରି ଓ ଗାଁଶି ଆଦି ଫସଲ ଗୃଷ୍ଠ କରିଥାଛି । ଜଳ ସେଚନର ସୁବିଧା ନଥିବାରୁ ବର୍ଷାଦିନିଆ ଗୃଷ୍ଠ ପରେ ବର୍ଷର ଅବଶିଷ୍ଟ ସମସ୍ତ ଏହି ଜମିଗୁଡ଼ିକ ପଡିଆ ରହିଥାଏ । ବର୍ଷା ଉପରେ ନିର୍ଭରଶୀଳ ଗୋଟିଏ ଗୃଷ୍ଠ ସାଙ୍ଗକୁ, ପୁରାତନ ଗୃଷ୍ଠ ପଦ୍ଧତିର ଅନୁସରଣ ଓ ପୁରାତନ ଗୃଷ୍ଠ ଉପକରଣ ଓ ଦେଶୀ ବିହନର ବ୍ୟବହାର ଫଳରେ ଏହି ଜମିମାନଙ୍କର ଉପଯୁକ୍ତ ବିନିଯୋଗ ଓ ଲାଭଜନକ ଭାବେ ଯଥେଷ୍ଟ ଫସଲ ଉତ୍ପାଦିତ ହୋଇ ପାରେ ନାହିଁ । ଫଳରେ କୃଷିଜାତ ଦ୍ରବ୍ୟ ଏକ ଦିଦାସ୍ତ୍ରୀ କୃଷକ ପରିବାରକୁ ପାରାବର୍ଷ ପାଇଁ ଖାଦ୍ୟ ଯୋଗାଇ ପାରେ ନାହିଁ । ସେଥିପାଇଁ ଦିଦାସ୍ତ୍ରୀମାନଙ୍କୁ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ସ୍ଥାନୀୟ ମିଲ ମଜୁରୀ କାର୍ଯ୍ୟ ଉପରେ ନିର୍ଭର କରି ଏହି ଅଭାବ ପୂରଣ କରିବାକୁ ପଡ଼େ ।

ଏହି ସବୁ ସମସ୍ୟାମାନଙ୍କୁ ବିଚାର କରି ଆଧୁନିକ ଉନ୍ନତ ପ୍ରଣାଳୀରେ କୃଷକରି ଲାଭବାନ ହେବାପାଇଁ ପ୍ରକଳ୍ପ ପକ୍ଷରୁ ଦିଦାସ୍ତ୍ରୀ ଗ୍ରାମମାନଙ୍କରେ କୃଷକ ଶିବିର ଓ ପଦ୍ଧାମାନ କରାଯାଇ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ସଚେତନତା ସୃଷ୍ଟି କରାଯାଉଛି । ସ୍ଥାନୀୟ କୃଷିବିଭାଗ କର୍ମଚାରୀ ଓ ବିଶେଷଜ୍ଞମାନଙ୍କ ସକ୍ରିୟ ସହାୟତା ଓ ବୈଷୟିକ ପରାମର୍ଶ ନେଇ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି ।

ଆଧୁନିକ ପଦ୍ଧତିରେ ଲାଭଜନକ କୃଷିକାର୍ଯ୍ୟ ପାଇଁ ଦିଦାସ୍ତ୍ରୀ କୃଷୀମାନଙ୍କୁ ଆଧୁନିକ କୃଷି ଉପକରଣ ଯଥା—ଲୁହା ଲାଙ୍ଗଳ, କୋଡ଼ି, କୋଦାଳ, ଗଇଁତି, ଶାବଳ ଏବଂ ଅଧିକ ଅମଳକ୍ଷମ ଧାନ, ମାଣ୍ଡିଆ, ମକା ଇତ୍ୟାଦି ବିହନ, ସହ, ରାସାୟନିକ ସାର ଓ କୀଟନାଶକ ଔଷଧ ଆଦି ଯୋଗାଇ ଦିଆଯାଇ ପ୍ରକଳ୍ପ କର୍ମଚାରୀ ଓ ସ୍ଥାନୀୟ କୃଷି କର୍ମଚାରୀଙ୍କ ପରାମର୍ଶ ଓ ତତ୍ତ୍ୱାବଧାନରେ ଉନ୍ନତ କୃଷ ପ୍ରଣାଳୀରେ ଏସବୁର ବ୍ୟବହାର ବିଷୟରେ ତାଲିମ ଦିଆଯାଉଛି । ଏହାଛଡ଼ା ନୂତନ ଅଞ୍ଚଳରୀ ଫସଲ ରୂପେ ବାଦାମ, ସୋୟାବିନ, ବିରି, ହରଡ଼, ଚଣା, ହଳଦୀ ଓ ବାଡ଼ି ବଗିଚାରେ ଫଳ ଓ ପନିପରିବା କୃଷ କରାଇବାକୁ ପଦକ୍ଷେପ ନିଆଯାଉଛି ।

ଜଳ ସେଚନର ସୁବିଧା ପାଇଁ ମଧ୍ୟ କେତେକ କାର୍ଯ୍ୟକ୍ରମ କରାଯାଉଛି, ଓରଞ୍ଚି, ମୁଦୁଲିଗୁଡ଼ା, ପୁରୁଣାଗୁମ୍ଫା ଆଦି ଦିଦାସ୍ତ୍ରୀ ଗ୍ରାମମାନଙ୍କରେ ଥିବା ପାହାଡ଼ି ଝରଣାମାନଙ୍କୁ ବନ୍ଧ ପକାଇ ଜବି ଋତୁରେ ଜମିରେ ଜଳ ସେଚନ କରିବାପାଇଁ କେତେକ ଆଡ଼ିବନ୍ଧ, ନାଳ ଓ ଜଳଅମଳ ପ୍ରକଳ୍ପମାନ ନିର୍ମାଣ କରାଯାଇଛି । ଶୀତ ଋତୁରେ ଜଳ ସେଚନର ସୁବିଧା ଥିବା ଜମିରେ ଗହମ, ସୋରିଷ, ମୁଗ, ଆଳୁ, ଅଦା ଓ ଶୀତ ଦିନିଆଁ ପନିପରିବା ଯଥା, ମୂଳା, ଟମାଟୋ, ଲଙ୍କା, କଦଳୀ, ପିଆଜ, ବାଇଗଣ, ବିନସ୍, କଖାରୁ, ଦେଶୀଆଳୁ ଆଦି ଗୃଷକରିବା ପାଇଁ ପଦକ୍ଷେପ ନିଆଯାଉଛି । ଆସ୍ତେ ଆସ୍ତେ ଏସବୁ ନୂତନ ଲାଭଜନକ ଗୃଷ ପ୍ରଣାଳୀ ଅନୁସରଣ କରିବା ପାଇଁ ଦିଦାସ୍ତ୍ରୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ବର୍ତ୍ତମାନ କୃଷି ଛଡ଼ା ଦିଦାସ୍ତ୍ରୀମାନଙ୍କ ପାଇଁ ଅନ୍ୟ କୌଣସି ମୁଖ୍ୟ ପନ୍ଥା ନଥିବାରୁ ଏହି କୃଷି ଉନ୍ନୟନ କାର୍ଯ୍ୟକ୍ରମର ସଫଳତା ଉପରେ ଦିଦାସ୍ତ୍ରୀମାନଙ୍କ ଅର୍ଥନୈତିକ ପ୍ରଗତି ଅନେକ ପରିମାଣରେ ନିର୍ଭର କରୁଛି । ସେଥିପାଇଁ ପ୍ରକଳ୍ପ ତରଫରୁ ଏହି କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ଓ ଏହା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅପେକ୍ଷା ସବୁଠୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି ।

ଅବସର ସମୟରେ ଅନ୍ୟାନ୍ୟ ଧନ୍ଦା କରି ନିଜର ଆୟବୃଦ୍ଧି କରିବା ନିମନ୍ତେ କୁଟୀର ଶିଳ୍ପ ଭିତ୍ତିକ ବୈଷୟିକ ତାଲିମ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି । ଇତି ମଧ୍ୟରେ କେତେକ ଦିଦାସ୍ତ୍ରୀ ମହିଳାଙ୍କୁ ବାଉଁଶରୁ ସୁନ୍ଦର ସୁନ୍ଦର ସୌଖିନ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷମାନ ତିଆରି କରିବାକୁ ଓ ପଶମ ଗାଲିଚା ବୁଣିବାକୁ ଆବଶ୍ୟକୀୟ ତାଲିମ ଦିଆଯାଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ରର ବିଶେଷଜ୍ଞମାନଙ୍କ ସହଯୋଗ ଓ ବୈଷୟିକ ପରାମର୍ଶ ନେଇ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଏହିପରି ବିଭିନ୍ନ ବୈଷୟିକ ତାଲିମ

କାର୍ଯ୍ୟକ୍ରମମାନ ଚଳୁ ରଖିବା ପାଇଁ କୁଚୁମୁଲୁଗୁମ୍ଫାଠାରେ ଏକ ସ୍ଥାୟୀ ତାଲିମ ତଥା ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଛି। ତାଲିମ ପରେ ଧନ୍ଦା ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଉପକରଣ ଓ ଯନ୍ତ୍ରପାତି ଆଦି ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି।

ଆଗରୁ କୁହାଯାଇଛି ଯେ ଦିବାସ୍ତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଖୁବ ପଛରେ ଏବଂ ସେମାନଙ୍କ ମଧ୍ୟରେ ଶିକ୍ଷିତ ତଥା ସାକ୍ଷରଙ୍କ ସଂଖ୍ୟା ଅତି ନଗଣ୍ୟ। ଏହାର ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମଟି ହେଲା ଜୀବିକା ଅର୍ଜନର କେତେକ ଅନିର୍ବାଯ୍ୟ ଆବଶ୍ୟକତା ଦ୍ୱିତୀୟ ଶିକ୍ଷା ପ୍ରତି ସେମାନଙ୍କ ସ୍ୱାଭାବିକ ଉଦାସୀନତା। ସରଳ ଭାଷାରେ କହିବାକୁ ଗଲେ ଦିବାସ୍ତ୍ରୀ ବାଳକ ବାଳିକାମାନେ ଖୁବ ପିଲାବେଳୁ ସେମାନଙ୍କ ପରିବାରର ଜୀବିକା ଅର୍ଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣ କରି ପିତାମାତାଙ୍କୁ ବିଶେଷ ସାହାଯ୍ୟ କରିଥାନ୍ତି। ତେଣୁ ପିତା ମାତାମାନେ ସେମାନଙ୍କ ସନ୍ତାନମାନଙ୍କୁ ସ୍କୁଲକୁ ପଠାଇବାକୁ ଆଗ୍ରହ ପ୍ରକାଶ ନକରିବା ସ୍ୱାଭାବିକ। ଦ୍ୱିତୀୟ କାରଣଟି ହେଲା ଦିବାସ୍ତ୍ରୀ ଗ୍ରାମମାନଙ୍କରେ ଶିକ୍ଷା ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ଓ ପରିବେଶର ଅଭାବ। ଉଦାହରଣ ସ୍ୱରୂପ କେବଳ ୪ଟି ସମତଳ ଦିବାସ୍ତ୍ରୀ ଗ୍ରାମକୁ ଛାଡ଼ି ଦେଲେ ବାକି ପାହାଡ଼ ଅଞ୍ଚଳରେ ଥିବା ଅଧିକାଂଶ ଅଧିବାସୀ ୩୪ଟି ଦିବାସ୍ତ୍ରୀ ଗ୍ରାମରେ କୌଣସି ପ୍ରାଥମିକ ସ୍କୁଲ ନାହିଁ। ସମତଳ ଗ୍ରାମର ଏହି ୪ଟି ଦିବାସ୍ତ୍ରୀ ସ୍କୁଲର ଅବସ୍ଥା ମଧ୍ୟ ଶୋଚନୀୟ। ଜରାଜୀର୍ଣ୍ଣ ସ୍କୁଲଘର, ଆବଶ୍ୟକୀୟ ଶିକ୍ଷକଙ୍କ ଅଭାବ, ଶିକ୍ଷାଦାନରେ ଅନିୟମିତତା ଓ ସ୍ୱଳ୍ପସଂଖ୍ୟକ ଛାତ୍ର ଛାତ୍ରୀଙ୍କୁ ନେଇ ନାମକୁମାତ୍ର ଚଳିଥିବା ଏହି ସ୍କୁଲଗୁଡ଼ିକ ଶିକ୍ଷାପ୍ରସାର କାର୍ଯ୍ୟକ୍ରମ ପ୍ରତି ଏକ ଉପହାସ ବୋଲି କୁହାଯାଇ ପାରେ। ଏହା ଛଡ଼ା ବର୍ତ୍ତମାନ "ସମନ୍ୱିତ ଶିଶୁ ବିକାଶ ଯୋଜନା" ଓ "ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ" ଅଧିନରେ ଦିବାସ୍ତ୍ରୀ ଗ୍ରାମମାନଙ୍କରେ ସ୍ଥାନୀୟ ବ୍ଲକ ଜରିଆରେ ମଧ୍ୟାହ୍ନ ଭୋଜନ ପ୍ରକଳ୍ପବାଡ଼ି ଓ ଅଣ ଆନୁଷ୍ଠାନିକ ସାକ୍ଷରତା କାର୍ଯ୍ୟକ୍ରମମାନ ଚଳୁ କରାଯାଉଛି। ବିଭିନ୍ନ କାରଣରୁ ଏହି କାର୍ଯ୍ୟକ୍ରମମାନଙ୍କରେ କୌଣସି ଉଲ୍ଲେଖନୀୟ ପ୍ରଭାବ ଦିବାସ୍ତ୍ରୀମାନଙ୍କ ଉପରେ ଏପର୍ଯ୍ୟନ୍ତ ପଡ଼ିପାରି ନାହିଁ।

ଏପରି ପୃଷ୍ଠଭୂମିରେ ଦିବାସ୍ତ୍ରୀ ଉନ୍ନୟନ ପ୍ରକଳ୍ପ ଦିବାସ୍ତ୍ରୀମାନଙ୍କ ମଧ୍ୟରେ ଶିକ୍ଷାପ୍ରତି ସଚେତନତା ଓ ଆଗ୍ରହ ସୃଷ୍ଟିକରି ଶିକ୍ଷାପ୍ରସାର କରାଇବା ପାଇଁ ନିଜର ସୀମିତ ସମ୍ବଳ ଓ କାର୍ଯ୍ୟପରିସର ମଧ୍ୟରେ କେତେକ ଆବଶ୍ୟକୀୟ ପଦକ୍ଷେପ ନେଇଛି। "ଜ୍ଞାନ ମନ୍ଦିର" ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ସମତଳ ଦିବାସ୍ତ୍ରୀ ଗ୍ରାମମାନଙ୍କରେ ଥିବା ମୁଖିମୋସ୍ ସ୍କୁଲ ଶିକ୍ଷିତ ଅଧିକ ୩୪ ଶ୍ରେଣୀରୁ ୧୦ମ ଶ୍ରେଣୀଯାଏଁ ଶିକ୍ଷାଲାଭ କରିଥିବା ଦିବାସ୍ତ୍ରୀ ଯୁବକମାନଙ୍କୁ ବାଛି ଆବଶ୍ୟକୀୟ ତାଲିମ ଓ ପରାମର୍ଶଦେଇ ପ୍ରତ୍ୟେକ ଗ୍ରାମରେ ଜଣେ ହିସାବରେ "ଉତ୍ସର୍ଗୀକୃତ କ୍ଷେତ୍ର କର୍ମୀ" ଭାବରେ ଅବସ୍ଥାପିତ କରାଯାଇଛି। ଜଣେ ଜଣେ ସ୍ୱେଚ୍ଛାସେବୀ ଭାବରେ ସେମାନେ ଦିବାସ୍ତ୍ରୀ ଗ୍ରାମ ବାସୀ ଓ ପ୍ରକଳ୍ପ ମଧ୍ୟରେ ଏକ ଯୋଗା ଯୋଗର ମାଧ୍ୟମ ରୂପେ କାର୍ଯ୍ୟକରି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଲୋକମାନଙ୍କ ପାଖରେ ପହଞ୍ଚାଉଛନ୍ତି। ଏଥାଇଡ଼ା ସେମାନଙ୍କ ବିଶେଷ ଦାୟିତ୍ୱ ହେଲା, ସମୟ ଓ ସୁବିଧା ଅନୁଯାୟୀ ସକାଳେ ଓ ସନ୍ଧ୍ୟା ସମୟରେ ଗ୍ରାମର ଶିଶୁ ଓ ବୟସ୍କମାନଙ୍କୁ ଅଣ ଆନୁଷ୍ଠାନିକ ଶିକ୍ଷାଦାନ କରିବା। ଏଥିପାଇଁ ଆବଶ୍ୟକ ପୁସ୍ତକ, ଶିକ୍ଷା ଉପକରଣ, ଲଣ୍ଠନ ଆଦି ସେମାନଙ୍କୁ ପ୍ରକଳ୍ପ ତରଫରୁ ଯୋଗାଇ ଦିଆଯାଇଛି। ନିଜ ଗୋଷ୍ଠୀର ଯୁବକ ହୋଇଥିବାରୁ ସେମାନେ ଦିବାସ୍ତ୍ରୀମାନଙ୍କର ଗ୍ରହଣୀୟ ଓ ବିଶ୍ୱାସଭାଜନ ହୋଇ ପାରିଛନ୍ତି।

ଏହି ସମସ୍ତ ସଚେତନ ଦିବାସ୍ତ୍ରୀ ଯୁବକ ଯୁବତୀମାନଙ୍କୁ ସଙ୍ଗଠିତ କରାଯାଇ ନିଜ ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସକ୍ରିୟଭାବେ ସାମିଲ ହେବା ନିମନ୍ତେ "ଦିବାସ୍ତ୍ରୀ ସ୍ୱେଚ୍ଛାସେବୀ ସଂସ୍ଥା" ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ପ୍ରକଳ୍ପ ଉଦ୍ୟମରେ ଗଠନ କରାଯାଇଛି। ଏହି କର୍ମୀମାନେ ପ୍ରକଳ୍ପ ଓ ଆଦିବାସୀମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କ ମଧ୍ୟରେ ଜାଗରଣ ତଥା ସଚେତନତା ସୃଷ୍ଟି କରୁଛନ୍ତି ଓ କେତେକ ସ୍ୱେଚ୍ଛାସେବୀ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସଂଘବଦ୍ଧ ଭାବେ ଦିବାସ୍ତ୍ରୀ ଗ୍ରାମମାନଙ୍କରେ କରୁଛନ୍ତି। ଏହି ସବୁ କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ ତରଫରୁ ଆର୍ଥିକ ସହାୟତା ଦିଆଯାଉଛି।

ଦିବାସ୍ତ୍ରୀମାନେ ଧର୍ମଭୀରୁ ରକ୍ଷଣଶୀଳ ଓ ପରମ୍ପରାବାଦୀ। ସେମାନଙ୍କ ଦୃଢ଼ ବିଶ୍ୱାସ ଯେ ଦେବା ଦେବୀ, ପୂର୍ବପୁରୁଷ, ଭୂତ ପ୍ରେତ ଆଦି ଅଦୃଶ୍ୟ ଶକ୍ତିମାନେ ମଣିଷ ଜୀବନର ଭଲ ମନ୍ଦକୁ ନିୟନ୍ତ୍ରଣ କରିଥାନ୍ତି। ତେଣୁ କୌଣସି ବିପଦ ନଆସିବା ପାଇଁ ଓ ବିପଦ ଆସିଲେ ବା ରୋଗ ବ୍ୟାଧିରେ ପିଡ଼ିତ ହେଲେ ସେମାନେ ଦିଶାରୀ, ଗୁଣିଆଁ ଆଦିଙ୍କ ସାହାଯ୍ୟରେ ଦେବା ଦେବୀଙ୍କୁ ପୂଜାକରି ଛେଳି କୁକୁଡ଼ା ବଳିଦେଇ ଏପରି ଭାବେ ସମ୍ଭାବ୍ୟ ବିପଦ ଓ ଦୁଃଖ କଷ୍ଟରୁ ଉଦ୍ଧାର ପାଇବା ପାଇଁ ଚେଷ୍ଟାକରନ୍ତି। ଏପରିକି ଅନେକ ସମୟରେ ଉଚ୍ଚଟ ବ୍ୟାଧିରେ ପଡ଼ି ପଡ଼ି ଅନେକ ମୃତ୍ୟୁମୁଖରେ ପଡ଼ନ୍ତି। ଅଶିକ୍ଷା ଓ ଅଜ୍ଞତା ଯୋଗୁ ଆଧୁନିକ ଚିକିତ୍ସା ପଦ୍ଧତି ଅନୁସରଣ କରିବାକୁ ସେମାନଙ୍କର ଆଗ୍ରହ ନାହିଁ। ତେଣୁ ଖୁବ୍ କମ୍ ସଂଖ୍ୟକ ଦିବାସ୍ତ୍ରୀ ରୋଗୀ ସ୍ଥାନୀୟ ଡାକ୍ତରଖାନାକୁ ଆସିଥାନ୍ତି। ଦେବାଦେବୀ ପୂଜା, ଗୁଣି ଗାରେଡ଼ି, ଝଡ଼ାଫୁଙ୍କା, ବେରମୂଳି ଔଷଧର ଆଶ୍ରୟ ନେଇ ଅସଫଳ ହେବାପରେ ସେମାନେ ଶେଷ ଅବସ୍ଥାରେ ଡାକ୍ତରଖାନାକୁ ଆସିଥାନ୍ତି।

ଦିବାସ୍ତ୍ରୀ ଅଞ୍ଚଳରେ, ଅସ୍ୱାସ୍ଥ୍ୟକର ପରିବେଶ, ପରିଷ୍ଠାର ପରିଚ୍ଛନ୍ନତାର ଅଭାବ, ଦୂଷିତ ଜଳ ସେବନ, ଅଖାଦ୍ୟ ସେବନ, ଦାରିଦ୍ର୍ୟ ଓ ଅନାହର ଜନିତ କାରଣରୁ ଅନେକ ଉଚ୍ଚଟ ରୋଗର ପ୍ରାଦୁର୍ଭାବ ଦେଖାଯାଏ। ବିଶେଷଭାବେ ଦିବାସ୍ତ୍ରୀମାନେ ମାଲେରିଆ, ଯକ୍ଷ୍ମା ଆନ୍ତ୍ରୀକ ଜ୍ୱର, ବର୍ଷାରୋଗ ରକ୍ତ ହୀନତା ଓ ଉଦରରୋଗ ଆଦିରେ ପୀଡ଼ିତ ହେଉଅଛନ୍ତି। ଦୁର୍ଗମ ଦିବାସ୍ତ୍ରୀ ଗ୍ରାମମାନଙ୍କୁ କୌଣସି ଗମନାଗମନର ସୁବିଧା ନଥିବାରୁ, ସେଠାକୁ ନିୟମିତ ଭାବେ ଯାଇ ରୋଗୀମାନଙ୍କୁ ଆଶୁଚିକିତ୍ସା ପ୍ରଦାନକରିବା ଓ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକରିବା ପାଇଁ ଯଥେଷ୍ଟ ସୁବିଧା ତଥା ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ଏପରି ପରିସ୍ଥିତିରେ ଦିବାସ୍ତ୍ରୀ ପ୍ରକଳ୍ପ ତରଫରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକମାନଙ୍କ ସହଯୋଗରେ ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିରମାନ ଆୟୋଜନ କରାଯାଇ

ଦିଦାୟୀ ଶିଶୁ, ସ୍ତ୍ରୀଲୋକ ଓ ବୟସ୍କ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ପ୍ରତିଷେଧକ ଟୀକା ଦେବା ଓ ରୋଗ ଚିକିତ୍ସା ଆଦି କରାଯିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଛି । ଦିଦାୟୀ ରୋଗୀମାନଙ୍କୁ ଡାକ୍ତରଙ୍କ ପରାମର୍ଶ ମୁତାବକ ଔଷଧ ବଣ୍ଟନ କରାଯାଉଛି ଓ ସାଂଘାତିକ ତଥା ଦୁରାରୋଗ୍ୟ ରୋଗରେ ପିଡ଼ିତ ରୋଗୀମାନଙ୍କୁ ବଡ଼ ଡାକ୍ତରଖାନାକୁ ପଠାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ପ୍ରକଳ୍ପର କର୍ମଗୁରୀ ଓ ଦିଦାୟୀ ସ୍ୱେଚ୍ଛାସେବୀ ତଥା ବହୁମୁଖୀ କ୍ଷେତ୍ର କର୍ମୀମାନେ ବିଭିନ୍ନ ଦିଦାୟୀ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା ଓ ଆଧୁନିକ ଚିକିତ୍ସାର ଉପକାରିତା ଉପରେ ଦିଦାୟୀମାନଙ୍କୁ ପରାମର୍ଶ ଦେଉଛନ୍ତି ଏବଂ କୌଣସି ଗ୍ରାମରେ କୌଣସି ସାଂଘାତିକ ତଥା ସଂକ୍ରମକ ରୋଗ ଆରମ୍ଭ ହେଲେ ପ୍ରକଳ୍ପ ଅଧିକାରୀ ଓ ନିକଟବର୍ତ୍ତୀ ଡାକ୍ତରଖାନାରେ ଖବର ପହଞ୍ଚାଇ ତୁରନ୍ତ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବାର ବନ୍ଦୋବସ୍ତ କରିବାରେ ସାହାଯ୍ୟ କରୁଛନ୍ତି । ଏହି ଉଦ୍ୟମ ଫଳରେ ଧିରେ ଧିରେ ଦିଦାୟୀମାନେ ଆଧୁନିକ ଚିକିତ୍ସାର ଉପକାରିତା ଉପଲବ୍ଧି କରିବାକୁ ଆରମ୍ଭ କଲେଣି ଓ ଫଳେ ଘାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଦାୟୀ ରୋଗୀମାନଙ୍କ ସଂଖ୍ୟା ବଢୁଛି ।

ସମତଳ ଅଞ୍ଚଳର ଅନ୍ତ କେତେକ ଗ୍ରାମକୁ ଛାଡ଼ିଦେଲେ ପାହାଡ଼ ଅଞ୍ଚଳର ଅଧିକାଂଶ ଦିଦାୟୀ ଗ୍ରାମକୁ ଯିବା ପାଇଁ ରାସ୍ତା ଓ ଗମନାଗମନର କୌଣସି ସୁବିଧା ନାହିଁ । ସେଥିପାଇଁ ଏ ଗ୍ରାମଗୁଡ଼ିକ ବାହ୍ୟଜଗତ ଓ ବିକାଶଧାରାରୁ ବିଚ୍ଛିନ୍ନ ହୋଇ ନିହାତି ଅନୁନ୍ନତ ଅବସ୍ଥାରେ ପଡ଼ିରହିଛି । ଏହି ଦୁର୍ଗମ ଅଞ୍ଚଳ ମଧ୍ୟକୁ ରାସ୍ତା ତିଆରି କରିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ପ୍ରକଳ୍ପ ପକ୍ଷରୁ ଏହି ଅଞ୍ଚଳର ପ୍ରବେଶଦ୍ୱାର ରୂପେ ରହିଥିବା ମୁଖ୍ୟ ଗ୍ରାମ ବାସ୍ତାପଡ଼ାରୁ କୁଟୁମୁଲୁଗୁମା ବ୍ଲକ ସଦର ମହକୁମାଠାରୁ ରାସ୍ତା ସଂଯୋଗ କରିବା ପାଇଁ ପରିକଳ୍ପନା କରାଯାଇଥିଲେ ମଧ୍ୟ ଆବଶ୍ୟକ ଅର୍ଥର ଅଭାବ ଓ ଜଙ୍ଗଲ ମଧ୍ୟରେ ଗଛକାଟି ରାସ୍ତାତିଆରି କରିବା ପାଇଁ ଥିବା ଆଇନ ଓ କଟକଣା ଯୋଗୁ ଏହା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । କେନ୍ଦ୍ର ସରକାରଙ୍କଠାରୁ ପର୍ବନିମ୍ନ ରାସ୍ତା ଯୋଗାଯୋଗ ନିମନ୍ତେ ମିଳିଥିବା ଅର୍ଥରେ ଜୟପୁର–ବାଲିମେଳା ମୁଖ୍ୟ ରାସ୍ତାଠାରୁ ଏକ ସବୁଦିନିଆ ଶାଖା ରାସ୍ତା ତିଆରି କରାଯାଇ ପୁରୁଣାଗୁମ୍ମା ଓ ଓରିଙ୍ଗି ଗ୍ରାମକୁ ଯୋଗାଯୋଗ କରାଯାଇ ପାରିଛି । ଅନୁନ୍ନତ ଆଦିମ ଅଧିବାସୀଙ୍କ ଉନ୍ନତ କଷ୍ଟେ ଜଙ୍ଗଲ କାଟି ରାସ୍ତା ଯୋଗାଯୋଗ କରିବା ପାଇଁ ଥିବା କଟକଣାକୁ ସାମାନ୍ୟ କୋହଳ କରାଯାଇ ପାରିଲେ ଓ ଆବଶ୍ୟକ ଅର୍ଥ ବ୍ୟବସ୍ଥା ହୋଇ ପାରିଲେ ଦୁର୍ଗମ ଦିଦାୟୀ ଗ୍ରାମମାନଙ୍କୁ ରାସ୍ତା ସଂଯୋଗ କରାଯାଇ ପାରନ୍ତା । ଏହା ହେଲେ ବିକାଶର ଗତି ତ୍ୱରାନ୍ୱିତ ହୋଇପାରନ୍ତା ।

ଏହି ପରି ଦିଦାୟୀ ଉନ୍ନୟନ ଅଶୁ ଯୋଜନାରେ ପ୍ରକଳ୍ପ ତରଫରୁ ଅନେକ ଅଭାବ ଅସୁବିଧା, ସମସ୍ୟା ଓ ବାଧାବିଘ୍ନ ପରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମମାନ ରୂପାୟନ କରାଯାଉଛି । ପ୍ରକଳ୍ପ ଆଗରେ ଅନେକ ସମସ୍ୟା ରହିଛି ଯାହାକୁ ଗୋଟି ଗୋଟି କରି ବଣ୍ଟନା କରିବା ଏଠାରେ ସମ୍ଭବପର ନୁହେଁ । ତେବେ ଯେତିକି ବା କରାଯାଇ ପାରିଛି ତାହା ଉନ୍ନୟନମୂଳକ କାର୍ଯ୍ୟକ୍ରମର ଆରମ୍ଭ ବୋଲି କୁହା ଯାଇ ପାରେ । କାରଣ ଦିଦାୟୀମାନଙ୍କର ଅନେକ ଜଟି ଳ ସମସ୍ୟାମାନ ରହିଛି ଏବଂ ସେଯବୁକୁ ସମାଧାନ କରିବା ପାଇଁ ଆହୁରି ଅନେକ କିଛି କରିବା ପାଇଁ ବାକିଥଛି । ସେଥିପାଇଁ ଆହୁରି ଅନେକ ସମୟ ଲାଗିବ । ଏତେ ସ୍ୱଳ୍ପସମୟ ସୀମିତ ସମ୍ବଳ ଓ ବାଧାବିଘ୍ନ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ସଫଳତା ଲାଭକରିବା ଅସମ୍ଭବ । ତେବେ ଏତିକି ନିଃସନ୍ଦେହରେ କୁହାଯାଇ ପାରେ ପ୍ରକଳ୍ପର କାର୍ଯ୍ୟକ୍ରମ ଦ୍ୱାରା ଦିଦାୟୀମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ଓ ସଚେତନତା ଅନେକ ପରିମାଣରେ ସୃଷ୍ଟି କରାଯାଇ ପାରିଛି । ସେମାନେ ତାଙ୍କର ଦାରିଦ୍ର୍ୟ, ଅଶିକ୍ଷା ଓ ଅଜ୍ଞତାର ବନ୍ଧନରୁ ଧିରେ ଧିରେ ମୁକ୍ତ ହୋଇ ବିକାଶଧାରାରେ ସାମିଲ ହେବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ସମସ୍ତ ଗମେ ଦିଦାୟୀ ଉନ୍ନୟନ ଅଶୁଯୋଜନା ପ୍ରକଳ୍ପ ଏହି କ୍ଷୁଦ୍ର, ଅଜ୍ଞାତ ତଥା ଅନୁନ୍ନତ ଆଦିବାସୀମାନଙ୍କର ପର୍ଯାଙ୍ଗୀନ ବିକାଶ କରିବାରେ କେତେଦୂର ସଫଳ ହୋଇ ପାରିବ ତାହାର ପ୍ରକୃତ ମୂଲ୍ୟାଙ୍କନ ସମସ୍ତ, ସରକାର, ଜନସାଧାରଣ ଓ ବିଶେଷଭାବେ ଦିଦାୟୀ ସମାଜ କରିବେ ।

ଆଦିବାସୀ ଓ ହରିଜନ ଗବେଷଣା
ଏବଂ ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର ।

ଭୁବନେଶ୍ୱରଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମୁସ୍ତାଫିଜ ଅହମ୍ମଦ ଜାତୀୟ ସଂହତି ଶପଥ ପତ୍ର ପାଠ କରାଉଛନ୍ତି ।

ଛବିଶ କରୁଛି ଦାବୀ.....

ପ୍ରଫୁଲ୍ଲ ପଟ୍ଟନାୟକ

ନୂତନ ଦିନର ସ୍ୱାକ୍ଷର ଯାଏ ଲେଖି
ଅସୀମ ସୂର୍ଯ୍ୟ ନବ ଉଦୟନ ତଳେ
ଦିଗେ ଦିଗେ ଖାଲି ଅସ୍ପୃତ ପଡ଼େଇରି
ଆଗାମୀ ଭୂମିକା ଉଷାର ଆଲୋକେ ଝଲେ ।

ସୁପ୍ତ ବିହଗ କଳରବ ଶୁଭେ ନାଁରୁ
ଗତାସ୍ୱ ଗାତିର ଅଭିସାର ଯାଏ ସରି
ତଥାପି ଖାଲି ମୁଁ ଅଙ୍ଗରେ ଘୁରିମରେ
ଜୀବନର ତୀରେ ଅବସାଦ ଭିଡ଼େ ତରୀ ।

ମରମରେ ଜାଗେ ଗୋପନ ବ୍ୟଥାର ଦାଗ
ଅଭାବ, ଦୈନ୍ୟ ଅଶ୍ରୁ ପଡ଼ଉ ଝରି
ସମାଜର ହୀନ ଦୁର୍ନୀତି ବ୍ୟଭିଚାର
ଜୀବନରୁ--ଗତି ସଂକୋଚ ଦିଏ ଭରି ।

ବିକଳ ଆସ୍ଥା ତିଳତିଳ କରି ଗ୍ରାସେ
ପୁଞ୍ଜିପତିର ପିଶାଚ ଘୃଣ୍ୟ ରାହୁ
ପୁଷ୍ଟି କାମ୍ୟରେ ପୁରାତନ ବରେ ଅଟା
ଜନତାର ବୁକେ ଅନାହାର ସାଧେ ଦାଉ ।

ଜାତିର ଶଙ୍ଖ ଦଗ୍ଧ ପଡୁଛି ଭାଜି
ବନ୍ୟା, ମରୁତି ନିଶ୍ୱାସେ ଅବିରତ
ନଗ୍ନ ଛାତିର ଯଉବନ ଯାଏ ଝରି
ପୁଞ୍ଜିର ଶିରେ ପ୍ରଳୟ ମାରଇ ବାତ ।

'ଛବିଶ' ଆଡି ଏ ସାଧାରଣ କରେ ଦାବୀ
ଯେତେବ କାଳିମା, କୁହେଳିକା ନିଅ ଲୋଟି
ବୁଭୁରେ ତମସା ଟୁଟାଇ ଆଲୋକ ହସୁ
ଅସ୍ପୃତ ସରେ ଜୀବନ ଉଠୁରେ ଫୁଟି ॥

ଆରତୀ ମଠ ଲେନ୍,
ପୁରୀ ।

ଶହୀଦ ଦିବାକର – ଏକ ଅଗ୍ନିକାରୀ ବ୍ୟକ୍ତିତ୍ୱ

ବ୍ରଜ ପାଇକରାୟ

ବ୍ରିଟିଶ ଶାସନ ସମୟର କଥା । ଗଡ଼ଜାତ ରାଜନ୍ୟବୃନ୍ଦ ବ୍ରିଟିଶ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାରପୂର୍ବକ ଏବଂ ଆନୁଗତ୍ୟ ପ୍ରଦର୍ଶନ କରି ସ୍ୱକ୍ଷମତା ବଜାୟ ରଖିବା ଏବଂ ବିଳାସବ୍ୟସନରେ ଜୀବନ ଅତିବାହିତ କରିବାକୁ ଜୀବନର ଏକ ମାତ୍ର ଲକ୍ଷ୍ୟ ଭାବରେ ସ୍ଥିର କରି ନେଇଥିଲେ । ଇଂରେଜ ସରକାର ଗଡ଼ଜାତ ରାଜାମାନଙ୍କୁ ସ୍ୱନିୟନ୍ତ୍ରଣାଧୀନ କରି ରଖିବା ପାଇଁ ଗୋରା ପଲଟିକାଲ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଥିଲେ । ଓଡ଼ିଶା ଗଡ଼ଜାତ ସମୂହର ପଲଟିକାଲ ଏଜେଣ୍ଟଙ୍କ ମୁଖ୍ୟ ମୁକାମ ସମ୍ବଲପୁରଠାରେ ଅବସ୍ଥାପିତ ହୋଇଥିଲା ।

ନୃଶଂସ ହତ୍ୟାକାରୀ ଏବଂ ଉତ୍ପଳଙ୍କର ଅପରାଧୀମାନଙ୍କୁ କାରାଗାର ମଧ୍ୟସ୍ଥ ସ୍ୱତନ୍ତ୍ର ସେଲ୍‌ରେ ବନ୍ଦୀ କରି ରଖାଯିବା ପରି ପରାଧୀନ ଭାରତବର୍ଷର ଗଡ଼ଜାତ ରାଜ୍ୟ ରଣପୁରର ଅନ୍ୟାଗୀ ଶାସନ ତଳେ ପ୍ରଜାଗଣ ଅଧିକ ଶୋଷିତ ଓ ନିର୍ଯ୍ୟାତିତ ଅବସ୍ଥାରେ ଜୀଳାତିପାତ କରୁଥିଲେ । ଶୋଷଣ, ଅତ୍ୟାଗ୍ଭର, ଭୟ ଆତଙ୍କ ଓ ଉଦ୍‌ବେଗରେ ଜନଜୀବନ ଅତିଷ୍ଠ ଓ ବିପର୍ଯ୍ୟସ୍ତ ହୋଇ ଉଠୁଥିଲେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା ପାଇଁ ସାହାସ କରୁ ନଥିଲେ । ଏପରି ଏକ ସମୟରେ ଜୀବନ ଓ ଯୌବନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳିଦେଇ ଜନସେବାକୁ ବରମ ଓ ପରମ ବ୍ରତ ରୂପେ ଗ୍ରହଣ କରି ରାଜା, ଦେୱାନ, ଦାରୋଗା, ପିଆଦା ଓ ଅମଲାମାନଙ୍କର ଅନ୍ୟାୟ ଓ ଜୁଲମର ଉଚ୍ଛେଦ ସାଧନ ପାଇଁ ବେଠି, ଭେଟି ଓ ନଜରାନା ଭଳି ନାରକୀୟ ପ୍ରଥାର ବିଲୋପସାଧନ ନିମନ୍ତେ ତେଜସ୍ୱୀ ଓ ଶିକ୍ଷିତ ତରୁଣ ଦିବାକର ରାଜକର୍ମଶ୍ରରୀ ପଦରୁ ଇସ୍ତଫା ପ୍ରଦାନ କରି ବିପ୍ଳବର ଆଗ୍ନେୟ ବଳୟରୁ ଲମ୍ଫ ପ୍ରଦାନ କରିଥିଲେ । ବିପ୍ଳବୀ ଦିବାକର ବ୍ୟକ୍ତିଗତ ଭାବରେ ରାଜାଙ୍କ ଦ୍ୱାରା ଅତ୍ୟାଗ୍ଭରିତ ହୋଇ ନଥିଲେ ଏବଂ ତାଙ୍କର ପରିବାରବର୍ଗ ରାଜପତି ରାଜା ମୁକୁନ୍ଦଦେବଙ୍କ ସ୍ୱତନ୍ତ୍ର ସନନ୍ଦ ବଳରେ ରଣପୁରର ବେଠି ପ୍ରଥାରୁ ମୁକ୍ତ ଥିଲେ । ହେଲେ କୌଣସି ସ୍ୱାର୍ଥ ନଥାଇ ବିଦ୍ରୋହ ଆନ୍ଦୋଳନର ଦୁର୍ଗମ ପଥକୁ ଗ୍ରହଣ କରି ନେବାର ମୂଳରେ ଥିଲା ତାଙ୍କର ଗଭୀର ସ୍ୱଦେଶ ପ୍ରୀତି, ପିତାଙ୍କ ତ୍ୟାଗପୂତ ଜୀବନର ଆଦର୍ଶ ଏବଂ ନିରୀହ ପ୍ରଜାଗଣଙ୍କ ପ୍ରତି ହୃଦୟର ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ।

୧୯୨୧ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁର ଅନ୍ତର୍ଗତ ଗଡ଼ବାଣିକିଲୋ ଗ୍ରାମର ବିଷୋୟୀ ସାମନ୍ତ, ହରିହର ପରିଡ଼ା ଓ ତାରା ଦେବୀଙ୍କ ଜ୍ୟେଷ୍ଠ ସନ୍ତାନରୂପେ ଭୂମିଷ୍ଠ ହୋଇ ଥିଲେ । ଛାତ୍ରାବସ୍ଥାରୁ ତାଙ୍କର ତୀକ୍ଷ୍ଣ ମେଧା ଓ ଧୀଶକ୍ତିର ସମ୍ୟକ ପରିଚୟ ମିଳିଥିଲା । ସେ ଏକାଧାରାରେ କବି, ଜ୍ୟୋତିଷ ବିଦ୍ୟା ବିଶାରଦ ଏବଂ ସ୍ୱାଧୀନଚେତା ଯୁବକ ଥିଲେ । ତାଙ୍କ ରଚିତ ଶ୍ରୀ ଶ୍ରୀଆଣ୍ଡେଶ୍ୱର ଦେବଙ୍କ ଜଣାଣ ପୁଛିକା ଏବଂ ଜାତକାଳଙ୍କାର ଗ୍ରନ୍ଥ ହିଁ ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ । ପିତା ହରିହର ୧୯୮୯ ମସିହାରେ ରଣପୁରରେ ଘଟିଥିବା ପ୍ରଜାମେଳିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପିତାଙ୍କ ନିର୍ଭୀକତା ଓ ନିରୀହ ଜନସାଧାରଣଙ୍କ ପ୍ରତି ଗଭୀର ଶ୍ରଦ୍ଧା ତରୁଣ ଦିବାକରଙ୍କ ଉପରେ ବିଶେଷଭାବେ ରେଖାପାତ କରିଥିଲା

ରଣପୁର ରାଜତନ୍ତ୍ର ଅତ୍ୟାଗ୍ଭରର ନମୁନା ସଡ଼କ ବେଠିର ଏକ ଲୋମହର୍ଷଣକାରୀ ଦୃଶ୍ୟ ବିପ୍ଳବୀ ଦିବାକରଙ୍କ ହୃଦୟରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ ଓ ଉଦ୍‌ବେଳନ । ନିରୀହ ବେଠିଆ ପ୍ରଜାମାନଙ୍କ ଉପରେ ଦାରୋଗାର ନିର୍ମମ ଲାଠି ପ୍ରହାର ଏବଂ ସେମାନଙ୍କ ନୟନକୋଣରୁ ଝରି ପଡୁଥିବା ବିନ୍ଦୁ ବିନ୍ଦୁ ଅଶ୍ରୁର ଅବାରିତ ଧାରା ଆଉ ଶରୀରରୁ ନିଗିଡ଼ି ପଡୁଥିବା ବୁନ୍ଦାବୁନ୍ଦା ତାଜାରକ୍ତ ତାଙ୍କ ମନରେ ସୃଷ୍ଟି କରିଥିଲା କ୍ଷତାକ୍ତ ବେଦନା । ଗଡ଼ଜାତି ଅନ୍ୟାୟ ଓ ଜୁଲମର ବିଲୋପ ସାଧନ ପାଇଁ ସେ ନେଇଥିଲେ ଦୁର୍ବାର ଶପଥ । ଅନ୍ତରଙ୍ଗ ବାଲ୍ୟସାଥୀ ରଘୁନାଥଙ୍କ ସହାୟତାରେ ରଣପୁରର ଉଦାସୀନ ଯୁବଶକ୍ତି, ମାଳୁଆଆଦିବାସୀ ପ୍ରଜା ଏବଂ ନିଦ୍ରିତ ଜନଶକ୍ତିକୁ ଗଭୀର ଭାବେ ପ୍ରଭାବିତ କରିଥିଲେ । ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ବିରଚିତ ଉଦ୍‌ବୋଧନମୂଳକ ସଙ୍ଗୀତ ଜାଗିଉଠ ଆଗେଇ ଗ୍ଭଲ ଏବଂ ରଣପୁରେ ଦିଅ ରଣହୁଙ୍କାର, ମଇନାକେ ଉଡୁ ମୁଷ୍ଟି ବାନା, ଏବଂ ଓଜଃସ୍ୱିନୀ ବକ୍ତୃତାର ଥିଲା ଏ ଦିଗରେ ପ୍ରମୁଖ ଭୂମିକା

୧୯୩୯ ମସିହା ଜାନୁୟାରୀ ୫ ତାରିଖ ପୌଷ ପୂର୍ଣ୍ଣିମା ରଣପୁର ତଥା ସମଗ୍ର ଦେଶ ପାଇଁ ଏକ ସ୍ମରଣୀୟ ଦିବସ । ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ରଣପୁର ଗଡ଼ ରାଜଉଆସ ସାମ୍ନାରେ ହୋଇଥାଏ ବିପୁଳ ଜନ ସମାଗମ । ଠିକ୍ ସେଇ ସମୟରେ ଅପ୍ରତ୍ୟାଶିତ ଭାବରେ ପ୍ରବଳ ପ୍ରତାପୀ ବ୍ରିଟିଶ ପଲଟିକାଲଏଜେଣ୍ଟ ମେଜର ବେଲେଗେଟ ମିଲିଟାରୀ ପୋଲିସିଙ୍କ ସହ ଆନ୍ଦୋଳନ ଦମନ କରିବା ପାଇଁ ଆସି ଘଟଣାସ୍ଥଳେ ଉତ୍ତେଜିତ ପ୍ରଜାଙ୍କ ନିର୍ମମ

ଲାଠି ମାଡ଼ରେ ମୃତ୍ୟୁ କରେ। ପ୍ରତିଶୋଧ ପରାୟଣ ବ୍ରିଟିଶ ସରକାର ବେଜେଲଗେଟ ହତ୍ୟା ପାଇଁ ଦାୟୀ କରି ବିପ୍ଳବୀ ଦିବାକର ଓ ରଘୁନାଥଙ୍କୁ ଗିରଫ କରିନିଏ। ବ୍ରିଟିଶ ଗୋରା ବିଗ୍ଧର ପଟି ଜି: ଜି: ପିଅରସ ସାହେବ ଇଜଲାସରେ ବିଗ୍ଧର ନାମରେ ପ୍ରହସନ ଗୁଳି ଶେଷରେ ବିପ୍ଳବୀ ଦିବାକର ଓ ତାଙ୍କ ବାଲ୍ୟସାଥୀ ରଘୁନାଥଙ୍କୁ ମୃତ୍ୟୁଦଣ୍ଡ ଆଦେଶ ହୁଏ।

୧୯୪୧ ମସିହା ଅପ୍ରେଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଜନ୍ମ ମାଟି ରଣପୁର ଓ ଓଡ଼ିଶାର ବହୁତ ଦୂରରେ ଏବଂ ତାଙ୍କ ପ୍ରିୟ ଜନତାଙ୍କ ଅଗୋଚରରେ ବିହାର ଗାଜ୍ୟର ଭାଗଲପୁର ଜେଲରେ ଫାଶି ଖୁଣ୍ଟରେ ଝୁଲି ବିପ୍ଳବୀ ଦିବାକର ହେଲେ ଅମର ପଥର ଯାତ୍ରୀ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଗଡ଼ଜାତ ଆନ୍ଦୋଳନ ଆଜି ଇତିହାସର ବିଷୟବସ୍ତୁ। ଶହୀଦ ଦିବାକର ଆଉ ଆମ ମଧ୍ୟରେ ନାହାନ୍ତି, ହେଲେ ଅତ୍ୟାଗ୍ରର, ନିର୍ଯ୍ୟାତନା ଓ ଜୁଲମ ବିରୁଦ୍ଧରେ ତଙ୍କର ସାଲିସହୀନ ସଂଗ୍ରାମର ବାର୍ତ୍ତା ସାମ୍ପ୍ରତିକ ଯୁବ ସମାଜ ଓ ଭବିଷ୍ୟତର ଦାସ୍ତାଦମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସଙ୍ଗଠିତ ହେବା ପାଇଁ ଯୁଗେ ଯୁଗେ ପ୍ରେରଣା ଯୋଗାଉଥିବ।

୧୧୭୬, ବାରମଜା ସ୍କୁନିଟ–୨୦,
ଭୁବନେଶ୍ୱର–୩୦।

ସ୍ପେରେରୀ ନିଦେଶାଳୟ ସାଂସ୍କୃତିକ ପରିଷଦର ପଞ୍ଚମ ବାର୍ଷିକ ଉତ୍ସବରେ ରବୀନ୍ଦ୍ର ମଞ୍ଚପଠାରେ ଅଭିନିତ ନାଟକ 'ଉର୍ବଶୀ'ର ଏକ ଦୃଶ୍ୟ।

ଆଗାମୀ ଯୁଗର ଅଗ୍ରଗାମୀ ହେ !

ଭାସ୍କର ଚନ୍ଦ୍ର ଦାସ

॥ ଏକ ॥
ଆଗାମୀ ଯୁଗର ଅଗ୍ରଗାମୀ ହେ !
ଭାଙ୍ଗି ପଡ଼ନା ତୁମେ
ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର
ଲଂଘି ଯାଅ ହେ କ୍ଷଣେ
ଭାରତ ଭାରତୀ ଜାତୀୟ ସଂହତି
ରକ୍ଷାରେ ରଖ ଯଶ
ଜଗତ ଜନନୀ ଭାରତ ମାତାର
କୀର୍ତ୍ତିର ଧ୍ୱଜା ଉଡୁ ଫର ଫର
ଯୁଗେଯୁଗେ ରହିଥାଉ ତା'ର ନାମ
ସବୁଠି ଫୁଟାଅ ହସ
ଲେଖୁ ନୂଆ ଇତିହାସ ॥

॥ ଦୁଇ ॥
ନିର୍ଭୟେ ତୁମେ ଦୁଅ ଆଗୁସାର
ଭସ୍ମର ଅମ୍ଳା ଚିରି
ଉର୍ମି ମୁଖର ଜନପାରାବାର
ଲଭୁ ସଦା ସୁଖ ଶିରି
ଶାନ୍ତିକାମୀରେ ଏ ଭାରତ ଭୂଇଁ
ହିଂସା କରିବା ପେତେ ଶିଖିନାହିଁ
ମୁକ୍ତ କଣ୍ଠରେ ଗାଅ ଆଜି ସବେ
ଅଂହିସା ପରମ ଧର୍ମ
ସେବା ଏ ଜାତିର ଜନ୍ମ ॥

॥ ତିନି ॥
ଆଗାମୀ ଯୁଗର ଅଗ୍ରଗାମୀ ହେ !
ବଜ୍ର ଶପଥ ନିଅ
ବୁହାଇବା ପାଇଁ ଜାତୀୟ ଜୀବନ
ଶାନ୍ତିର ଖର ସ୍ରୋତ
ଅନ୍ୟାୟ ଫିଙ୍ଗି ଦୂରେ ବହୁ ଦୂରେ
ନ୍ୟାୟର ଧ୍ୱଜା ଉଡ଼ାଅ ଉଚ୍ଚରେ
ଶାନ୍ତି ମୈତ୍ରୀର ଝର ଦିଅ ବୋହି
ହସି ହସାଅ ଏ ଦେଶ
ଯୁଗେ ଯୁଗେ ରଖ ଯଶ ॥

ଥର୍ମାଇ କଲୋନୀ,
ବାଲେଶ୍ୱର ।

ଜନସଂଖ୍ୟା ଶିକ୍ଷା

ସଞ୍ଜୀବ କୁମାର ପ୍ରଧାନ

ଦ୍ରୁତ ବେଗରେ ବଢି ଗୁଲିଥିବା ଜନସଂଖ୍ୟା ବର୍ତ୍ତମାନ ଦେଶ ପାଇଁ ଏକ ସମସ୍ୟା । ୧୯୮୧ ମସିହାରେ ଦେଶର ଜନସଂଖ୍ୟା ୬୮·୩ କୋଟି ଥିବାବେଳେ ୧୯୯୧ ମସିହାରେ ତାହା ବଢି ୮୫·୩ କୋଟିରେ ପହଞ୍ଚିଛି । ତେଣୁ ବିଗତ ଦଶ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ୧୬ କୋଟି ଲୋକସଂଖ୍ୟା, ଜନସଂଖ୍ୟା ଶିକ୍ଷା ଏବଂ ପରିବାର କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ପ୍ରତି ଏକ କୁଠାଘାତ । ବର୍ତ୍ତମାନ ଚିନ୍ତାର ବିଷୟ ଏହି ଯେ, ଜନସଂଖ୍ୟା ବୃଦ୍ଧିର ହାର ଶତକଡ଼ା ୨·୧୨କୁ କିପରି ରୋକାଯାଇ ପାରିବ । ଏହି ବର୍ଦ୍ଧିତ ଲୋକସଂଖ୍ୟାକୁ ରୋକାଯାଇ ନପାରିଲେ ଆସନ୍ତା ୨୦୨୫ ମସିହା ବେଳକୁ ଭାରତର ଲୋକସଂଖ୍ୟା ଚୀନର ଲୋକସଂଖ୍ୟାକୁ ଟପିଯିବ ।

ଏହି ପରିପ୍ରେକ୍ଷୀରେ ଜନସଂଖ୍ୟା ନିୟନ୍ତ୍ରଣ, ତା'ର କୁପରିଣାମ ଆଜି ଆଲୋଚନାର ବିଷୟ ହୋଇଛି । ରେଡ଼ିଓ ଏବଂ ଟେଲିଭିଜନରେ ବିଜ୍ଞାପନ ମାଧ୍ୟମରେ ପ୍ରଚାର ଚାଲିଛି । ଜନସଂଖ୍ୟା ବୃଦ୍ଧି ଉପରେ ନିୟନ୍ତ୍ରଣ ପାଇଥିବା ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଚୀନ ଅନ୍ୟତମ । ଚୀନର ଲୋକସଂଖ୍ୟା ବୃଦ୍ଧି ଶତକଡ଼ା ୧·୩ ଥିବାବେଳେ ଭାରତର ଜନସଂଖ୍ୟା ବୃଦ୍ଧି ଶତକଡ଼ା ୨·୧୧ । ଉପରୋକ୍ତ ତଥ୍ୟକୁ ଦେଖାଗଲେ ଜଣାଯାଏ ଯେ, ଭାରତ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଏବେ ମଧ୍ୟ ଅନେକ ପଛରେ । କିନ୍ତୁ ଭାରତ ପ୍ରଥିବୀର ଏପରି ଏକ ଦେଶ ଯେଉଁଠି ୧୯୫୨ ମସିହାରୁ ପରିବାର କଲ୍ୟାଣ ଯୋଜନା ଆରମ୍ଭ ହୋଇସାରିଛି ।

୧୯୮୧ ମସିହାରେ ଭାରତର ଜନସଂଖ୍ୟା ବୃଦ୍ଧି ଶତକଡ଼ା ୨·୨୨ ଥିବା ବେଳେ ୧୯୯୧ ମସିହାରେ ଏହା ହ୍ରାସ ପାଇ ୨·୧୧ରେ ପହଞ୍ଚିଛି । ତଥାପି ଏହା ଆମର ଭବିଷ୍ୟତ ଜନସଂଖ୍ୟା ନିୟନ୍ତ୍ରଣ ଲକ୍ଷ୍ୟକୁ ପୂରଣ କରିପାରିବ ନାହିଁ । ଯଦି ଭାରତର ଲୋକସଂଖ୍ୟା ପ୍ରତିବର୍ଷ ୧·୬ କୋଟି ହାରରେ ବୃଦ୍ଧି ପାଏ ତେବେ ୨୦୨୫ ମସିହା ବେଳକୁ ସ୍କୁଲ, କଲେଜ, ଡାକ୍ତରଖାନାରେ ଛିଡ଼ା ହେବା ପାଇଁ ଥାନ ଟିକେ ମିଳିବା ଜଞ୍ଜଟର ହୋଇପଡ଼ିବ । ବେକାର ସମସ୍ୟା ବୃଦ୍ଧି ପଛେ ପଛେ ଗଢିବା ପାଇଁ ଜାଗା ଟିକେ ମିଳିବା ଅସମ୍ଭବ ହୋଇପଡ଼ିବ ।

କେବଳ ଲୋକଙ୍କୁ ଗଣ୍ଡେ ଖାଇବା ପାଇଁ ଦେଇଦେଲେ ଯେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ଏପରି ଭାବିବା ବିଲ୍କୁଲ୍‌ଭର । ଯେଉଁଠି ମଣିଷର ଜୀବନ ସ୍ତର ଏବଂ ମୂଲ୍ୟବୋଧ କଥା ଉଠେ ସେଠାରେ କ'ଣ କରାଯାଇପାରେ । ବର୍ତ୍ତମାନ ଦେଶର ଶତକଡା ୫ ଭାଗ ଲୋକ ବିଳାସବ୍ୟସନରେ ଜୀବନ ଅତିବାହିତ କରୁଥିବା ସ୍ଥଳେ ଶତକଡା ୧୫ ଭାଗ ଲୋକ ସାମାନ୍ୟ ସୁବିଧା ପାଇ ବିଳାସ ବ୍ୟସନରେ ରହୁଥିବା ୫ ଭାଗ ଲୋକଙ୍କ ସମକକ୍ଷ ହେବା ପାଇଁ ଚେଷ୍ଟିତ । ବାକି ୨୦ ଭାଗ ଲୋକ ଅତି ଜଞ୍ଜରେ ଗୋଟିଏ ଓଳି ଖାଇ ଚଳି ଯାଆନ୍ତି । ଆଉ ବାକି ଲୋକଙ୍କ ଜୀବନ ଏକ ଅତିଶସ୍ତ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଜି ପର୍ଯ୍ୟନ୍ତ ଆମ ଦେଶର ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଯେତେଗୁଡ଼ିଏ ଯୋଜନା ପ୍ରସ୍ତୁତ ହୋଇଛି ତାହା ବିଶେଷ ଫଳପ୍ରଦ ହୋଇପାରି ନାହିଁ । ଏହାର କାରଣ କ'ଣ ହୋଇପାରେ ? ଏହି ବିଫଳତାକୁ ମାନି ନେଇ ଆମେ କ'ଣ ଗୋଡ଼ହାତ ବାନ୍ଧି ବସିବା ? ଏହା କେତେଦୂର ସମୀଚୀନ ? ଅନ୍ୟ ପକ୍ଷରେ ଲୋକଙ୍କ ଭିତରେ ଯଦି ସଚେତନତା ଜାଗ୍ରତ କରାଯାଇପାରିବ ତେବେ ଯାଇ ଏହି କାର୍ଯ୍ୟକ୍ରମର ସଫଳ ହେବ । ଏଇଠି ଉଠେ ଶିକ୍ଷାର କଥା । ସଚେତନତା ଜାଗ୍ରତ କରାଇବାରେ ବଡ଼ ମାଧ୍ୟମ ହେଲା ଶିକ୍ଷା । ତା ହେଉଛି ଜନସଂଖ୍ୟା ସମ୍ବନ୍ଧୀୟ ଶିକ୍ଷା ବା ଜନସଂଖ୍ୟା ଶିକ୍ଷା ; ଯାହାକି ବର୍ତ୍ତମାନ ଗଢ଼ୁଥିବା ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନର ଏକ ମୁଖ୍ୟ ଅଂଶ । ଏଇଠି ପୁଣି ପ୍ରଶ୍ନ ଉଠେ ଶିକ୍ଷା, କାହାକୁ ଦେବା ? ଯେଉମାନଙ୍କର ସନ୍ତାନ ସନ୍ତତି ଉତ୍ପାଦନ କରିବାର କ୍ଷମତା ରହିଛି ତାଙ୍କ ଛୋଟ ପରିବାରର ଆବଶ୍ୟକତା ଏବଂ ତା'ର ବିଧି ସମ୍ବନ୍ଧୀୟ ଶିକ୍ଷା ଦିଆଯାଇପାରେ । ଏହାର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ଚିନ୍ତା ଏବଂ ଚେତନାରେ ଛୋଟ ପରିବାରର ଆବଶ୍ୟକତା ତଥା ତା'ର ବିଧିକୁ ପ୍ରରାଇ ଦିଆଯିବା ; ଯାହାକୁ ସେମାନେ ଜୀବନର ମୂଳ ଲକ୍ଷ୍ୟ ରୂପେ ଗ୍ରହଣ କରିବେ । ତା'ଛଡ଼ା ଲୋକେ ଜନସଂଖ୍ୟା ଶିକ୍ଷା ମାଧ୍ୟମରେ ଜନସଂଖ୍ୟା ବୃଦ୍ଧିର କୁପରିଣାମ ଏବଂ ଏଥିପ୍ରତି ନିଜର ଦାୟିତ୍ୱବୋଧ ତଥା ବିବେକବୋଧକୁ ଜାଗ୍ରତ କରାଇବେ ।

ଯେ କୌଣସି ରାଷ୍ଟ୍ର କିମ୍ବା ସମାଜରେ ଜନସଂଖ୍ୟା ବୃଦ୍ଧି, ଶିକ୍ଷା ଏବଂ ବିକାଶ ଓତପ୍ରୋତଭାବେ ଜଡ଼ିତ । ଶିକ୍ଷା ହିଁ ମଣିଷର ଜୀବନକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର ନିରକ୍ଷର ମହିଳାମାନଙ୍କ ମଧ୍ୟରେ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାରରେ ୧୭୦ । ଯେଉଁ ମହିଳାମାନେ ପ୍ରାଥମିକ ଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ପ୍ରତି ଏକ ହଜାରରେ

୧୦୫ ଶିଶୁ ମୃତ୍ୟୁ ମୁଖରେ ପଡୁଥିବା, ଅଳେ ଯେଉଁ ମହିଳାମାନେ ମାଧ୍ୟମିକ କିମ୍ବା ତହିଁରୁ ଅଧିକ ଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାରରେ ୫୦ ମାତ୍ର। କେରଳ ହେଉଛି ଏପରି ଗୋଟିଏ ପ୍ରଦେଶ ଯେଉଁଠାରେ ସାକ୍ଷରତା ହାର ସବୁଠାରୁ ଅଧିକ। ଜନସଂଖ୍ୟା ବୃଦ୍ଧି ଏବଂ ଶିଶୁ ମୃତ୍ୟୁହାର ସବୁଠାରୁ କମ। ଏହି ରାଜ୍ୟରେ ଜନସଂଖ୍ୟା ବୃଦ୍ଧିର ହାର ଶତକଡ଼ା ୧.୩ ; ଯାହାକି ଆସନ୍ତା ୨୦୦୦ ମସିହା ସୁଦ୍ଧା ଆମ ଦେଶ ଭାରତର ଲକ୍ଷ୍ୟ ହାସଲ କରିବାର ସମ୍ଭାବନୀୟ ଧାର୍ଯ୍ୟ କରାଯାଇଥିଛି। କେରଳରେ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାରରେ ୨୦ ଥିଲାବେଳେ ଭାରତରେ ପ୍ରତି ଏକ ହଜାରରେ ୯୫ ଜଣ ଶିଶୁ ମୃତ୍ୟୁମୁଖରେ ପଡ଼ନ୍ତି। କେରଳରେ ଏସବୁ ସମ୍ଭବ ହୋଇପାରିଛି କେବଳ ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଯୋଗୁ।

ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମରେ ଲୋକଙ୍କ ମଧ୍ୟରେ ଚେତନା ଜାଗ୍ରତ କରାଇବା ପାଇଁ ଜନସଂଖ୍ୟା ଶିକ୍ଷାର ଭୂମିକା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଦୁଃଖର ବିଷୟ ଯେଉଁ କର୍ମଜଗତଗଣ ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ରହି ଲୋକମାନଙ୍କ ମଧ୍ୟରେ କିପରି ଚେତନା ଜାଗ୍ରତ କରାଯାଇ ପାରିବ ତା ସେମାନେ ଠିକ ଭାବରେ ବୁଝିପାରି ନଥିଲେ। ଏହା ହିଁ ଜନସାଧାରଣ ଏବଂ ଜନସଂଖ୍ୟା ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟରେ ବ୍ୟବଧାନ ସୃଷ୍ଟି କରୁଥିଲା। ଯାହା ଫଳରେ ଆମେ ଜନସଂଖ୍ୟା ସମ୍ବନ୍ଧୀୟ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାରେ ଅସମର୍ଥ ହେଲୁ।

ବର୍ତ୍ତମାନ ଭାରତବର୍ଷର ପ୍ରାୟ ୫୦୦ଟି ଜିଲ୍ଲା ମଧ୍ୟରୁ ୧୯୦ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ପରିଗୃଳିତ ହେଉଛି। ଓଡ଼ିଶାର ୮ଟି ଜିଲ୍ଲାରେ ଏହି ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଗୃଳିଛି। ସେ ଜିଲ୍ଲାଗୁଡ଼ିକ ହେଲା– ସୁନ୍ଦରଗଡ଼, ଗଞ୍ଜାମ, ଢେଙ୍କାନାଳ, ବଲାଙ୍ଗୀର, କେନ୍ଦୁଝର, କଳାହାଣ୍ଡି, କୋରାପୁଟ, ମାଲକାନଗିରି। ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲ୍ଲାରେ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ (Post-literacy Programme) ଆରମ୍ଭ ହୋଇ ସାରିଲାଣି।

ରାଜ୍ୟ ଜନସଂଖ୍ୟା ସାଧନ କେନ୍ଦ୍ର,
ଜନସଂଖ୍ୟା ଭବନ, ଭୁବନେଶ୍ୱର।

ନୂଆଦିଲ୍ଲୀ ପ୍ରଗତି ମଇଦାନଠାରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବୁଲି ଦେଖୁଛନ୍ତି।

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ

ଜୀବନାନନ୍ଦ ପାଣି

ସ୍ୱତନ୍ତ୍ର ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓଡ଼ିଶାର ସଂସ୍କୃତି ଏକ ଅନନ୍ୟ ଚରିତ୍ରର ଅଧିକାରୀ । ବିନ୍ଧ୍ୟ ପର୍ବତମାଳା ଭାରତକୁ ଦୁଇ ଭାଗରେ ବିଭକ୍ତ କରିଛି । ପ୍ରାଚୀନ କାଳରେ ଏହି ଅତ୍ୟୁଚ୍ଚ ପର୍ବତମାଳା ଅଲଙ୍ଘ୍ୟ ଥିଲା । ତେଣୁ ଏହାର ଉତ୍ତର ଭାଗର ସଂସ୍କୃତି ଦକ୍ଷିଣଠାରୁ ବିଭାଜିତ ହୋଇ ରହୁଥିଲା । ଓଡ଼ିଶାର ଉପକୂଳ ଅଞ୍ଚଳ ଏହି ଦୁଇ ସଂସ୍କୃତିର ମିଳନ ସ୍ଥଳ ଥିଲା । ଫଳରେ ଓଡ଼ିଶାରେ ଯେଉଁ ସାଂସ୍କୃତିକ ପରମ୍ପରାମାନେ ପ୍ରବାହିତ ହେଲେ ସେଥିରେ ଉତ୍ତର ସଂସ୍କୃତିର ତତ୍ତ୍ୱ ଏମିତି ଭାବରେ ବିଲୀନ ହେଲେ ଯେ ଏକ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ବିକଶିତ ହେବାକୁ ଲାଗିଲା । ଓଡ଼ିଆ ସାଂସ୍କୃତିକ ସ୍ୱତନ୍ତ୍ରତାକୁ ବିଶ୍ଳେଷଣ କଲେ ଉତ୍ତର ଓ ଦକ୍ଷିଣ ଭାରତୀୟ ସଂସ୍କୃତିର ତତ୍ତ୍ୱ ସୁସ୍ପଷ୍ଟ ଭାବରେ ମିଳିବ । ଉଦାହରଣ ସ୍ୱରୂପ ଓଡ଼ିଆ ଲିପିକୁ ନିଆଯାଉ । ଏହାର ବର୍ତ୍ତୁଳାକୃତି ପାଇଁ ଯିଏ ଓଡ଼ିଆ ଲିପି ପଢ଼ିଜାଣେ ନାହିଁ ସେ ଏହାକୁ ତେଲୁଗୁ, କନ୍ନଡ, ମାଲୟାଲମ୍ ବା ତାମିଲ ଭାଷାରେ ଲିପି ବୋଲି ଭାବିପାରେ । କାରଣ ଏସବୁ ଦକ୍ଷିଣ ଭାରତୀୟ ଭାଷାମାନଙ୍କର ଲିପି ଗଣା ଅଧିକେ ବର୍ତ୍ତୁଳାକୃତି । କିନ୍ତୁ ଓଡ଼ିଆ ଭାଷାର ଲିପିରେ ଥିବା ଅଧିକାଂଶ ଅକ୍ଷରର ଉପରିଭାଗର ଗୋଲାକାର ଅଂଶଟିକୁ କାଢ଼ି ଦେଇ ତା ଜାଗାରେ ଏକ ଅନୁପ୍ରସ୍ଥ ସରଳରେଖା ଟାଣିଦେଲେ ସେଗୁଡ଼ିକ ଅବିକଳ ଦେବନାଗରୀ ଲିପିର ଅକ୍ଷରମାନଙ୍କ ପରି ଦେଖାଯିବ । ଉତ୍ତର ଭାରତରେ ପ୍ରାୟ ସବୁ ଭାଷାର ଲିପି ଦେବନାଗରୀର ଅନୁସରଣ କରନ୍ତି । ଏଥିରୁ ଏହା ସୁସ୍ପଷ୍ଟ ଯେ ଓଡ଼ିଶାର କେବଳ ଲିପି ନୁହେଁ, ସମସ୍ତ ସଂସ୍କୃତିରେ ଉତ୍ତର ଓ ଦକ୍ଷିଣ ନିବିଡ଼ ଭାବରେ ମିଳିତ ହୋଇଛନ୍ତି ।

ପୂର୍ବରୁ ଓଡ଼ିଆ ସଂସ୍କୃତିର ଆତ୍ମିମୁଖ୍ୟ ହେଲା ସମାବଳନ ଓ ସଂଶ୍ଳେଷଣ । ଏହାର ଚରମ ନିଦର୍ଶନ ଜଗନ୍ନାଥ ଧର୍ମ । ଓଡ଼ିଆ ସଂସ୍କୃତି ଏବଂ ଜଗନ୍ନାଥଧର୍ମ ଗୋଟିଏ ମୁଦ୍ରାର ଦୁଇପଟ କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ । ତେଣୁ ଏ ଧର୍ମକୁ ଜଗନ୍ନାଥ ସଂସ୍କୃତି ବୋଲି କୁହାଯାଇଥାଏ । ଏଥିରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ ଏପରିକି ଶବର ଜନଜାତିର ଧାର୍ମିକ ତତ୍ତ୍ୱ ଏକୀଭୂତ ହୋଇଛି । ପୃଥିବୀର ତିନିଭାଗରୁ ଉର୍ଦ୍ଧ୍ୱ ବିଖ୍ୟାତ ନଗରରେ ବର୍ତ୍ତମାନ ଜଗନ୍ନାଥଙ୍କ ରଥଯାତ୍ରା ମହାଉତ୍ସବ ସହିତ ପ୍ରତିବର୍ଷ ଅନୁଷ୍ଠିତ ହେଉଛି । ଗଦାଦୀ ଗଦାଦୀ ଧରି ଜଗନ୍ନାଥ ପୁରୀ ଆକର୍ଷିତ କରିଛି ଉତ୍ତର ଉତ୍ତର ଓ ଦକ୍ଷିଣର ମହାପୁରୁଷମାନଙ୍କୁ । ସମସ୍ତେ ଆସି ସେମାନଙ୍କ ପ୍ରତିପାଦ ନିବେଦନ କରିଛନ୍ତି ଜଗନ୍ନାଥ ଚରଣରେ । ଉତ୍ତରରୁ ଯଦି ଆସିଛନ୍ତି ଜୈନ ମହାବୀର, ନାନକ, କବୀର, ଚୈତନ୍ୟଦେବ ଆଦି ମହାସାମାନେ, ଦକ୍ଷିଣରୁ ଆସିଛନ୍ତି ଶଙ୍କରାଚାର୍ଯ୍ୟ, ରାମାନୁଜ, ନରହରି ତୀର୍ଥ ପ୍ରମୁଖ । ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ମୃତି ଆଜିଯାକେ ଜୀବିତ ରହିଛି ପୁରୀରେ ।

ଯେଉଁ ଭୌଗୋଳିକ ଭୂଖଣ୍ଡ ଏବେ ଓଡ଼ିଆ ନାମରେ ପରିଚିତ, ପ୍ରାଚୀନ କାଳରେ ତାହା ବିଭିନ୍ନ ଭାଗରେ ନାମିତ ହୋଇ ଆସିଛି ଯଥା– କଳିଙ୍ଗ, ଉତ୍କଳ, ଓଡ୍ରଦେଶ, କୋଶଳ, ସିକଳାଙ୍ଗ ଇତ୍ୟାଦି । ଓଡ୍ରଦେଶର ଅପଭ୍ରଂଶ ହେଲା ଓଡ଼ିଶା । ମହାଭାରତ ଅନୁସାରେ ଏହି ଦେଶ ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ବର୍ତ୍ତମାନ ଯାହା ବଙ୍ଗୋପସାଗର ନାମରେ ପରିଚିତ ସେ ଉପସାଗରର ପ୍ରାଚୀନ ନାମ ଥିଲା କଳିଙ୍ଗ ଉଦଧି । ଏଥିରୁ ଅନୁମେୟ ଯେ, ପ୍ରାଚୀନ କାଳରେ ଏ ଭୂଖଣ୍ଡର ପ୍ରତିଷ୍ଠା ପୂର୍ବଭାରତର ସମସ୍ତ ଅଞ୍ଚଳମାନଙ୍କଠାରୁ ଅଧିକ ଥିଲା । ଇତିହାସ ଏହାହି ପ୍ରମାଣ କରେ ।

ଶିଶୁପାଳଗଡ଼ରେ ପ୍ରାପ୍ତ ଧ୍ୱଂସାବଶେଷରୁ ଜଣାପଡ଼େ ଯେ, ଏହି ଭୂଖଣ୍ଡ (ଯାହା ସେତେବେଳେ କଳିଙ୍ଗ ନାମରେ ପରିଚିତଥିଲା) ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ତତ୍କାଳୀନ ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଅତିଉନ୍ନତ ସ୍ଥାନ ଅଧିକାର କରିଥିଲା । ଭୌତିକ ସମ୍ପର୍କରେ ମଧ୍ୟ ଏ ଅଞ୍ଚଳ କମ୍ ଧନୀ ନଥିଲା । ସମ୍ଭବତଃ ସେଥିପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଭାରତ ଇତିହାସରେ କଳିଙ୍ଗ ଯୁଦ୍ଧ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ, କାରଣ ଏହି ଯୁଦ୍ଧ ହିଁ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା । ଏ ଯୁଦ୍ଧରେ ଲକ୍ଷାଧିକ ସୈନ୍ୟ ନିହତ ହୋଇଥିଲେ ଓ ତା'ଠାରୁ ଅନେକ ବେଶି ଅଶୋକଙ୍କ ସେନାନୀ ଦ୍ୱାରା ବନ୍ଦୀ ହୋଇଥିଲେ । ଏ ପ୍ରକାରର ଘୋର ଯୁଦ୍ଧ ଭାରତ ଇତିହାସରେ ବିରଳ । ମଗଧ ସେନାମାନଙ୍କର ନେତୃତ୍ୱ ନେଇଥିଲେ ଅଶୋକ କିନ୍ତୁ କଳିଙ୍ଗ ସେନାଙ୍କର ନେତୃତ୍ୱ କିଏ ନେଇଥିଲେ ତାଙ୍କର ନାମ ବା ସାମାନ୍ୟ ଆଭାସ ଏ ପର୍ଯ୍ୟନ୍ତ କେଉଁଠି ମିଳେନାହିଁ । ଏହା ଐତିହାସିକମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରେ । ଅନେକଙ୍କ ମତରେ ସେତେବେଳେ କଳିଙ୍ଗରେ ଦୁଏତ ନିରୁତା ଗଣତନ୍ତ୍ର ଶାସନ ପ୍ରଚଳିତ ଥିଲା. ସେଥିପାଇଁ ଆଶୋକଙ୍କର ପ୍ରତିଦ୍ୱନ୍ଦ୍ୱୀ କୌଣସି ଏକ ବ୍ୟକ୍ତି ବିଶେଷ ନଥିଲେ । ସମସ୍ତ କଳିଙ୍ଗ ସେନାନୀ ସାମୂହିକ ଭାବରେ ଅଶୋକଙ୍କର ମୁକାବିଲା କରିଥିଲେ । ଏ ଅନୁମାନ ଯଦି ସତ୍ୟ ତେବେ କେବଳ ଭାରତରେ ନାହିଁକି ସାରା ପୃଥିବୀରେ ବୋଧହୁଏ

ସର୍ବ ପ୍ରଥମେ ଓଡ଼ିଶାରେ ହିଁ ଗଣତନ୍ତ୍ର ଶାସନର ସୂତ୍ରପାତ ହୋଇଥିଲା ।

ଖଣ୍ଡଗିରି ଏବଂ ଉଦୟଗିରିରେ ଥିବା ଶିଳାଲେଖରୁ ଜଣାଯାଏ ଯେ କଳିଙ୍ଗ ଯୁଦ୍ଧରୁ ପ୍ରାୟ ଶହେ ବର୍ଷ ପରେ ଏ ଅଞ୍ଚଳର ସମ୍ରାଟ ହେଲେ ଖାରବେଳ । ତାଙ୍କର ପରାକ୍ରମ ଓ ସମର କୌଶଳ ଅଶୋକଙ୍କଠାରୁ କୌଣସି ଗୁଣରେ କମ ନଥିଲା । ତେଣୁ ସେ କଳିଙ୍ଗ ପରାଜୟର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ମଗଧ ବିଜୟ କରିଥିଲେ ଓ ତାଙ୍କର ସାମ୍ରାଜ୍ୟ ଉତ୍ତରରେ କାବୁଲ ପର୍ଯ୍ୟନ୍ତ ବ୍ୟାପ୍ତ ଜଣାପାଉଥିଲେ । ଏହି ଶିଳାଲେଖ ଅନୁସାରେ ଖାରବେଳ କେବଳ ଜଣେ ସମରଦକ୍ଷ ସମ୍ରାଟ ନଥିଲେ, ନୃତ୍ୟ ଓ ସଙ୍ଗୀତରେ ପାରଦର୍ଶିତା ହାସଲ କରିଥିଲେ ଓ ସମସ୍ତ ପ୍ରକାର କଳାର ଉତ୍ସାହୀ ପ୍ରୃଷ୍ଠପୋଷକ ଥିଲେ । ଉଦୟଗିରିରେ ଥିବା ଗୁମ୍ଫା ମନ୍ଦିର ମାନଙ୍କରେ ଅନେକ ନୃତ୍ୟ ଓ ଗୀତର ଦୃଶ୍ୟ ଖୋଦିତ ହୋଇଛି । ରାଣୀଗୁମ୍ଫାର ଗୋଟିଏ ଦୃଶ୍ୟରେ ଜଣେ ନର୍ତ୍ତକୀ ରାଜା ଓ ରାଣୀଙ୍କ ସମ୍ମୁଖରେ ନୃତ୍ୟ କରିବା ବେଳେ ପୁଷ୍ପାଞ୍ଜଳୀ ପ୍ରଦାନ କରୁଛନ୍ତି । ସମଗ୍ର ଭାରତରେ ନୃତ୍ୟ ଭଙ୍ଗୀର ଯେତେ ଦୃଶ୍ୟ ଖୋଦିତ ହୋଇଛି ରାଣୀଗୁମ୍ଫାର ଚିତ୍ର ସର୍ବପ୍ରାଚୀନ । ଏହି ପ୍ରମାଣ ଉପରେ ନିର୍ଭର କରି କୁହାଯାଇପାରେ ଯେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଶୈଳୀମାନଙ୍କ ମଧ୍ୟରେ ଓଡ଼ିଶୀ ପ୍ରାଚୀନତମ ।

ଓଡ଼ିଶାରେ ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତର ପରମ୍ପରା ମଧ୍ୟ ଅଛି । ପନ୍ଦରଶ ଏବଂ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ବିଦ୍ୱାନମାନଙ୍କ ଦ୍ୱାରା ପ୍ରାୟ ୧୨ଟି ଭିନ୍ନ ଭିନ୍ନ ଶାସ୍ତ୍ର, ସଙ୍ଗୀତ ଓ ନୃତ୍ୟ ଉପରେ ଲିଖିତ ହୋଇଥିଲା । ଏମାନଙ୍କ ମଧ୍ୟରୁ ମହେଶ୍ୱର ମହାପାତ୍ରଙ୍କ ଦ୍ୱାରା ଲିଖିତ 'ଅଭିନୟ ଚନ୍ଦ୍ରିକା' ଓଡ଼ିଶୀ ନୃତ୍ୟଶୈଳୀର ଏକ ପ୍ରାମାଣିକ ଗ୍ରନ୍ଥ । ସଙ୍ଗୀତ ଉପରେ ଲିଖିତ ଶାସ୍ତ୍ରମାନଙ୍କ ମଧ୍ୟରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି 'ଗୀତ ପ୍ରକାଶ' ; ଯାହାର ରଚୟିତା କୃଷ୍ଣଦାସ ବଡ଼ଜେନା ମହାପାତ୍ର । ସେ ଆକବରଙ୍କ ଦରବାରରେ ଜଣେ ସମ୍ମାନିତ ସଙ୍ଗୀତଜ୍ଞ ଥିଲେ । ଆବୁଲ ଫଜଲ ତାଙ୍କର 'ଆକବରନାମା' ପୁସ୍ତକରେ ଲେଖିଛନ୍ତି– 'ମହାପାତ୍ର କେବଳ ଉଚ୍ଚକୋଟୀର ସଙ୍ଗୀତଜ୍ଞ ନଥିଲେ, ସେ ଜଣେ ଉତ୍ତମ କବି ମଧ୍ୟ ଥିଲେ' । ଏହି ସବୁ ଉପଲବ୍ଧ ସଙ୍ଗୀତ ଶାସ୍ତ୍ରଗୁଡ଼ିକୁ ଭଲଭାବେ ବିଶ୍ଳେଷଣ କଲେ ଜଣାଯାଏ ଯେ, ଓଡ଼ିଶାର ସଙ୍ଗୀତ ପରମ୍ପରା ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ପଦ୍ଧତିଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଓଡ୍ର ସଙ୍ଗୀତ, ଯାହା ଏବେ ଓଡ଼ିଶା ନାମରେ ପରିଚିତ ନୃତ୍ୟ ପରି ଶାସ୍ତ୍ର ଉପରେ ଆଧାରିତ ଏବଂ ଏହାର ଗାୟନ ଶୈଳୀ ମଧ୍ୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଓଡ଼ିଶୀ ରାଗ ରାଗିଣୀରେ ଏମିତି ଅନେକ ରାଗ ଅଛି ଯାହାର ପ୍ରଚଳନ ହିନ୍ଦୁସ୍ତାନୀ ବା କର୍ଣ୍ଣାଟକୀ ପଦ୍ଧତିରେ ନାହିଁ ।

ପ୍ରଦର୍ଶନ କଳାର ପରମ୍ପରା, ଅର୍ଥାତ୍ ସଙ୍ଗୀତ ନୃତ୍ୟ ନାଟକ ପରମ୍ପରା, ଓଡ଼ିଶାରେ ଏତେ ପ୍ରାଚୀନ ଏବଂ ଏତେ ସମୃଦ୍ଧ ଯେ, କେବଳ କେରଳକୁ ଛାଡ଼ିଦେଲେ ଭାରତର ଅନ୍ୟ କୌଣସି ପ୍ରଦେଶ ଏହାର ସମକକ୍ଷ ହୋଇପାରିବ ନାହିଁ । ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ଛାଡ଼ିଦେଲେ, ଅନ୍ୟ ଏକ ଅତି ବିକଶିତ ନୃତ୍ୟ ପରମ୍ପରା ହେଲା ଛଉ । ଏ ନୃତ୍ୟର ପରମ୍ପରା ଏବେ ବି ଜୀବିତ ଅଛି ମୟୂରଭଞ୍ଜ, ନୀଳଗିରି, ବଣାଇଁ, ତାଳଚେର, ଢେଙ୍କାନାଳ ଆଦି ଅଞ୍ଚଳମାନଙ୍କରେ; ଯାହା ପୂର୍ବେ ଭିନ୍ନ ଭିନ୍ନ ସାମନ୍ତୀୟ କରଦରାଜ୍ୟ ଥିଲେ ।

ନାଟ୍ୟ ପରମ୍ପରାରେ ମଧ୍ୟ ଓଡ଼ିଶା ଅତ୍ୟନ୍ତ ସମୃଦ୍ଧ । ଯାତ୍ରା ବ୍ୟତୀତ ଅନ୍ୟ ଯେଉଁ ସବୁ ଲୋକନାଟ୍ୟ ପରମ୍ପରା ଏବେ ମଧ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ତନ୍ମଧ୍ୟରୁ ଉଲ୍ଲେଖଯୋଗ୍ୟ ହେଲା ପୁଆଁଗ, ମୋଗଲ–ତାମସା, ଦେଶୁଆନାଟ, ପ୍ରହ୍ଲାଦନାଟକ, ଦ୍ୱାରୀଲୀଳା, ବାନ୍ଧିନାଟ, କୁଞ୍ଚଲୀଳା, ରାମଲୀଳା ଇତ୍ୟାଦି ।

ପିତୁଳା ବା କୁଣ୍ଡେଇ ନାଟର ସମୃଦ୍ଧ ପରମ୍ପରା ଏବେ ମଧ୍ୟ ଓଡ଼ିଶାରେ ଜୀବିତ ଅଛି । ଶୈଳୀ ହିସାବରେ କୁଣ୍ଡେଇମାନଙ୍କୁ ଗୁରି ଭାଗରେ ବିଭକ୍ତ କରାଯାଇଥାଏ । ଯଥା:–(୧) ସୂତ୍ରଗ୍ରଥିତ ପିତୁଳା, (୨) କାଠିଗ୍ରଥିତ ପିତୁଳା, (୩) ଦସ୍ତାନା ପିତୁଳା ଏବଂ (୪) ଛାୟା ନାଟକ । ଏହି ଶେଷୋକ୍ତ ପ୍ରତିମା ନାଟକରେ ପିତୁଳାମାନ ଚମଡ଼ାରେ ତିଆରି କରାଯାଏ । ଆଲୁଅ ଆଗରେ ଏହି ପିତୁଳାମାନଙ୍କୁ ଗୋଟିଏ ପରଦା ପାଖରେ ଧରିଲେ ସେମାନଙ୍କ ଛାଇପଡ଼େ ପରଦାରେ । ଦର୍ଶକମାନେ ଏହି ଚଳନ୍ତି ଛାଇମାନଙ୍କୁ ଦେଖନ୍ତି । ଛାୟା ନାଟକର ଯେଉଁ ପରମ୍ପରା ଏବେ ବି ଢେଙ୍କାନାଳ ଜିଲ୍ଲାର ଓଡ଼ଗ ଗ୍ରାମରେ ବଞ୍ଚି ରହିଛି ତାକୁ ଲୋକେ 'ରାବଣଛାୟା' କହନ୍ତି । ଉପରୋକ୍ତ ଗୁରିପ୍ରକାର ପ୍ରତିମା ନାଟକର ପରମ୍ପରା ଓଡ଼ିଶାରେ ବଞ୍ଚି ରହିଛି ।

ଲୋକସଙ୍ଗୀତ ପରମ୍ପରାରେ ଗାଥାଗାୟନ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଭାରତର ପ୍ରତ୍ୟେକ ଅଞ୍ଚଳରେ ଗାଥାଗାୟନ ପରମ୍ପରା ଜୀବିତ ଅଛି । ଓଡ଼ିଶାରେ ତିନି ପ୍ରକାର ଗାଥାଗାୟନ ପରମ୍ପରା ଅଛି । 'ଯୋଗୀଗୀତ' ପରମ୍ପରା ଖୁବ୍ ବେଶି ବିକଶିତ ନୁହେଁ । କିନ୍ତୁ ଦାସକାଠିଆ ଓ ପାଲାଗାଆଣ ପରମ୍ପରା ଅତ୍ୟନ୍ତ ବିକଶିତ । ପାଲାଗାଆଣ, ବିଶେଷକରି ଯେତେବେଳେ ଏହା ବାଦୀପାଲା ଭାବରେ ପ୍ରସ୍ତୁତ ହୁଏ, କଳାତ୍ମକତାର ଏତେ ଉଚ୍ଚସ୍ତରରେ ପହଞ୍ଚିଯାଏ ଯେ, ଏମିତି ନାନ୍ଦନିକ ଏବଂ ଆଭିଜାତ୍ୟପୂର୍ଣ୍ଣ ପ୍ରଦର୍ଶନ କଳା ପୃଥିବୀରେ ବିରଳ ବୋଲି ମନେ ହୁଏ । କାରଣ ଏ ପ୍ରସ୍ତୁତିରେ ଅତି ଉଚ୍ଚକୋଟୀର ସଂସ୍କୃତ ତଥା ଓଡ଼ିଆ ସାହିତ୍ୟ, ଶାସ୍ତ୍ରୀୟ ସଙ୍ଗୀତ ଓ ଜଟିଳ ନୃତ୍ୟର ଅପୂର୍ବ ସଙ୍ଗମ ହୁଏ ।

ଓଡ଼ିଶାର ସ୍ଥାପତ୍ୟ ଭାସ୍କର୍ଯ୍ୟ କଳାର ସମୃଦ୍ଧି ସମଗ୍ର ବିଶ୍ୱକୁ ମୁଗ୍ଧଚକିତ କରିଛି । ମନ୍ଦିର ନିର୍ମାଣରେ ଓଡ଼ିଶାର ସ୍ଥାପତ୍ୟ କଳା ଏକ ସ୍ୱାତନ୍ତ୍ର୍ୟର ଅଧିକାରୀ । ଏହା ଭାରତୀୟ ଶିଳ୍ପ ଶାସ୍ତ୍ରରେ ବର୍ଣ୍ଣିତ 'ନାଗର' ଶୈଳୀରେ ଅନ୍ତର୍ଭୁକ୍ତ ହେଲେ ମଧ୍ୟ କଳିଙ୍ଗ ଶୈଳୀର ସ୍ୱାତନ୍ତ୍ର୍ୟ ସର୍ବସ୍ୱୀକୃତ । ଏହି ଶୈଳୀରେ ତିନି ପ୍ରକାରର ନିର୍ମାଣ ହୋଇଥାଏ ଯାହା ସ୍ଥାନୀୟ ଓଡ଼ିଆ ଭାଷାରେ କୁହାଯାଏ ରେଖା ଦେଉଳ, ପିଢ଼ା ଦେଉଳ ଓ ଖାଖରାଦେଉଳ । ଓଡ଼ିଶାର ମନ୍ଦିରମାନଙ୍କରେ ସାଧାରଣତଃ ଦୁଇଟି ଅଂଶ ଥାଏ ଯଥା – ଦେଉଳ ଓ ଜଗମୋହନ । ଦେଉଳ ଭିତରେ ବିଗ୍ରହଙ୍କର ପ୍ରତିଷ୍ଠା କରାଯାଇଥାଏ ଏବଂ ଜଗମୋହନରେ ଆସି ଭକ୍ତମାନେ ବ୍ରହ୍ମ ଦୁଅନ୍ତି ଦର୍ଶନ ପାଇଁ । ମହତ୍ତ୍ୱପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ମନ୍ଦିରରେ ଆଉ ଦୁଇଟି ବା ଅନ୍ୟୂନ ଗୋଟିଏ ଅଂଶ ଯୋଡ଼ା ଯାଇଥାଏ ।

ସେମାନଙ୍କୁ କୁହାଯାଏ ନାଟମଣ୍ଡପ ଏବଂ ଭୋଗମଣ୍ଡପ। ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଏ ଗୁଡ଼ୋଟିଯାକ ଅଂଶ ନିର୍ମିତ ହୋଇଛି। ଦେଉଳର ନିର୍ମାଣ ଶୈଳୀ ରେଖା ନାମରେ ନାମିତ। ଜଗମୋହନର ନିର୍ମାଣ ଶୈଳୀ ହେଲା ପିଢ଼ା। କେବଳ ବୈତାଳ ଓ ଗୌର ମନ୍ଦିରକୁ ଛାଡ଼ି ଦେଲେ ଭୁବନେଶ୍ୱରରେ ଖାଖରା ଶୈଳୀର ମନ୍ଦିର ନାହିଁ।

ଓଡ଼ିଶାର ଭାସ୍କର୍ଯ୍ୟ କଳାର ପରାକାଷ୍ଠା ମଧ୍ୟ ମନ୍ଦିରମାନଙ୍କରେ ହିଁ ଦେଖିବାକୁ ମିଳେ। ଭାରତୀୟ ସଂସ୍କୃତିର ଅନୁପରଣ କରି ଓଡ଼ିଶାର ସଂସ୍କୃତିରେ କେବଳ କଳାସୃଜତା କଳାର ଲକ୍ଷ୍ୟ ନୁହେଁ। ସମସ୍ତ ପ୍ରକାରର କଳା ତଥା ମନୁଷ୍ୟର ସମଗ୍ର ଜୀବନ ଈଶ୍ୱରୀୟ ଅଭିବ୍ୟକ୍ତି ବୋଲି ପରିଗଣିତ ହୁଏ। ସେଥିପାଇଁ କଳାକାରର ଏକମାତ୍ର ଲକ୍ଷ୍ୟ ଥିଲା ଦିବ୍ୟ ବାସ୍ତବତାର ଅଲୌକିକ ସୌନ୍ଦର୍ଯ୍ୟକୁ କଳାରେ ପ୍ରକଟିତ କରିବା। କଳାକାରର ବିଶ୍ୱରେ ସବୁ ପବିତ୍ର ସବୁ ଶୁଦ୍ଧ। ସେଣ୍ଡୁ ଭାସ୍କର୍ଯ୍ୟ କଳାରେ ଜୀବନର କୌଣସି ଦିଗ ଅବହେଳିତ ନୁହେଁ। ମନ୍ଦିରର ଭିତ୍ତିମାନଙ୍କୁ ଦେଖିଲେ ମନେ ହୁଏ ଓଡ଼ିଶାର ଭାସ୍କରମାନେ ଭାବୁଥିଲେ ଯେ, ଯେଉଁ ଥାସ୍ତନ ଅଳଙ୍କୃତ ନୁହେଁ ତାହା ବନ୍ଧ୍ୟା, ନିରସ ଓ ବ୍ୟର୍ଥ। ସେଥିପାଇଁ ମନ୍ଦିରର ଭିତ୍ତିମାନ ଅପୂର୍ବ କାରୁକାର୍ଯ୍ୟରେ ଅଳଙ୍କୃତ। ଅଳଙ୍କରଣ ପାଇଁ ଯେତେ ସବୁ ଭିନ୍ନ ଭିନ୍ନ ଉପାଦାନ ଓଡ଼ିଆ ଭାସ୍କରମାନେ କଳ୍ପନା କରିଛନ୍ତି ତନ୍ମଧ୍ୟରୁ ସର୍ବୁଠାରୁ ପ୍ରଦାନ ଓ ମହତ୍ତ୍ୱପୂର୍ଣ୍ଣ ହେଲା ନାଗୀ ଶରୀରର ଲାବଣ୍ୟମୟ ଭଙ୍ଗିମା ଯାହା ବିକଶିତ ହୁଏ ନୃତ୍ୟରେ ବା ଥାଳପ୍ୟରେ। ଓଡ଼ିଶୀ ନୃତ୍ୟରେ ଯେତେ ପ୍ରକାରର ଭଙ୍ଗୀ ଅଛି ସେସବୁ ମନ୍ଦିରର ଭାସ୍କର୍ଯ୍ୟ କାରୁକାର୍ଯ୍ୟରେ ଅତ୍ୟନ୍ତ ନିପୁଣତା ସହିତ ଖୋଦିତ। ମନ୍ଦିରର ଭିତ୍ତିମାନଙ୍କୁ ଅଳଙ୍କୃତ କରୁଥିବା ଅଳସକନ୍ୟା ଓ ଶାଳଭଞ୍ଜିକାମାନେ ସାବସ୍ତ କରନ୍ତି ଯେ, ନୃତ୍ୟ ନ କରୁଥିବା ନାରୀ ଶରୀର ଫୁଲ ପରି ଲଳିତ ଓ ଲାବଣ୍ୟମୟ।

ଓଡ଼ିଶାର ସାହିତ୍ୟ ଐତିହ୍ୟର ଦୁଇଟି ପର୍ଯ୍ୟାୟ ଅଛି। ପ୍ରଥମ ପର୍ଯ୍ୟାୟରେ ଅତି ସଂସ୍କୃତ ରଚନା। ଏ ବିଭାଗର ତିନୋଟି ଉତ୍କୃଳ ମଣି ହେଲେ ମୁରାରି ମିଶ୍ରଙ୍କ 'ଅନର୍ଘରାଘବ' (ନବମ ଶତାବ୍ଦୀ), କୃଷ୍ଣମିଶ୍ରଙ୍କ 'ପ୍ରବୋଧଚନ୍ଦ୍ରୋଦୟ' (ଏକାଦଶ ଶତାବ୍ଦୀ) ଓ ଜୟଦେବଙ୍କ 'ଗୀତଗୋବିନ୍ଦ' ବିଶ୍ୱନାଥଙ୍କ 'ସାହିତ୍ୟଦର୍ପଣ' କାବ୍ୟ ନୁହେଁ କିନ୍ତୁ କାବ୍ୟଶାସ୍ତ୍ରର ଏକ ପ୍ରାମାଣିକ ଗ୍ରନ୍ଥ।

ଦ୍ୱିତୀୟ ପର୍ଯ୍ୟାୟରେ ଆସେ ଓଡ଼ିଆ ସାହିତ୍ୟ। ଓଡ଼ିଆର ଆଦିକବି ହେଲେ ପାଗଳା ଦାସ। ତାଙ୍କ ପରେ ପଞ୍ଚସଖା। ତା'ପରେ ଗୀତିଯୁଗୀୟ କବିମାନେ, ଯାହାଙ୍କ ମଧ୍ୟରୁ ଉପେନ୍ଦ୍ରଭଞ୍ଜ, ବଳଦେବ ରଥ, ଗୋପାଳକୃଷ୍ଣ ଅଭିମନ୍ୟୁ ସାମନ୍ତ ସିଂହାର ଦୀନକୃଷ୍ଣ ଦାସ, ଭକ୍ତଚରଣ ଦାସ ଆଦି ପ୍ରମୁଖ।

ଓଡ଼ିଶାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ ଅନନ୍ୟ ସାଂସ୍କୃତିକ ଐତିହ୍ୟ ହେଲେ ଜଗନ୍ନାଥ। ଏମିତି ମୂର୍ତ୍ତି ବା ଏମିତି ଧର୍ମର ପରିକଳ୍ପନା ଯେଉଁ ସଂସ୍କୃତି କରିପାରିଛି ତାହା ବିଶ୍ୱର ସାଂସ୍କୃତିକ ନେତୃତ୍ୱ ନେବାର ଅଧିକାର ରଖେ କହିଲେ ଅତ୍ୟୁକ୍ତି ହେବନାହିଁ।

ନିର୍ଦ୍ଦେଶକ, ବଅକ କେନ୍ଦ୍ର,
ନୂଆଦିଲ୍ଲୀ।

ଜଟଣୀ ଉଚ୍ଚ ଇଂରାଜୀ ବିଦ୍ୟାଳୟଠାରେ ଆୟୋଜିତ ପ୍ରାଣନାଥ ଜୟନ୍ତୀ ଉତ୍ସବରେ
ବିଧାନସଭା ବାଚସ୍ପତି ଶ୍ରୀ ସୁଧୀର ଦାସଙ୍କ ଅଭିଭାଷଣ।

ଫକୀର ମୋହନଙ୍କ ଉପନ୍ୟାସରେ ଓଡ଼ିଶାର ସାମାଜିକ ଦୃଶ୍ୟପଟ

ଡକ୍ଟର ଶଶଧର ଦାସ

ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କଥା ସମ୍ରାଟ ଫକୀର ମୋହନ ସେନାପତି କେବଳ ଜଣେ ଔପନ୍ୟାସିକ ନଥିଲେ, ସେ ଥିଲେ ଓଡ଼ିଆ ଜାତିର ଜଣେ ଶ୍ରେଷ୍ଠ ଦିଗ୍‌ଦର୍ଶକ। ଜୀବନ୍ତ ସ୍ୱଦେଶ ପ୍ରୀତି ହିଁ ତାଙ୍କ ବ୍ୟକ୍ତି–ଜୀବନକୁ ଖୁବ୍ ବେଶୀ ଅନୁପ୍ରାଣିତ କରିଥିଲା। ପ୍ରଥମତଃ ସେ ଜଣେ ସଂସ୍କାର ବାଦୀ ସଚେତନ ବ୍ୟକ୍ତି ସତ୍ତାଟିଏ ହୋଇଥିବାରୁ ନିଜ ଜୀବନର ସକଳ କର୍ମ, ଚିନ୍ତା, ସାଧନା ଓ ତ୍ୟାଗର ଜୀବନ୍ତ ଆଲେଖ୍ୟ ରୂପେ ଏ ଜାତିର ଭାଷା ସାହିତ୍ୟକୁ ଗୁଡ଼ିଗୋଟି ଅମୂଲ୍ୟ ସମ୍ପଦ ଦାନ କରି ଯାଇଛନ୍ତି। ଉପନ୍ୟାସ ରଚନାର ପଥ ଆବିଷ୍କାର କରି ସେ ତାଙ୍କର ପରବର୍ତ୍ତୀ ବହୁ ଔପନ୍ୟାସିକଙ୍କୁ କେବଳ ପ୍ରଭାବିତ କରି ଯାଇନାହାନ୍ତି, ଉପନ୍ୟାସ ସୃଷ୍ଟି ନିମିତ୍ତ ପ୍ରେରଣା ପ୍ରଦାନ କରି ଯାଇଛନ୍ତି। ଫଳରେ କଥା ସାହିତ୍ୟ ଭଳି ଏକ ନିଛକ ଜୀବନଧର୍ମୀ କଳା ସୃଷ୍ଟି କରିବାରେ ତାଙ୍କ ପରେ ବହୁ ସାହିତ୍ୟିକ ଲେଖନୀ ଗୁଳନା କରିଛନ୍ତି। ସଂକ୍ଷେପରେ କୁହାଯାଇପାରେ ଯେ ଫକୀର ମୋହନ ତାଙ୍କ ଉପନ୍ୟାସ ଜଗତରେ ଯୁଗଚେତନାର ସ୍ପଷ୍ଟ ସଂକେତ ପ୍ରଦାନ କରିଯାଇଛନ୍ତି। ଓଡ଼ିଆ ଉପନ୍ୟାସର ପ୍ରାଥମିକ କାଳରେ ସମାଜ ଓ ସମସ୍ୟର ପ୍ରତିଛବିକୁ ସେ କଳାତ୍ମକ ଭାବରେ ପରିବେଷଣ କରି ପାରିଛନ୍ତି। ଉପନ୍ୟାସ ସାହିତ୍ୟ ପାଇଁ ବହୁ ନୂଆ କଥା, ନୂଆ ଚେତନା ଓ ନୂତନ ମୂଲ୍ୟବୋଧର ସୂଚନା ତାଙ୍କ ଉପନ୍ୟାସମାନଙ୍କରୁ ମିଳିଥାଏ।

ଉତ୍କଳ ଓ ସର୍ବଭାରତୀୟ ପରମ୍ପରା ଓ ଐତିହ୍ୟକୁ ଦୃଢ଼ ବିଶ୍ୱାସ କରୁଥିବାରୁ ଫକୀର ମୋହନ ଜଣେ ନୀତିବାଗୀଶ ଭାବରେ ନୁହେଁ, ଜଣେ ସଂସ୍କାର ଲିପ୍ସୁ ଆବେଦନ ଧର୍ମୀ କଳାକାର ଭାବରେ ସମାଜର ପ୍ରତ୍ୟେକ ଶ୍ରେଣୀର ମୁଖା ଖୋଲିଦେଇ ଯଥୋଚିତ ଚରିତ୍ର ମାଧ୍ୟମରେ ସେ ସବୁର ସ୍ପଷ୍ଟ ପରିପ୍ରକାଶ କରିଯାଇଛନ୍ତି। ବିଦେଶୀ ସଂସ୍କୃତି ଓ ସଭ୍ୟତାପିଷ୍ଟ ଗୋଟିଏ ଅଧଃପତିତ ଜାତିକୁ ପୁନର୍ଜାଗରଣ ପଥରେ ଆଗେଇ ଆଣି, ସାହିତ୍ୟ ମାଧ୍ୟମରେ ସେ ଜାତିର ସାମାଜିକ ଚେତନା ଓ ନୈତିକ ମୂଲ୍ୟବୋଧକୁ ଯୁଗର ଆହ୍ୱାନରେ ପରିବର୍ତ୍ତିତ କରାଇ ଓଡ଼ିଆ ଉପନ୍ୟାସ ସାହିତ୍ୟର ଉବିଷ୍ୟତ ପାଇଁ ସେ ଅନେକ ଆଶାର ଭିତ୍ତି ସ୍ଥାପନ କରିଯାଇଛନ୍ତି। ଅତଏବ ଫକୀର ମୋହନ ତତ୍କାଳୀନ ସମାଜର କିଛି ଧରାବନ୍ଧା ନୈତିକତାର ପ୍ରସଙ୍ଗ ପରିବେଷଣ କରିଥିଲେ ହେଁ ଆଗାମୀ ସମସ୍ୟ ଓ ସମାଜ ପାଇଁ ପରିବର୍ତ୍ତିତ ପରିସ୍ଥିତିରେ ଅନୁସ୍ରୁତ ହେବାକୁ ଥିବା ମୂଲ୍ୟବୋଧ ଓ ବିଶ୍ୱାସ ସମ୍ପର୍କରେ ଅନେକ ଉପନ୍ୟାସରେ ସୂଚନା ପ୍ରଦାନ କରିଛନ୍ତି। ତେଣୁ ତାଙ୍କ ସାହିତ୍ୟ ଗୋଟିଏ କାଳର ନହୋଇ ସାର୍ବକାଳୀକ ସାହିତ୍ୟର ମର୍ଯ୍ୟାଦା ଲାଭ କରିପାରିଛି।।

ଫକୀର ମୋହନଙ୍କର ସଫଳ ଉପନ୍ୟାସ ହେଉଛି "ଛ' ମାଣ ଆଠଗୁଣ୍ଠ" ଏବଂ ଏହା ଓଡ଼ିଆ ସାହିତ୍ୟର ପ୍ରଥମ ପାର୍ଥକ ଉପନ୍ୟାସ। ତତ୍କାଳୀନ ଓଡ଼ିଶାର ସାମାଜିକ ପରିସ୍ଥିତି, ରାଜନୈତିକ ପରିବେଶ ଓ ଜନଜୀବନର ଅନୁଭୂତିକୁ ନିଜସ୍ୱ ଅନୁଭୂତିରେ ସିଦ୍ଧ କରି ସେ ଏହି ଉପନ୍ୟାସଟି ରଚନା କରିଛନ୍ତି। ଏହି ଉପନ୍ୟାସରେ ସାମାଜିକ ଜୀବନର ଅବ୍ୟବସ୍ଥା, ଜାତୀୟ ଜୀବନର ଅଧଃପତନ ତଥା ସାଂସ୍କୃତିକ ଓ ନୈତିକ ଜୀବନର ବିପନ୍ନ ଅବସ୍ଥାର ଚିତ୍ର ନିଖୁଣ ଭାବରେ ଚିତ୍ରିତ ହୋଇଛି। ସମସାମୟିକ ଇତିହାସ ଓ ସାମାଜିକ ଜୀବନ ଖୁବ୍ ଜୀବନ୍ତ ଭାବରେ ପ୍ରତିବିମ୍ବିତ ହୋଇପାରିଛି। ଓଡ଼ିଶା ଇତିହାସର ଦୀର୍ଘ ତିନି ଶତାବ୍ଦୀର ଅନ୍ଧକାରାଚ୍ଛନ୍ନ ଇତିହାସ ଉପରେ ଆଲୋକପାତ କରି ଓଡ଼ିଆ ଜାତି ଆଗରେ ଏକ ନୂତନ ଇତିହାସ ସୃଷ୍ଟି କରିଯାଇଛନ୍ତି।

ବ୍ରିଟିଶ୍ ରାଜତ୍ୱରେ ଭାରତର ଅର୍ଥନୀତିକ ସାମ୍ରାଜ୍ୟବାଦର ସଙ୍ଗଠନ ଭିତରେ ଯେଉଁ ବୈପ୍ଳବିକ ସାମାଜିକ ପରିବର୍ତ୍ତନ ଦେଖା ଦେଇଥିଲା ତଥା ଶିଳ୍ପ ଓ ବାଣିଜ୍ୟର ପ୍ରବର୍ତ୍ତନ ଫଳରେ ଉତ୍କଳୀୟ କୃଷିଜୀବୀ ପଲ୍ଲୀବାସୀଙ୍କ ଜୀବନରେ ଯେଉଁ ଚରମ ଦୁର୍ଦ୍ଦଶାର ସୂତ୍ରପାତ ହୋଇଥିଲା ଏବଂ ଭାତ ସାଙ୍ଗକୁ ଲୁଣର ଆବଶ୍ୟକତା ପାଇଁ ଯେତେବେଳେ ଓଡ଼ିଶାର କୃଷକକୁ ବିଲାତି ବଜାର ଦର ଉପରେ ନିର୍ଭର କରିବାକୁ ପଡୁଥିଲା, ସେହି ଭଳି ଏକ ସାମାଜିକ ବୈପ୍ଳବିକ ପରିବର୍ତ୍ତନର ପୃଷ୍ଠଭୂମି ଉପରେ ଫକୀର ମୋହନଙ୍କ ଉପନ୍ୟାସର ସୌଧ ନିର୍ମିତ ହୋଇଥିଲା। ଉଛଟ ଭୂମି ଲୋଭୀ ନୂତନ ଭୂ–ସ୍ୱାମୀମାନଙ୍କର ଶଠତା ଓ ନୀଚତା ଯେଉଁଭଳି ଭାବରେ ନିରୀହ ଉତ୍କଳୀୟ ପଲ୍ଲୀବାସୀଙ୍କର ଶାନ୍ତକୋମଳ ପାରିବାରିକ ଜୀବନକୁ ବିପର୍ଯ୍ୟସ୍ତ କରିଥିଲା ତା'ର ଜୀବନ୍ତ ଚିତ୍ର ଓ ଚରିତ୍ର ହିଁ "ଛ' ମାଣ ଆଠଗୁଣ୍ଠ" ଉପନ୍ୟାସରେ ସ୍ପଷ୍ଟ ଭାବେ ବର୍ଣ୍ଣିତ ହୋଇଛି। ଓଡ଼ିଆ ଜାତିର ଅଧଃପତନ ଓ ଅନୁନ୍ନତ ଅବସ୍ଥା ପ୍ରତି ଫକୀର ମୋହନୀୟ ସ୍ରଷ୍ଟା ମାନସ ଖୁବ୍ ବେଶୀ ସମ୍ବେଦନଶୀଳ ହୋଇଥିବାର ଲକ୍ଷ୍ୟ କରାଯାଏ। ଏହାର ପ୍ରମାଣ ସ୍ୱରୂପ ତାଙ୍କର ସମସ୍ତ ଉପନ୍ୟାସରେ ନିଛକ ଜାତୀୟତାବାଦ ଓ ସୁସ୍ଥ ମାନବ ପ୍ରେମ ହିଁ ଉଦ୍‌ଭାସିତ ହୋଇ ଉଠିଛି। ଫଳତଃ ଏହି ଉଦାର ମାନବବାଦ ହିଁ ଫକୀର ମୋହନ ଓ ତାଙ୍କ ଉପନ୍ୟାସଗୁଡ଼ିକୁ

ଉଚ୍ଚ ସିଂହାସନରେ ଆସୀନ କରାଇ ପାରିଛି। ତତ୍କାଳୀନ ଅଞ୍ଚଳୀୟ ସମାଜର ଦୁଇଟି ଅର୍ଥନୈତିକ ଶ୍ରେଣୀର ଚିତ୍ର ଓ ଚରିତ୍ର 'ଛ' ମାଣ ଆଠଗୁଣ୍ଠ" ଉପନ୍ୟାସରେ ସ୍ଥାନ ପାଇଛି। ଏକ ପାର୍ଶ୍ୱରେ ଧନଲୋଭୀ ପୁଞ୍ଜିପତି ଶୋଷକ ଗୋଷ୍ଠୀ (ରାମଚନ୍ଦ୍ର ମଙ୍ଗରାଜ) ଓ ଅପର ପକ୍ଷରେ ଶୋଷଣପିଷ୍ଟ ଦୀନ ଦରିଦ୍ର ନିପୀଡ଼ିତ ମାନବାତ୍ମା ଘୋଗିଆ–ଭଗିଆର ଜୀବନ କାହାଣୀ ହିଁ ସେନାପତି ସୃଷ୍ଟି ମାନସର ଦୁଇଟି ପ୍ରବାହିତ ସ୍ରୋତ। ଏ ଜାତିର ଦ୍ୱନ୍ଦ୍ୱାତ୍ମକ ଓ ସାମାଜିକ ଦୃଶ୍ୟପଟ ଚିହ୍ନିବାରେ ସେ ଥିଲେ ଜଣେ ଦକ୍ଷ ଶୁଣିଆ। ଅନ୍ୟାୟ, ଅତ୍ୟାଚାର ଓ ଶଠତା ବିରୁଦ୍ଧରେ ସେ ବିପ୍ଳବର ଅଗ୍ନିବାଣ ସୃଷ୍ଟି କରିଯାଇଛନ୍ତି।

"ଲଛମା"ଉପନ୍ୟାସ ଦେଉଛି ଓଡ଼ିଶାର କଳଙ୍କିତ ବର୍ଗୀଶାସନର ଏକ ଜୀବନ୍ତ ଚିତ୍ର। ୧୭୫୧ରେ ଓଡ଼ିଶା ମରହଟ୍ଟା ବର୍ଗୀମାନଙ୍କର ଶାସନାଧୀନ ହେବା ଫଳରେ ଇଂରେଜ–ମରହଟ୍ଟା ସଂଘର୍ଷରେ ଓଡ଼ିଆ ଜାତି ଏକ ଅବର୍ଣ୍ଣନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲା। ବର୍ଗୀମାନଙ୍କର ଅମାନୁଷିକ ଅତ୍ୟାଚାର ଫଳରେ ଉତ୍କଳ ଭୂ–ଖଣ୍ଡ ହତଶ୍ରୀ ହୋଇପଡ଼ିଥିଲା। ୧୮୦୩ ଖ୍ରୀଷ୍ଟାବ୍ଦରେ ଭୋନ୍‌ସଲା ରାଜା ଇଂରେଜମାନଙ୍କୁ ଓଡ଼ିଶାର ଭାଗ୍ୟ ଓ ଭବିଷ୍ୟତ ହସ୍ତାନ୍ତର କରିବା ଫଳରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଏକ ରଜସ୍ୱିତ ଅଧ୍ୟାୟ ସୃଷ୍ଟି କଲା। ଫକୀର ମୋହନ ତାଙ୍କ ବୁଢ଼ୀମା'ଙ୍କଠାରୁ ବର୍ଗୀ ଆକ୍ରମଣ ଓ ଅମାନୁଷିକ ଅତ୍ୟାଚାରର କାହାଣୀ ପିଲାଦିନେ ଶୁଣିଥିବେ, କାରଣ ସେତେବେଳେ ଓଡ଼ିଶାର ପୁରପଲ୍ଲୀରେ ଏହା ଏକ ଲୋକ କାହାଣୀରେ ପରିଣତ ହୋଇପାରିଥିଲା। ଭୂତ–ପ୍ରେତର ଭୟ ପରି ବର୍ଗୀମାନଙ୍କୁ ଲୋକେ ଭୟ କରୁଥିଲେ। ବୁଢ଼ୀମା'ର ସେହି ଲୁପ୍ତ ଭିଜା କାହାଣୀ ଫକୀର ମୋହନଙ୍କୁ ପରବର୍ତ୍ତୀ ସମୟରେ ଲଛମା ଭଳି ଏକ କାଳଜୟୀ ଉପନ୍ୟାସ ସୃଷ୍ଟି କରିବାରେ ଅନୁପ୍ରାଣିତ କରିଥିବାର ଅନୁମାନ କରାଯାଏ। ଏଦାର ଚରିତ୍ରଗୁଡ଼ିକ କାଳ୍ପନିକ ଜଣାଯାଉଥିଲେ ହେଁ ଘଟଣା ପ୍ରବାହ ସମ୍ପୂର୍ଣ୍ଣ ଐତିହାସିକ। ବର୍ଗୀ ଶାସନର ରଜସ୍ୱିତ ଶାସନ ହିଁ ଲଛମା ଉପନ୍ୟାସର ପୃଷ୍ଠଭୂମି। ମରହଟ୍ଟା ଶାସନର ପ୍ରକୃତିପୀଡ଼ନ ଓ ତତ୍‌ଜନିତ ପ୍ରତିହିଂସାର ସ୍ୱର ଏହି ଉପନ୍ୟାସରେ ଜୀବନ୍ତ ଭାବରେ ଉତ୍‌କୀର୍ଣ୍ଣ ହୋଇଛି। ଏକ ସମାଜଧର୍ମୀ ଐତିହାସିକ ଉପନ୍ୟାସ ଭାବରେ ଫକୀର ମୋହନଙ୍କ ସୃଷ୍ଟି ପ୍ରତିଭାକୁ ଏହା ସ୍ୱୀକୃତ କରୁଥିଛି।

"ମାମୁଁ ଉପନ୍ୟାସରେ ବିଲାତି ଶିକ୍ଷା ଓ ଭାରତୀୟ ସମାଜର ପରିବର୍ତ୍ତିତ ଦୃଶ୍ୟପଟ ନିଜକ ଭାବରେ ପରିବେଷିତ ହୋଇଛି। ସାମନ୍ତବାଦର ଅବକ୍ଷୟ ଫଳରେ ଇଂରେଜ ଶାସନ ଅମଳରେ ଏକ ନବ୍ୟ ଶିକ୍ଷିତ ଉଚ୍ଚତର ସାମାଜିକ ଶ୍ରେଣୀ ଜନ୍ମ ଲାଭ କଲା ଯେଉମାନେ ଇଂରେଜମାନଙ୍କର ପାଖ ଲୋକ ହିସାବରେ ସମସ୍ତ ପ୍ରକାର ସାମାଜିକ ଓ ଅର୍ଥନୈତିକ ସୁବିଧା ହାସଲ କରିବାକୁ ଲାଗିଲେ। ଫଳରେ "ଛ' ମାଣ ଆଠଗୁଣ୍ଠ"ର ରାମଚନ୍ଦ୍ର ମଙ୍ଗରାଜ, ମାମୁଁ ଉପନ୍ୟାସରେ ନାଜର ନଟବର ଦାସରେ ପରିଣତ ହେଲେ। ଏହି ଉପନ୍ୟାସ ଅମଲାତାନ୍ତ୍ରିକ ଶୋଷଣ ଓ ଶଠତାର ଏକ ଜୀବନ୍ତ ଚିତ୍ର। କୁହାଯାଇପାରେ ଯେ ମୁଖ୍ୟ ଚରିତ୍ର ମାମୁଁ ନାଜର ନଟବର ଦାସ ମଙ୍ଗରାଜ ଚରିତ୍ରର ଏକ ସମସ୍ୱଙ୍ଗମିକ ଅଗ୍ରଗତି। ଏହି ଉପନ୍ୟାସର ଅନ୍ୟ ଗୌଣ ଚରିତ୍ର ଚିତ୍ରକଳା ଓ ପ୍ରଭୁଦୟାଲ "ଛ' ମାଣ ଆଠଗୁଣ୍ଠ"ର ଚମ୍ପା, ଗୋବରା ଜେନା କିମ୍ବା ରାମରାମଲାଲାଙ୍କର ଏକ ପରିବର୍ତ୍ତିତ ରୂପ। ଏହି ଉପନ୍ୟାସରେ ଶୋଷଣ ଓ ପଇତାନି ମନୋବୃତ୍ତି ତୀକ୍ଷ୍ଣ ଓ ତୀବ୍ରତର ହୋଇଛି। ମାମୁଁ ଉପନ୍ୟାସ ଦେଉଛି ଉନବିଂଶ ଶତାବ୍ଦୀର ଉତ୍କଳୀୟ ସାମାଜିକ ଜୀବନର ଏକ ସାର୍ଥକ କଳାତ୍ମକ ଅଭିବ୍ୟକ୍ତ।

ଫକୀର ମୋହନଙ୍କ "ପ୍ରାୟଶ୍ଚିତ" ଉପନ୍ୟାସ ଏକ ଅଧଃପତିତ ଜାତିର ପ୍ରାୟଶ୍ଚିତ ସ୍ୱରୂପ ହୋଇଛି। "ଛ' ମାଣ ଆଠଗୁଣ୍ଠ" ଓ "ମାମୁଁ"ର ଶୋଷକ ଗୋଷ୍ଠୀ। ଲଛମାର କ୍ଷୟିଷ୍ଣୁ ସାମନ୍ତବାଦ "ପ୍ରାୟଶ୍ଚିତ'ରେ ଏକ ସଂସ୍କୃତି ସଂପନ୍ନ ଧର୍ମ ବିଶ୍ୱାସୀ ସାର୍ବଜନୀନ ମାନବବାଦ ନିକଟରେ ନିଜର କୃତକର୍ମ ପାଇଁ ପ୍ରାୟଶ୍ଚିତ ଖୋଜିଛି। ଇଂରାଜୀ ଶିକ୍ଷା ପ୍ରତି ଅସହଯୋଗ ମନୋଭାବ, ପଲ୍ଲୀ ଜୀବନର ସଂସ୍କାର କାମନା, ଇଂରାଜୀ ସଭ୍ୟତାରେ ଅନ୍ଧ, ଶଠ ପ୍ରତାରକ ଓ ଉତ୍କଳୀୟ ସାମନ୍ତବାଦ ମଧ୍ୟରେ ସଘର୍ଷ ପ୍ରାୟଶ୍ଚିତ ଉପନ୍ୟାସର କଥାବସ୍ତୁକୁ ଗତିମୁଖର କରାଇଛି। ଏ ଉପନ୍ୟାସର ଚରିତ୍ର ସଦାନନ୍ଦ, ଗୋବିନ୍ଦଚନ୍ଦ୍ର ଓ ଶଙ୍କର୍ଷଣ ମହାନ୍ତି ଭିନ୍ନ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ଏହି ଓଡ଼ିଶା ମାଟିର ଜୀବନ୍ତ ମଣିଷ ଭଳି ଜଣାଯା'ନ୍ତି। ଉପନ୍ୟାସର ଚରିତ୍ର ଗୋବିନ୍ଦ ମୁହଁରେ ବିଷାଦ ସଙ୍କୁଳ ସଂସାରରେ ମଣିଷର ଭାଗ୍ୟ, କୃତକର୍ମର ଫଳ ଏବଂ ସର୍ବୋପରି ବ୍ୟକ୍ତି ଓ ଜାତିର ଉନ୍ନତି ବିଧାନରେ ଧର୍ମର ସହାୟତା ସମ୍ପର୍କରେ ଅନେକ କଥା କୁହାଇଛନ୍ତି। ଫକୀର ମୋହନ ତାଙ୍କର ସମଗ୍ର ଉପନ୍ୟାସ ବୃତ୍ତିରେ ସାମାଜିକ ବିପ୍ଳବର ଧାରାକୁ ମୁଖ୍ୟଭାବରେ ଗ୍ରହଣ କରିଛନ୍ତି।

ସହ ସମ୍ପାଦକ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର।

ଦିଗ୍‌ଦର୍ଶକ ଶଶିଭୂଷଣ

ଶ୍ରୀ କୁଞ୍ଜବିହାରୀ ନାୟକ

ବି°ଶ ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକ, ସେହି ସମୟରେ ଗଞ୍ଜାମ ପ୍ରତିଶୋଧ ଓ ପ୍ରତିରୋଧର ଏକ ପମର ଷେତ୍ର ଥିଲା । ରାଜ୍ୟରେ ପ୍ରଜାପୀଡ଼ନ, ଅଗଷ ପ୍ରତି ରକ୍ଷଣଶୀଳ ସମାଜର ଉତ୍‌ପୀଡ଼ନ ଓ ସଫଳ ହୀନ ଗରୀବଙ୍କ ପ୍ରତି ସଫଳଶୀଳଙ୍କର ଶୋଷଣ ଚୂଳ ସଶୀ ହୋଇପଡ଼ିଥିଲା । ଏକ ଦିଗରେ ବ୍ରିଟିଶ୍ ସରକାରଙ୍କ ବଧିରତା ଓ ଅନ୍ୟ ଦିଗରେ ଜମିଦାରମାନଙ୍କର ପ୍ରେଲାଗୁଡିକା ଗଞ୍ଜାମର ପ୍ରାୟ ସମସ୍ତ ପ୍ରଜାମାନଙ୍କର ଆର୍ଥିକ ଓ ନୈତିକ ମେରୁଦଣ୍ଡ ନୁଆଇଁ ଦେଇଥିଲା । ଠିକ୍ ଏତିକିବେଳେ ଦୁର୍ବଳ ଓ ନିଷ୍ପେଷିତର ପଥ ଗ୍ରହଣରେ ଯେଉଁ କେତେଜଣ ପାଦ ପ୍ରଦୀପ ରୂପେ ଦେଖା ଦେଇ ଜଣେ ଜଣେ ଆଦର୍ଶ ମଣିଷର ଦୃଷ୍ଟାନ୍ତ ଦେଇ ଯାଇଅଛନ୍ତି, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଶଶିଭୂଷଣ ରଥ ଥିଲେ ଅନ୍ୟତମ ।

କେତେଜଣଙ୍କର ମତ ଯେ ଦୈନିକ 'ଆଶା' ଓ 'ନ୍ୟୁ ଓଡ଼ିଶା' ପତ୍ରିକା ପ୍ରକାଶନରେ ଆର୍ଥିକ ଅଭାବ ମେଣ୍ଟନ ପାଇଁ ରଥ ମହାଶୟ ଅନେକ ସମୟରେ ରାଜା ମହାରାଜାମାନଙ୍କର ସାହାଯ୍ୟ ଭିକ୍ଷୁ ହୋଇ ପଡୁଥିଲେ । ଅଭାବକ୍ଲିଷ୍ଟ ଓଡ଼ିଶାରେ ଦି ଦି ଟା ପତ୍ରିକା ବଳାବା ପାଇଁ ଯଦି କିଏ କିଛି ଅଥ ସାହାଯ୍ୟ ଦେଲା ତାହା ଗ୍ରହଣ କରିବାରେ ମନା ନାହିଁ, କିନ୍ତୁ ତାହା ବୋଲି ଯେ ସେମାନଙ୍କର ଅନୁଗତ ହୋଇ ପଡୁଥିଲେ, ଏହା ସତ୍ୟର ସମ୍ପୂର୍ଣ୍ଣ ଅପଳାପ । ଯେତେବେଳେ ରଥଜୀ ଜମିଦାରମାନଙ୍କର ପ୍ରଜା ପ୍ରତି ଅନ୍ୟାୟ ଆଚରଣ କରୁଥିବା ଲକ୍ଷ୍ୟ କରୁଥିଲେ ସେତେବେଳେ ସେମାନଙ୍କୁ କଦାପି ଷମା ଦେଉନଥିଲେ । ଅସମୟର ବନ୍ଧୁମାନଙ୍କ ନିକଟରେ ମଣିଷ ମାତ୍ରକେ କୃତଜ୍ଞତା ରହିବା ସ୍ୱାଭାବିକ । କିନ୍ତୁ ସାମୂହିକ ଜନତା ପ୍ରତି ଅନ୍ୟାୟର ବିଷ ବାସ୍ତୁ ପ୍ରବାହିତ ହୋଇ ସେମାନଙ୍କ ଶ୍ୱାସରୁଦ୍ଧ କଥା ରଥ ମହାଶୟ ଜାଣୁଥିଲେ ତାହାର ନିରାକୃତି କଷ୍ଟେ ସେ ଯେତେ ଯାହା ସମ୍ଭବ ତାହା କରିବାରେ ଛାଡୁ ନଥିଲେ । ମୋର ବ୍ୟକ୍ତିଗତ ଅନୁଭୂତିରୁ ଏହି ସତ୍ୟତା ମୁଁ ନିଜେ ଜାଣିଛି ।

୧୯୩୦ ସାଲର କଥା, ସୁରଙ୍ଗୀ ତାଲୁକାର ଜମିଦାର ଥାଆନ୍ତି ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ ଜଗଦେବ । ସେହି ବର୍ଷ ସେ ସୁରଙ୍ଗୀର ପ୍ରଜାମାନଙ୍କ ଉପରେ ଏକ ନୂତନ ଟିକସ ପକାଇଲେ । ଟିକସର ନାମହେଲା "ପାଟ ପାଞ୍ଜିଆ ରୁସୁମ୍" ଅର୍ଥାତ୍ ରାଜାଙ୍କର ପାଟ ଓ ପଞ୍ଜିଆମାନଙ୍କ ପିଛା ଏହି ନୂତନ ଟିକସ ଖର୍ଚ୍ଚ ଦେବ । ଭ୍ରାତୃସ୍ୱ ବା ପିତୃ ଯେଉଁ ଗଉଡ ଯେତେ ଦେଉଥିଲେ ତାହାର ଏକ ଟଙ୍କାରେ ଦୁଇ ପଇସା ହିସାବରେ ଏହି ରୁସୁମ୍ ଆଦାୟ କରାଗଲା । ମୋର ଜ୍ୟେଷ୍ଠ ଭ୍ରାତା ସ୍ୱର୍ଗୀୟ ବୈକୁଣ୍ଠ ନାୟକ ଯେ'କି ୧୯୨୧ରୁ ୧୯୨୩ ଯାଏ ଗଞ୍ଜାମ ଜିଲ୍ଲା ପ୍ରେସ୍‌ର ପ୍ରଥମ ସେକ୍ରେଟାରୀ ଥିଲେ । ସେ ପ୍ରଥମେ ସ୍ୱର ଉତ୍ତୋଳନ କଲେ ଏହି ଟିକସ ବିରୁଦ୍ଧରେ।ବୈକୁଣ୍ଠ ବାବୁ ସେହି ସମୟରେ ଥିଲେ ଜଣେ ଯୁବ ଗ୍ରାଜୁଏଟ୍, କଲିକତା ବିଶ୍ୱବିଦ୍ୟାଳୟରୁ ବି:ଏ: ପରୀକ୍ଷା ଦେଇ ଫେରିବା ପଥରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ହୃଦସ୍ପର୍ଶୀ ଜାତୀୟ ଉଦ୍‌ବୋଧନ ବୈକୁଣ୍ଠ ବାବୁଙ୍କୁ ଜାତୀୟ ଆନ୍ଦୋଳନର ବାହୁ ବନ୍ଧନ ଭିତରକୁ ଟାଣି ନେଇଥିଲା । କିନ୍ତୁ ସୁରଙ୍ଗୀ ରାଜାଙ୍କର ଏହି ଅନ୍ୟାୟ କର-ଭାରର ମୁକାବିଲା କରିବା ପାଇଁ ସଫଳର ଯଥେଷ୍ଟ ଅଭାବ ଥିଲା । ସୁତରାଂ ପ୍ରଥମେ ଜନମାନସରେ ଏହାର ପ୍ରଭାବ ପକାଇବା ପାଇଁ ସ୍ଥିର କରି ଶଶିଭୂଷଣ ରଥଙ୍କୁ ଖଣ୍ଡିଏ ପତ୍ର ଲେଖିଲେ । ମୋତେ ଡାକି କହିଲେ ଏହି ପତ୍ର ଖଣ୍ଡିକ ଶଶିଭୂଷଣ ରଥଙ୍କ ହାତରେ ଦେଇ ଗୁଲି ଆସିବ ।

ସେତେବେଳେ ମୋର ବୟସ ୧୪ ବର୍ଷ, ଦଶମ ଶ୍ରେଣୀ ପଢୁ ଥାଏ । ବ୍ରହ୍ମପୁର ଆସି ହନୁମାନ ଦେଉଳ ସାମନା ଆଶା ପ୍ରେସ୍‌ରେ ପହଞ୍ଚିଲି । ଭାଗ୍ୟକୁ ରଥ ବାବୁ ଥିଲେ ତାଙ୍କରି ଗୌର ପୃଥୁଳ କଳେବର ଓ ନିଶଯୁକ୍ତ ବର୍ତ୍ତୁଳ ମୁଖମଣ୍ଡଳ ମୋର ଭୟ ଭଙ୍ଗି ସିକ୍ତ ମସ୍ତକକୁ ଆନତ କରିଦେଲା । ମୁଁ ବୈକୁଣ୍ଠ ବାବୁଙ୍କ ସାନଭାଇ ୧୦ମ ଶ୍ରେଣୀରେ ପଢ଼େ, ଘର ସୁରଙ୍ଗୀ ତଣ୍ଡିପୁର ଇତ୍ୟାଦି ଖବର ମୋଠାରୁ ବୁଝି ବିଶେଷ ଆନନ୍ଦିତ ହେଲେ । ଜଣେ ପତ୍ର ବାହକର ଏହି ସାମାନ୍ୟ କାମ କରି ଫେରିଲି ।

ଏହାର ପ୍ରାୟ ଏକ ସପ୍ତାହ ପରେ ଶ୍ରୀଯୁକ୍ତ ଦିବାକର ପଟ୍ଟନାୟକ ଆମ ଘରକୁ ଆସିଥାନ୍ତି । ଆଗାର ସମ୍ପାଦକ ରଥ ବାବୁଙ୍କ ନିକଟକୁ ପଠାଇ ଥିବା ପତ୍ରର ବିଷୟ ବସ୍ତୁ ସେ ଅବଗତ ହେଲେ । କହିଲେ, ବୈକୁଣ୍ଠ, ତୁମ ପତ୍ର ସହିତ ସୁନ୍ଦର ଭାବେ ଖାପ ଖାଇ ଯାଉଛି "ତୁ ଯାହାକୁ ଗୁହାରି କରୁଛୁ ସେଉଁ ମୋର ମାମୁଁ" ତୁମେ ଜାଣିନ ବୈକୁଣ୍ଠ, ଶଶି ରଥ ଖଦି ପିନ୍ଧି ବାହାରକୁ ଦେଶପ୍ରେମୀ ବୋଲି ଦେଖେଇ ହେଲେ ସୁଦ୍ଧା ସେ ରାଜାର ଲୋକ, ଧନୀର ଲୋକ । ପତ୍ରିକାରେ ଦୋଷ ଦୁର୍ବଳତା ପ୍ରକାଶ କରିଦେବା ଭୟ ଦେଖାଇ ରାଜା, ଜମିଦାର, ଧନୀ ଓ ମହନ୍ତ ଇତ୍ୟାଦିଙ୍କଠାରୁ ପଇସା ଆଦାୟ କରେ । ତୁମ ପତ୍ରଟି, ବୈକୁଣ୍ଠର ରୋଜଗାର ପାଇଁ ଶଶି ରଥକୁ ଭଲ ଖୋରାକ ଯୋଗାଇ ଦେବ । ଫଳ କିଛି ହେଲେ ହେବନି ।

ନିଭୃତ କକ୍ଷ ଭିତରେ ଉଭୟଙ୍କର ଏହି ଆଳାପ ସଂଳାପର ଏକମାତ୍ର ନୀରବ ସାକ୍ଷୀ ଥାଏ ମୁଁ । ବୈକୁଣ୍ଠ ବାବୁ ଚିଠିଟି

ାଡ଼ରେ ପଡୁଥାନ୍ତି ଦିବାକର ବାବୁଙ୍କ ଘରେ ରହି। ଦିବାକର
ାବୁଙ୍କ ଉତ୍ତାଣୀ, ଲଳିତା ଏହାଙ୍କର ସହ ପାଠିନୀ ଥିଲେ।
ିବାକର ବାବୁ ତଳ କ୍ଲାସରେ ପଢୁଥାନ୍ତି, ଉତ୍ତାସ୍ରେ ଥିଲେ
ାଲ୍ୟସଖା ଏକ ମନ, ଏକ ପ୍ରାଣରେ ଜାତୀୟ ସ୍ରୋତରେ ସାମିଲ
ହାର ଉତ୍ତାସ୍ରେ ଜାମ ଜରୁଥିଲେ ଦେଶ ଓ ଦଶ ପାଇଁ। ସେ
ୁହେଁ ଥିଲେ ଏହି ଅଞ୍ଚଳରେ କଂଗ୍ରେସର ଅଂଲାଭ ବତ୍ତିବା।
ିବାକର ବାବୁଙ୍କର ମନ୍ତବ୍ୟରେ ବୈକୁଣ୍ଠ ବାବୁ କିନ୍ତୁ ଏକମତ
ହଲେ ନାହିଁ ଜାହିଁକି ନା ସେ ଭଲ ଭାବେ ଜାଣନ୍ତି ଗଶି ବାବୁ
ାହାକୁ କେତେ ଦୂର ଭଲ ପାଆନ୍ତି। ବୈକୁଣ୍ଠ ବାବୁ
ଯେତେବେଳେ ଗଲିଜୋଟଠାରେ ଅସହଯୋଗ ଆନ୍ଦୋଳନ ଜରି
ିବାନ ସଓସ୍ ୱାର୍ଡଙ୍କ ଦ୍ୱାରା ପୋଲିସର ଲାଠିମାଡ଼ ଖାଇ
ଜଲରେ ନିର୍ଯ୍ୟାତିତ ହେଲେ ସେତେବେଳେ ତା'ର ଘୋର
ପ୍ରତିବାଦ ଜରିଥିଲେ ଗଶିଭୂଷଣ ଗଥେ। ସୁତରାଂ ତାଙ୍କର ଦୃଢ଼
ିଶ୍ୱାସ ଥିଲା ସୁରଙ୍ଗୀ ରାଜାଙ୍କର ଏହି ଅନ୍ୟାୟ ପ୍ରଜା ପୀଡ଼ନରେ
ଚିତ ଭାବେ କିଛି ନା କିଛି ପ୍ରତିକାର ବିଧାନ ଜରିବେ।

ସତକୁ ସତ ତାହାହିଁ ହେଲା। 'ଆଶା'ର ପ୍ରଥମ ପୃଷ୍ଠାରେ
ପ୍ରକାଶ ପାଇଲା ସୁରଙ୍ଗୀ ରାଜାଙ୍କ ଏହି ଅନ୍ୟାୟ ଟିକସର
ପ୍ରସାଦ। ଖାଲି ସେତିକି ନୁହେଁ, ଗିଶି ବାବୁ ଆଶାର ଏକ
ସମ୍ପାଦକୀୟ ଅଗ୍ର ଲେଖାରେ ପ୍ରକାଶ ଜଲେ ଯେ ଏହି ଅହେତୁକ
ଅପାସିଧାନିକ ଟିକସ ଆଦାୟରୁ ଯଦି ରାଜା ନିବୃତ୍ତ ନହେବେ
ତାହା ହେଲେ ତାଙ୍କରି ନେତୃତ୍ୱରେ ସମଗ୍ର ଗଞ୍ଜାମରେ ରାଜାଙ୍କ
ବିରୁଦ୍ଧରେ ପ୍ରଜା ଆନ୍ଦୋଳନର ସୂତ୍ରପାତ ହେବ ଓ ରାଯତମାନେ
ଆଦୌ ରାଜସ୍ୱ ନଦେବା ପାଇଁ କୁହାଯିବ। ରାଜା
ଶ୍ରୀ ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ ଗଶି ବାବୁଙ୍କର
ଓଦ୍ଧତ୍ୟପୂର୍ଣ୍ଣ ଜଠୋର ମନୋଭାବ ଦେଖି ଜ୍ଞସ୍ତିଭୂତ ହୋଇ
ଯାଇଥିଲେ। କାରଣ ଆଶାର ପ୍ରଶାପନରେ ସେ ଆରମ୍ଭରୁ ଜଣେ
ଆଧିକ ପୃଷ୍ଠପୋଷକ ଥିଲେ। ସୁତରାଂ ଗଶିଭୂଷଣ ଗଥଙ୍କ ରଚିତ
ଆନ୍ଦୋଳନର ଭୂମିକା ତାଙ୍କରି ଜାତୀୟ ଚେତନା, ଓଡ଼ିଶାର
ଏକତ୍ୱୀକରଣ, ସାମାଜିକ କୁସଂସ୍କାର, ଶିକ୍ଷାର ପ୍ରସାର
ଇତ୍ୟାଦିରେ ତାଙ୍କରି ଅବଦାନ ଅପେକ୍ଷା କୌଣସି ଗୁଣରେ କମ୍
ନଥିଲା। ମାତ୍ର ପାଶ୍ଚିଆ ଟିକସ 'ଗ୍ରସ୍ତମ' ବିରୁଦ୍ଧରେ ସୁରଙ୍ଗୀ
ଅଞ୍ଚଳରେ ଯେଉଁ ଆନ୍ଦୋଳନ ସୂତ୍ରପାତ ହୋଇ ଶେଷରେ ସୁରଙ୍ଗୀ
ଜମିଦାର ପରାଭବ ସ୍ୱୀକାର କରିଥିଲେ, ସେଥିପାଇଁ ସ୍ୱର୍ଗୀୟ
ବୈକୁଣ୍ଠ ନାୟକ ଓ ଯୋଜନା ବଦ୍ଧ ଆନ୍ଦୋଳନରେ ଗଶିଭୂଷଣ
ରଥଙ୍କ ଅକୁଣ୍ଠ ସହଯୋଗିତା ପାଇଁ ସେ ଆଜି ସୁଦ୍ଧା
ଶ୍ରଦ୍ଧିସ୍ପଦଶୀୟ।

ଯେତେବେଳର ରକ୍ଷଣଶୀଳତା ଓ ବର୍ଣ୍ଣଗତ ନିବିଡ଼ତାର
ମହାଗାରୀ ବେଗ ଯେ କେତେଦୂର ଦୃଢ଼ ଓ ଦୂରପ୍ରସାରୀ ଥିଲା
ତାହା କହିବାର ନୁହେଁ ଅନୁଭବ ହିଁ ତା'ର ବାସ୍ତବ ଅଭିବ୍ୟକ୍ତି।
ଏହି ପରିପ୍ରେକ୍ଷୀରେ ଗଶି ବାବୁଙ୍କର ଭୂମିକା ଭାବିବାର କଥା।
ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ସେ
ମହାପାତ୍ର ଭାବରେ ଦାନିଗା ଦେଇ ଅପବଶ୍ରୀ ହରିଜନ ସମାଜର
କଲ୍ୟାଣ କଳ୍ପେ ଯେଉଁରି ଆପୋତ୍ସର୍ଗ କରିଥିଲେ ତାହାତ ଓଡ଼ିଶାର
ଇତିହାସ ବିତଲ। ବିଶେଷତଃ ସେ ବଞ୍ଚାସୀ ଉପଜାତୀୟମାନଙ୍କର
ଅନୁନ୍ନୟନ ନିମିତ ନେତୃତ୍ୱ ନେବାର ଭାଗଶ ଦେଲା ସୁସ୍ପଷ୍ଟ, କାରଣ
ବ୍ରିଟିଶ୍ ସରକାରଙ୍କ ଅମଳରେ ଏହି ଦଞ୍ଚାସୀ ଜାତିକୁ ସମୂହ
ଭାବରେ ଦାଗୀ (K.D.) ହିସାବରେ ପ୍ରତ୍ୟେକ ଥାନାରେ
ରେଜର୍ଡ଼ କରା ଯାଇଥିଲା। ଯେକୌଣସି ଗ୍ରାମରେ ଚୋରି
ରିପୋର୍ଟ ପାଇଲେ ପ୍ରଥମେ ଗ୍ରାମରେ ବା ଗ୍ରାମ ନିକଟରେ ଥିବା
ଦଞ୍ଚାସୀମାନଙ୍କୁ ହିଁ ଗିରଫ କରି ଥାନାକୁ ଘୁଲାଣ କରନ୍ତି। ଚୋରି
କରନ୍ତୁ ବା ନକରନ୍ତୁ ପ୍ରଥମେ ଦଞ୍ଚାସୀମାନେ ହିଁ ନିର୍ଯ୍ୟାତନାର
ଶରବ୍ୟ ହେଉଥିଲେ। ସୁତରାଂ ଏହି ଅଭିଶପ୍ତ ଜାତିର ନେତୃତ୍ୱ
ନେବା ପାଇଁ ଗଶି ବାବୁ ସ୍ଥିର କରି ନେଇଥିଲେ ଓ ଜୀବନର ଶେଷ
ପର୍ଯ୍ୟନ୍ତ ସେମାନଙ୍କ ହିତ କଳ୍ପେ ଆତ୍ମୋତ୍ସର୍ଗ କରିଥିଲେ।
ତାହାଙ୍କର ଆକ୍ଲାନ୍ତ ଉଦ୍ୟମ ଫଳରେ ବ୍ରିଟିଶ୍ ସରକାର ଏହି ଦଞ୍ଚାସୀ
ଜାତିକୁ ସମୂହ ଭାବରେ ଦାଗୀ ଲିଞ୍ଚରୁ ମୁକ୍ତି ଦେଇଥିଲେ। ଏହା
ଗଶି ବାବୁଙ୍କ ପକ୍ଷରେ କମ୍ କୃତିତ୍ୱ ନଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର
ପରେ ପରେ ସ୍ୱାଧୀନ ଭାରତରେ ଲୋକନାୟକ ଜୟପ୍ରକାଶ
ନାରାୟଣ ବିହାରର ଚମ୍ବଲ ଉପତ୍ୟକାର ଦାଗୀମାନଙ୍କର ନେତୃତ୍ୱ
ନେଇ ସେମାନଙ୍କୁ ଯେପରି ସାଧୁତାର ଶୃଙ୍ଖଳ ଭିତରକୁ ଆଣିବାରେ
ସକ୍ଷମ ହୋଇଥିଲେ ତା'ର ବହୁ ଆଗରୁ ଏହି ଦଞ୍ଚାସୀମାନଙ୍କୁ ଏକ
ସମ୍ମାନଜନକ ସ୍ତରକୁ ଆଣି ପାରିଥିବା କମ୍ ବାହାଦୁରି ନଥିଲା।
ସୁତରାଂ ଏକ୍ଷେତ୍ରରେ ଗଶି ବାବୁଙ୍କ ଅବଦାନ ଜୟପ୍ରକାଶଙ୍କଠାରୁ
କୌଣସି ଗୁଣରେ କମ୍ ନଥିଲା।

ଗଶି ବାବୁଙ୍କର ଜନସେବା ବହୁମୁଖୀ ଥିଲା। ସାମାଜିକ
କୁସଂସ୍କାର ଦୂରକରିବା କଳ୍ପେ ଗଶି ବାବୁଙ୍କ ଭୂମିକା
ଉଲ୍ଲେଖନୀୟ। ସେ ନିଜର କନ୍ୟାକୁ ଗତୁ ପଞ୍ଚା ବିବାହ ଦେଇ
ବାଲ୍ୟ ବିବାହର କୁସଂସ୍କାର ଦୂର କରିବାରେ ପ୍ରଥମେ ଅଗ୍ରଣୀ
ହୋଇଥିଲେ। ଗଞ୍ଜାମର ତାରାତାରୀଣୀ ପୀଠରେ ଛାଗ ବଳି
ନିରାକରଣ ଜରି ସେ ସମସ୍ତଙ୍କର ଆଦର୍ଶଣୀୟ ହୋଇ ଯାଇଛନ୍ତି।
ଉଚ୍ଚଜ ସମ୍ମିଳନୀର କୌଣସି ଅଧିବେଶନରେ ସେ ସଭାପତିତ୍ୱ
ନକରିଥିଲେ ସୁଦ୍ଧା ଉତ୍କଳ ପ୍ରଦେଶ ଗଠନରେ ସେ ମହାଶୟଙ୍କ
ଅବଦାନ ଅବିସ୍ମରଣୀୟ। ଓଡ଼ନଲା କମିଟି ଓ ସାଇମନ କମିଶନ
ଆଗରେ ତତ୍କାଳୀନ ଗଞ୍ଜାମର ଶିକାକୋଲ ସବ୍‌ଡ଼ିଭିଜନ,
କୋରାପୁଟ ଓ ବିଶାଖାପାଟଣା ଜିଲ୍ଲାର ଓଡ଼ିଆ ଭାଷାଭାଷୀ
ଅଞ୍ଚଳଗୁଡ଼ିକ ଓଡ଼ିଶାରେ ସାମିଲ କରାଯିବା ପାଇଁ ସେ ଯେଭଳି ବଳିଷ୍ଠ
ଯୁକ୍ତି ବାଢ଼ିଥିଲେ ଓ ନିଜ ସଂପାଦିତ ପତ୍ରିକାରେ ତା'ର ନିର୍ଭୀକ
ପ୍ରତିଧ୍ୱନୀ କରିଥିଲେ ତାହା ଅନ୍ୟ କୌଣସି ନେତା କରିପାରି
ନାହାନ୍ତି। ସେ ଯାହା କହୁଥିଲେ ତାହା କାର୍ଯ୍ୟରେ ଦେଖାଇ
ପାରୁଥିଲେ। ସେ ଜାତିଗତ କୁସଂସ୍କାରକୁ ପଦାଘାତ କରି ନିଜ
କନ୍ୟା ଆଶାଙ୍କର ସାବାଳିକା ବିବାହରେ ଶ୍ରୀଖ୍ରିଆନ, ହିନ୍ଦୁ,
ମୁସଲମାନ ଇତ୍ୟାଦି ସମସ୍ତଙ୍କୁ ଏକାଠି ଗଣ ଭୋଜନର ବ୍ୟବସ୍ଥା
କରି ସମସ୍ତ ରକ୍ଷଣଶୀଳ ବ୍ରାହ୍ମଣ ସମାଜକୁ ଚମତ୍କୃତ ଓ ଜ୍ଞସ୍ତିଭୂତ
କରି ଦେଇଥିଲେ। ଶହେ ବର୍ଷ ଆଗରୁ ଦୂର ଦୃଷ୍ଟି ରଖି ସେ ସବୁ
କଥା ଜରିବା ସାହାସ ଧୈର୍ଯ୍ୟ ଓ ନିର୍ଭୀକତା ଭଗବାନ ଏହି
ମହାପୁରୁଷଙ୍କଠାରେ ସନ୍ନିବେଶିତ କରିଥିଲେ।

ଭଗବାନ କରନ୍ତୁ ଏହାଙ୍କର ଆଦର୍ଶ ଆତ୍ମମାନଙ୍କୁ ଓ ଆମର
ଉତ୍ତରାଧିକାରୀ ସନ୍ତାନମାନଙ୍କୁ ଉଦ୍‌ବୁଦ୍ଧ କରୁ।

ଓଁ ଶାନ୍ତି, ଶାନ୍ତି, ଶାନ୍ତି।

ବ୍ରହ୍ମପୁର, (ଗଞ୍ଜାମ)।

ସ୍ୱାଧୀନତା

ବନପ୍ରଭା ପରିଡ଼ା

ସ୍ୱାଧୀନତା, ସ୍ୱାଧୀନତା !
ମନେ କି ରଖିଛ ତମ ପାଇଁ କେତେ
ଲୋଟିଛି ଗକତ ମଥା ?
ତମ ପାଇଁ କେତେ ବିଦ୍ରୋହ, ବିପ୍ଳବ
ହରତାଳ, ପ୍ରଜାମେଳି
ପ୍ରତିବାଦ କରି ଫିଗିଙ୍ଗି କମାଣ୍
ବରଷିଛି ଯେତେ ଗୁଳି
କଳାପାଣି ଆଉ ଫାଶୀ ଖୁଣ୍ଟ ପାଇଁ
ମନେତ ଆସିନି ଦକା
ସ୍ୱାଧୀନତା, ସ୍ୱାଧୀନତା ।

ଆଗତ ଭୁଇଁରେ ସ୍ୱାଧୀନ ପତାକା
ଉଡ଼ିବା ସପନ ଦେଖି
କେତେ ଦେଶପ୍ରେମୀ ଜୀବନ ପଳିତା
ଅଦିନେ ଯାଇଛି ଲିଭି
ମାଟି ଆଡ଼େଇଲେ କଙ୍କାଳ ଉଠି
କହିବ ଅତୀତ କଥା
ସ୍ୱାଧୀନତା, ସ୍ୱାଧୀନତା ।

ଆସିବାର ଥିଲା ତମେତ ଆସିଲ
ଅହିଂସା ତମକୁ ପଥ ଉଢ଼େଇଲା
ହିମାଳୟଠାରୁ କୁମାରିକା ଯାଏ
ଉଡ଼ିଲା ତିରଙ୍ଗ ଧ୍ୱଜା
କିନ୍ତୁ;
ସମସ୍ତ ପୁଅରେ ଆଦର୍ଶ ହଜିଲା
ଅହିଂସା ପଥେ ହିଂସା ହସିଲା
କେଇଟି ବରଷେ ସୁନ୍ତି ତୁମ ଆଜି
ପତାକା ଖଣ୍ଡରେ ବନ୍ଧା ॥

ପା:–ଟାଈଚଣା,
ପୋ:–ଜଜପଡ଼ା,
ଥାନା:–ବେଞ୍ଚକାର,
ଜି:–କଟକ ।

ନିରକ୍ଷରତା : ଏକ ଅଭିଶାପ

ସୁରେନ୍ଦ୍ର ନାଥ ପଣ୍ଡା

ମାନବର ସବୁଶ୍ରେଣୀର ଲୋକଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି । ଉପଯୁକ୍ତ ଶିକ୍ଷା ଉପଯୁକ୍ତ ସମାଜଗଠନ କରିବାରେ ସାହାଯ୍ୟକରେ । ଏଣୁ ମନୁଷ୍ୟର ସମସ୍ତ କର୍ତ୍ତବ୍ୟ ମଧ୍ୟରେ ଶିକ୍ଷା ଗ୍ରହଣ ଶ୍ରେଷ୍ଠ କର୍ତ୍ତବ୍ୟ ହେବା ଦରକାର । ଚିରନ୍ତନ ସତ୍ୟ ଉପରେ ସମାଜ ଗଢ଼ିବାକୁ ହେଲେ ସବୁସ୍ତରରେ ଆତ୍ମଚେତନା ସୃଷ୍ଟିକରି ନିରକ୍ଷରତା ଦୂରୀକରଣ ନିମନ୍ତେ ସମସ୍ତେ ସତତ ଚେଷ୍ଟିତ ହେବା ଦରକାର । ଏକ୍‌କ ପ୍ରତିଶ୍ରୁତି, ବିଶ୍ୱାସଭାବ, ଲକ୍ଷ୍ୟ, ଶକ୍ତି, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିରବଚ୍ଛିନ୍ନ ଉଦ୍ୟମ ଦ୍ୱାରା ଏହା ସମ୍ଭବ ।

୧୯୬୫ ମସିହା କଥା । ମିଳିତ ଜାତିସଙ୍ଘ ଆନୁକୂଲ୍ୟରେ ଇରାନର ରାଜଧାନୀ ତେହେରାନଠାରେ 'ଶିକ୍ଷା' ବିଷୟରେ ଏକ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ ହୋଇଥିଲା । ପୃଥିବୀର ପ୍ରାୟ ସବୁଦେଶର ଶିକ୍ଷାବିତ୍‌ମାନେ ଏଥିରେ ଯୋଗଦେଇ ସେପ୍ଟେମ୍ବର ମାସ ୮ ତାରିଖକୁ 'ଆନ୍ତର୍ଜାତିକ ସାକ୍ଷରତା' ଦିବସ ରୂପେ ପ୍ରସ୍ତାବ ଗ୍ରହଣକରି ପୃଥିବୀ ବକ୍ଷରୁ ସମ୍ପୂର୍ଣ୍ଣ ରୂପେ ନିରକ୍ଷରତା ଦୂର ହେବାଯାଏଁ ଏହି ଦିବସ ପାଳନ କରାଯିବା ପାଇଁ ସ୍ଥିର କଲେ ଏବଂ ସେହି ସମୟଠାରୁ ପ୍ରତିବର୍ଷ ଏହି ଦିବସଟି ଆନ୍ତର୍ଜାତିକ ସାକ୍ଷରତା ଦିବସର ମାନ୍ୟତା ନେଇ ପାଳିତ ହୋଇ ଆସୁଛି । ସମଗ୍ର ବିଶ୍ୱରୁ ନିରକ୍ଷରତା ଦୂରକରିବା ପାଇଁ ଜାତିସଙ୍ଘ ସାଧାରଣ ପରିଷଦ ୧୯୯୦ ମସିହାରୁ ଆନ୍ତର୍ଜାତିକ ସାକ୍ଷରତା ବର୍ଷ ରୂପେ ଘୋଷଣା କରିଥିଲେ ।

ୟୁନେସ୍କୋ ପକ୍ଷରୁ ପ୍ରକାଶିତ ଏକ ବିବରଣୀରେ କୁହାଯାଇଛି ଯେ, ଚଳିତ ଶତାବ୍ଦୀ ଶେଷବେଳକୁ ପ୍ରତି ୫ ଜଣରେ ଜଣେଲୋକ ନିରକ୍ଷର ରହିବେ । ୧୯୬୦ରେ ଏହିହାର ଶତକଡ଼ା ୩୮-୫ ଥିଲାବେଳେ ୧୯୯୦ ବେଳକୁ ଏହା ୨୬-୫ରେ ପହଞ୍ଚିଥିଲା । ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ବିକାଶମୁଖୀ ରାଷ୍ଟ୍ରମାନଙ୍କରେ ମହିଳା ଓ ଅନୁନ୍ନତ ଲୋକଙ୍କ ମଧ୍ୟରେ ସାକ୍ଷରତା ବୃଦ୍ଧି ଜନ୍ମହାର କମାଇବା ଦିଗରେ ବେଶ ସାହାଯ୍ୟ କରିଛି ।

ବର୍ତ୍ତମାନ ବିଶ୍ୱ ଲୋକସଂଖ୍ୟାର ଶତକଡ଼ା ୧୬ ଭାଗ ଭାରତରେ ବାସ କରୁଛନ୍ତି । ୧୯୫୧ ମସିହାରେ ଭାରତରେ ସାକ୍ଷରତା ହାର ଶତକଡ଼ା ୧୮·୩୩ ଥିଲାବେଳେ ୧୯୯୧ରେ ୫୨·୧୧ ଭାଗରେ ପହଞ୍ଚିଛି । ପଞ୍ଚମ ସର୍ବଭାରତୀୟ ଶିକ୍ଷା ସର୍ବେକ୍ଷଣ ସମୀକ୍ଷାରୁ ଜଣାପଡ଼ିଛି ଯେ, ପ୍ରାଥମିକ ସ୍ତରରେ ଶତକଡ଼ା ୪୭ ଭାଗରୁ ଅଧିକ ପିଲା ୫ମ ଶ୍ରେଣୀରୁ ଆସିବା ପୂର୍ବରୁ ପାଠପଢ଼ା ଛାଡ଼ି ଦେଉଛନ୍ତି ।

ସାକ୍ଷରତା ହାରବୃଦ୍ଧି ଶ୍ରେଣୀହୀନ ଏବଂ ଶୋଷଣହୀନ ସମାଜ ଗଠନରେ ସହାୟକ ହୋଇଥାଏ । ନିରକ୍ଷରତା ଚିନ୍ତାଶକ୍ତି ନଷ୍ଟ କରିବା ସଙ୍ଗେ ସଙ୍ଗେ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ବହୁ ବିଭ୍ରାନ୍ତ ଆଣେ । ଏଣୁ ଶିକ୍ଷାନୁଷ୍ଠାନଗୁଡ଼ିକର "ସରଳଜୀବନ ଓ ଉଚ୍ଚଚିନ୍ତା" ଏହି ଆଦର୍ଶ ରହିବା ଦରକାର ।

କ୍ୟୁବା, କୋରିଆ ପରି ରାଷ୍ଟ୍ରମାନଙ୍କରେ ଶତକଡ଼ା ୧୦୦ ଭାଗ ସାକ୍ଷର । ଆମ ଭାରତ ବର୍ଷର କେରଳ ରାଜ୍ୟ ଏହି ଗୌରବର ଅଧିକାରୀ ହୋଇପାରିଛି । ନିରକ୍ଷରତା ଏକ ସାମାଜିକ ଅଭିଶାପ । ନିରକ୍ଷର ବ୍ୟକ୍ତିମାନେ ସମାଜରେ ନିଷ୍ପେସିତ ଏବଂ ଅବହେଳିତ । ନିରକ୍ଷରତା ଯୋଗୁଁ ସମାଜରେ ସାରସ୍ୱତ ମୂଲ୍ୟବୋଧର ମୂଲ୍ୟହ୍ରାସ ପାଇଁ ମନୁଷ୍ୟତ୍ୱଲୋପ ପାଉଛି ।

ନିରକ୍ଷରତା ଦୂରୀକରଣ ନିମନ୍ତେ ଆମଦେଶରେ ସର୍ବପ୍ରଥମେ ୧୯୬୮ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନଠାରୁ ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ୧୯୮୮ ମସିହାରେ ଜାତୀୟ ସାକ୍ଷରତା ମିଶନ ଗଠନ ହେବାପରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଛି । ଭାରତର ଅନେକ ଜିଲ୍ଲାକୁ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନରେ ସାମିଲ କରାଯାଇଛି । ଏଥିରେ ଓଡ଼ିଶାର ଗଞ୍ଜାମ, ଗଜପତି, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ଢେଙ୍କାନାଳ, ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲା ଅନ୍ତର୍ଭୁକ୍ତ ।

ଏଣୁ ଆସନ୍ତୁ ଆଜିର ଏହି ଶୁଭଦିବସରେ ନିରକ୍ଷରତାର ସ୍ଥାୟୀ ନିରାକରଣ ନିମନ୍ତେ ପ୍ରତ୍ୟେକ ସ୍ୱେଚ୍ଛାସେବୀ ସଙ୍ଗଠନ, ସମାଜସେବୀ ଏବଂ ସାଧାରଣ ନାଗରିକ ଆଗେଇଯିବା ।

ସ୍ୱାଧୀନତା ଆନ୍ଦୋଳନ ଓ କୁନ୍ଦଲତା ଦେବୀ

ଡକ୍ଟର ଭି: ରାଜେନ୍ଦ୍ର ରାହୁ

ଭାରତୀୟ ଅସହଯୋଗ ଆନ୍ଦୋଳନ ରଙ୍ଗମଞ୍ଚରେ ବାପୁଜୀଙ୍କ ଆବିର୍ଭାବ ଦେଶ ଓ ଜାତି ପକ୍ଷରେ ଥିଲା ଭାରତ ଜନନୀଙ୍କର ସ୍ୱର୍ଗୀୟ ଆଶୀର୍ବାଦ। ସତ୍ୟ ହିଂସାର ପୂଜାରୀ ମହାତ୍ମାଗାନ୍ଧୀ ଅହିଂସାର ମୂଳମନ୍ତ୍ରରେ ଭାରତୀୟମାନଙ୍କୁ ଏକାସ୍ତ କରି ଇଂରେଜ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଇଂରେଜ ଶାସନ ବିରୁଦ୍ଧରେ ଏ ଦେଶରେ ଯେଉଁ ଜନଜାଗରଣ ଦେଖାଦେଲା, ତାହାକୁ ଅବ୍ୟାହତ ରଖିବା ପାଇଁ ଉତ୍କଳୀୟ ରମଣୀମାନେ ଆତ୍ମୋତ୍ସର୍ଗ କରିଆସୁଛନ୍ତି, କାରାବରଣ କରିଛନ୍ତି, ଶହୀଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ କୁନ୍ଦଲତା ଦେବୀ ଅନ୍ୟତମ।

ଯେଉଁ ଦିନ ସେ ବୋହୂଟିଏ ହୋଇ ଗୋବରା ଗାଁକୁ ଆସିଥିଲେ, ସେହିଦିନଠାରୁ ତାଙ୍କ ମନରେ ସମାଜର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ଅଦ୍ୟମ ପିପାସା ଥିଲେ ହେଁ ସେ ଉପଯୁକ୍ତ ସମୟ ପାଇନଥିଲେ। କିନ୍ତୁ ତାଙ୍କ ପତି ବାଞ୍ଛାନିଧି ପଟ୍ଟନାୟକ ବାପୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହାତରେ ଚିରଖା ଧରି ରାଜଦାଞ୍ଚରେ ଗଲାବେଳେ କୁନ୍ଦଲତା ଦେବୀ ବି ଅନେକ ସ୍ୱପ୍ନ ଦେଖୁଥିଲେ। ସ୍ୱାଧୀନତା ତ ମଣିଷର ଜନ୍ମଗତ ଅଧିକାର। ଏଣୁ ପରାଧୀନତାର ବନ୍ଧନରୁ ମୁକ୍ତ ହେବା ପାଇଁ ସେ ନିଜକୁ ଆଉ ଘରର ଗୃରିବାଞ୍ଚ ଭିତରେ ଆବଦ୍ଧ କରି ରଖିପାରିଲେ ନାହିଁ। ପତିଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ତାଙ୍କ ଚିନ୍ତା ଓ ଚେତନାରେ ବାପୁଜୀଙ୍କ ସତ୍ୟ ଓ ଅହିଂସାର ମନ୍ତ୍ର ପ୍ରତିଧ୍ୱନି ତୋଳିଲା।

ଠିକ୍ ଏତିକିବେଳେ ସାରା ଭାରତରେ ଲବଣ ସତ୍ୟାଗ୍ରହ ଏକ ଅଲୋଡ଼ନ ସୃଷ୍ଟିକଲା। ସେତେବେଳେ ଉତ୍କଳର ନାରୀନେତ୍ରୀ ସରଳା ଦେବୀ ଗଞ୍ଜାମର ବିଭିନ୍ନ ସ୍ଥାନ ବୁଲି ଉତ୍କଳୀୟ ରମଣୀମାନଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ସ୍ୱରାଜ୍ୟ ଆନ୍ଦୋଳନ ସଫଳ କରିବାକୁ ଏବଂ ଇଂରେଜ ସରକାରଙ୍କର ସମସ୍ତ ପ୍ରକାର ଅତ୍ୟାଚାର, ନିର୍ଯ୍ୟାତନା ସହ୍ୟ କରିବାକୁ ପ୍ରସ୍ତୁତ ହେବା ପାଇଁ ନିବେଦନ କଲେ।

ଯେଉଁଦିନ ଗୋବରାଠାରେ ସେ ନାରୀମାନଙ୍କୁ ଉଦ୍‌ବୋଧନ ଦେଇ କଂଗ୍ରେସକୁ ସେମାନଙ୍କର ଆର୍ଥିକ ସାହାଯ୍ୟ ତଥା ସେମାନଙ୍କର ସହଯୋଗ କାମନା କଲେ, ସେତିକିବେଳେ ଉପସ୍ଥିତ ନାରୀମାନଙ୍କ ମଧ୍ୟରେ କୁନ୍ଦଲତା ଦେବୀ ତାଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ସ୍ୱର୍ଣ୍ଣ ଅଳଙ୍କାର ସରଳା ଦେବୀଙ୍କ ହାତରେ ଅର୍ପଣ କରି କଂଗ୍ରେସର ଜୟଗାନ କରିଥିଲେ। ଏହାପରେ କୁନ୍ଦଲତା ଦେବୀ ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶ ଗ୍ରହଣ କଲେ। ଲବଣ ସତ୍ୟାଗ୍ରହର ସୁପରିଗ୍ଭଳନା ପାଇଁ ବ୍ରହ୍ମପୁରରେ ଖୋଲାଯାଇଥିବା ଉଦ୍ଯୋଗ ମନ୍ଦିରରେ ସେ ସରଳା ଦେବୀ, ଶୋଭାବତୀ ପଣ୍ଡା ଓ ପୂର୍ଣ୍ଣବାସୀ ଦେବୀଙ୍କ ଗହଣରେ ବିଭିନ୍ନ ସ୍ଥାନରେ ସଭାସମିତିରେ ଯୋଗଦେଇଥିଲେ। ଏହି ସମୟରେ ସ୍ଥାନୀୟ ପତ୍ରପତ୍ରିକାରେ ଭାରତର ବିଭିନ୍ନ ପ୍ରାନ୍ତରେ ନାରୀମାନେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଗିରଫ ହେବା କଥା ଶୁଣି ତାଙ୍କ ଉତ୍ସାହ ଦ୍ୱିଗୁଣିତ ହେଲା। ପୋଲିସ୍‌ର ଅତ୍ୟାଗ୍ଭର ସତ୍ତ୍ୱେ ସେ ଓ ତାଙ୍କର ସହଯୋଗୀମାନେ ମନପ୍ରାଣ ଦେଇ ଲବଣ ସତ୍ୟାଗ୍ରହକୁ ସଫଳ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ।

ଲବଣ ସତ୍ୟାଗ୍ରହ ପରେ ବାପୁଜୀଙ୍କ ଗଠନ ମୂଳକ କାର୍ଯ୍ୟରେ ସେ ରମାଦେବୀଙ୍କ ପରି ଚରଖାର ପ୍ରଗ୍ଭର ପ୍ରସାର କରିବା ସଙ୍ଗେ ସଙ୍ଗେ ହରିଜନମାନଙ୍କର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

ଜାତୀୟ କଂଗ୍ରେସର ୪୬ ତମ ଅଧିବେଶନ ପୁରୀରେ ହେବାପାଇଁ ଯେତେବେଳେ ନିଷ୍ପତ୍ତି ନିଆଗଲା ସେତେବେଳେ କୁନ୍ଦଲତା ଦେବୀ ମହିଳା ସ୍ୱେଚ୍ଛାସେବୀ ସଂଗଠନରେ ଯୋଗଦେଇଥିଲେ। ଏହି କେନ୍ଦ୍ରର ପରିଗ୍ଭଳନା ଦାୟିତ୍ୱ ଶ୍ରୀଯୁକ୍ତା ବାଲସଓ୍ୱାର ନେଇଥିଲେ। ଏହି ତାଲିମ ଶିବିରରେ ଓଡ଼ିଶାର ବହୁ ଅଗ୍ରଗଣ୍ୟ ନାରୀନେତ୍ରୀମାନେ ତାଲିମ ନେଇଥିଲେ। ତାଲିମ କାଳରେ ସେ ଏଠାରେ ଇତିହାସ, ବାପୁଜୀଙ୍କ ଆଦର୍ଶ ଓ ସାମରିକ ଡ୍ରିଲ ପ୍ରଭୃତି କରିଥିଲେ।

ଗୋବରା ପରି ଏକ କ୍ଷୁଦ୍ର ଗ୍ରାମର ବୋହୂଟିଏ ହେଲେ ମଧ୍ୟ ସେ ପତିଙ୍କ ପ୍ରେରଣା ତଥା ବାପୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯେପରି କାର୍ଯ୍ୟ କରିପାରିଥିଲେ ତାହାର ତୁଳନା ନାହିଁ। କୁନ୍ଦଲତା ଦେବୀ ଆଜି ନାହାନ୍ତି ସତ କିନ୍ତୁ ତାଙ୍କ ପରି ଜଣେ ନାରୀ ନେତ୍ରୀ ଘୁମୁସରରେ ବିରଳ। ସେ ୧୯୯୦ ମସିହାରେ ଇହଲୀଳା ସାଙ୍ଗ କଲେ। ମାଟିର ଶରୀର ମାଟିରେ ମିଶିଗଲା କିନ୍ତୁ ତାଙ୍କ ବଳିଷ୍ଠ ନେତୃତ୍ୱରେ ଘୁମୁସରରେ ଯେଉଁ ନାରୀ ଜାଗରଣ ଦେଖାଦେଇଥିଲା ତାହା ଗାନ୍ଧୀ ଯୁଗର ଏକ ଅବିସ୍ମରଣୀୟ ଘଟଣା।

କନ୍ଫେରପଲ୍ଲୀ ବିଦ୍ୟୁତ୍ କଲୋନୀ,
ଭାୟା-ଗୋବରା, ଜି:-ଗଞ୍ଜାମ।

କାହିଁକି ହେବା ସାକ୍ଷର

ଦେବେନ୍ଦ୍ରନାଥ ସାହୁ

ବାପାଙ୍କୁ ସେଦିନ କୁନା ପଗ୍ଭରିଲା
ପଢିବାକୁ ସାକ୍ଷର କରିବା ପାଇଁ
ପ୍ରତି ଗାଆଁ ପ୍ରତି ଜିଲ୍ଲାରେ ଏବେ ଯେ
ଗ୍ଭଲିଛି ଯୋଜନା କେତେ ଯେ କାହିଁ ।

ଗ୍ଭରିବିତ ଖାଲେ ମିଳେ ନାହିଁ ବାପା
କି ଲାଭ ପାଇବୁ ହୋଇ ସାକ୍ଷର
ଯେତେ ବେଶି ଲୋକ ହୋଇବେ ଶିକ୍ଷିତ
ବଢ଼ିବେ ନାହିଁ କି ସେତେ ବେକାର ?

ବାପା ବୁଝାଇଲେ 'ଶିକ୍ଷା' ନୁହେଁ ବାବୁ
କେବଳ ଖାଲିଏ ଗ୍ଭଡିରି ପାଇଁ
ବିଦ୍ୟାର ମହତ୍ୱ, ଉପକାର ବାବୁ
ଦେଉଛି ଆଜି ମୁଁ ତୋତେ ବୁଝାଇ ।

ବିଦ୍ୟା ଦିଏ ଜ୍ଞାନ, ବିଦ୍ୟା ଦିଏ ବୁଦ୍ଧି
ବିଦ୍ୟା ଯେ ଆଣଇ ବିନମ୍ର ଭାବ
ଏହିପରୁ ଗୁଣ ଥିବାରୁ ମଣିଷ
ଜଗତେ ବୋଲାଏ ଶ୍ରେଷ୍ଠ ଜୀବ ।

ପାଠ ଦି' ଅକ୍ଷର ପଢ଼ି ନ ଥିବାରୁ
କେତେ ଲୋକ ଠକାମିରେ ପଡ଼ନ୍ତି
ହିସାବ କିତାବ ଜାଣି ନଥିବାରୁ
ପାଣ୍ଠ ବଦଳେ ପଗ୍ଭଶ ଦ୍ୟନ୍ତି ।

ଯେଉଁ ଦେଶ ଲୋକ ଯେତେ ସାକ୍ଷର
ସେହି ଦେଶ ଅଟେ ସେତେ ଉନ୍ନତ
ନିରକ୍ଷର ଏକ ସାମାଜିକ ବ୍ୟାଧି
ରୋକି ଦେଇଥାଏ ପ୍ରଗତି ରଥ ।

ତେଣୁ ସାକ୍ଷରତା ପାଇଁ ଏବେ ଯେଉଁ
ଗ୍ଭଲେ ଅଭିଯାନ, ହୁଏ ଯୋଜନା
ଆମ ସମାଜର ଉନ୍ନତି ପାଇଁ ଯେ
ଏହା ଏକ ବାବୁ ଶୁଭ ସୂଚନା ।

ପଞ୍ଚାବ ନ୍ୟାସନାଲ ବ୍ୟାଙ୍କ,
ଓଡ଼ି ଖୋର୍ଦ୍ଦ, ବାଲେଶ୍ୱର ।



କଟକଠାରେ ଓଡିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘର ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳାକୁ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଉଦ୍‌ଘାଟନ କରି ବୁଲି ଦେଖୁଛନ୍ତି ।



ଉତ୍କଳଶ୍ରୀ କୃତୀ ବଡି ବିଲ୍ଡରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ।

ଭୁବନେଶ୍ୱରଠାରେ ଆୟୋଜିତ ସାଧ୍ୟସ୍ତରୀୟ ଲୋକ ଅଦାଲତରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତାତ୍କାଳୀନ ମୁଖ୍ୟ ବିଚାରପତି ମାନ୍ୟବର
ଶ୍ରୀ ଜି: ବି: ନାୟାବତୀ, ଶ୍ରୀ ପି: ସି: ମିଶ୍ର ଓ ସାଧ୍ୟ ଆଇନ ଉପଦେଷ୍ଟା ପରିଷଦର ସଦସ୍ୟ ପଣ୍ଡିତ
ଶ୍ରୀ ଦୁଦସ୍ ବଲଉ ଦାସ ।

ଭୁବନେଶ୍ୱରଠାରେ ପଶ୍ଚିମ ବଙ୍ଗ ବିଧାନ ସଭାର କୁଟି, ଖାଦ୍ୟ ଓ ଯୋଗାଣ ବିଷୟକ କମିଟିର ସଦସ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ବିରୁ
ପଟ୍ଟନାୟକଙ୍କ ଆଲୋଚନା ।



ପୁରନା ଭବନଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ଗେଣ୍ଡୀ ପୁଷ୍ପ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ।



ଜଗତସିଂହପୁରଠାରେ ନିର୍ମିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦଘାଟନ କରୁଛନ୍ତି ।

ଭୁବନ ନିକଟସ୍ଥ ବିଜୁ ଷ୍ଟେଡିୟମରେ ଅନୁଷ୍ଠିତ ଫକୀର ମୋହନ ସାହିତ୍ୟ, ସାଂସ୍କୃତିକ ସଙ୍ଗଠନର ଦଶମ ବାର୍ଷିକ ଉତ୍ସବରେ ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ।

ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଶିଳ୍ପ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

ବିଶ୍ୱ ବ୍ୟାଙ୍କ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ତାଳଚେର ଥର୍ମାଲ୍ ବିଦ୍ୟୁତ୍ କାରଖାନାର ଆଧୁନିକୀକରଣ ଓ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରୁଛନ୍ତି ।

କଲିକତାସ୍ଥିତ ଆମେରିକା କନ୍‌ସଲ୍ ଜେନେରାଲ ଶ୍ରୀ ଡେଭିଡ୍ କେ. ବଗସ୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।

ନୂଆପଡ଼ାଠାରେ ଦଶମ ଥଣ୍ଡି କମିଶନର ଅଧ୍ୟକ୍ଷ ଶ୍ରୀ କେ: ସି: ପନ୍ତ ସ୍ୱରୂ କେନ୍ଦ୍ର ବୁଲି ଦେଖୁଛନ୍ତି ।

ପୁରୀଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସୁନାରଗଡ଼େଇ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ମନ୍ଦିର ସାଖାରୁ ଉଦ୍‌ଘାଟନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନୂତନ ବୋଉଡ଼ ଡିଆ ଉଦ୍‌ଘାଟନ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ନୂତନ-ଦେଓଗଡ଼ ଡିଆ ଉଦ୍‌ଘାଟିତ ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ନୂତନ ଝାରସୁଗୁଡ଼ା ଡିଆ ଉଦ୍‌ଘାଟିତ ।

ଅଁରା ମୁଖ୍ୟମନ୍ତ୍ରୀ ପଦରେ ଥାଇବା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଭିନନ୍ଦନ ।

ଭାରତୀୟ ଜାତୀୟ ଅନ୍ଧ ମହାସଙ୍ଘର ପ୍ରତିନିଧି ଉଦ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏବଂ ସାଧାରଣ ସଭାରେ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ଦେଖାଯାଉଛି ।

ସୁନ୍ଦରଗଡ଼ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷରତା କାର୍ଯ୍ୟକ୍ରମର ଅଗ୍ରଗତି

ଶ୍ରୀ ଧନେଶ୍ୱର ଷଡ଼ଙ୍ଗୀ

ଗତ ମାର୍ଚ୍ଚ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ସାକ୍ଷରତା କାର୍ଯ୍ୟକ୍ରମ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଫୁଲଘଡ଼େଇଙ୍କ ଦ୍ୱାରା ଉଦ୍‌ଘାଟିତ ହେବାପରେ ଶିକ୍ଷାଦାନର ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାପାଇଁ ବିଭିନ୍ନ ସାକ୍ଷରତା ସଫଳିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି । ମେ' ମାସଠାରୁ ଶିକ୍ଷାଦାନ କାର୍ଯ୍ୟ ସାକ୍ଷରତା କେନ୍ଦ୍ରମାନଙ୍କରେ ଆରମ୍ଭ କରାଯାଇ ଅଗ୍ରଗତି କରି ଚାଲିଛି । ପ୍ରତିକୂଳ ପାଗ ଏବଂ ଚାଷାଦି କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବାରୁ କେନ୍ଦ୍ରମାନଙ୍କର ଉପସ୍ଥିତି ଧୀରମନ୍ଥର ଏବଂ ଅନିୟମିତ ହେଉଥିବାର ଲକ୍ଷ୍ୟକରାଯାଏ । ତଥାପି ପ୍ରାୟ ଅଧିକାଂଶ କେନ୍ଦ୍ରରେ ପାଠ୍ୟୋପକରଣ ଏବଂ ଆବଶ୍ୟକୀୟ ଖଡ଼ି ବାବଦ ଟଙ୍କା ପହଞ୍ଚାଇବା ପାଇଁ ବ୍ୟବସ୍ଥା ହୋଇଥିବାର ଲକ୍ଷ୍ୟ କରାଯାଏ ।

ଏଇ ମଧ୍ୟରେ ସାକ୍ଷରତା କାର୍ଯ୍ୟରେ ସଂଶ୍ଳିଷ୍ଟ ବ୍ଲକ ଉନ୍ନୟନ ଅଧିକାରୀ, ସମ୍ପ୍ରସାରଣ ଅଫିସର, ଗ୍ରାମସେବକ, ସାକ୍ଷରତା କର୍ମୀ, ଗ୍ରାମ ପଞ୍ଚାୟତ ସ୍ତରର ନିର୍ବାଚିତ ସଭ୍ୟ ଓ ସ୍ୱେଚ୍ଛାସେବୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସମ୍ପିଲିତ କରାଯାଇ ଆଲୋଚନା ମାଧ୍ୟମରେ କାର୍ଯ୍ୟ ଆଗେଇ ନେବାକୁ ଉଦ୍‌ବୁଦ୍ଧ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବପୂର୍ଣ୍ଣ ଏବଂ ପ୍ରସାରଣ କରିବାପାଇଁ, ଜିଲ୍ଲାପାଳ ଶ୍ରୀ ପ୍ରାଣକୃଷ୍ଣ ପଟ୍ଟନାୟକ, ପ୍ରକଳ୍ପ ପ୍ରଶାସକ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୋଳଗୋବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଧନେଶ୍ୱର ଷଡ଼ଙ୍ଗୀ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପରୋକ୍ତ ଆଲୋଚନା ସଭାରେ ଯୋଗଦାନ କରୁଥିବାର ଲକ୍ଷ୍ୟ କରାଯାଏ । ଏହା ଛଡ଼ା ନବସାକ୍ଷର ଏବଂ ଅର୍ଦ୍ଧ ସାକ୍ଷରମାନଙ୍କୁ ଶିକ୍ଷାଦାନ କାର୍ଯ୍ୟରେ ଯୋଗଦେବା ସକାଶେ ଗତ ମେ' ମାସଠାରୁ ପ୍ରତ୍ୟେକମାସରେ ଏକ 'ଜାଗରଣ ସପ୍ତାହ' ପାଳିତ ହୋଇ ଆସୁଅଛି ।

ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ପାଳିତ ସପ୍ତାହର ନାମ, ଯଥାକ୍ରମେ "ସାକ୍ଷରତା ଶ୍ରମିକ ଜାଗରଣ ସପ୍ତାହ," "ସାକ୍ଷରତା କୃଷି ଜାଗରଣ ସପ୍ତାହ," "ସାକ୍ଷରତା ବନ ଜାଗରଣ ସପ୍ତାହ," ଓ ସାକ୍ଷରତା ଶିକ୍ଷା ଜାଗରଣ ସପ୍ତାହ ରୂପେ ନାମିତ କରାଯାଇଥିଲା । ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ସାକ୍ଷରତାର ବିସ୍ତୃତ ବିଷୟବସ୍ତୁ ଉପରେ ଆଲୋଚନା, ପାଧାରଣସଭା, ଶୋଭାଯାତ୍ରା, ବକ୍ତୃତା ଓ ଖେଳକୌତୁକ ପ୍ରତିଯୋଗିତା କରିବା ସଙ୍ଗେ ସଙ୍ଗେ, ସାଧାରଣ ସ୍ୱାସ୍ଥ୍ୟ, ପରିବେଶ ତଥା ଜଙ୍ଗଲସୃଷ୍ଟି ଓ ସୁରକ୍ଷା, ନାରୀ ସମାଜର ଦାବୀ ଓ କର୍ତ୍ତବ୍ୟ, ସାମାଜିକ କୁସଂସ୍କାର ଦୂରୀକରଣ, ପ୍ରାଥମିକ ଶିକ୍ଷାନୁଷ୍ଠାନରେ ଛାତ୍ରମାନଙ୍କର ପ୍ରବେଶବୃଦ୍ଧି ପାଇଁ ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଗତବର୍ଷ ୮-୯-୧୯୯୩ ତାରିଖରୁ ୧୪-୯-୧୯୯୩ ତାରିଖ ମଧ୍ୟରେ "ସାକ୍ଷରତା ସଂହତି" ସପ୍ତାହ ପାଳିତ ହେବାର ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏହି ସପ୍ତାହମାନଙ୍କରେ ରାଜ୍ୟ ସ୍ତରୀୟ ସାଧନ କେନ୍ଦ୍ର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆନିତ ସାକ୍ଷରତା ସଫଳିତ କେତେକ ଛାୟାଚିତ୍ର ବିଭିନ୍ନ ଗ୍ରାମମାନଙ୍କରେ ଜିଲ୍ଲା ସାକ୍ଷରତା ସମିତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହଯୋଗରେ ପ୍ରଦର୍ଶିତ ହେଉଥିଲା । ଏହି କାର୍ଯ୍ୟକ୍ରମଟିକୁ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗଦେଇ ବିଶେଷ ଉତ୍ସାହର ସହିତ ଦେଖୁଛନ୍ତି ଓ ପ୍ରଭାବିତ ହେଉଛନ୍ତି । ଏହାଦ୍ୱାରା ସାକ୍ଷରତା ଶିକ୍ଷାଦାନ କେନ୍ଦ୍ରରେ ମଧ୍ୟ ଉପସ୍ଥିତି ବୃଦ୍ଧି ପାଇବାର ଲକ୍ଷ୍ୟ କରାଯାଉଛି ବୋଲି, ଜିଲ୍ଲା ସାକ୍ଷରତା ସମିତିର ଉପାଧ୍ୟକ୍ଷ ଶ୍ରୀ ଦୋଳ ଗୋବିନ୍ଦ ଦାଶଙ୍କଠାରୁ ପ୍ରକାଶ ।

ଆସନ୍ତା "ସାକ୍ଷରତା ସଂହତି ସପ୍ତାହ" ତଥା ଆନ୍ତର୍ଜାତୀୟ ସାକ୍ଷରତା ଦିବସ ସେପ୍‌ଟେମ୍ବର ଆଠତାରିଖରୁ ଶୁଭାରମ୍ଭ ହେଲା । ଆରମ୍ଭରେ ସାକ୍ଷରତା କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ସ୍ୱେଚ୍ଛାସେବୀ ଓ ନବସାକ୍ଷର ଏବଂ ଅର୍ଦ୍ଧସାକ୍ଷରମାନଙ୍କୁ ନେଇ ଏକ ଉପଯୁକ୍ତ ସ୍ତରୀୟ ଆଲୋଚନା ଚକ୍ର କରାଯାଉଥିବାର ସ୍ଥାନୀୟ ଜିଲ୍ଲାପାଳ ଶ୍ରୀ ପ୍ରାଣକୃଷ୍ଣ ପଟ୍ଟନାୟକ, ଆଇ: ଏ: ଏସ:ଙ୍କଠାରୁ ପ୍ରକାଶ ।

ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ଜିଲ୍ଲା ସାକ୍ଷରତା ପକ୍ଷରୁ ଏକ ପାକ୍ଷିକ ପୁଖପତ୍ର "ବିକାଶ" ପ୍ରକାଶିତ ହେଉଅଛି । ଏହାର ବିଷୟବସ୍ତୁ ସର୍ବ ସାଧାରଣରେ ବିଶେଷ ଭାବରେ ଆକୃଷ୍ଟ ହେବାର ଲକ୍ଷ୍ୟ କରାଯାଏ । ନିକଟରେ ସଦରପଞ୍ଚାୟତ ସମିତିରେ ଲହଣ୍ଡାବୁଡ଼ ଓ କୁଆଁ ପଞ୍ଚାୟତ ସମିତିର ତରକେରା ଗ୍ରାମ ପଞ୍ଚାୟତ ମନ୍ଦକୁମାରେ ଏକ ବିଶେଷ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସାକ୍ଷରତା ସମିତିର ଉପାଧ୍ୟକ୍ଷ ଶ୍ରୀ ଦୋଳ ଗୋବିନ୍ଦ ଦାସ, ଜିଲ୍ଲା ଉନ୍ନୟନ ଅଧିକାରୀ ଶ୍ରୀ ଗଙ୍ଗାଧର ମହାନନ୍ଦିଆ, ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଧନେଶ୍ୱର ଷଡ଼ଙ୍ଗୀ ଯୋଗଦେଇଥିଲେ ।

ସାକ୍ଷରତା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ନିର୍ବାଚିତ ପ୍ରତିନିଧି, ସାକ୍ଷରତା କର୍ମୀ, ନବସାକ୍ଷର, ସମ୍ପ୍ରସାରଣ ଅଫିସର ତଥା ସାଧାରଣ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ଗ୍ରାମର ସୁବିଧା ଅସୁବିଧା ଆଲୋଚନା ହେବା ସଙ୍ଗେ ସଙ୍ଗେ ସାକ୍ଷରତା କାର୍ଯ୍ୟକ୍ରମର ସୁବିଧା ଅସୁବିଧା ଓ ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

ଯାହା ଦେଖାଯାଏ, ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଗ୍ରଗତି ସାମାନ୍ୟ ଧୀର ମନ୍ଥର ହେଲେ ମଧ୍ୟ ଆସନ୍ତା ମାସମାନଙ୍କରେ ଦ୍ରୁତ ସମ୍ପ୍ରସାରଣ ପାଇଁ ଏକ ଅନୁକୂଳ ଆବାହ ସୃଷ୍ଟି କରାଯାଇ ପାରିଛି। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଗ୍ରାମବିକାଶ ସମିତି, ଜନବିକାଶ ସମିତି, ଓ ବ୍ଲକ ସ୍ତରୀୟ ସାକ୍ଷରତା ସମିତିଗୁଡ଼ିକ ସମେ ସକ୍ରିୟ ହୋଇ ଉଠୁଛନ୍ତି। ଜୁନ ଓ ଜୁଲାଇ ୧୯୯୭ ମସିହାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷ ହେବା ପରେ, ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହେବା ମଧ୍ୟରେ ପ୍ରାୟ ଏକ ବ୍ୟବଧାନ ନବସାକ୍ଷରଙ୍କ ସାକ୍ଷରତା ଜ୍ଞାନରେ ସାମାନ୍ୟ ଅବନତି ଘଟାଇଥିଲା।

ବିଭିନ୍ନ ଜିଲ୍ଲା ସାକ୍ଷରତା ସମିତିର ଉଦ୍ୟମାଗତ ଜାଗରଣ ପଦଯାତ୍ରା ପାଳନ, ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅବନତିକୁ ବହୁଳାଂଶରେ ପୁନରୁଦ୍ଧାର କରାଯାଇଥିବାର ଜଣାଯାଏ। ତଥାପି ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ସଂଯୋଜକ ଓ ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ସଂଯୋଜକ, ଜନ୍‌ଶିକ୍ଷକ ବିଶେଷକରି ଶିକ୍ଷିତ ସମାଜ ଆହୁରି ଅଧିକ ସକ୍ରିୟ ହେଲେ କାର୍ଯ୍ୟକ୍ରମର ଆଶୁ ସଫଳତା ଲାଭ କରାଯାଇ ପାରିବ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ସୁନ୍ଦରଗଡ଼।

ରାୟଗଡ଼ାଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ଗେଙ୍ଗୀ ଆଦିବାସୀ ବାଳିକାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଛାତ୍ରାବାସକୁ ପରିଦର୍ଶନ କରୁଛନ୍ତି।

କହୁଛି କଥାଏ ତୁମରି ପାଇଁ

ଶ୍ରୀମତୀ ସୁଷମା ପଣ୍ଡା

କିସ ଦେବି ଭେଟି ନୂଆ ବରଷେ
ଭେତେ ଭାବି ଭାବି ବୁଦ୍ଧି ନ ଦିଶେ ॥୧॥

କବିତାର ଛନ୍ଦେ ଅତି ହରଷେ
ଜଗୁଛି ସ୍ୱାଗତ ନୂଆ ବରଷେ ॥୨॥

ଜାନ ଦେଇ ଶୁଣ ଭଉଣୀ ଭାଇ
କହୁଛି କଥାଏ ତୁମରି ପାଇଁ ॥୩॥

ଭେଡ଼େ ଉପକାରୀ ଆମ ପୋଖରୀ
କିଏ ଅଛି ଆଉ ତା'ପଙ୍କେ ସରି ॥୪॥

କାଳ କାଳ ଧରି ଆମରି ପାଇଁ
କରେ ଉପକାର ଜାଣ କି ନାହିଁ ? ॥୫॥

କାହିକି ଅସନା ଦେଉଛି ପାଣି
କାରଣ ଏଥିର କିଏ ନଜାଣି ? ॥୬॥

କି ଲାଭ ବିଗୁରି ବସୁଛୁ ଝାଡ଼ା
କରୁଛୁ ଅସନା ପୋଖରୀ ତୁଡ଼ା ॥୭॥

କୁଡ଼ କୁଡ଼ ଯେତେ ଅସନା ଆସି
କରୁଛି ଅସନା ପାଣିରେ ପଶି ॥୮॥

କରୁ ବ୍ୟବହାର ଯେ ପାଣି ନେଇ
କିଣି ଆଣୁ ଗୋଗ ଆମରି ପାଇଁ ॥୯॥

ଜଗିଛନ୍ତି ବିଜୁ ନୂଆ ଯୋଜନା
ଜଗାଇ ଦେବେ ବାଡ଼ି ପାଇଖାନା ॥୧୦॥

ଡଲୀ ଦଗଡାଓ ବି: ଡ଼ି: ଓ:ଠାରେ
ଜଗିଦେବେ ପାଇଖାନା ବାଡ଼ିରେ ॥୧୧॥

କିଆଁ ଏ ସୁବିଧା ଛାଡ଼ିବା ଭାଇ
ଜରି ନିଅ ବୁକ୍ ଅଫିସେ ଯାଇ ॥୧୨॥

ଗଡାଗ ଡିୟାପାଡଙ୍କ ନିବାସ,
ବମ୍ପୁର ।

ଅଣଛାତ ଗ୍ରାମୀଣ ଯୁବମାନଙ୍କ ବିକାଶ ପାଇଁ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ

ନବିନ କୁମାର ନାଏକ

୧୯୭୨ ମସିହାରେ ନେହେରୁ ଯୁବ କେନ୍ଦ୍ର ଗତ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇ ୧୯୮୭ ମସିହାରେ ଏକ ସ୍ୱୟଂଶାସିତ ଅନୁଷ୍ଠାନରେ ପରିଣତ କରାଯାଇ ନେହେରୁ ଯୁବ କେନ୍ଦ୍ର ସଂଗଠନ ନାମରେ ନାମିତ କରାଗଲା । ବର୍ତ୍ତମାନ ନେହେରୁ ଯୁବ କେନ୍ଦ୍ର ସଂଗଠନ ଭାରତବର୍ଷର ଗ୍ରାମ୍ୟ ଓ ଆଦିବାସୀ ଅଞ୍ଚଳର ଯୁବକ ଯୁବତୀମାନଙ୍କୁ ବିକାଶ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସାମିଲ କରାଇବା ଏବଂ ସେମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ବଳିଷ୍ଠ ନେତୃତ୍ୱ ଦେବା, ଯଦ୍ଦ୍ୱାରା ବି ଗ୍ରାମାଞ୍ଚଳର ସାମାଜିକ ତଥା ଅର୍ଥନୈତିକ ପରିବର୍ତ୍ତନରେ ଯୁବକ ଯୁବତୀମାନେ ଅଗ୍ରଣୀ ଭୂମିକା ନେବେ ଏବଂ ଜୀବନର ବିଭିନ୍ନ ଦିଗର ଉନ୍ନତିର ସୁଯୋଗ ପାଇ ପାରିବେ ତଥା ସ୍ୱାବଲମ୍ବୀ ଆଧୁନିକ ଭାରତ ଗଢ଼ିବାରେ ସହାୟକ ହେବେ ।

ବର୍ତ୍ତମାନ ସୁଦ୍ଧା ଦେଶର ୪୩୨ଟି ଜିଲ୍ଲାରେ ନେହେରୁ ଯୁବ କେନ୍ଦ୍ରମାନ ସ୍ଥାପନ କରାଯାଇ ୨,୫୦,୦୦୦ଟି ଗ୍ରାମରେ ଗ୍ରାମ୍ୟ ଯୁବ ଅନୁଷ୍ଠାନ ଯଥା : ଯୁବକ ସଙ୍ଘ, ମହିଳା ସମିତି, ପାଠାଗାର ଇତ୍ୟାଦି ସ୍ଥାପିତ କରାଯାଇଛି । ଓଡ଼ିଶାରେ ଏପର୍ଯ୍ୟନ୍ତ ଅବିଭକ୍ତ ୧୩ଟି ଜିଲ୍ଲାରେ ନେହେରୁ ଯୁବ କେନ୍ଦ୍ର ସ୍ଥାପିତ ହୋଇସାରିଛି ଏବଂ ପ୍ରାୟ ୪୨୩୨ଟି ଗ୍ରାମାଞ୍ଚଳର ଗ୍ରାମ୍ୟ ଯୁବ ଅନୁଷ୍ଠାନ ନେହେରୁ ଯୁବ କେନ୍ଦ୍ର ସହିତ ସମ୍ପୃକ୍ତ ହୋଇଛନ୍ତି । ଏବଂ ସେମାନେ ଶିକ୍ଷା, ଧର୍ମମୂଳକ ତାଲିମ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି । ନିକଟ ଭବିଷ୍ୟତରେ ଅନ୍ୟ ନୂତନ ପରିତ୍ୟକ୍ତ ଜିଲ୍ଲାମାନଙ୍କରେ ମଧ୍ୟ ନେହେରୁ ଯୁବ କେନ୍ଦ୍ରମାନ ସ୍ଥାପିତ ହେବାର ଯୋଜନା ରହିଛି ।

ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ :

(୧) ଯୁବ ସମାଜ ମଧ୍ୟରେ ଜାତୀୟ ସଂହତି, ଏକତା ଏବଂ ଧର୍ମ ନିରପେକ୍ଷତାର ମୂଲଧାରଣାକୁ ବିକଶିତ କରିବା ଏବଂ ଅଭିବୃଦ୍ଧି କରିବା ।

(୨) ଯୁବସମାଜକୁ ଏପରି କାର୍ଯ୍ୟକ୍ରମରେ ସମ୍ପୃକ୍ତ କରିବା ଯାହାକି ସେମାନଙ୍କୁ ସ୍ଥାନୀୟ ଉପଲବ୍ଧ ସମ୍ବଳ ଉପରେ ଭିତ୍ତି କରି ଉପାର୍ଜନକାରୀ ପ୍ରକଳ୍ପ ଯଥା : ବନୀକରଣ ଉଦ୍ୟାନକୃଷି, କୁକୁଡ଼ା ପାଳନ, ମତ୍ସ୍ୟପାଳନ, ମଧୁମକ୍ଷିକା ପାଳନ, ରେଶମ କୀଟ ପାଳନ ତଥା ହସ୍ତତନ୍ତ ଇତ୍ୟାଦି କୁଟୀରଶିଳ୍ପ ସ୍ଥାପନରେ ସହାୟକ ହେବ ।

(୩) ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପରିମଳ ବ୍ୟବସ୍ଥା, ସାମାଜିକ ବ୍ୟାଧି, ମହିଳାମାନଙ୍କର ଦାୟିତ୍ୱ ଓ ଗୁରୁତ୍ୱ ଇତ୍ୟାଦି ସମ୍ପର୍କରେ ଜ୍ଞାନ ବିତରଣ କରି ଯୁବ ସମାଜ ମଧ୍ୟରେ ନେତୃତ୍ୱ ପ୍ରଦାନ କରିବା ।

(୪) ଗ୍ରାମ ଉନ୍ନୟନ ଯୋଜନାର ସୁଯୋଗ ନେବାରେ ଉପଦେଶ ଦେବା ଏବଂ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ରୂପାୟନ ସମ୍ପର୍କରେ ଯୁବ ସମାଜକୁ ସଚେତନ କରାଇବା ।

(୫) ଯୁବ ଅନୁଷ୍ଠାନ ଏବଂ ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଯୁବକମାନଙ୍କୁ ତାଲିମ ଏବଂ ଆତ୍ମନିଯୁକ୍ତି ଯୋଜନା, ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଜଙ୍ଗଲ ଓ ପରିବେଶ ସଂରକ୍ଷଣ ଇତ୍ୟାଦି ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକ୍ରମରେ ସାମିଲ କରାଇବା ।

(୬) ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ସଚେତନ ଯୁବ ସାମ୍ମୁଖ୍ୟ ଗଠନ କରିବା ।

(୭) ନେହେରୁ ଯୁବ କେନ୍ଦ୍ର ଓ ଅନ୍ୟାନ୍ୟ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଯୁବକ ସଙ୍ଗମାନଙ୍କୁ ପତ୍ର ପତ୍ରିକା, ଖବର କାଗଜ, ରେଡ଼ିଓ, ଦୂରଦର୍ଶନ ମାଧ୍ୟମରେ ଜଣାଇବା ।

ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟକ୍ରମ

(୧) ବୁଦ୍ଧ ସ୍ତରୀୟ ଯୁବ ନେତୃତ୍ୱ ଓ ଆତ୍ମନିଯୁକ୍ତି ତାଲିମ୍ ଶିବିର :

ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍‌ର ୭୫ ଜଣ ବେକାରୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଥାଏ । ଏଥିରେ ସେମାନଙ୍କୁ ପଶୁପାଳନ, କୁକୁଡ଼ା ପାଳନ, ମଧୁମକ୍ଷିକା ସଂରକ୍ଷଣ, ରେଶମ କୀଟ ପାଳନ ପ୍ରଭୃତି ବିଷୟରେ ତାଲିମ ଦିଆଯାଇଥାଏ । ଏହାଦ୍ୱାରା ସେମାନେ ତାଲିମ ପାଇପାରିବା ସଙ୍ଗେ ସଙ୍ଗେ ଆତ୍ମନିର୍ଭର ଶୀଳ ହୋଇପାରିଥାନ୍ତି ଏବଂ ଏହା ସେମାନଙ୍କର ଅର୍ଥନୈତିକ ସମସ୍ୟାକୁ ସମାଧାନ କରିବାରେ ପ୍ରଧାନ ସହାୟକ ହୋଇଥାଏ । ଏହି କାର୍ଯ୍ୟକ୍ରମ ଦୀର୍ଘ ୧୫ ଦିନଧରି ଅନୁଷ୍ଠିତ ହୋଇଥାଏ ଏବଂ ଏଥିରେ ତାଲିମ ନେଉଥିବା ଯୁବକମାନଙ୍କ ପାଇଁ ଖାଇବା ଏବଂ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଥାଏ ।

(୬) ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ :

ଏହି କାର୍ଯ୍ୟକ୍ରମ ଗୋଟିଏ ଦିନରେ ହୁଏ । ଏଥିରେ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳର ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥାନ୍ତି ଓ ଲୋକଗୀତ, ସଂକୀର୍ତ୍ତନ, ଘୁମୁରା, ଛୋଟ ଛୋଟ ନାଟକ ଆଦି ପରିବେଷଣ କରାଯାଇଥାଏ । ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଲୋକମାନଙ୍କର ବିଭିନ୍ନ ସମସ୍ୟା ଯଥା : ଜନଶିକ୍ଷା ଜନସଂଖ୍ୟାର ବୃଦ୍ଧି ରୋକିବା, ପରିବାର କଲ୍ୟାଣ, ଯୌତୁକ ପରି ଅନ୍ୟ କେତେକ ସାମାଜିକ ବ୍ୟାଧିର ସମାଧାନ ଉପରେ ଆଧାରିତ ହୋଇଥାଏ । ଉକ୍ତ ସାଂସ୍କୃତିକ ଦଳଗୁଡ଼ିକର ଯେଉଁ ଦଳମାନ ବିଜୟୀ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ । ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଲୋକମାନଙ୍କର କଳା ଓ ସଂସ୍କୃତିର ବିକାଶ ଘଟିଥାଏ ।

(୩) ବ୍ଲକ୍ ସ୍ତରୀୟ ଶ୍ରମ ଶିବିର :

ଉକ୍ତ ଶ୍ରମଦାନ ଶିବିରରେ କ୍ଲବ୍ କିମ୍ବା ଗୃହ ନିର୍ମିତ ହୋଇଥାଏ । ଏଥିରେ ୫୦ ଜଣ ଯୁବକ ପାନ୍ଥନ୍ଦିନ ଧରି ଶ୍ରମଦାନ କରିଥାନ୍ତି । ଉକ୍ତ ଗୃହ ନିର୍ମାଣ ପାଇଁ ଗ୍ରାମର ସମସ୍ତ ସାମଗ୍ରୀ ବ୍ୟବହାର କରାଯାଇଥାଏ । ଶ୍ରମଦାନ ଶିବିର ଅନୁଷ୍ଠିତ ହେବା ସମୟରେ ଶିବିରରେ ଯୋଗ ଦେଇଥିବା ଯୁବକଙ୍କୁ ନେହେରୁ ଯୁବକେନ୍ଦ୍ର ତରଫରୁ ଖାଇବା ଏବଂ ରହିବାର ସୁବ୍ୟବସ୍ଥା କରାଯାଇଥାଏ ।

(୪) ବ୍ଲକ ସ୍ତରୀୟ ବୈଷୟିକ/ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ :

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରେ ବେକାର ଯୁବକ ଓ ଯୁବତୀମାନଙ୍କୁ ବୈଷୟିକ ଓ ଅଣବୈଷୟିକ ତାଲିମ ପ୍ରଦାନ କରାଯାଇଥାଏ । ବୈଷୟିକ ତାଲିମ ଦେଉଥିବା ଶିକ୍ଷକଙ୍କୁ ମାସକୁ ୭୦୦ ଟଙ୍କା ଓ ଅଣବୈଷୟିକ ତାଲିମ ଦେଉଥିବା ଶିକ୍ଷକଙ୍କୁ ମାସକୁ ୩୫୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଏ । ଏହି କାର୍ଯ୍ୟକ୍ରମରେ ତାଲିମ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ସାମଗ୍ରୀ ନେହେରୁ ଯୁବ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ଆତ୍ମନିଯୁକ୍ତି ଦେବାସହ ତାଙ୍କର ଅର୍ଥନୈତିକ ସମସ୍ୟାକୁ ଦୂରୀଭୂତ କରିଥାଏ ।

(୫) ବ୍ଲକ୍ ଏବଂ ଜିଲ୍ଲାସ୍ତରୀୟ କ୍ରୀଡ଼ା :

ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଓ ଜିଲ୍ଲାର କ୍ରୀଡ଼ା ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥାନ୍ତି । ବିଜୟୀ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥାଏ । କ୍ରୀଡ଼ାସାମଗ୍ରୀ ଯଥା : ଫୁଟବଲ୍, ଭଲିବଲ୍ ଆଦି କ୍ରୀଡ଼ାର ବିକାଶ ପାଇଁ ନେହେରୁ ଯୁବକେନ୍ଦ୍ର ତରଫରୁ ବିଭିନ୍ନ ଯୁବକ ସଙ୍ଘଗୁଡ଼ିକୁ ପ୍ରଦାନ କରାଯାଇଥାଏ ।

(୬) ବ୍ଲକ୍ ସ୍ତରୀୟ ଅଭିଯାନ :

ବ୍ଲକ୍‌ରେ ଯେତେଗୁଡ଼ିଏ ଗ୍ରାମପଞ୍ଚି, ସେଉଁ ଗ୍ରାମର ଯୁବକମାନେ ନେହେରୁ ଯୁବକେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଠିକ୍ ରୂପେ ଜାଣି ପାରୁନାଦାନ୍ତି, ସେମାନଙ୍କୁ ନେହେରୁ ଯୁବକେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିବା ନିମନ୍ତେ ପାନ୍ଥଦିନିଆ ବ୍ଲକସ୍ତରୀୟ ଅଭିଯାନ କରାଯାଇଥାଏ । ଉକ୍ତ କାର୍ଯ୍ୟକ୍ରମରେ ୧୦ ଜଣ ସ୍ୱେଚ୍ଛାସେବୀ ସେହି ବ୍ଲକ୍‌ର ବିଭିନ୍ନ ଗ୍ରାମଗୁଡ଼ିକୁ ଯାଇ ନେହେରୁ ଯୁବକେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥାନ୍ତି ।

(୭) ଯୁବ ପୁରସ୍କାର :

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ତରଫରୁ ନେହେରୁ ଯୁବକେନ୍ଦ୍ର ସଂଗଠନ ଦ୍ୱାରା ଜିଲ୍ଲା, ରାଜ୍ୟ ତଥା ସର୍ବଭାରତୀୟ ସ୍ତରରେ ଯୁବ ଅନୁଷ୍ଠାନ ଓ ଯୁବକ ଯୁବତୀମାନଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ପୁରସ୍କାର ପ୍ରଦାନ କରାଯାଇଥାଏ । ଯୁବ ପୁରସ୍କାର ବାବଦ ଜିଲ୍ଲାସ୍ତରରେ ବ୍ୟକ୍ତିବିଶେଷଙ୍କୁ ନଗଦ ୫୦୦ ଟଙ୍କା ଓ ପ୍ରମାଣପତ୍ର ଅନୁଷ୍ଠାନମାନଙ୍କୁ ନଗଦ ୩,୦୦୦ ଟଙ୍କା ଓ ପ୍ରମାଣପତ୍ର ରାଜ୍ୟସ୍ତରରେ ଯୁବ ଅନୁଷ୍ଠାନମାନଙ୍କୁ ନଗଦ ୨୦,୦୦୦ ଟଙ୍କା ଓ ପ୍ରମାଣପତ୍ର, ପର୍ବ ଭାରତୀୟ ସ୍ତରରେ ଯୁବ ଅନୁଷ୍ଠାନମାନଙ୍କୁ ନଗଦ ଏକ ଲକ୍ଷ ଟଙ୍କା, ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥାଏ ।

(୮) ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଦିବସ ଓ ସପ୍ତାହ ପାଳନ :

ନେହେରୁ ଯୁବ କେନ୍ଦ୍ର ଦ୍ୱାରା ସମ୍ପୃକ୍ତ ଜିଲ୍ଲାର ଯୁବ ଅନୁଷ୍ଠାନମାନଙ୍କ ସହାୟତାରେ ବିଭିନ୍ନ ଜାତୀୟ ଦିବସ ତଥା ବନମହୋତ୍ସବ ସପ୍ତାହ, ଜାତୀୟ ସଂହତି ସପ୍ତାହ, ଜାତୀୟ ଯୁବ ସପ୍ତାହ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଇଥାଏ ।

(୯) ସ୍ୱତନ୍ତ୍ର କାର୍ଯ୍ୟକ୍ରମ :

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ବିଭାଗ ତରଫରୁ ପ୍ରଦତ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯଥା : ଖେଳ କପରତ, ପାହ୍ୟିକତା କାର୍ଯ୍ୟକ୍ରମ, ପର୍ବତାରୋହଣ, ସାଇକେଲ ଓ ମୋଟର ସଫାରୀ, ତାଲିମ କାର୍ଯ୍ୟକ୍ରମ, ଜାତୀୟ ସଂହତି ଶିବିର, ଯୁବ ବିନିମୟ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଇତ୍ୟାଦିର ଆୟୋଜନ କରାଯାଏ ବିଭିନ୍ନ ସମୟରେ ଯୁବକ ଯୁବତୀମାନଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ କରିବା ପାଇଁ ପଠାଯାଇଥାଏ । ଏହି ସବୁ କାର୍ଯ୍ୟକ୍ରମର ଖର୍ଚ୍ଚ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ବହନ କରିଥାନ୍ତି ।

(୧୦) ସମନ୍ୱୟ କାର୍ଯ୍ୟକ୍ରମ :

ନେହେରୁ ଯୁବ କେନ୍ଦ୍ର ବିଭିନ୍ନ ସରକାରୀ ଓ ବେସରକାରୀ ଉନ୍ନୟନ ବିଭାଗ ସହିତ ସମନ୍ୱୟ ରକ୍ଷାକରି, ଆତ୍ମନିଯୁକ୍ତି, ଗ୍ରାମ୍ୟଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ, ଜଙ୍ଗଲ ସଂରକ୍ଷଣ, ବୃକ୍ଷରୋପଣ, ପରିବେଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ସାକ୍ଷରତା, ଅକ୍ଷୟ ଶକ୍ତିର ବିକାଶ, ଜନ ସଚେତନତା, ସାଂସ୍କୃତିକ

ଯ୍ୟକ୍ରମ ଇତ୍ୟାଦିରେ ଯୁବ ଅନୁଷ୍ଠାନମାନଙ୍କୁ ସଂଶ୍ଳିଷ୍ଟ ଗାରଥାଏ ।

ଆର୍ଥିକ ସହାୟତା

ନେହେରୁ ଯୁବକେନ୍ଦ୍ର ଯୁବ ଅନୁଷ୍ଠାନମାନଙ୍କୁ କେନ୍ଦ୍ର ଓ ରାଜ୍ୟ ରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଦିଆଯାଉଥିବା ଆର୍ଥିକ ଅନୁଦାନ ସମ୍ବନ୍ଧରେ ଅବଗତ କରାଇଥାଏ ଏବଂ ଦରଖାସ୍ତ ମଧ୍ୟ ବିଭିନ୍ନ ଭାଗକୁ ଗୁପାରିଶ କରିଥାଏ ।

ନେହେରୁ ଯୁବ କେନ୍ଦ୍ର ସଂଗଠନର କେତେକ ଭବିଷ୍ୟତ ଯୋଜନା :

(୧) ଜିଲ୍ଲା ଏବଂ ରାଜ୍ୟସ୍ତରରେ ଯୁବ ମହାସଙ୍ଘ ଗଠନ ରିବାର ଯୋଜନା ରହିଛି ।

(୨) ପ୍ରତ୍ୟେକ ଗ୍ରାମରେ ଯୁବ ଅନୁଷ୍ଠାନ ଗଠନ କରାଯିବ ।

(୩) ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଯୁବକମାନଙ୍କ ପାଇଁ ସର୍ବାନ୍ତ ଯୁବ ସମିତି ଗଠନ କରାଯିବ ।

(୪) ଯୁବକମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଦେଇ ଆତ୍ମନିଯୁକ୍ତି ଦିଆଯିବ ।

(୫) ଏଡ୍‌ସ ରୋଗର ନିରାକରଣ ପାଇଁ ସଚେତନତା ଅଭିଯାନ କରାଯିବ ।

(୬) ସମସ୍ତ ଯୁବ ଅନୁଷ୍ଠାନଗୁଡ଼ିକ ନେହେରୁ ଯୁବ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ବେଶୀମାତ୍ରାରେ ସାମିଲ କରାଯିବ ।

ସହକାରୀ ନିର୍ଦ୍ଦେଶକ,
ନେହେରୁ ଯୁବ କେନ୍ଦ୍ର ସଂଗଠନ, ପୂର୍ବାଞ୍ଚଳ କ୍ଷେତ୍ର,
ଆର୍‌ଏଚ୍‌ପି: ଭିଲେଜ୍,
ଭୁବନେଶ୍ୱର ।

ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ପର୍ବତାରୋହୀ ଭୁଟୋଳ କଂଗ୍ରେସ ପଶ୍ଚିକନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

ସ୍ୱାଧୀନତାର ସ୍ୱାଦ

ଚପଳା ପଣ୍ଡା

ସ୍ୱାଧୀନତାର ସ୍ଲୋଗାନ୍ ଶୁଭେ
ତିରଙ୍ଗାର ପାଦ ତଳୁ
ଶପଥର ଅଗ୍ନିବର୍ଷୀ ଭାଷଣର ଅନ୍ତରାଳେ
ଲେଲିହାନ ଯୁକ୍ତିର ବାଗ୍ମୀତା
ପଂକ୍ତି ତୋଳେ ଶିଶୁ ଶାବକର କଣ୍ଠେ
'ଜନଗଣମନ' ପଟୁଆର ଖେଳେ
ମାଆ ଛାତି ତଳ ନିଭୃତ ଅଞ୍ଚଳେ ।

ସ୍ୱାଧୀନତା ଆଶା ଆଣେ
ଦଳିତ ଅବହେଳିତ ଡୋକିଲା ପ୍ରାଣରେ
ନିଃସହାୟ, ଖଟିଖିଆ ମୂଲିଆ ଓଠରେ
ସତୁଥିବା ଦୁଃଖୁନୀର ଓଦାଆଖି ଶୁଖିଯାଏ
ସ୍ୱାଧୀନତାର ସେଇ ଶୁଭ କ୍ଷଣେ ।

ପରାଧୀନ ମାଆଟିର ହସର ଲହରୀ
ତାଳ ଦିଏ ଯୌତୁକରେ ନିତି ଜଳି ମରୁଥିବା
ଅଭାଗିନୀ ବୋହୂଟିର ଆସା ପକ୍ଷୀ ଡାକ
ଉଠ୍ ପୁତ ଉଠ୍ ସ୍ୱାଧୀନତା ଆସିଅଛି ଏବେ
ଫେଡ଼ିଦେବ ସକଳ ଯନ୍ତ୍ରଣା ଅସ୍ପୃତ ଯୁଗର ।

ସ୍ୱାଧୀନତାର ନୂତନ ପୁରୁଯେ
ଦୁର୍ନୀତିର ନିଷ୍ପନ୍ ଆଲୁଅ ଫିକା ପଡ଼େ
ମହୁଲି ନିଶାରେ ମହୁ ପିଉ ପିଉ
ଭାଙ୍ଗି ଲୋଭ୍ଭ ହୁଏ ତୋଷାମଦୀଆର
କଅଁଳିଆ ମନ ।

ଏ ତ ସେଇ ସ୍ୱାଧୀନତା
ଭାରତ ମାଆର ସୁତି ସୌଧ ଯନ୍ତ୍ରଣାର ପୁଞ୍ଜା
ଅତୀତର କଳା ମେଘେ
ଆଣି ଦେବ ଦ୍ୱିତୀୟାର ଗୁନ୍ଦ ଭଳି ହସଟିଏ
ଦୁଃଖୀ ପ୍ରାଣ ପାଇଁ ।

ସ୍ୱାଧୀନତାର କର୍ଣ୍ଣଧାର
ବାପୁଜୀ ସ୍ୱର୍ଗରେ
ଆମରି ହାତରେ ଦେଶ ଭାଗ୍ୟ ଡ଼ୋରି
ହର୍ତ୍ତା କର୍ତ୍ତା ଦଇବ ବିଧାତା
ଉଙ୍କିମାରେ ଅସୁମାରୀ ପ୍ରଶ୍ନ
ଭାରତ ମାଆଟିର ପାଇଁ ।

ଆଜିର ଏ ସୁଦିନେ
ଲୁଚିଯାଉ ଅମା ଅନ୍ଧକାର
ସନ୍ତାପିତ ଆର୍ଦ୍ରପୂର୍ଣ୍ଣ ବିକଳ ଚିତ୍କାର
ହସିଉଠୁ ଜଗତ ଜନନୀ
ଭୁଲିଯାଇ ଦୀର୍ଘ ଛନ୍ଦାଳିଗି
ବର୍ଷ ତଳର ରାଗି ରାଗି ଦୁଃଖ ।

ପ୍ରଧାନ ଶିକ୍ଷୟିତ୍ରୀ
ଭାଲିଆବାଡ଼ି ବାଉରୀପାହି ଉଃ ପ୍ରାଃ
ବିଦ୍ୟାଳୟ, ଖୋର୍ଦ୍ଧା-୨ ।

ଆଉ ଜଣେ ମେହେର କବି : ହୀନବନ୍ଧୁ ମେହେର

ଡଃ ସୁଧାକର ଦାସ

ଓଡ଼ିଶାର ପ୍ରଗତିଶୀଳ ମେହେର କବି ଭାବରେ ଗଙ୍ଗାଧର (୧୮୬୬–୧୯୨୪) ଜଣାଶୁଣା । ତାଙ୍କର କବି ପ୍ରତିଭା ସ୍ୱତଃସ୍ଫୂର୍ତ୍ତ ଏବଂ ସେ ଗାଧାନାଥୀ ଜୟଯାତ୍ରାର ଅନ୍ୟତମ ଉଦ୍‌ଗାତା । ବରଗଡ଼ ଜିଲ୍ଲା (ପ୍ରବିତନ ସମ୍ବଲପୁର ଜିଲ୍ଲା)ର ବରପାଲିରେ ସେ ଭୂମିଷ୍ଠ ହୋଇଥିଲେ । ଅଥଚ ଦ୍ୱିତୀୟ ମେହେର କବିଙ୍କ ଘର ସିନ୍ଦୁରପାଲି, ଖଡ଼ିଆଳର ନୂଆପଡ଼ା ଜିଲ୍ଲାରେ (ପ୍ରବିତନ ବଲାଙ୍ଗୀର) । କବିଙ୍କ ପୁରା ନାମ ମନୋହର ମେହେର (୧୮୮୫–୧୯୬୯) । ମନୋହରଙ୍କୁ ସୀମାନ୍ତର ଦୀପଶିଖା ଭାବେ ଅଭିହିତ କରାଯାଏ । ପ୍ରତିକୂଳ ପରିବେଶରେ ସ୍ୱକୀୟ ଶ୍ରଦ୍ଧା ଓ ସାଧନା ଦ୍ୱାରା ପଶ୍ଚିମାଞ୍ଚଳର ସାଂସ୍କୃତିକ ଚେତନାର ପ୍ରାଚୁର୍ଯ୍ୟ ତାଙ୍କର କମନୀୟ ପୁଷ୍ପି ସମ୍ଭାର ମଧ୍ୟରେ ଜୀବନ୍ତ ଓ ନୈସର୍ଗିକ : ମାତ୍ର ଆଲୋଚ୍ୟ ମେହେର କବି ହୀନବନ୍ଧୁ ମେହେରଙ୍କ ଜନ୍ମ ୧୯୦୩ ସାଲରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଉପଜିଲ୍ଲାସ୍ଥ ରାମପୁର ଗାଁରେ । ପିତାଙ୍କ ନାମ ହରି ମେହେର ଓ ମା' ତାରାଦେବୀ । ଔପଗ୍ରାମିକ ଶିକ୍ଷା ବ୍ୟତୀତ ସେ ନିଜ ଚେଷ୍ଟାରେ ଉପେନ୍ଦ୍ର ଗାଧାନାଥ ଗଙ୍ଗାଧର ଆଦି କବିଙ୍କର ଲେଖାକୁ ଅଧ୍ୟୟନ କରିଛନ୍ତି । ପ୍ରାଚୀନ ଛାନ୍ଦ ଚମ୍ପୂ ପୋର ବୋଲି ଚଉତିଶା ଆଦିରେ ତାଙ୍କର ପାରଦର୍ଶିତା ଅନେକ । ଦରିଦ୍ର ତନ୍ତୀ ପରିବାରରେ ଜନ୍ମ ହୋଇ ବି ପୈତୃକ ବ୍ୟବସାୟ ପ୍ରତି ସେ ଉଦାସୀନ । ଅଧ୍ୟାପକ ବ୍ରତ ଅବଲମ୍ବନ କରି ବିଦ୍ୟାନନ୍ଦ କାବ୍ୟ ରଚନାରେ ସବୁବେଳେ ସେ ତନ୍ମୟ । ବିଶ୍ୱନାଥ କବିରାଜଙ୍କ ନିର୍ଦ୍ଦେଶିତ 'ବାକ୍ୟଂ ରସାତ୍ମକ କାବ୍ୟମ୍' ତାଙ୍କର ଏବେ ବି ଧ୍ୟେୟ ।

କବିଙ୍କର ପୁସ୍ତି ସମ୍ଭାର ଅନେକ : ମାତ୍ର ୧୯୩୦ ସାଲରେ ଜନକଲ୍ୟାଣ ଚଉତିଶା ଓ ହିଂସାଦଳନ ଚଉତିଶା ଏକତ୍ର ପ୍ରକାଶିତ ଅଥଚ ୧୯୫୯ ସାଲରେ ଲିଖିତ ମନସ୍ୱିନୀ କାବ୍ୟ ୧୯୭୨ରେ ମାନ୍ୟବର ପୂର୍ବତନ ମନ୍ତ୍ରୀ ଅଇନୁ ସାହୁଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ ହୋଇଥିଛି ।

ମନସ୍ୱିନୀ ଏକ ପୌରାଣିକ କାବ୍ୟ । ଏହା ପ୍ରାଚ୍ୟ କାବ୍ୟ ଦର୍ଶାନୁସାରେ ଲିଖିତ । ଏଥିରେ ଏଗାରଟି ସର୍ଗ । ପୁରାଣ ପ୍ରସିଦ୍ଧ ମଦ୍ରରାଜ କନ୍ୟା ସାବିତ୍ରୀଙ୍କର ଅଦ୍ଭୁତ ସତୀତ୍ୱବଳରେ ମୃତ ସ୍ୱାମୀ ସତ୍ୟବାନଙ୍କର ଜୀବନ୍ୟାସ ମନସ୍ୱିନୀ କାବ୍ୟର ପ୍ରାଣ । ମାତ୍ର ପୁରାଣ ବର୍ଣ୍ଣିତ ଉଧ୍ୟାବସ୍ଥୁ ଓ ବରିଷମାନଙ୍କୁ ଅଦ୍ଭୁତ ଶକ୍ତି ମୃତ ପତି ସତ୍ୟବାନଙ୍କୁ ସତୀତ୍ୱ ପରିବର୍ତ୍ତେ ସ୍ୱକୀୟ ଆଧ୍ୟାତ୍ମିକତା ବଳରେ ସାବିତ୍ରୀ ଜୀବନ୍ୟାସ କରିଥିବା କବି ମନସ୍ୱିନୀ କାବ୍ୟରେ ଉପସ୍ଥାପନା କରି ସ୍ୱକୀୟ ମୌଳିକତା ପ୍ରଦର୍ଶନ କରିଥଛନ୍ତି । କାବ୍ୟର ମୁଖବନ୍ଧରେ କବି ନିଜେ ଘୋଷଣା କରି କହିଛନ୍ତ : ମନସ୍ୱିନୀ ସାବିତ୍ରୀ ସ୍ୱକୀୟ ଯୋଗସାଧନା ବଳରେ ପୁଷ୍ଟ ଶରୀର ଧାରଣ କରିବାରୁ ଧର୍ମରାଜ ଯମଙ୍କ ସହିତ ଜାଗ୍ରତ ଅବସ୍ଥାରେ ଯୁକ୍ତିତର୍କ କରି ମୃତ ପତି ସତ୍ୟବାନଙ୍କ ଜୀବନ ଫେରାଇବାରେ ସମର୍ଥ ହୋଇଥିଲେ ।

କାବ୍ୟର ପ୍ରଥମ ସର୍ଗ ପ୍ରାଚ୍ୟ କାବ୍ୟାଦର୍ଶ ଅନୁସାରେ ନମସ୍କ୍ରିୟାତ୍ମକ ମଙ୍ଗଳାଚରଣରେ ଆରମ୍ଭ ହୋଇଛି । ପର୍ଯ୍ୟାୟକ୍ରମେ କବି ମଦ୍ରରାଜ ଅଶ୍ୱପତିଙ୍କର ନଗର ବିଶେଷର ବର୍ଣ୍ଣନା ଦେଇଥଛନ୍ତି । ଏଇ ସର୍ଗରେ ଦେବର୍ଷି ନାରଦଙ୍କ ପରାମର୍ଶରେ ନିଃସନ୍ତତି ଅଶ୍ୱପତି ଏକ ଯଜ୍ଞର ଆୟୋଜନ ପାଇଁ ପ୍ରସ୍ତୁତ ହୋଇଛନ୍ତି । ଦ୍ୱିତୀୟ ସର୍ଗ ଯଜ୍ଞାଦି ଉତ୍ସବ ସମାପ୍ତରେ ଅଶ୍ୱପତି ଏବଂ ତାଙ୍କ ରାଣୀ ନିଜ ନିଜକୁ ଉପାସକ ଓ ଉପାସ୍ୟା ଭାବରେ ଉପସ୍ଥାପିତ କରିବା ବର୍ଣ୍ଣିତ ହୋଇଛି । ତୃତୀୟ ସର୍ଗ ଅଶ୍ୱପତିଙ୍କ ରାଣୀଙ୍କର କାମୋଦ୍ଦୀପକ ଶୃଙ୍ଗାର ରସାଶ୍ରୟୀ ରୂପ ବର୍ଣ୍ଣିତ ହୋଇଛି ଏବଂ ଋତୁଥି ସର୍ଗରେ ରାଣୀ ଗର୍ଭଧାରଣ କରିଥିବା କଥା ବର୍ଣ୍ଣିତ ହୋଇଛି । ପଞ୍ଚମ ସର୍ଗ ସାବିତ୍ରୀଙ୍କ ଜନ୍ମ ବୟଃପ୍ରାପ୍ତି ଓ ଯୌବନାଦିର ବର୍ଣ୍ଣନାରେ ମୁଖରିତ । ଷଷ୍ଠ ସର୍ଗ ସାବିତ୍ରୀ ସ୍ୱଭାଷାରେ ପତିବରଣ ପ୍ରସଙ୍ଗ ବର୍ଣ୍ଣିତ ମାତ୍ର ସପ୍ତମ ସର୍ଗରେ ସାବିତ୍ରୀଙ୍କ ବୈଧବ୍ୟ ସମ୍ପର୍କରେ ନାରଦଙ୍କ ବର୍ଣ୍ଣନା ଏବଂ ସାବିତ୍ରୀଙ୍କ ଏକ ପତିବ୍ରତାଗ ନିଶ୍ଚିତତାତ୍ପର୍ଯ୍ୟରେ ସତ୍ୟବାନଙ୍କ ସହିତ ବିବାହ ସମ୍ପନ୍ନ ହୋଇଛି । ଅଷ୍ଟମ ସର୍ଗରେ ସାବିତ୍ରୀ ସତ୍ୟବାନ ଆଶ୍ରମ ଗମନ ବର୍ଣ୍ଣନା ଏବଂ ସେଠାରେ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ପରି ସେମାନଙ୍କର କାଳାତିପାତ ବର୍ଣ୍ଣିତ । ନବମ ସର୍ଗରେ କାଷ୍ଠ ସଂଗ୍ରହ ପାଇଁ ଯାଉଥିବା ସମୟରେ ସାବିତ୍ରୀ ସହଯାତ୍ରୀ ହୋଇଛନ୍ତି । ସେଠାରେ ସତ୍ୟବାନଙ୍କ ମହାପ୍ରସ୍ଥାଣ ଘଟିବାରୁ ଯମଙ୍କର ଆଗମନ ଘଟିଛି ଏବଂ ସୂକ୍ଷ୍ମଶରୀର ଧାରିଣୀ ସାବିତ୍ରୀ ଯମଙ୍କ ସମ୍ମୁଖରେ ମୃତ ପତି ସତ୍ୟବାନଙ୍କ ଜୀବନ ଫେରାଇ ଦେବା ପାଇଁ ଯୁକ୍ତି । ସାବିତ୍ରୀଙ୍କ ନିକଟରେ ଯମ ପରାସ୍ତ ହୋଇ ସତ୍ୟବାନକୁ ଜୀବନ୍ୟାସ ଦେଇଛନ୍ତି । ସାବିତ୍ରୀ ଆନନ୍ଦିତ ହୋଇ ଆଶ୍ରମ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦଶମ ସର୍ଗରେ ସାବିତ୍ରୀ ନିଜସ୍ୱ ଅନୁଭୂତି ସାରୁ ଶ୍ୱଶୁରଙ୍କ ନିକଟରେ ଉପସ୍ଥାପନା କରିଛନ୍ତି ଏବଂ ଏକାଦଶରେ ସାବିତ୍ରୀଙ୍କ ଶ୍ୱଶୁର ଦ୍ୟୁମତ୍‌ସେନ ନିଜରାଜ୍ୟ ଫେରି ପାଇଛନ୍ତି ।

ଯେତେଦୂର ମନେହୁଏ ଓଡ଼ିଆ କାବ୍ୟ ପରମ୍ପରାରେ ସାବିତ୍ରୀ ବିଷୟକ ଅମ୍ଳାନ ଚରିତ୍ରକୁ ନେଇ କୌଣସି ଉଚ୍ଚାଙ୍ଗ କାବ୍ୟ ନାହିଁ ଅଥଚ ହୀନବନ୍ଧୁ ଏପରି ଏକ ଚରିତ୍ରକୁ ନେଇ ଯେଉଁ ସୃଷ୍ଟିକାରୀ ଉଦ୍ୟମ ନେଇଛନ୍ତି ତାହା ପ୍ରଶଂସାର୍ହ। ପୁନଶ୍ଚ ପାରମ୍ପରିକ ପୌରାଣିକ କଥାବସ୍ତୁକୁ ନୂତନ ଭାବରେ ଉପସ୍ଥାପିତ କରି ସେ ତାଙ୍କର ବିଦ୍‌ବତ୍ତା ଓ ମୌଳିକତାକୁ ନିର୍ଦ୍ଦେଶ କରନ୍ତି। ମହର୍ଷି ଅରବିନ୍ଦ ସ୍ୱକୀୟ ସାବିତ୍ରୀ କାବ୍ୟରେ ଅଶ୍ୱପତିଙ୍କୁ ଆକୁଳତା (aspiration) ସତ୍ୟବାନଙ୍କୁ ବିଶ୍ୱାସ (Faith), ସାବିତ୍ରୀଙ୍କୁ କୃପା (Grace) ଏବଂ ଯମକୁ ସଂଶୟ ରୂପେ ପ୍ରତୀକାୟିତ କଲାପରି ହୀନବନ୍ଧୁ ମନସ୍ୱିନୀ ସାବିତ୍ରୀଙ୍କୁ ସ୍ୱକୀୟ କାବ୍ୟ ନାୟିକା ରୂପେ ଗ୍ରହଣ କରି ତାଙ୍କୁ ଆସବିଶ୍ୱାସର ଶ୍ରେଷ୍ଠ ପ୍ରତୀକ ରୂପେ ଗ୍ରହଣ କରିଅଛନ୍ତି। ଏହି କାବ୍ୟରେ ସାବିତ୍ରୀଙ୍କୁ ସଜାଗ କରିବାରେ ନାରଦଙ୍କ ଭୂମିକା କିଛି ଅଛି ଯାହା ଆଧ୍ୟାତ୍ମିକ ସାଧିକା ସାବିତ୍ରୀଙ୍କ ଚିତ୍‌ଶକ୍ତି କହିଲେ ଅତ୍ୟୁକ୍ତି 'ହେବନାହିଁ'। ସତ୍ୟବାନଙ୍କ ଭୂମିକା କାବ୍ୟରେ କିଛି ନାହିଁ ଅଥଚ ସେ ସାବିତ୍ରୀଙ୍କ ଅଟଳ ବିଶ୍ୱାସକୁ ସାକାର କରିବାର ମାଧ୍ୟମ। ମଦ୍ରପତି ଅଶ୍ୱପତି ଅରବିନ୍ଦଙ୍କ ସାବିତ୍ରୀ କାବ୍ୟାନୁରୂପ ଆକୁଳତା ଓ ଯମ ସଂଶୟ ରୂପେ ଏହି କାବ୍ୟରେ ଚିତ୍ରିତ।

କବି ନିଜେ ଭାରତୀୟ ପରମ୍ପରାଜ ଆଧ୍ୟାତ୍ମିକତାକୁ ଅତି ଯୌବନରୁ ନିଜ ଜୀବନରେ ଆରୋପ କରିଥିବାରୁ ତାହାର ପ୍ରତିଫଳନ ସାବିତ୍ରୀ ଚିତ୍ରରେ ହିଁ କରିଛନ୍ତି। ଯମଙ୍କ ପଛେ ପଛେ ଯାଉ ରଜମାଂସଧାରିଣୀ ସାବିତ୍ରୀ ମୃତ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିବାର ଅବିଶ୍ୱାସ୍ୟ, ତଥ୍ୟର ଉର୍ଦ୍ଧ୍ୱରେ ରହି ଅଗରୀରୀ ଯମଦେବଙ୍କ ସହିତ ସୂକ୍ଷ୍ମ ଶରୀର ଧାରିଣୀ ସାବିତ୍ରୀଙ୍କ କଥୋପକଥନ ଓ ମୃତ ସ୍ୱାମୀ ସତ୍ୟବାନଙ୍କ ଜୀବନ ପ୍ରତ୍ୟାବର୍ତ୍ତନର ପ୍ରସଙ୍ଗ କବିଙ୍କର ମୌଳିକତା। ଗଙ୍ଗାଧରଙ୍କ ତପସ୍ୱିନୀର ସୀତାଙ୍କ ପରି ସେ ଅସହାୟା ନୁହନ୍ତି। ସ୍ୱକୀୟ ଆଧ୍ୟାତ୍ମିକତା ବଳରେ ସ୍ୱକୀୟ ବିଧି ପ୍ରଦତ୍ତ ବିଡ଼ମ୍ବନା ବିରୁଦ୍ଧରେ ସେ ଯେପରି ଯୁଦ୍ଧ ଘୋଷଣା କରିଛନ୍ତି ଓଡ଼ିଆ କାବ୍ୟ ଜଗତରେ ଏପରି ଏକ ଚରିତ୍ର ବାସ୍ତବିକ ବିପ୍ଳବ୍ୟ ଓ ସ୍ୱତନ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ଆମ ପରମ୍ପରାର ଏକାନ୍ନବର୍ତ୍ତୀ ପରିବାରର ଚିତ୍ର ସାବିତ୍ରୀଙ୍କ ଚରିତ୍ରରେ ପ୍ରତିଫଳିତ ହୋଇଛି। ସେ କେବଳ ନିଜ ପାଇଁ ଅଥବା ନିଜ ସ୍ୱାମୀ ପାଇଁ ଚିନ୍ତା ନକରି ଯମରାଜଙ୍କ ପ୍ରସନ୍ନତାକୁ ଲକ୍ଷ୍ୟକରି ନିଜ ଶ୍ୱଶୁରଙ୍କ ସମ୍ପର୍କରେ ଚିନ୍ତା କରି ଥିଲେ। ଫଳତଃ ସାବିତ୍ରୀଙ୍କ ମହାନୁଭବ ଚରିତ୍ରବତ୍ତା ଓ କବିଙ୍କ ପ୍ରଦତ୍ତ 'ମନସ୍ୱିନୀ' ନାମାଙ୍କନ ଯଥାର୍ଥ ବୋଲି ମନେ ହୋଇଛି।

ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ଅନେକ ସୁଧାଶ୍ରାବି ନଗର ବର୍ଣ୍ଣନା ପରିଦୃଷ୍ଟ ହୁଏ। ସେହି ପରମ୍ପରାର କୁତ୍‌ବିଦ୍ ସମ୍ପନ୍ନ ସ୍ରଷ୍ଟା ହୀନବନ୍ଧୁଙ୍କ ନଗର ବର୍ଣ୍ଣନା କୌଣସି ଗୁଣରେ ନ୍ୟୂନ ନୁହେଁ; ମଦ୍ରଦେଶର ଅଶ୍ୱପତିଙ୍କ ନଗର ବର୍ଣ୍ଣନା ଚମରେ କବି ଜଣେ ପ୍ରତ୍ୟକ୍ଷଦର୍ଶୀ ପରି କୁହନ୍ତି–

ଦୀର୍ଘ ଅଟ୍ଟାଳିକା/ସୁରମ୍ୟ ସେବିକା/ଦିଶୁଥାଏ ଚମତ୍କାର
ସତେ ସୁରପତି/ସମାନ ସମ୍ପତ୍ତି/ପୁରିଅଛି ଯା ଭଣ୍ଡାର ॥୭॥
ପ୍ରତି ପତ୍ତିଧାତା/ଦରିଦ୍ର ଶ୍ୟାମଳା/ଲୋହିତ ନୀଳ ପାଞ୍ଚର
ପ୍ରତେ ହୁଏ ମନ/ଯେମ୍ଭେପାସ୍ଥନ/ନଭେ ଗଙ୍ଗ
ଅଭ୍ରପୁର ॥୮॥
ରାଜାଲସ୍ୟ ଶୀର୍ଷେ/ବୈନତେସ୍ୱ କି ପେ/ୟୁକ୍ତ ହସ୍ତେ ଅଛି ଗ୍ରହି
ଅନନ୍ତ ଆକାଶ/ମଧ୍ୟରୁ ବିକାଶ/ହୁଅନ୍ତି କିଁ ବିଶ୍ୱପାଇଁ ॥୯॥

କଳାସକ ତୁଷ୍ଟିର ଚମତ୍କାରିତା ଓ ସ୍ୱାଭାବିକ ବର୍ଣ୍ଣନା ତୃତୀୟ ସର୍ଗରେ ବିଦ୍ୟମାନ। ସେଠାରେ ରାଜଦମ୍ପତିଙ୍କ ଆଶାନୁରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା ଲକ୍ଷ୍ୟ କରାଯାଇଛି। ଗଙ୍ଗାଧରଙ୍କ ସଂଯତ ବର୍ଣ୍ଣନା ଶୈଳୀକୁ ଆଲୋଚ୍ୟ କବି ଅନୁପରଣ କରିଛନ୍ତି। ରାଣୀଙ୍କର ସ୍ତନଯୁଗର ବର୍ଣ୍ଣନାକୁ ଏଇ ଚମରେ ଉଦାହରଣ ଦିଆଯାଇପାରେ।

ଝିନ ବାପଛଳେ/ଦିଗଇ ମଞ୍ଜୁଳ/ବର୍ତ୍ତୁଳ ଉରଜ ଦ୍ୱସ୍ୱ।
ବାରୁଣୀର ବକ୍ଷ/ସ୍ଥଳେ ହେଲା ଲକ୍ଷ୍ୟ/ଶୁଭ୍ର ମଙ୍ଗଳ ଅନ୍ୱସ୍ୱ।

ସେହିପରି ଚତୁର୍ଥ ସର୍ଗରେ ରାଣୀଙ୍କର ଗର୍ଭଧାରଣ ପ୍ରସଙ୍ଗ ଅତ୍ୟନ୍ତ ସ୍ୱାଭାବିକ ଓ ଲୋକାୟତ ହୋଇଛି। ସଂସ୍କୃତର ଗର୍ଭଉପନିଷଦ ରୁଦ୍ରପ୍ରଧାନିଧି ଅଥବା 'ବଡ଼ ମାୟାବି ଜୀବ ନୁହେଁ କାହାରୀ' ଭଜନର ପ୍ରଭାବ କିଛିଟା ଏଇ ବର୍ଣ୍ଣନାଚମରେ ଉପଲବ୍ଧ ହୁଏ। ମାତ୍ର କବିଙ୍କର ମୌଳିକତା ଗର୍ଭସ୍ଥ ଶିଶୁ ପ୍ରସଙ୍ଗରେ ଉପମା ପ୍ରୟୋଗରୁ ଉପଲବ୍ଧ ହୁଏ।

ଜରାସ୍ଥୁ ଜେ ସୁତା/ଚେତନ ଲଭି/ଖେଳେ ଆନନ୍ଦ
ଯେଉଁପରି ମହ୍ୟ/ଜୀବନ ସଙ୍ଗେ/ଖେଳଇ ହ୍ରଦେ ॥୨୨॥
xxx xxx xxx
ଗର୍ଭ ଚତୁର୍ଦ୍ଦଗେ/ଦୁହିତା ଖେଳେ/ଜାତ ନିମିତ।
ଯେମନ୍ତ କବିଙ୍କ/କବିତା ଖେଳେ/ପଣ୍ଡିତ ଚିତ୍ତ ॥୪୪॥

କବିଙ୍କ କାବ୍ୟିକ ପୁରୁଷ ଓ ବ୍ୟକ୍ତି ପୁରୁଷ ସାବିତ୍ରୀ ଚରିତ୍ରରେ ସତେ ଯେପରି ରୂପ ପାଇଛି। କବି ହୀନବନ୍ଧୁ ଯୌବନକାଳରୁ ଇଚ୍ଛାକୃତ ସନ୍ନ୍ୟାସ ଓ ସଂଯମ ଆଚରଣ କରି ଆସିଛନ୍ତି। ସେଥିପାଇଁ ଅତ୍ୟଧିକ ଶୃଙ୍ଗାର ରସୋଚ୍ଚିତ ଉଦ୍ଦୀପ୍ତ ବର୍ଣ୍ଣନା ସେ ଗ୍ରହଣ କରି ନାହାନ୍ତି; ବରଂ ଭାରତୀୟ ସଂସ୍କୃତିର ତିନିଧାରକୁ ଅତି ପ୍ରାଞ୍ଜଳ ଭାବରେ ସାବିତ୍ରୀ ଚିତ୍ତରେ ରୂପାୟନ କରିଛନ୍ତି। ସ୍ମରଣ କରାଯାଇପାରେ ଆସ ସଂଯମର ମଙ୍ଗଳ ଅଭ୍ୟାସ ଏକାନ୍ନବର୍ତ୍ତୀ ପାରିବାରିକ ସମ୍ପର୍କ ଏବଂ ଆଧ୍ୟାତ୍ମିକତା ଆମ ସଂସ୍କୃତିର ପ୍ରାଣ। ଏଗୁଡ଼ିକ ସମସ୍ତ ସାବିତ୍ରୀଙ୍କ ଜୀବନରେ ସତ୍ୟ। ସେ ଜଣେ ସାଧିକା, ପ୍ରାଣାୟାମ, କାୟ, ମନବାକ୍ୟରେ ସଂଯମ, ନିଃସ୍ୱାର୍ଥପର ଭାବରେ ନିଜ ଚିନ୍ତାକୁ ପଛରେ ପକାଇ ଶ୍ୱଶୁରଙ୍କ ସମ୍ପର୍କରେ ଚିନ୍ତା ଏବଂ ପର୍ବୋପରି ଙ୍କାଳର ଫଳାଫଳ ଜ୍ଞାତା ସାବିତ୍ରୀଙ୍କର ଚରିତ୍ର ଉପସ୍ଥାପନାରେ କବିଙ୍କ ବିଶେଷତ୍ୱ ପ୍ରକଟିତ। ଅବଶ୍ୟ ସାବିତ୍ରୀଙ୍କର ସ୍ୱଇଚ୍ଛାରେ ବର ମନୋନୟନ କରି କାବ୍ୟ ରସପାନରେ କିଛିଟା ଅସଙ୍ଗତ ଲକ୍ଷ୍ୟ କରାଯାଏ ଏବଂ ଯୁବତୀ ସାବିତ୍ରୀଙ୍କୁ ସ୍ୱକୀୟ ସ୍ୱାଭାବିକତା ଚମରେ ହଠାତ୍ ଯୋଗିନୀ କରିବାର ପ୍ରଯତ୍ନ ରସାଭାଷ ସୃଷ୍ଟିକଲାପରି ମନେହୁଏ।

ହୀନବନ୍ଧୁ କାବ୍ୟ ପ୍ରତିଭାର ଜୟଯାତ୍ରା ଅପ୍ରକାଶିତ ସନ୍ନ୍ୟାସିନୀରେ ଉପଲବ୍ଧ। ତପସ୍ୱିନୀର ଉତ୍ତରାର୍ଦ୍ଧ ଭାବେ ଏହାକୁ

ପ୍ରଦର୍ଶନ କରାଯାଇପାରେ। ଗଙ୍ଗାଧର ଓ ହୀନବନ୍ଧୁଙ୍କ ଭିତରେ ତଥା ତପସ୍ୱିନୀ ଓ ସନ୍ନ୍ୟାସିନୀ ମଧ୍ୟରେ ପ୍ରଭେଦ ହେଉଛି– ତପସ୍ୱିନୀର କଥାବସ୍ତୁ ପଦ୍ୟତାନୁରୂପ ମାତ୍ର ସନ୍ନ୍ୟାସିନୀର କଥାବସ୍ତୁ ସଂସ୍କୃତି ଅନୁରୂପ। ତପସ୍ୱିନୀରେ ସୀତା ତାଙ୍କ ପବିତ୍ରତା ସମ୍ପର୍କରେ ଲୋକାପବାଦ ଶୁଣି ସ୍ୱଇଚ୍ଛାରେ ନିର୍ବାସିତା। ଅବଶ୍ୟ ଏହି କାବ୍ୟର ପ୍ରତି ଛତ୍ରେ ଛତ୍ରେ ଗଙ୍ଗାଧରୀୟ ଶୈଳୀ ଆତ୍ମ ପ୍ରକାଶ କରିଛି। ତେବେ ରସ ଉପଲବ୍ଧି ଅପେକ୍ଷା ଥାଧାସ ଜୀବନର ପରିଚର୍ଯ୍ୟାରେ ସେ ଅଧିକ ଭାବରେ ନିଜ କୃତିମାନଙ୍କରେ ଯତ୍ନବାନ ହୋଇଥିବା ଉପଲବ୍ଧ।

କବି ହୀନବନ୍ଧୁ ଏବେ ସତୁରୀ ବର୍ଷରେ ପଦାର୍ପିତ ମାତ୍ର କବିପ୍ରତିଭା ଓ ଦୀପ୍ତିରେ ସଦାସର୍ବଦା ଆଲୋକିତ। ମନସ୍ୱିନୀ କାବ୍ୟ ପାଇଁ କବିଙ୍କୁ ଉଦ୍ୟାସନ ପ୍ରଦାନ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ମାତ୍ର ବୟୋବୃଦ୍ଧ ସାହିତ୍ୟସେବୀ ବର୍ଷିୟାନ କବିଙ୍କର ଆର୍ଥିକ ପୁରସ୍କାର ପ୍ରାପ୍ତି ଅତି ଜଟିଳ। ଦୁଃଖ ସାହିତ୍ୟିକ ଭତ୍ତା ପାଇଁ ଆବେଦନ କରିକରି ଥକିଗଲେଣି ଅଥଚ ଏ ପର୍ଯ୍ୟନ୍ତ ସେ ତାହା ପାଇନାହାନ୍ତି। ଓଡ଼ିଶା ସରକାର ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପୃକ୍ତ କର୍ମକର୍ତ୍ତାମାନେ କବିଙ୍କର ଅସ୍ମାନ ପ୍ରତିଭାକୁ ବିସ୍ମରକୁ ନେଇ ବୟୋବୃଦ୍ଧ କବି କିପରି ଦୀର୍ଘଜୀବନ ଲାଭ କରିବେ ସେଥିପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଆବଶ୍ୟକ। ଭୀମଭୋଇ, ଗଙ୍ଗାଧର, ମନୋହରଙ୍କ ପରି ହୀନବନ୍ଧୁ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବାରେ ସମ୍ପ୍ରତି ଯେପରି ଅନବରତ ସଂଗ୍ରାମ ଚଳାଇଛନ୍ତି, ସେଥିପାଇଁ ଅନ୍ତତଃ ତାଙ୍କୁ ପୁରସ୍କୃତ ତଥା ସମ୍ମାନିତ କରିବା ଆବଶ୍ୟକ ଯାହା ଦ୍ରୁତବୋଧ୍ୟ।

ପ୍ରାଧ୍ୟାପକ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ସୋନପୁର ମହାବିଦ୍ୟାଳୟ,
ସୁବର୍ଣ୍ଣପୁର–୭୬୭୦୧୭।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମାନ୍ୟବର ଗାତ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀଙ୍କୁ ସାକ୍ଷାତ କରୁଛନ୍ତି।

ଅମର ଶହୀଦ ଗାନ୍ଧିଜୀ

ଶ୍ରୀ ସୁବାସ ଚନ୍ଦ୍ର ବିଶି

ସଲାମ ଘେନ ପଲାମଘେନ
ଅମର ଶହୀଦ୍ ଗାନ୍ଧିଜୀ
ସ୍ୱର୍ଗଧାମରେ ଶାନ୍ତିରେ ଥାଅ
ପଙ୍ଗତେ ଗୁଣୁଜୀ ଶାସ୍ତ୍ରୀଜୀ.....(୧)

ସ୍ୱପ୍ନର ତୁମ ଶ୍ରୀରାମ ରାଜ୍ୟ
ସ୍ଥାପିତ ହୋଇନି ଅଦ୍ୟାପି
ଇତ୍ୟବସରେ ବର୍ଷ କେତେ ଯେ
ପୂର୍ତ୍ତି ହେଲାଣି ଯଦ୍ୟପି.....(୨)

ଭ୍ରାତୃ ବିବାଦ ହିଂସା ଦ୍ୱେଷରେ
ସ୍ୱାଧୀନ ଭାରତ କମ୍ପୁଛି
ଏକ୍ୟ ଭାବ ର ଶୂନ୍ୟତା ପୁଣି
ପର୍ବତ ଆଜି ଗ୍ରାସିଛି.....(୩)

ମୁକ୍ତ ହୋଇ ବି ମୁକ୍ତି ମିଳିନି
ଅଦ୍‌ଭୁତ ଏଇ ମର୍ମ କଥା
ତ୍ୟାଗୀ କାହିଁ ସେ ତାଲାସ ମନେ
ତ୍ରାସ କରିବ ଅନ୍ତର୍ବ୍ୟଥା.....(୪)

ପୂଣ୍ୟ ଭାରତ ଇଙ୍ଗିତ ପାଇଁ
ପୃଥିବୀ ନିୟତ ବ୍ୟାକୁଳ
ଶକ୍ତି ଦିଅ ହେ ପୂର୍ବଜ ସୁରୀ
ଘୁଞ୍ଚିବ ଘନ ଅନ୍ଧାର.....(୫)

ଆଶୀର୍ବାଦର ପୁଷ୍ପ ଚୁଞ୍ଚି
ସିଞ୍ଚିଦିଅ ଏ ଆର୍ଯ୍ୟ ଭୂମେ
ଶାନ୍ତି ମୈତ୍ରୀ ସତ୍ୟ ଅହିଂସା
ସହରି ଯାଉ ମର୍ତ୍ତ୍ୟଧାମେ.....(୬)

ଜିଲ୍ଲା କୃଷି ଦାୟିତ୍ୱାଳୟ,
ଉବାନୀପାଟଣା-୭୬୬୦୦୨ ।

ଶୈବ ପୀଠ ଦେଉଳଝରୀ

ଅଲେଖ ପଡ଼ିଆରୀ

ଉପକ୍ରମଣିକା :

ମନ୍ଦିରମାଳିନୀ ଓଡ଼ିଶାର ଅନନ୍ତ ବକ୍ଷରେ ଯେଉଁ କେତୋଟି ଉପାସନା ପୀଠ ଲୋକଲୋଚନର ଦିଗ୍‌ବଳୟକୁ ତାରକା ସଦୃଶ ଅମ୍ଳାନ ଭାବରେ ପ୍ରତୀୟମାନ ହେଉଛି ସେଗୁଡ଼ିକ ମଧ୍ୟରୁ ସାଧନାର ପୀଠ ଦେଉଳଝରୀ ଅନ୍ୟତମ ।

ତତ୍‌କାଳୀନ ଗଡ଼ଜାତ ରାଜ୍ୟ ଆଠମଲ୍ଲିକ ଓ ବର୍ତ୍ତମାନର ଆଠମଲ୍ଲିକ ସହରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଅବସ୍ଥିତ ଏହି ଦେଉଳଝରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠଛଳୀ ହିସାବରେ ମହିମା ଦୀପ୍ତ ହୋଇଉଠିଛି । କିଆ, କେତକୀ ବଣର ପବୁଜିମା ମଧ୍ୟରେ ଅବସ୍ଥିତ ପ୍ରାକୃତିକ ଉଷ୍ମ ପ୍ରସବଣମାନ ଏହାକୁ ଏକ ଭ୍ରମଣ କେନ୍ଦ୍ର ରୂପେ ପ୍ରତିଷ୍ଠିତ କରିବାର ସମ୍ଭାବନାକୁ ତ୍ୱରିତ୍ୱତ କରିଛି । ମହିମାମୟ ସିଦ୍ଧେଶ୍ୱରଙ୍କର ଅନନ୍ତ ମହିମା, ଦୁଃଖଦୈନ୍ୟ, ନୈରାଶ୍ୟ ଭାରାକ୍ରାନ୍ତ ମାନବ ମନରେ ଆଣିଦେଇଛି ଆଶା ଓ ଆଲୋକର ଦ୍ୟୁତି । ମହାଯୋଗୀ ଆଶୁତୋଷଙ୍କର ଆଶିଷବାରୀ ଜୀବନ୍ୟାସ ଦେଇଛି ଯନ୍ତ୍ରଣା ଜର୍ଜର ସଙ୍କଟାପନ୍ନ ମରଣ ଅଭିଳାଷୀ ମଣିଷ ପ୍ରାଣରେ ବଞ୍ଚିବାର ଅଭିଳାଷ ଓ ମାଦକତା ଢାଳିଛି ।

ସୀମା ପରିସୀମା:

ଅନୁଗୁଳଠାରୁ ସମ୍ବଲପୁର ଦିଗରେ ଲମ୍ବି ଯାଇଥିବା ଜାତୀୟ ସଡ଼କର ଠିକ୍ ୪୦ କିଲୋମିଟର ଅତିକ୍ରମ କଲାପରେ ବରଗନ୍ତା ନାମକ ଏକ ଛକିଠାରୁ ବାମ ପାର୍ଶ୍ୱରେ ପୁଣି ୪୦ କିଲୋମିଟର ଅତିକ୍ରମ କରିବାକୁ ପଡ଼େ ଆଠମଲ୍ଲିକ ସହରରେ ପଦାର୍ପଣ କରିବା ନିମନ୍ତେ । ଏହି ଆଠମଲ୍ଲିକଠାରୁ ମାଧପୁର ଦିଗରେ ଅନ୍ୟ ଏକ ରାସ୍ତାରେ ୫ କିଲୋମିଟର ଯିବାପରେ ଦକ୍ଷିଣ ପାର୍ଶ୍ୱରେ ଦେଉଳଝରୀର କିଆ କେତକୀର ସବୁଜିମା କୁଣ୍ଡ ଅଦୂରରୁ ପରିଦୃଶ୍ୟମାନ ହୁଏ । ମାତ୍ର ୨ମ ଏକର ପରିମିତ ଏହି ସ୍ଥାନଟି ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ରାସ୍ତାସହ ସଂଲଗ୍ନ ହୋଇ ଜୀରଲାଡ଼ ଦ୍ୱାରା ପରିବେଷ୍ଟିତ ହୋଇଛି । ମୁଖ୍ୟ ରାସ୍ତାରୁ ଲମ୍ବି ଯାଇଥିବା ଗୋଟିଏ ଛୋଟ ରାସ୍ତାଟି କିଆ କେତକୀ ବଣମୁଖ୍ୟ ଉଷ୍ମ ଜଳକୁଣ୍ଡ ଓ ଶୀତଳ ଜଳକୁଣ୍ଡ ଦେଇ ସିଧାସଳଖ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ନିକଟକୁ ଲମ୍ବି ଯାଇଅଛି । ଏହି ମୁଖ୍ୟ ରାସ୍ତାର ଅନତି ଦୂରରେ ପର୍ଯ୍ୟଟନ ବିଭାଗ ତରଫରୁ ଏକ ଯାତ୍ରୀ ବିଶ୍ରାମଗାର ଓ ଯୋଗକେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଅଛି । ସମ୍ବଲପୁର ଆଡୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ମାଧପୁର କିଶୋରନଗର ଦେଇ ଏବଂ ଫୁଲବାଣୀ ଦିଗରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ କିଆକଟା ଓ ମାଧପୁର ଦେଇ ଏହି ସ୍ଥାନକୁ ଗମନାଗମନ କରିବାର ସୁବିଧା ରହିଛି ।

କିମ୍ବଦନ୍ତୀରୁ କିଛି:

ନିମ୍ନର ସମସ୍ତର ଦିଗ୍‌ବଳୟ ତଳେ ଯେଉଁ କିମ୍ବଦନ୍ତୀଟି ଅମ୍ଳାନ ହୋଇଯାଇଛି ତାହାର ଐତିହାସିକ ସତ୍ୟତା ପ୍ରତିପାଦନ କରିବା ଏବେ ଆୟତାସାଧ୍ୟ ହୋଇପଡ଼ିଛି । ଲୋକମତରୁ ଜଣାଯାଏ ଯେ କେଶରୀ ବଂଶ ରାଜା ସୁବର୍ଣ୍ଣ କେଶରୀ ଶୀତଳ ଓ ଉଷ୍ମକୁଣ୍ଡ ସମ୍ମୁଖରେ ମନ୍ଦିର ନିର୍ମାଣ କରିଥିଲେ ଏବଂ ସୁବର୍ଣ୍ଣ ନିର୍ମିତ ଦଶଭୁଜା ଦୁର୍ଗାମୂର୍ତ୍ତି ଯାଜପୁରଠାରୁ ଆଣି ମନ୍ଦିରରେ ପ୍ରତିଷ୍ଠା କରିଥିଲେ। ତତ୍‌କାଳୀନ ଆଠମଲ୍ଲିକ ଦେବାନ ଶ୍ରୀ ବାମଦେବ ମିଶ୍ର ଯେ ଜି ୧୯୩୨ରୁ ୧୯୪୪ ପର୍ଯ୍ୟନ୍ତ ଆଠମଲ୍ଲିକରେ ଥିଲେ ସେ ଏହି ଉକ୍ତିକୁ ସମ୍ପୂର୍ଣ୍ଣ ଭାବରେ ସମର୍ଥନ କରନ୍ତି ।

କଦମ୍ବ ବଂଶୀୟ ରାଜାମାନେ କଇଁଜୀଗଡ଼ରେ ଗଡ଼ ନିର୍ମାଣ କରି ରାଜୁତି କରୁଥିଲେ । ସେହି ବଂଶର ରାଜା ମହେନ୍ଦ୍ର ବାହାଦୁରଙ୍କର ପୁତ୍ର ବିଭୁଧେନ୍ଦ୍ର ଦେଓ ଦେଉଳଝରୀରେ ସିଦ୍ଧେଶ୍ୱର ବାବାଙ୍କର ମନ୍ଦିର ନିର୍ମାଣ କରିଥିଲେ । ରାମ ଚନ୍ଦ୍ର ଦେଓ ପୁରୁଣାଗଡ଼ରେ ରାଜଧାନୀ ସ୍ଥାପନ କରି ମା ମାହେଶ୍ୱରୀଙ୍କୁ ଦେଉଳଝରୀରୁ ଆଣି ପୁରୁଣାଗଡ଼ରେ ଆରାଧନା କଲେ । କାଳସ୍ରମେ ପୀଠଟି ନଷ୍ଟ ହୋଇଯିବାରୁ ମାଉସୀମା ମନ୍ଦିରରେ ମାହେଶ୍ୱରୀଙ୍କୁ ସ୍ଥାପନ କରାଗଲା । ସେହି ବଂଶର ରାଜା ବିଭୁଧେନ୍ଦ୍ର ଦେଓ ପ୍ରାୟ ୧୯୪୫ ମସିହାରେ ମାହେଶ୍ୱରୀ ମନ୍ଦିର ଆରମ୍ଭ କରିଥିଲେ । ତା'ପରେ କିଶୋର ଚନ୍ଦ୍ର ଦେଓ ମନ୍ଦିର ନିର୍ମାଣ ଶେଷ କରି ମାହେଶ୍ୱରୀଙ୍କୁ ସେଠାରେ ସ୍ଥାପନ କଲେ ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ କେଶରୀ ବଂଶୀୟ ରାଜାମାନଙ୍କର ଇଷ୍ଟି ଓ ଉପାସନାର ପବିତ୍ର ପୁତି ହେଉଛନ୍ତି ମା ମାହେଶ୍ୱରୀ ।

ଇତିହାସର ଅଳନ୍ଦୁ:

ସ୍ଥାପତ୍ୟ ପ୍ରିୟ କେଶରୀ ବଂଶର ନରପତିମାନେ ଶୈବ ଉପାସନାର ପୀଠଛଳୀ ନିର୍ମାଣ କରିବାରେ ଯେଉଁ ତତ୍ପରତା ପ୍ରକାଶ କରିଥିଲେ ତାହାର ଗୋଟିଏ ଝଲକ ପଡ଼ିଥିଲା ଦେଉଳଝରୀ ଶୈବ ପୀଠ ଉପରେ । ସୁବର୍ଣ୍ଣ କେଶରୀ ଏହି ମନ୍ଦିର ନିର୍ମାଣ

ପାଇଁ ଉପକୂଳ ଅଞ୍ଚଳରୁ ମହାନଦୀର ନୌକା ପଥରେ କୁଶଳୀ ଶିଳ୍ପୀ ଓ ବିଦ୍ୱାନ ମଣ୍ଡଳୀଙ୍କୁ ପ୍ରେରଣ କରିଥିଲେ। ସେମାନେ ନୌକାପଥରେ ଆସି ମହାନଦୀ କୂଳସ୍ଥ ଯେଉଁ ଆମ୍ରକୁଞ୍ଜରେ ବସତି ସ୍ଥାପନ କରିଥିଲେ ସେହି ଗ୍ରାମଟିର ନାମ ଦେଇଥିଲେ "ଓଡ଼ିଶା"। ଯାହା କାଳକ୍ରମେ ଅପଭ୍ରଂସ ହୋଇ ଏବେ ଓଡ଼ଶିଂଗା ବୋଲି ବିଦିତ୍ ହୋଇଅଛି। ଜଗନ୍ନାଥଙ୍କର ଭକ୍ତ ଓ ଗଜପତିଙ୍କର ଦୂତ ପ୍ରତିନିଧିମାନେ ପୂଣ୍ୟତୋୟା ମହାନଦୀରେ ଶୁଦ୍ଧସ୍ନାନ ନିମନ୍ତେ ଯେଉଁ ଯେଉଁ ପାବନ୍ଧ ଶ୍ରେଣୀ ନିର୍ମାଣ କରିଥିଲେ ତାହାର ନାମ ଶ୍ରଦ୍ଧାରେ ଦେଇଥିଲେ ବାଇଶ ପାବନ୍ଧ। ଯାହା ଏବେ ମଧ୍ୟ ସେହି ଗତାୟୁ ଦିନର ସୁଦକ୍ଷ କାରୀଗରମାନଙ୍କର ଦକ୍ଷତାର ସ୍ମୃତି ସଂବହନ କରି ଜୀବନ୍ତ ହୋଇ ରହିଛି। ସେହି ଇଷ୍ଟକ ଖଣ୍ଡର ନମୁନା ଓଡ଼ିଶା ସଂଗ୍ରହାଳୟରେ ସଂଗୃହିତ ହୋଇ ରହିଛି। ଅବଶ୍ୟ ତତ୍କାଳୀନ ଗ୍ରାମ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହେଲାପରେ ଅନତି ଦୂରରେ ଗ୍ରାମବାସୀମାନେ ଅବସ୍ଥାନ କରୁଛନ୍ତି।

ଆଠମଲ୍ଲିକର ଆରାଧ୍ୟ ଦେବୀ ମା ମାହେଶ୍ୱରୀଙ୍କ ସୁବର୍ଣ୍ଣ ନିର୍ମିତ ମୂର୍ତ୍ତି ପ୍ରଥମେ ଦେଉଳଝରୀରେ ଅବସ୍ଥାପିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଠମଲ୍ଲିକର ରାଜା ବିଭୂଧେନ୍ଦ୍ର ଦେଓଙ୍କ ଶାସନକାଳରେ ଏହି ମୂର୍ତ୍ତିକୁ କର୍ତ୍ତାଗଡ଼ ବା ଆଧୁନିକ ଆଠମଲ୍ଲିକକୁ ସ୍ଥାନାନ୍ତରିତ କରାଯାଇଛି।

ଦେବଭୂମୀ ଓ ଦେବାଳୟଃ

ଦେଉଳଝରୀର ଶାନ୍ତ କମନୀୟ ପରିବେଶ ମଧ୍ୟରେ ଯେଉଁ କେତୋଟି ମନ୍ଦିର ବିଦ୍ୟମାନ ହୁଏ ତଦ୍ମଧ୍ୟରେ ଶ୍ରୀପିଙ୍ଗେଶ୍ୱର, ଗୁପ୍ତେଶ୍ୱର ବାବା, ନାଗେଶ୍ୱର, ମହେଶ୍ୱର, ମା ମାହେଶ୍ୱରୀ ଓ ଖଯେଶ୍ୱରୀ ମନ୍ଦିର ଅନ୍ୟତମ। ତଦ୍ମଧ୍ୟରେ ପିଙ୍ଗେଶ୍ୱର ମନ୍ଦିରଟି ସର୍ବବୃହତ୍ତମ ଓ ଆକର୍ଷଣୀୟ। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବେଢ଼ା ମଣ୍ଡପ ଓ ଛୋଟ ବଡ଼ ଗୃହଗୁଡ଼ିକ ଏହାର ଶୋଭା ବର୍ଦ୍ଧନ କରୁଛି। ଗୃହଗୁଡ଼ିକ ପ୍ରାୟ ଭକ୍ତମାନଙ୍କ ଉପାସନା ନିମନ୍ତେ ବ୍ୟବହୃତ ହେଉଛି। ମନ୍ଦିର ପ୍ରବେଶ ର ପର୍ବ ପ୍ରଥମେ ଦୃଷ୍ଟିଗୋଚର ହେଉଥିବା ଶୀତଳ ଓ ଉଷ୍ମ ଜଳ ବିଶିଷ୍ଟ ବୃହତ୍ କୁଣ୍ଡ ଦୁଇଟି ପରସ୍ପର ସଂଲଗ୍ନ ହୋଇଥିଲେ ମଧ୍ୟ ପ୍ରତ୍ୟେକ କୁଣ୍ଡ ତା'ର ଉତ୍ତାପ ଅକ୍ଷୁଣ୍ଣ ରଖିଛନ୍ତି। ସମତଳରେ ଅବସ୍ଥାପିତ କୁଣ୍ଡ ଦ୍ୱୟରେ ସ୍ନାନ କରି ଯାତ୍ରୀମାନେ ମନ୍ଦିରଗୁଡ଼ିକୁ ଦର୍ଶନ ପାଇଁ ଯାଆନ୍ତି।

ଅନେକ ଉଷ୍ମ ପ୍ରସବଣ ଓ ସ୍ନାନକୁଣ୍ଡଃ

ଏହି ଦେଉଳଝରୀ ମନ୍ଦିର ଘିଆ କେତକୀ ପରିବେଶ ମଧ୍ୟରେ ୮୪ଟି ଉଷ୍ମ ଓ ଶୀତଳ ଜଳ କୁଣ୍ଡ ଥିଲା। ତଦନୁସାରେ ଏହି ପ୍ରଗଣାର ନାମ ୮୪ ପ୍ରଗଣା ରଖାଯାଇଥିଲା। ଏଠାରେ ଗନ୍ଧକ ଧାତୁ ଭୂସ୍ତରର ଉର୍ଦ୍ଧ୍ୱ ଭାଗରେ ବିକ୍ଷିପ୍ତ ଭାବରେ ଗଚ୍ଛିତ ଥିବାରୁ ସମ୍ଭବତଃ ସ୍ନାନ କୁଣ୍ଡର ଜଳ ସ୍ୱଚ୍ଛ, ନିର୍ମଳ ଓ ଉତ୍ତପ୍ତ ହୋଇଥାଏ। ବିଭିନ୍ନ କୁଣ୍ଡଗୁଡ଼ିକ ଲୋକମୁଖରେ ଅଗ୍ନିକୁଣ୍ଡ, ହୀମକୁଣ୍ଡ, ଦୁଗ୍ଧକୁଣ୍ଡ ଆଦି ନାମରେ ନାମିତ କରାଯାଇଛି। ସବୁଠାରୁ ଉତ୍ତପ୍ତ ଅଗ୍ନିକୁଣ୍ଡର ଉତ୍ତାପ ୧୩୪° ଡିଗ୍ରୀ ସେଣ୍ଟିଗ୍ରେଡ୍। ଅନେକ ଉଷ୍ମ କୁଣ୍ଡ କାଳକ୍ରମେ ଅବହେଳିତ ହୋଇ ପରିବ୍ୟାପ୍ତ କିଆ କେତକୀ ବନ ମଧ୍ୟରେ ଲୁପ୍ତପ୍ରାୟ ହୋଇଯାଇ ଥିବାରୁ ବର୍ତ୍ତମାନ ମାତ୍ର ୨୧ଟି କୁଣ୍ଡ ଦୃଷ୍ଟିଗୋଚର ହେଉଅଛି।

ଆଶା ଓ ଆକାଙ୍କ୍ଷାର ଦେଉଳଝରୀ :

ସୀମିତ ସମ୍ବଳକୁ ବିନିଯୋଗ କରି ବର୍ତ୍ତମାନ ଦେଉଳଝରୀ ମନ୍ଦିର ଓ ପ୍ରାକୃତିକ ପରିବେଶର ଯଥାସାଧ୍ୟ ଉନ୍ନତି କରାଯାଇଛି।

୨୦ ଲକ୍ଷ ଟଙ୍କା ଅଟଳରେ ପର୍ଯ୍ୟଟନ ବିଭାଗ ତରଫରୁ ସେଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଏହି କାର୍ଯ୍ୟ ପାଇଁ ଆବଶ୍ୟକୀୟ ଅନୁଦାନ ମିଳିସାରିଲାଣି। ଦେଉଳଝରୀର ଚତୁଃପାର୍ଶ୍ୱରେ ବାଡ଼ବନ୍ଦି ପାଇଁ ବ୍ଲକ୍ ତରଫରୁ ୨୫ ହଜାର ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ସେହିପରି ନିକଟସ୍ଥ ପୁଷ୍କରଣୀ ଖନନ୍ ପାଇଁ ୨୦ ହଜାର ଟଙ୍କା ଅଟଳ କରାଯାଇଛି।

ପୁଷ୍ପ ଉଦ୍ୟାନ ନିର୍ମାଣ କରିବା ଦାୟିତ୍ୱ ଉଦ୍ୟାନ୍‌ବିତ, ଆଠମଲ୍ଲିକଙ୍କ ଉପରେ ନ୍ୟସ୍ତ କରାଯାଇଛି। ୮୦,୦୦୦ ଟଙ୍କା ବ୍ୟୟରେ ଦେଉଳଝରୀକୁ ସଂଯୋଗକାରୀ ରାସ୍ତାର ଦୁଇପାଖରେ ଦୁଇଟି ଜଳ ନିଷ୍କାସନକାରୀ ନାଳ ନିର୍ମାଣ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଦୁଇଟି ଉଚ୍ଚ ଶକ୍ତି ସମ୍ପନ୍ନ ସୋଡ଼ିୟମ ବଲ୍‌ବ ଖଞ୍ଜା ଯାଇଛି।

ଭକ୍ତମାନଙ୍କର ଆରଧନା ଓ ଉପାସନା ନିମନ୍ତେ ମନ୍ଦିର ସମ୍ମୁଖରେ ଏକ କଂକ୍ରିଟ ଛାତର ବ୍ୟବସ୍ଥା ରହିଛି। ସହଯୋଗକାରୀ ରାସ୍ତା ପ୍ରଶସ୍ତ କରିବା ବ୍ୟବସ୍ଥା କରାଯାଇଛି। ପାଦୁକା ନଳାର ଜଳ ନିଷ୍କାସନ ଓ କୁଣ୍ଡଗୁଡ଼ିକୁ ସଂଯୋଗକାରୀ ପାଦଚଲା ରାସ୍ତା ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆର୍ଥିକ ସଙ୍କଟ ଦୂରିରୁ ସେଠାରେ ନିର୍ମାଣ ହେବାକୁ ଥିବା ସ୍ନାନଗାର ଅଦ୍ୟାବଧି ସ୍ୱପ୍ନ ସମ୍ଭାବନା ମଧ୍ୟରେ ସୀମିତ ରହିଛି।

ଅପେକ୍ଷାକୃତ ଅନଗ୍ରସର ଆଠମଲ୍ଲିକର ଅନତି ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନ ସ୍ଥାନଟି କେବେ ସରସ ସୁନ୍ଦର ହୋଇ ଉଠିବ ତାହା ଭବିଷ୍ୟତ ହିଁ କହିବ।

ବୈଦିକ ସାହିତ୍ୟର ସାରସ୍ୱତ ମୂଲ୍ୟବୋଧ

ଦେବାଶିଷ ଚକ୍ରବର୍ତ୍ତୀ

ସଂସ୍କୃତକୁ ମୃତଭାଷାବୋଲି କେତେକ ଆଲୋଚକ ମତ ପୋଷଣ କରିଥାନ୍ତି। ଆଲୋଚକଙ୍କ ମତକୁ ପର୍ଯ୍ୟାଲୋଚନା କଲେ ଦୁଇଟି କଥା ମନକୁ ଆସେ। ପ୍ରଥମତଃ ଦେବ ଭୂମି ଭାରତରେ ସଂସ୍କୃତ ଆଜି ଉପେକ୍ଷିତା। ଏହାର ପ୍ରୟୋଗ ନାହିବଦିଲେ ଚଳେ। ତେଣୁ ଏହା ପ୍ରକାରାନ୍ତରେ ମୃତ। ଦ୍ୱିତୀୟତଃ ବାଣୀ ସାଧକମାନେ ଏହାର ଏଭଳି ବିକାଶ ସାଧନ କରିଛନ୍ତି ଯେ ଆତ୍ମିକ ଓ ଆସିକ ଉଭୟ କ୍ଷେତ୍ରରେ ଏହା ପୂର୍ଣ୍ଣ ବିକଶିତ। ପରିପୂର୍ଣ୍ଣତା ହିଁ ଆଣି ଦେଉଛି ସ୍ଥାଣୁତା। ପ୍ରବାହର ଅନ୍ୟନାମ ଜୀବନ ; ଯେଉଁଠାରେ ଭଗି ରହିଛି ପରିପୂର୍ଣ୍ଣତାର ପରିତୃପ୍ତିଜନିତ ସ୍ନିଗ୍ଧ ନିସ୍ତବ୍ଧତା, ଆଲୋଚକଙ୍କ ଦୃଷ୍ଟିରେ ପ୍ରକୃତରେ, ତାହା ମୃତ୍ୟୁ ବୋଲି ପ୍ରତୀୟମାନ ହୋଇଛି।

ମଜବୁତ ଭିତ୍ତିଭୂମି ଉପରେ ଯେମିତି ଗଢ଼ିଉଠେ ଅଟ୍ଟାଳିକା ଠିକ ସେହି ପରି ସୁଦୃଢ଼ ସାରସ୍ୱତ ଭିତ୍ତିଭୂମି ଉପରେ ଗଢ଼ାଯାଇ ପାରେ ଉତ୍ତାଳ ସାହିତ୍ୟର ଜ୍ଞାନଜୟୀ ସୌଧ। ବାଲ୍ମୀକୀ, ବ୍ୟାସ, କାଳିଦାସ, ଭର୍ତ୍ତୃହରି, ଭବଭୂତି,, ଭାରବୀ ଭାସ, ଶ୍ରୀହର୍ଷ ଓ ଜୟଦେବ ପ୍ରମୁଖଙ୍କ ସୃଷ୍ଟି କିନ୍ତୁ ସାହିତ୍ୟର ଅମୂଲ୍ୟ ସମ୍ପଦ। ଯେଉଁ ପରମ୍ପରାର ଭିତ୍ତିଭୂମି ଉପରେ ଗଢ଼ି ଉଠିଚି ଏହି ଜ୍ଞାନଜୟୀ ସାରସ୍ୱତ ସୌଧ ତାକୁ ଥରେ ଦେଖି ପରଖିନେଲେ କ୍ଷତି କ'ଣ ?

ବିଶ୍ୱର ସର୍ବ ପ୍ରଥମ ମଣିଷର ପରିଚୟ ଜାଣିବା ଯେପରି ଅସମ୍ଭବ, ସଂସ୍କୃତ ସାହିତ୍ୟର ମୂଳଉତ୍ସ ନିକଟକୁ ଯିବା ସେହିପରି ସାଧାତୀତ। ତେବେ ବେଦ ସଂସ୍କୃତ ସାହିତ୍ୟର ମୂଳ ଉତ୍ସ ରୂପେ ସ୍ୱୀକୃତ। ବେଦ ଓ ଉପନିଷଦ ଆଦି କାବ୍ୟ ବୋଲି ସ୍ୱୀକୃତ ନହେଲେ ମଧ୍ୟ ତା'ର ସାରସ୍ୱତ ଉପାଦାନକୁ ଉପେକ୍ଷା କରାଯାଇ ନପାରେ। ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ଅଂଶ କାବ୍ୟ ଓ ଏହାର ରଚୟିତା କବି ବୋଲି ଘୋଷିତ ହେବାର ବହୁ ପୂର୍ବରୁ ବୈଦିକ ସାହିତ୍ୟରେ କବି ଶବ୍ଦର ଉପସ୍ଥିତି ଲକ୍ଷଣୀୟ। କଠୋପନିଷଦରେ ଉଲ୍ଲେଖ ଅଛି– 'ପୁରୋମ୍‌ପଥଶ୍ଚତ କବୟୋ ବଦନ୍ତି'। ତେଣୁ ବେଦ ଓ ଉପନିଷଦରେ ଆଳଙ୍କାରିକ ପିଦ୍ଧୀକୃତ ସମସ୍ତ କାବ୍ୟଗୁଣ ନିହିତ ନଥିଲେ ମଧ୍ୟ ତାହା କାବ୍ୟକୁସୁମମାନ୍ତୁ ବଞ୍ଚିତ ନଥିଲା।

ବେଦରେ ମନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ପ୍ରାର୍ଥନା (ସ୍ତୋତ୍ର) ନୁହେଁ, କବିର କବିତ୍ୱର ମଧୁକ୍ଷଣରେ ହୋଇ ଉଠିଛି ଅତ୍ୟନ୍ତ ପ୍ରାଣବନ୍ତ। ମନ୍ତ୍ରଗୁଡ଼ିକ ଖୁବସଂକ୍ଷିପ୍ତ। ମାତ୍ର ଦୁଇ ଗୁଣ୍ଡିରି ମଧ୍ୟରେ ଏହା ରଚିତ। ଏହାକୁ ଋକ୍ ବୋଲି ମଧ୍ୟ କୁହାଯାଏ। କେତୋଟି ଋକ୍‌ର ସମାହାରକୁ ସୂକ୍ତ କୁହାଯାଏ। ପ୍ରକୃତରେ ଦେଖିବାକୁ ଗଲେ ଏହି ସୂକ୍ତଗୁଡ଼ିକ ହିଁ ବୈଦିକ କବିତା। ଋକ୍‌ର ଭାଷା ସରଳ ନୁହେଁ। ଏହାର ଭାବଗାମ୍ଭୀର୍ଯ୍ୟ ଓ ଭାଷାର ସୌକୁମାର୍ଯ୍ୟ ପାଠକକୁ ଆମୋଦିତ କରେ। ଏହି ପରିପ୍ରେକ୍ଷୀରେ ଋକ୍‌ବେଦୀୟ ଗାୟତ୍ରୀ ମନ୍ତ୍ରକୁ ବିଶ୍ୱଗକୁ ନିଆଯାଇ ପାରେ। ମଣିଷର ଚିତ୍ତବୃତ୍ତିକୁ ଉର୍ଦ୍ଧୀସ୍ତ କରୁଥିବା ବରଣୀୟ ଭାସ୍କର ଶକ୍ତିର ଆବାହନ କରିବାକୁ ଯାଇ କବି ପ୍ରକାଶ କରିଚି– 'ତତ୍ ସବିତୁ ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହୀ, ଧୀୟୋ ଯୋନ ପ୍ରଚୋଦୟାତ୍'। ଏତଦ୍‌ଭିନ୍ନ ମଧୂମତୀ ବା ବିଶ୍ୱଦେବ ସ୍ତୋତ୍ରରେ– 'ମଧୁବାତା ଋତାୟତ୍ତେ ମଧୁ କ୍ଷରନ୍ତି ସିନ୍ଧବଃ /ମାଧବୀର୍ନଃ ସନ୍ତୋଷଧୀଃ' ବୋଲି ପ୍ରକାଶ କରି ବୈଦିକ କବି ତା'ର କବିତ୍ୱର କାଉଁରୀ ପରଶରେ ମାଟି, ପାଣି, ପବନ ସବୁକିଛିକୁ ମଧୁମୟ କରିଦେଇଚି। ସର୍ବତ୍ର କବି ପାଉଚି ଅମୃତର ସନ୍ଧାନ। ଅମୃତର ସନ୍ଧାନ ମାନବକୁ ବୈଦିକ କବି ଜୀବନର ଉତାରଣ ନୁହେଁ ବରଂ ଆଲୋକିତ ଅସ୍ତ୍ରନ ପ୍ରଦର୍ଶନରେ ହୋଇ ଉଠିଚି ତତ୍‌ପର। ନିରାଶାର, ଘନତମିସ୍ରାରେ ଆଶାର ଦୀପାଳୀ ଜାଳୀ ସ୍ରଷ୍ଟାର ପଥ ଦେଖାଇବା ହିଁ କବିର ଧର୍ମ। ତେଣୁ ବୈଦିକ କବି ତା'ର କର୍ତ୍ତବ୍ୟରୁ ବିଚ୍ୟୁତ୍ ହୋଇନାହିଁ। ତେଣୁ ଭୂମିଠାରୁ ଭୂମାଯାଏ ସର୍ବତ୍ର ବ୍ୟାପିଯାଇଚି ତାର ସୁଧା ଦୃଷ୍ଟି। ବୈଦିକ କବିର କବିତ୍ୱର ସୁଧାସ୍ପର୍ଶରେ ମଧ୍ୟ ସୁଧାମୟ ହୋଇଉଠିଛି କବି ଗଙ୍ଗାଧର ମେହେରଙ୍କ କବିତିଓ। ତେଣୁ ସେ ପ୍ରକାଶ କରନ୍ତି– 'ସୁଧାମୟ ସୃଷ୍ଟି ମଧୁମୟ ସୃଷ୍ଟି ଏ ସୃଷ୍ଟି ଅମୃତ ମୟ ହେ !

ପ୍ରୋକ୍ତ ସ୍ତୋତ୍ର ଦୁଇଟିର ପଦଲାଳିତ୍ୟ ଓ ଭାବଗାମ୍ଭୀର୍ଯ୍ୟ ଆମକୁ ବୈଦିକ କବିଙ୍କ ପ୍ରତିଭା କବିତ୍ୱ ସମ୍ପର୍କରେ ସୂଚନା ଦିଏ। ବୈଦିକ କବିର ଅନ୍ୟ ଏକ ଦିଗ ତା'ର ଶବ୍ଦ ଗୁମ୍ଫନ। ସ୍ତୋତ୍ରଗୁଡ଼ିକ ପୁନିର୍ବାଚନ ଶବ୍ଦ ସଂଯୋଜନା ଦ୍ୱାରା ରସୋତୀର୍ଣ୍ଣତା ଲାଭ କରିଥାଏ। ଏତଦ୍‌ଭିନ୍ନ ଏହାର ସ୍ତୋତ୍ରର ଅନ୍ୟ ଏକ ଲକ୍ଷ୍ୟଣୀୟ ଦିଗ ଏହାର ରସୋତୀର୍ଣ୍ଣତା। ଅନ୍ତରେ ଅନନ୍ତର ସନ୍ଧାନ ଦେବା ହିଁ ପ୍ରକୃତ କବିର ଧର୍ମ। ବୈଦିକ କବି ତେଣୁ ହୋଇ ଉଠିଚି ମିତବାକ୍। ତେଣୁ ସେ ସର୍ବଦା ଦେଇଥାପିଚି ବିନ୍ଦୁରେ ସିନ୍ଧୁର ସନ୍ଧାନ। ବୈଦିକ ସମୟରେ ଲୌକିକ ସାହିତ୍ୟର ଉପସ୍ଥିତି ସମ୍ପର୍କରେ କୌଣସି ବିଧିବଦ୍ଧ ନାହିଁ। ଋଗ୍‌ବେଦର ଦଶଟି ମଣ୍ଡଳରେ ବିକ୍ଷିପ୍ତ ଭାବରେ କେତୋଟି ଆଖ୍ୟାୟିକା ରହିଚି। 'ହୁତଦେବତା' ଗ୍ରନ୍ଥଟି ବୈଦିକ ଆଖ୍ୟାୟିକାଗୁଡ଼ିକର ସମାହାର

ମାନ୍ତ। ଏଣୁ ବୈଦିକ ସାହିତ୍ୟ ସହ ସମାନ୍ତରାଳ ଭାବରେ ଲୌକିକ ସାହିତ୍ୟ ବିକଶିତ ହୋଇଥିବା ଅନୁମାନ କରାଯାଏ।

ବେଦ ପରେ ଉପନିଷଦର ସୃଷ୍ଟି। ବୈଦିକ ସାହିତ୍ୟରେ ପଦଲାଳିତ୍ୟ ଓ ଭାବଗାମ୍ଭୀର୍ଯ୍ୟ ଅଧିକ ଉତ୍କର୍ଷ ଲାଭ କରିଚି। ଉଦାହରଣ ସ୍ୱରୂପ କଠୋପନିଷଦର ଏକ ଶ୍ଲୋକ ଉଲ୍ଲେଖ କରାଯାଏ–

'ନ ତତ୍ର ସୂର୍ଯ୍ୟୋଭାତି ନ ଚନ୍ଦ୍ରତାରକଂ/ନେମା ବିଦ୍ୟୁତୋଭାନ୍ତି କୁତୋ ଽୟମଗ୍ନି ତମେବ ଭାନ୍ତ ମନୁଭାତି ସର୍ବଂ/ତସ୍ୟଭାସା ସର୍ବମିଦ୍ୱ ବିଭାତି'

ଅର୍ଥାତ୍ ଯେଉଁଠାରେ ସୂର୍ଯ୍ୟ ଦୀପ୍ତି ପ୍ରଦାନ କରନ୍ତି ନାହିଁ, ଚନ୍ଦ୍ର ତାରା ମଧ୍ୟ ନିଷ୍ପ୍ରଭ, ବିଦ୍ୟୁତ୍ ଉଦ୍ଭାସିତହୁଏ ନାହିଁ ସେଠାରେ ଅଗ୍ନି ବା ଜଳିବ କୁଆଡୁ ? କେବଳ ସେହି ଦୀପ୍ତିମନ୍ତ ପ୍ରଭୁଙ୍କ ଦୀପ୍ତିରେ ହିଁ ସେଠାକାର ସବୁକିଛି ଦୀପ୍ତିମନ୍ତ ହୋଇଉଠିବ। ଏହା ତତ୍କାଳୀନ ବିବୁଧଙ୍କୁ ଯେ କେବଳ ମୁଗ୍ଧ କରିଚି ତା ନହେଁ, ଶ୍ଲୋକର ଅର୍ଥ ଗୌରବ ପରବର୍ତ୍ତୀ ଯୁଗର ସାହିତ୍ୟ ସାଧକ ଓ ସାହିତ୍ୟ ରସିକର ରସତୃଷ୍ଣାକୁ ପ୍ରଶମିତ କରି ଆସୁଥିବ। ଉପନିଷଦର ବହୁ କ୍ଷେତ୍ରରେ ଛବି ଶବ୍ଦ ଗୁଚ୍ଛନରେ ପାଟବତା ପ୍ରଦର୍ଶନ କରି ଆସିଛି। ଉଦାହରଣ ସ୍ୱରୂପ କଠୋପନିଷଦର ଅନ୍ୟ ଏକ ଉଦାହରଣ ଉପସ୍ଥାପନ କରାଯାଇପାରେ।

'ଅଗ୍ନି ଯଥୈକଂ ଭୁବନଂ ପ୍ରବିଷ୍ଟୋ/ରୂପଂ ରୂପଂ ପ୍ରତିରୂପୋ ବଭୂବଃ । ଏକ ତଥା ସର୍ବ ଭୂତନ୍ତରାତ୍ମା/ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ। ଅର୍ଥାତ୍ ଅଗ୍ନି ଯେପରି ପୃଥିବୀର ବିଭିନ୍ନ ରୂପ ଅନୁସାରେ ନିଜ ରୂପ ଧାରଣ କରି ମଧ୍ୟ ନିଜର ସତ୍ତାକୁ ସୁରକ୍ଷିତ ରଖିଥାଏ, ସେହି ପରି ଭଗବାନ ସର୍ବତ୍ର ବିରାଜମାନ କରିମଧ୍ୟ ନିଜର ସତ୍ତାକୁ ଅକ୍ଷୁଣ୍ଣ ରଖିଥାନ୍ତି। ଏହାର ଅର୍ଥ ଗୌରବ ଓ 'ରୂପ' ଶବ୍ଦ ଅନୁପ୍ରାସିକ ବ୍ୟବହାର ଏହାକୁ ରସୋତୀର୍ଣ୍ଣତା ପ୍ରଦାନ କରିପାରିଛି।

ଉପନିଷଦୀୟ କାଳରେ ଜ୍ଞାନୀ ମନୀଷୀ ମାନେହିଁ କବି ବୋଲି ଗୃହୀତ ହେଉଥିଲେ। ଉଚ୍ଚତର ମନୋଧର୍ମୀତା ହିଁ ଥିଲା କବିର ଲକ୍ଷଣ। ଈଶୋପନିଷଦ ଆତ୍ମାକୁ 'କବିର୍ମନୀଷୀ' ବୋଲି ପ୍ରକାଶ କରିଚି। ଅର୍ଥାତ୍ ଆତ୍ମାକୁ ସର୍ବଦୃଷ୍ଟି ସମ୍ପନ୍ନ ଓ ଏହା ମନର ନିୟନ୍ତା। ଏହି ବ୍ରହ୍ମ ବ୍ୟୁହତ୍ତି ଓ ଆତ୍ମଅନ୍ୱେଷା ହିଁ ଉପନିଷଦକୁ ତାତ୍ତ୍ୱିକ ଦର୍ଶନରେ ପରିଣତ କରିଚି। ଆତ୍ମା ଓ ବ୍ରହ୍ମର ତାତ୍ତ୍ୱିକ ବିଶ୍ଳେଷଣ ସତ୍ତ୍ୱେ ଉପନିଷଦ ରସକୁ ସମଜ୍ଞ ତତ୍ତ୍ୱର ସାର ବୋଲି ପ୍ରକାଶ କରିଚି। ଛାନ୍ଦୋପନିଷଦ ରସର ମହତ୍ତ୍ୱ ଉପସ୍ଥାପନ କରି କହିଛି– ବିଶ୍ୱର ରସ ଜଳ, ଜଳର ରସ ଔଷଧ (ସୋମ ଜଳଙ୍କ ଲତା ବିଶେଷ) ଔଷଧର ରସ ପୁରୁଷ (ସୋମ ପାନକାରୀ), ପୁରୁଷର ରସ ଋକ୍ ଓ ଋକ୍‌ର ରସ ସାମ। ଆଳଙ୍କାରିକମାନେ ମଧ୍ୟ ବାକ୍ୟ ରସାତ୍ମକଂ କାବ୍ୟମ୍ ବୋଲି ପ୍ରକାଶ କରି ଉପନିଷଦୀୟ ସୂଚନାର ପୁନର୍ଘୋଷଣା କରିଛନ୍ତି ମାତ୍ର।

ଉପନିଷଦୀୟ ସାହିତ୍ୟର ପଦ୍ୟର ଲାଳିତ୍ୟ ଯେ କେବଳ ପାଠକକୁ ବିଭୋର କରିଚି ତା' ନୁହେଁ, ବଳିଷ୍ଠ ଗଦ୍ୟର ଉପସ୍ଥିତି ମଧ୍ୟ ତାକୁ ଚକିତ କରିଚି। ଛାନ୍ଦୋଗ୍ୟ ଉପନିଷଦରେ ଆରୁଣୀକୁ ଋଷି ଉଦ୍ଦାଳକଙ୍କ ଉପଦେଶ ଓ ବୃହଦାରଣ୍ୟକ ଉପନିଷଦର ଦ୍ୱିତୀୟ ଅଧ୍ୟାୟର ଚତୁର୍ଥ ବ୍ରାହ୍ମଣରେ ମୈତ୍ରେୟୀଙ୍କ ପ୍ରତି ଯାଜ୍ଞବଲ୍କ୍ୟଙ୍କ ଉପଦେଶ ବଳିଷ୍ଠ ଗଦ୍ୟର ନିଦର୍ଶନ। ଏହା ଯେ କୌଣସି ରସଜ୍ଞ ପାଠକକୁ ଅଭିଭୂତ କରିବ ନିଶ୍ଚୟ।

ବୈଦିକ ସାହିତ୍ୟ କେବଳ ସଂସ୍କୃତ ସାହିତ୍ୟର ନୁହେଁ ସମଗ୍ର ବିଶ୍ୱ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ଏହାର ପଦଲାଳିତ୍ୟ ଯେପରି ପାଠକକୁ ବିଭୋର କରେ ଅର୍ଥ ଗୌରବ ମଧ୍ୟ ତାକୁ ସେପରି ଚକିତ କରିଥାଏ। ସମୃଦ୍ଧ ଗଦ୍ୟ ଶୈଳୀ ଏହାକୁ ବିଭବଶାଳୀ କରିବା ସହ ଏକ ଗୌରବ ଜନକ ଆସନରେ ଆସୀନ କରାଇଚି। ଆଳଙ୍କାରିକଙ୍କ ନିୟମର ନିଗଡ଼ ଏହାକୁ କାବ୍ୟ ଗୌରବ ପ୍ରଦାନ କରି ନାହିଁ ସତ୍ୟ କିନ୍ତୁ ପାଠକର ହୃଦୟରୁ କେହି ଏହାକୁ ବଞ୍ଚିତ କରିପାରିବ ନାହିଁ। ଏହା ଗୋଟିଏ ଦିନ ବା ଗୋଟିଏ ବର୍ଷର କାହାଣୀ ନୁହେଁ, ସହସ୍ର ସହସ୍ର ବର୍ଷ ଧରି ବହୁ ଅଜ୍ଞାତ ମନୀଷୀଙ୍କ ନୀରବଚ୍ଛିନ୍ନ ଉଦ୍ୟମ ଫଳଶ୍ରୁତି ହିଁ ବୈଦିକ ସାହିତ୍ୟ। ଏହାର ରସୋତୀର୍ଣ୍ଣ ପଦ୍ୟ ଓ ସମୃଦ୍ଧ ଗଦ୍ୟର ଦୃଢ଼ଭିତ୍ତି ଉପରେ ଗଢ଼ିଉଠିଥିବା କାଳଜୟୀ ସାରସ୍ୱତ ସୌଧ ଏହି ମହନୀୟ ସୃଷ୍ଟିର ସ୍ୱାଗତୀ ମାତ୍ର।

ମଞ୍ଜୁଥା, କେନ୍ଦୁଝରଗଡ଼।

ବିକାଶ ପଥେ ରାୟଗଡ଼ା ଜିଲ୍ଲା

ଶ୍ରୀ ରାଜେନ୍ଦ୍ରନାଥ ଜେନା

ଅକ୍ଟୋବର ଦୁଇ ତାରିଖ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଜନ୍ମଦିବସ। ସମସ୍ତ ଭାରତ ବାସୀଙ୍କ ପକ୍ଷେ ଏହା ଏକ ଅତ୍ୟନ୍ତ ସ୍ମରଣୀୟ ଦିବସ। ରାୟଗଡ଼ା ବାସୀ ଏହାରୁ ଆଉ ଗୋଟିଏ କାରଣରୁ ସ୍ମରଣୀୟ ମନେ କରନ୍ତି। ଏହି ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ଗତବର୍ଷ ରାୟଗଡ଼ା ଜିଲ୍ଲା ରାୟଗଡ଼ା ଓ ଗୁଣୁପୁର ଉପଖଣ୍ଡକୁ ନେଇ ଆବିର୍ଭାବ ହୋଇଥିଲା।

ପଣ୍ଡିତ ନେହେରୁଙ୍କ ଭାଷାରେ, "ଯୋଜନା ପ୍ରକ୍ରିୟାରେ ଜନସାଧାରଣ ସାମିଲ ନ ହେବାଯାଏ ଓ ସେମାନେ ପ୍ରଶାସନର ନିକଟତମ ନହେବା ପର୍ଯ୍ୟନ୍ତ ଯୋଜନାର ସୁଫଳ ମିଳିପାରିବ ନାହିଁ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଅବିରେ ପରାହତ ହେବ।" ଏହି ମହତ୍ ଉଦ୍ଦେଶ୍ୟକୁ ଆଖିଆଗରେ ରଖି ରାୟଗଡ଼ା ଜିଲ୍ଲା ଗଠନ କରାଯାଇଛି। ନୂତନ ରାୟଗଡ଼ା ଜିଲ୍ଲାର ସମୁଦାୟ ୭,୧୪,୫୯୯ ଜନସଂଖ୍ୟା ମଧ୍ୟରୁ ଆଦିବାସୀ ସମ୍ପ୍ରଦାୟର ମୋଟ ଲୋକସଂଖ୍ୟା ୪,୨୯,୬୯୨ ଯାହାକି ସମୁଦାୟ ଜନସଂଖ୍ୟାର ଶତକଡ଼ା ୫୯ ଭାଗ ଅଟେ। ଗମନାଗମନର ଅସୁବିଧା, ଦାରିଦ୍ର୍ୟ ଏବଂ ନିରକ୍ଷରତା ଏହି ଜିଲ୍ଲାର ମୁଖ୍ୟ ପ୍ରତିବନ୍ଧକ ରୂପେ ପରିଚିତ। ବଣ ପାହାଡ଼ ଘେରା ଏହି ଜିଲ୍ଲାରେ ମୁଖ୍ୟତଃ କନ୍ଧ, ଜାତାପୁ, କନ୍ଧ ଦୋରା ତଥା ସଉରା ସମ୍ପ୍ରଦାୟର ଲୋକ ବସବାସ କରୁଥିବା ସ୍ଥଳେ ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ କନ୍ଧ ଓ ଲାଞ୍ଜିଆ ସଉରା ଭଳି ଆଦିମ ଅଧିବାସୀ ଏହି ଜିଲ୍ଲାରେ ବହୁ ପୁରାତନ କାଳରୁ ବସବାସ କରନ୍ତି। ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଉନ୍ନତି ମୁଖ୍ୟତଃ ଏହି ସମ୍ପ୍ରଦାୟର ଆର୍ଥିକ ବିକାଶ ଉପରେ ନିର୍ଭର କରେ। ଏଥି ସକାଶେ ପମନ୍ବିତ ଆଦିବାସୀ ବିକାଶ ସଂସ୍ଥା ରାୟଗଡ଼ା ଓ ଗୁଣୁପୁର ବ୍ୟତୀତ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଓ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସର୍ବଦା ଚେଷ୍ଟିତ। ଗତ ୧୯୮୮ ମସିହାରୁ ଭାରତ ସରକାର ଓ ରାଜ୍ୟ ସରକାରଙ୍କର ମିଳିତ ଉଦ୍ୟମରେ ଗଠିତ ଓଡ଼ିଶା ଆଦିବାସୀ ଉନ୍ନୟନ ଯୋଜନା (OTDP) କାଶୀପୁର ଆଦିବାସୀମାନଙ୍କ ସ୍ଥାୟୀ ଉନ୍ନତି ନିମନ୍ତେ ଏକ ଅଭିନବ ଉଦ୍ୟମ। ଚଉଦ୍ଦ ବର୍ଷ ପାଇଁ ଉଦ୍ଦିଷ୍ଟ ଏହି ପରିକଳ୍ପନାରେ ମୁଖ୍ୟତଃ ପ୍ରାକୃତିକ ସମ୍ପଦ ବିକାଶ, ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମିର ବିକାଶ, ଜମିଜମାର ସ୍ଥାୟୀ ବନ୍ଦୋବସ୍ତ ଏବଂ ଗବେଷଣା ଓ ଏହାର ବିନିଯୋଗ ପାଇଁ ଉଦ୍ଦିଷ୍ଟ।

ପରିତାପର ବିଷୟ ଯେ, ଗତାନୁଗତିକ ରୀତିରେ ମନ୍ଥର ଗତିରେ ପ୍ରସାରିତ ରାୟଗଡ଼ା ଜିଲ୍ଲାର ବିକାଶ ଏକ କଞ୍ଚରର ବ୍ୟାପାର। ଏଣୁ ସ୍ଥାୟୀ ମରୁଡ଼ି ନିରାକରଣ ବ୍ୟବସ୍ଥା ହିଁ ଏକମାତ୍ର ବିକଳ୍ପ ପନ୍ଥା। ଏ ଦିଗରେ ନବଗଠିତ ରାୟଗଡ଼ା ଜିଲ୍ଲା ତା'ର ସୁପରିକଳ୍ପିତ ଯୋଜନା ମାଧ୍ୟମରେ ଗୋଟିଏ ବର୍ଷ ଆଗେଇ ଯାଇଛି। ଚଳିତ ବର୍ଷ ୩୫ କୋଟି ଟଙ୍କା ବ୍ୟୟରେ ଜଳସେଚନ, ମୃତ୍ତିକା ସଂରକ୍ଷଣ, ବନୀକରଣ ଏବଂ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଜବାହର ରୋଜଗାର ଯୋଜନା ମାଧ୍ୟମରେ ପ୍ରାୟ ପାଞ୍ଚକୋଟି ଟଙ୍କା ବ୍ୟୟରେ ବିଭିନ୍ନ ଗ୍ରାମ ପଞ୍ଚାୟତିମାନଙ୍କରେ ସ୍ଥାୟୀ ମରୁଡ଼ି ନିରାକରଣ କାର୍ଯ୍ୟକ୍ରମ ହାତକୁ ନେବାଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବତ୍ତନାଜ ଜଳସେଚନ ପ୍ରକଳ୍ପ ୧୯୯୫ ମସିହାରେ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଚଳିତ ଖରିଫ ଋତୁରେ ୨,୦୦୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ଜଳସେଚନ ବ୍ୟବସ୍ଥା କରାଯାଇଛି। ଯାହାକି ରାୟଗଡ଼ା ଜିଲ୍ଲା ପ୍ରଗତିର ଏକ ମାଇଲଖୁଣ୍ଟ। ଏତଦ୍‌ବ୍ୟତୀତ କ୍ଷୁଦ୍ର ଜଳସେଚନ ଯୋଜନାରେ ଶିଲିଟିଗୁଡ଼ା ଓ କାନିଯୋଡ଼ିଠାରେ ଦୁଇଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ୯ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ଯୋଜନା ଆରମ୍ଭ କରାଯାଇଛି। ଏ ଦୁଇଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସମୁଦାୟ ୩,୫୦୦ ହେକ୍ଟର ଜମିରେ ଖରିଫ ଓ ରବି ଋତୁରେ ଜଳସେଚନର ସୁବ୍ୟବସ୍ଥା ହୋଇ ପାରିବ। ଏହାଛଡ଼ା ୧୪ ଗୋଟି ପୁରୁଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ୮୫୦୮-୭୯ ଏକର ଜମିରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ା ଏବଂ ଗୁଣୁପୁର ତଥା ଜବାହର ରୋଜଗାର ଯୋଜନା ଆନୁକୂଲ୍ୟରେ ଏହି ବର୍ଷ ଜିଲ୍ଲାର ଏଗାରଟି ବ୍ଲକରେ ପ୍ରାୟ ୨୪୩ଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଇ ପ୍ରାୟ ୧୨,୦୦୦ ଏକର ଜମିରେ ଜଳସେଚନ କରାଯିବାର ବନ୍ଦୋବସ୍ତ କରାଯାଇଛି। ସେହିପରି ୧୬ଟି ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ୫୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

ପରିବେଶର ଭାରସାମ୍ୟ ରକ୍ଷା କରିବା ଲାଗି ଚଳିତବର୍ଷ ଏହି ଜିଲ୍ଲାରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ନୂତନ ବୃକ୍ଷ ରୋପଣ କରିବା ସହିତ ନଷ୍ଟ ହୋଇଯାଇଥିବା ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ଏକ ଯୋଜନା

ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅନୁଯାୟୀ, ରାୟଗଡ଼ା ଜିଲ୍ଲାର ୫୭୧ ହେକ୍ଟର ଜଙ୍ଗଲ ଜମିର ପୁନରୁଦ୍ଧାର କରିବା ପାଇଁ ପ୍ରାୟ ୬୮ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହା ବ୍ୟତୀତ ଜିଲ୍ଲାରେ ଥିବା ଆଦିବାସୀ ଉନ୍ନୟନ ସଂସ୍ଥା, ମାଇକ୍ରୋ ପ୍ରୋଜେକ୍ଟ, ସାମାଜିକ ବନୀକରଣ ସଂସ୍ଥା, ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ କାଶୀପୁରର ଓ: ଟି: ଡ଼ି:ପି: ସଂସ୍ଥା ଦ୍ୱାରା ପ୍ରାୟ ୪,୦୦୦ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯାଇଛି । ଚଳିତ ବର୍ଷ ପ୍ରଥମ ଥର ଲାଗି ଜିଲ୍ଲାର ସମସ୍ତ ପଞ୍ଚାୟତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଏକ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି ଏବଂ ପଞ୍ଚାୟତମାନଙ୍କୁ ଜବାହର ରୋଜଗାର ଯୋଜନାରୁ ଦିଆଯାଇଥିବା ପାଣ୍ଠିରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ରାୟଗଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମଧ୍ୟ ପଞ୍ଜିକରଣ କରାଯାଇଛି । ଏହି ସଂସ୍ଥା ମାଧ୍ୟମରେ ଚଳିତ ଆର୍ଥିକ ବର୍ଷରେ ତିନିହଜାର ଦୁଇଶହ ହିତାଧିକାରୀଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ (IRDP) ଅଇଥାନ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି ଓ ୪୨୪ ଜଣ ପରିବାରଙ୍କୁ "ଇନ୍ଦିରା ଆବାସ ଯୋଜନାରେ ମାଗଣା ବାସଗୃହ ଯୋଗାଇ ଦେବାଲାଗି ବ୍ୟବସ୍ଥା କରାଯାଇଛି ।

ଚଳିତ ବର୍ଷ ୨୦,୫୭୮ ଜଣ ଗର୍ଭବତୀ ମହିଳାଙ୍କୁ ଧନୁଶ୍ଟଙ୍କାର ନିରୋଧ ଟୀକା (T.T.) ଦେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅଗଷ୍ଟ ଶେଷ ସୁଦ୍ଧା ୫,୧୯୯ ଜଣଙ୍କୁ ଟୀକାଦାନ କରାଯାଇଛି । ସେହିପରି ଭାବରେ ଡ଼ି: ପି: ଟି:, ପୋଲିଓ, ବି: ସି: ଜି:, ମିଳିମିଳା, ଟି: ଟି: କାର୍ଯ୍ୟକ୍ରମରେ ମଧ୍ୟ ଯଥାକ୍ରମେ ୧୮,୩୧୪, ୧୮,୩୧୪, ୧୮,୩୧୪, ୧୮,୩୧୪, ୧୩,୯୬୦ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅଗଷ୍ଟ ଶେଷ ସୁଦ୍ଧା ଯଥାକ୍ରମେ ୫,୧୨୪, ୫,୧୨୨, ୬,୮୭୫, ୫,୭୨୧, ୪,୨୨୫ ଜଣଙ୍କୁ ଟୀକା ଦାନ ବ୍ୟବସ୍ଥା କରାଯାଇଛି ।

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମମାନଙ୍କରେ ୪୬୩ ନଳକୂପ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଶହେଟି ନଳକୂପ ଖନନ ସମ୍ପୂର୍ଣ୍ଣ ହୋଇଛି । ଅବଶିଷ୍ଟ ନଳକୂପ ଖନନ ମାଇ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବା ଲାଗି ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ନବଗଠିତ ରାୟଗଡ଼ା ଜିଲ୍ଲାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ :

ସେହିପରି ଭାବରେ ଗ୍ରାମ୍ୟନିର୍ମାଣ ବିଭାଗ ତରଫରୁ ଅନୁନ୍ନତ କାଶୀପୁର ପାଇଁ ପ୍ରାୟ ତିନି କୋଟି ଟଙ୍କା ବିନିଯୋଗରେ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ତନ୍ମଧ୍ୟରୁ କୋଡ଼ିପାରି, ରତାବୁଥି, ନୁଆଗାଁ, ନାଲା, ମାଇଙ୍କତ ନାଲା, ବଣ୍ଡେଟି ନାଲା, ଅଣ୍ଡାବିଞ୍ଚା ଓ ଚନ୍ଦ୍ରଗିରି ନାଲା ସମ୍ପୂର୍ଣ୍ଣ ହୋଇଯାଇଛି । ଯାହାଦ୍ୱାରା କି କାଶୀପୁର ଅଞ୍ଚଳର ଗମନାଗମନ ତଥା ଅନ୍ୟାନ୍ୟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇପାରିଛି ।

ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ଦ୍ୱାରା ଚଳିତ ବର୍ଷ ୪୨୭-୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଗମନାଗମନର ସୁବିଧା ପାଇଁ ବଂଶଧାରା ପୋଲ, ବଡ଼ନାଳ ପୋଲ, ରାୟଗଡ଼ା ଗେଡ଼ିଆ ରାସ୍ତାର ଦୁଇଟି ପୋଲ ଏବଂ ଓ: ଟି: ଡ଼ି: ପି: ଥାନୁକ୍ରଲ୍ୟାନେ ପୁନଃର ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ଚଳିତ ବର୍ଷ ସମ୍ପୂର୍ଣ୍ଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ଗ୍ରାମ୍ୟ ବିଦ୍ୟୁତ୍ କରଣ ଯୋଜନାରେ ୭୬ ଗୋଟି ଗ୍ରାମର ବିଦ୍ୟୁତି କରଣ ଯୋଜନା ହାତକୁ ନିଆଯାଇଛି ।

ଆଜି ମନେ ପଡ଼େ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ନୂତନ ଜିଲ୍ଲାର ଉଦ୍‌ଘାଟନ ଉତ୍ସବରେ ଜନସାଧାରଣଙ୍କର ଅପୂର୍ବ ଉତ୍ସାହ ଓ ଉଦ୍ଦିପନା ଦେଖି ସମସ୍ତ ବିଭାଗ ମୂଳକ କାର୍ଯ୍ୟକ୍ରମର ସୁଫଳ ଯେପରି ସେମାନଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଭାରତର ଜଣେ ଦକ୍ଷ ପ୍ରଶାସକ ସ୍ୱର୍ଗୀୟ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ବାଣୀ ଯଥାର୍ଥ ମନେ ହୁଏ । ସେ କହିଥିଲେ :-

"The problem of administration is not mechanical. It is essentially humane. Unless, therefore, it is approached in that right spirit with sympathy, solicitude and understanding, the desired results become difficult of achievements. The administrators have to serve the people because that is the only purpose for which they can and they ought to exist. Every ounce of their energy, their intellect, their capacity has to be surrendered to the devoted service of their masters – the people."

ଡିଆଘାଟ, ରାୟଗଡ଼ା ।

ମହିଳା ପ୍ରଗତି ପଥରେ ଏକ ମାଇଲ ଖୁଣ୍ଟ— କୁମାରୀ ରୁନିମା ନାଏକ

ଫୁଲବାଣୀ ଜିଲ୍ଲା ନୂଆଗାଁ ବ୍ଲକର ଏକ ଅଖ୍ୟାତ ପଲ୍ଲୀ ଯୁଗାପଦର। ଆଦିବାସୀ ଓ ହରିଜନକୁ ନେଇ ଦୁଇଗୋଟି ବସ୍ତି ଏବଂ ସେହି ଗାଁର ୧୯–୨୦ ବର୍ଷର ମାଇନର ପାଶ୍ କରା ଅନୁଢ଼ା ହରିଜନ ଝିଅ କୁମାରୀ ରୁନିମା ନାଏକର କାହାଣୀ ଆଜି ସରକାରଙ୍କ ନାରୀ ପ୍ରଗତି ଯୋଜନାର ଏକ ମାଇଲ୍ ଖୁଣ୍ଟ।

ରୁନିମା ବାପ୍ପର ଗ୍ରବିକାଠି ଥିଲା ସରକାରଙ୍କ ଟ୍ରାଇବିମ୍ ଯୋଜନା। ସେହି ଗ୍ରବିକାଠି ତାକୁ ସେହିଦିନ ମିଳିଥିଲା, ଯେଉଁଦିନ ତାକୁ ବ୍ଲକ୍ ଷ୍ତରରେ ୧୯୯୦ ମସିହା ଟ୍ରାଇବିମ୍ ତାଲିମ ହରିଆରେ ସିଲାଇ ଓ ସୂତୀବାମ ପ୍ରଶିକ୍ଷଣ ପାଇଁ ଯୋଗ୍ୟ। ବିବେଚିତ ଦେଲା। ତା' ଅର୍ଥନୈତିକ ପ୍ରଗତିର ଦୃଢ଼ ଭିତିଭୂମି ପଡ଼ିବାକୁ ଗଲା। ତା' ଟ୍ରେନିଂ ସରିବା ସଙ୍ଗେ ସଙ୍ଗେ ତାକୁ ଥଇଥାନ କରିବାର ଯୋଜନା ପ୍ରସ୍ତୁତ ଦେଲା ଏବଂ ଏ ଦିଗରେ ତା' ପଥ ପ୍ରଦର୍ଶକ ଥିଲେ ହରିଜନ ଉନ୍ନୟନ ସଂସ୍ଥାର ବ୍ଲକ୍ ପଞ୍ଚାୟତ ଅଧିକାରୀ।

ସିଲାଇ ଓ ସୂତୀବାମ ଯୋଜନାରେ ଥଇଥାନ କରିବା ନିମନ୍ତେ ବ୍ଲକ୍ ତରଫରୁ ରିହାତି ମଞ୍ଜୁର ସହିତ ରୁନିମା ଦରଖାସ୍ତ ବ୍ୟାଙ୍କରେ ପହଞ୍ଚାଇଲା, ୧୯୯୧ ମସିହା ନୁଲାଇ ମାସ ପ୍ରଥମ ସପ୍ତାହରେ। ଠିକ୍ ପନ୍ଦରଟା ଦିନ ମଧ୍ୟରେ ବଜାର ଛକରେ କାଠ କ୍ୟାବିନ୍‌ଟିଏ ନିମନ୍ତେ ଜାଗା ଜୁଗାଗଲା ଓ ପୁଲଉ ମୂଲ୍ୟରେ କ୍ୟାବିନ୍‌ଟିଏ ମଧ୍ୟ କିଣି ଦିଆଗଲା। ଗଣ ଟଙ୍କାରେ ରୁନିମା ତା' ମନପସନ୍ଦ ସିଲେଇ ମେସିନ୍‌ଟିଏ ଫୁଲବାଣୀରୁ କିଣି ଆଣିଲା।

ସମସ୍ତର ଚକ ସହିତ ତାକ ଦେଇ ଗଡ଼ି ଘୁଲିଲା ରୁନିମାର ଜୀବନର ଚକ। ବ୍ଲକ୍ ଷ୍ତରରେ ଥିବା ଆଦିବାସୀ–ହରିଜନ ଛାତ୍ରାବାସର ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ତିଆରି କରିବାକୁ ରୁନିମାକୁ ବରାଦ ମିଳିଲା। ପଣ୍ଡିତ ପଇସାରୁ ସେ ଅନ୍ୟ ଗୋଟିଏ ସିଲାଇ ମେସିନ୍ କିଣି, ଆଉ ଜଣେ ତାଲିମ୍‌ପ୍ରାପ୍ତ ମହିଳାଙ୍କୁ ନିଜର ସହଯୋଗୀ କଲା। ଅବିଶ୍ରାନ୍ତ ଗତିରେ କାମ ଗଡ଼ିଲିଲା।

ଦୁଇଟା ବର୍ଷ ମଧ୍ୟରେ ରୁନିମା ସମସ୍ତ ଋଣ ଟଙ୍କା ବ୍ୟାଙ୍କରୁ ଶୁଝିବାକୁ ସମର୍ଥ ହେଲା। ତା' କର୍ମକ୍ଷେତ୍ରର ପରିସର ସମେ ବୁଝି ପାଇଲା। ସିଲାଇ କ୍ୟାବିନ୍ ନିକଟରେ ଷ୍ଟେସନାରୀ ଦୋକାନଟିଏ ଖୋଲିଲା। ସମସ୍ତଙ୍କମେ ଏପରି ହେଲା ଯେ, ଠିକ୍ ସମୟରେ ପୁଠାଏ ଖାଇବାକୁ ମଧ୍ୟ ତାକୁ ଫୁରସତ୍ ମିଳିଲାନି।

୧୯୯୨ ମସିହାରେ ଫୁଲବାଣୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସିଙ୍ଗିଗୁଡ଼ାଠାରେ ମହିଳାମାନଙ୍କୁ ସିଲାଇ ତାଲିମ ଦିଆଗଲା ଏବଂ ରୁନିମାକୁ ବଛାଗଲା, ସେମାନଙ୍କର ତାଲିମଦାତ୍ରୀ ଶିକ୍ଷୟିତ୍ରୀ ରୂପେ। ଚଳିତ ବର୍ଷ ହରିଜନ ଉନ୍ନୟନ ନିଗମ ପକ୍ଷରୁ ନୂଆଗାଁ ବ୍ଲକ୍‌ରେ ଏକ ସିଲାଇ ତାଲିମ କେନ୍ଦ୍ର ଖୋଲିବାର ସମସ୍ତ ପ୍ରସ୍ତୁତି କାମ ପରିଛି। ବହୁ ପ୍ରାର୍ଥୀନୀଙ୍କ ମଧ୍ୟରୁ ରୁନିମା ଶିକ୍ଷୟିତ୍ରୀ ରୂପେ ବିବେଚିତା ହୋଇଛି। ଛାତ୍ରୀ ମନୋନୟନ ପରେ କେଉଁ ଏକ ଶୁଭ ମୁହୂର୍ତ୍ତରେ ଉଦ୍‌ଘାଟିତ ହେବ, ସେହି ସିଲାଇ ଶିକ୍ଷା କେନ୍ଦ୍ର। ସେହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଛି ଗତକାଲିର ଅଖ୍ୟାତ ହରିଜନ ଝିଅ ରୁନିମା ଓ ଆଜିର ଶିକ୍ଷୟିତ୍ରୀ ରୁନିମା ନାଏକ।

କିଏ ଜାଣିଥିଲା, ଅଖ୍ୟାତ ପଲ୍ଲୀର ମାଇନର ପାଶ୍ କରା ଏକ ହରିଜନ ଝିଅ ପୁଣି ଶିକ୍ଷୟିତ୍ରୀ ହେବ। କିନ୍ତୁ ଆଜି ତାହା ସମ୍ଭବ ହୋଇପାରିଛି ସରକାରଙ୍କ ଯୋଜନା ତଥା ରୁନିମାର ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ଯୋଗୁଁ।

ଅଶୋକ କୁମାର ପାତ୍ର,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବାଲିଗୁଡ଼ା।



ଅକ୍ଷୟ ଶକ୍ତିର ବିନିଯୋଗ ଦ୍ୱାରା ପ୍ରଚଳିତ ପାରମ୍ପରିକ ଚୁଲ୍ଲାର ଆଧୁନିକୀକରଣ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଆରୋପ

ଅକ୍ଷୟ ଶକ୍ତିର ବିନିଯୋଗ ଦ୍ୱାରା ପ୍ରଚଳିତ ପାରମ୍ପରିକ ଚୁଲ୍ଲାର ଆଧୁନିକୀକରଣ କରାଯାଇ ପ୍ରଦୂଷଣମୁକ୍ତ ତଥା କମ୍ ଇନ୍ଧନ ଖର୍ଚ୍ଚ ହେଉଥିବା ଉନ୍ନତ ମାନର ଚୁଲ୍ଲା ପ୍ରବର୍ତ୍ତନ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ଡିସେମ୍ବର ୧୧ ତାରିଖ ଦିନ ସ୍ଥାନୀୟ ଆଞ୍ଚଳିକ ଗବେଷଣାଗାରଠାରେ ଆୟୋଜିତ "ଅକ୍ଷୟ ଶକ୍ତି–ଉନ୍ନତ ଚୁଲ୍ଲା, ଦହକ ଓ ଆନୁଷଙ୍ଗିକ ଯନ୍ତ୍ରପାତି" ଶୀର୍ଷକ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ, ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ପାଇବୁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଘଟୁଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆମର ଶତକଡ଼ା ୩୫ ଭାଗ ଜଙ୍ଗଲ ଧ୍ୱଂସ ପାଇ ତାହା ବର୍ତ୍ତମାନ ଶତକଡ଼ା ୧୩ ଭାଗରେ ପହଞ୍ଚିଛି ବୋଲି କହିଥିଲେ । ଜଙ୍ଗଲ ସୁରକ୍ଷା ତଥା ମାନବ ସମାଜକୁ ଆପନ୍ନ ବିପଦରୁ ରକ୍ଷା କରିବାକୁ ହେଲେ, ଆମର ପାରମ୍ପରିକ ଚୁଲ୍ଲାର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ପରିବାର ପାଇଁ ସୌରଚୁଲ୍ଲା ଓ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରାଯାଇ ହୋଇଲା ଚୁଲ୍ଲା ସ୍ୱଳ୍ପ ମୂଲ୍ୟରେ, ଅନୁ୍ୟନ ୫୦୦ ଟଙ୍କାରେ ଯୋଗାଇ ଦିଆଗଲେ, ଜଙ୍ଗଲକୁ ଧ୍ୱଂସମୁଖରୁ ରକ୍ଷା କରାଯାଇ ପାରିବ ବୋଲି ସେ କହିଥିଲେ । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ରୋଷେଇ ପାଇଁ ପର୍ଯ୍ୟାପ୍ତ କାଠ ଖର୍ଚ୍ଚ ହେଉଛି ଏବଂ ତତ୍ ସଙ୍ଗେ ସଙ୍ଗେ ମାଟିପାତ୍ର ପୋଡ଼ିବା ପାଇଁ ମଧ୍ୟ ବହୁତ କାଠ ଆବଶ୍ୟକ ହୋଇଥାଏ ବୋଲି ସେ ପ୍ରକାଶ କରି କମାର, ବଢ଼େଇ, ମୋଚି ଓ କୁମ୍ଭାର ପ୍ରଭୃତି ଗ୍ରାମୀଣ କାରିଗରମାନଙ୍କର କାରିଗରୀ କୌଶଳରେ ପରିବର୍ତ୍ତନ ଆଣିବା ପାଇଁ ବିଜ୍ଞାନ ଗବେଷକମାନଙ୍କୁ ପରାମର୍ଶ ଦେଇଥିଲେ । ପଞ୍ଚାୟତ ସ୍ତରରେ ସୌର ଚୁଲ୍ଲା ଓ ଉନ୍ନତ ହୋଇଲା ଚୁଲ୍ଲା ତଥା କୋଇଲା ଡ଼ିପୋମାନ ଖୋଲାଯାଇ ରିହାତି ମୂଲ୍ୟରେ ଉନ୍ନତ ଚୁଲ୍ଲା ଓ ସୌର ଚୁଲ୍ଲା ଯୋଗାଇ ଦିଆଗଲେ, ଗରିବ ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ଗବେଷଣା ଲବ୍ଧ ଜ୍ଞାନ କୌଶଳକୁ ଗରିବ ଜନସାଧାରଣଙ୍କ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ନିକେଲ୍ ଫେରୋ ଉତ୍ପାଦନ ପାଇଁ ଆଞ୍ଚଳିକ ଗବେଷଣାଗାର ଉପଯୁକ୍ତ ସ୍ଥାନ । ସେଥିପାଇଁ ଗବେଷକମାନେ ଧ୍ୟାନ ଦେବା ଉଚିତ ।

ରାଜ୍ୟ ବିଜ୍ଞାନ ଓ କାରିଗରୀ ବିଭାଗ ଶାସନ ସଚିବ ଶ୍ରୀ ସୁବାସ ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ ଓ ଉନ୍ନତ ଚୁଲ୍ଲା ସ୍ଥାପନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ବିଶେଷ ଆତ୍ମତୃପ୍ତି ହୋଇଛି ବୋଲି ମତ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ପକ୍ଷରୁ ଆଗାମୀ ୧୦ ବର୍ଷ ମଧ୍ୟରେ ରାଜ୍ୟର ସବୁ ଅଞ୍ଚଳରେ ଉନ୍ନତ ଚୁଲ୍ଲା ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଥିଲେ । ପୁରୀ ଓ ଭୁବନେଶ୍ୱରସ୍ଥ ମନ୍ଦିରଗୁଡ଼ିକରେ ବ୍ୟବହୃତ ହେଉଥିବା ମାଟିପାତ୍ର ପୋଡ଼ାଯିବା ପାଇଁ ଆଧୁନିକ ପ୍ରଣାଳୀର ଭାଟି ନିର୍ମାଣ କରାଯିବ ବୋଲି ସୂଚନା ଦେଇ ଶ୍ରୀ ପାଣି କହିଲେ ଯେ ଏହା ଫଳରେ ଇନ୍ଧନ ନଷ୍ଟକୁ ଅନେକାଂଶରେ ରୋକାଯାଇ ପାରିବ ।

ଏଥିରେ ଅଧ୍ୟକ୍ଷତା କରି ଆଞ୍ଚଳିକ ଗବେଷଣାଗାରର ନିର୍ଦ୍ଦେଶକ ପ୍ରଫେସର ହେମଶଙ୍କର ରାୟ ଗବେଷଣାଗାରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ଏକ ନିକେଲ୍ ପ୍ଲାଣ୍ଟ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି ବୋଲି ସୂଚନା ଦେଇଥିଲେ । ଶ୍ରୀ ଏସ୍: ସି: ଦାସଙ୍କ ଉଚ୍ଚକୋଟୀର ଗବେଷଣା ପାଇଁ ସେ ଜାତୀୟ ପୁରସ୍କାର ପାଇଛନ୍ତି ଓ ଗବେଷଣାଗାର କେନ୍ଦ୍ରୀୟ ସ୍ୱୀକୃତି ଲାଭ କରିଛି ବୋଲି ପ୍ରଫେସର ରାୟ କହିଥିଲେ ।

ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥାର ଅଧ୍ୟକ୍ଷ ଶ୍ରୀ ଏସ୍: ବି: ଅଗ୍ନିହୋତ୍ରୀ ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଗବେଷଣାଗାରର ବିଶିଷ୍ଟ ବୈଜ୍ଞାନିକ ଶ୍ରୀ ଏସ୍: ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରାରମ୍ଭରେ 'ଓରେଡ଼ା' ସଂସ୍ଥା ଦ୍ୱାରା ଆୟୋଜିତ ଅଣ–ପାରମ୍ପରିକ ଶକ୍ତି ଓ ଉନ୍ନତ ଚୁଲ୍ଲା ସମ୍ପର୍କୀୟ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ । ଏହି ପ୍ରଦର୍ଶନୀରେ ଉନ୍ନତ ଚୁଲ୍ଲା, ସୌର ଚୁଲ୍ଲା, ସୌରଶକ୍ତି ଚାଳିତ ପାଣିପମ୍ପ, ସୌରଶକ୍ତି ପାତ୍ରସ୍ଥ ପାଣିଛଡ଼ା ଯନ୍ତ୍ର ଓ ଆନୁଷଙ୍ଗିକ ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସଙ୍ଗେ ସଙ୍ଗେ ଓରେଡ଼ା ସଂସ୍ଥା ତରଫରୁ ସୌର ଚୁଲ୍ଲା, ଉନ୍ନତ ଚୁଲ୍ଲା, ପାଣିଛଣା ଯନ୍ତ୍ର ଆଦିର ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା ।

ଗ୍ରାମାଞ୍ଚଳରେ ଉନ୍ନତ କୃଷି ଉପକରଣ ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଉନ୍ନତ କୃଷି ଯନ୍ତ୍ରପାତି ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ସମ୍ପ୍ରତି ଭୁବନେଶ୍ୱରଠାରୁ ୬୫ କି: ମି: ଦୂର ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡୁପୁର ଗ୍ରାମରେ ଉନ୍ନତ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଅବସରରେ ଆୟୋଜିତ କୃଷକ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଉନ୍ନତ ଧରଣର ଗୁଣ୍ଡ ଯନ୍ତ୍ରପାତିର ବ୍ୟବହାର ଫଳରେ କୃଷି ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ଶ୍ରମ ଲାଘବ ହେବ । ଏହାଛଡ଼ା ଗୋଦଗାର ମଧ୍ୟ ବଢ଼ି ପାରିବ । ସେ କହିଲେ ଯେ, ବଢ଼େଇ, କମାର, କୁଅାର ଓ ମୋଚି ଭଳି ଗ୍ରାମ୍ୟ କାରିଗରମାନେ ଗ୍ରାମ୍ୟଜୀବନ ଓ ଗ୍ରାମ୍ୟ ଅର୍ଥନୀତିରେ ବିଶିଷ୍ଟ ଭୂମିକା ଗ୍ରହଣ କରିଥାନ୍ତି । ସେମାନଙ୍କୁ ଉନ୍ନତ ଧରଣର ଯନ୍ତ୍ରପାତି ଯୋଗାଇ ଦେଲେ ସେମାନଙ୍କର ଦୋଦଗାର ଓ ଦକ୍ଷତା ବୃଦ୍ଧି ପାଇବ । ସଭାସ୍ଥଳରେ ମୁଖ୍ୟମନ୍ତ୍ରୀ ଜଣେ ବଢ଼େଇ ଓ ଜଣେ ମୋଚିକୁ ଉନ୍ନତ ଉପକରଣ ଥିବା ଦୁଇଟି କିଟ୍ ବ୍ୟାଗ୍ ଉପହାର ଦେବା ସଙ୍ଗେ ସଙ୍ଗେ ଏହାର ବ୍ୟବହାର ଦ୍ୱାରା ସେମାନଙ୍କର ଜୀବନ ଧାରଣର ମାନରେ କିଭଳି ଗୁଣାତ୍ମକ ପରିବର୍ତ୍ତନ ଆସୁଛି, ତାହା ତାଙ୍କୁ ଜଣାଇବାକୁ ଉପଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଗ୍ରାମରେ ଯୁବକ ସଙ୍ଘ ମାଧ୍ୟମରେ ଉନ୍ନତ କୃଷିଯନ୍ତ୍ରପାତି ରହିବ । ଗ୍ରାମର ଯୁବକମାନେ ଏହାର ରକ୍ଷଣାବେକ୍ଷଣ ଓ ବ୍ୟବହାରର ଦାୟିତ୍ୱ ନେବେ । ଯନ୍ତ୍ରପାତି ଖରାପ ହେଲେ, ତାହା ସ୍ଥାନୀୟ ଗ୍ରାମ୍ୟ କାରିଗରମାନଙ୍କ ଦ୍ୱାରା ମରାମତି କରାଇବାପାଇଁ ସେମାନଙ୍କୁ ଉପଯୁକ୍ତ ତାଲିମ ଦିଆଯିବ । ଗ୍ରାମାଞ୍ଚଳର ମହିଳାମାନେ ଉନ୍ନତ ଧରଣର ଚୂଲ୍ଲା ବା ଚୌଉ ଚୂଲ୍ଲା ଦ୍ୱାରା ଇନ୍ଧନ କାର୍ଯ୍ୟକଲେ ଶକ୍ତି ସଞ୍ଚୟ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କୁଝାଇଥିଲେ ।

ଉନ୍ନୟନ କମିଶନର ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ ଯୋଜନା ବୋର୍ଡ଼ ସଭ୍ୟ ଶ୍ରୀ ଅଜିତ ମହାପାତ୍ର, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଭଗ୍ନୁର ବନ୍ଦ୍ର ମହାପାତ୍ର, ବାଲିଅନ୍ତା ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ଶ୍ରୀମତୀ ଅନୁପମା ପ୍ରଧାନ, ପାହାଳ ପଞ୍ଚାୟତ ସମିତି ସଭ୍ୟା ଶ୍ରୀମତୀ ସ୍ନେହଲତା ମହାନ୍ତି ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଶ୍ରୀମତୀ ଚନ୍ଦ୍ରମଣି ନାରାୟଣ ସ୍ୱାମୀ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଶ୍ରୀ ବି: କେ: ପଟ୍ଟନାୟକ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଦେବୀ ପ୍ରସାଦ ବାଗ୍‌ଚୀ ଓ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବାହ୍ନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସେଠାରେ ପ୍ରଦର୍ଶିତ ବିଭିନ୍ନ କୃଷି ଉପକରଣ ଚାର୍ଯ୍ୟକାରିତା ପମାଙ୍କରେ ବୁଲିବୁଲି ଦେଖିଥିଲେ ଏବଂ ଏଗୁଡ଼ିକର ବ୍ୟବହାର ପଦ୍ଧତିରେ ସ୍ୱଷ୍ଟୀମାନଙ୍କ ସହ ଆଲୋଚନା କରିଥିଲେ । ବିଭିନ୍ନ କିସମର ଲଙ୍ଗଳ, ମାଟିଗୁଣ୍ଡ କରିବା ଯନ୍ତ୍ର, ଖୁସାଇବା ଯନ୍ତ୍ର, ବିଲ ବାଦୁଅ କରିବା ଯନ୍ତ୍ର, ଘାସବାଛ ଯନ୍ତ୍ର, ମଞ୍ଜିବୁଣା ଯନ୍ତ୍ର, ଚିନାବାଦାମର ଖୋସା ଛଡ଼ାଇବା ଯନ୍ତ୍ର, ହସ୍ତଚାଳିତ ପମ୍ପ୍, ଧାନ ଅମଳ କରିବା ଓ ଉଡ଼ାଇବା ଯନ୍ତ୍ର ଏବଂ ବଢ଼େଇ, କମାର ଓ ମୋଚିମାନଙ୍କ କାମ ଏଠାରେ ପ୍ରଦର୍ଶିତ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରୁଦ୍ରପୁର ଗ୍ରାମର ଯୁବକସଙ୍ଘକୁ ଗୋଟିଏ ଶକ୍ତିଚାଳିତ ଧାନ ଅମଳ କରିବା ଯନ୍ତ୍ର, ୫ଟି ଖୁସାଇବା ଯନ୍ତ୍ର, ପାଞ୍ଚଟି ନୂଆ ରକମର ଦା' ରାଜ୍ୟ କୃଷି ଯନ୍ତ୍ରପାତି ବିଭାଗ ତରଫରୁ ଉପହାର ଦେଇଥିଲେ ।

ଓଡ଼ିଶା ସୁନ୍ଦର ପର୍ଯ୍ୟବେକ୍ଷଣ ଉପଯୋଗ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାଣ୍ଡଙ୍କ ଉଦ୍‌ବୋଧନ

ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପୂର୍ଣ୍ଣ ନାରାୟଣ ପାଣ୍ଡ ଗତ ଡିସେମ୍ବର ନଅ ତାରିଖରେ ନେସ୍‌ନାଲ୍ ଗିମୋଟ୍ ସେନ୍‌ସିଂ ଏଜେନ୍‌ସି ଆକ୍ଟ ପି: ଓ: ପି: ଡି: ଏ: ଏନ୍: ଇ: ଟି: ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ସୁନ୍ଦର ପର୍ଯ୍ୟବେକ୍ଷଣ ଉପଯୋଗ କେନ୍ଦ୍ର ଜରିଆରେ ମତ୍ସ୍ୟଜୀବୀମାନେ କିପରି ଉପକୃତ ହୋଇପାରିବେ, ସେ ବିଷୟରେ ଏକ ଟ୍ରେନିଂ କ୍ୟାମ୍ପରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

ଶ୍ରୀ ପାଣ୍ଡ କହିଥିଲେ ଯେ ଭାରତର ସମୁଦାୟ ବେଳାଭୂମିର ଦୈର୍ଘ୍ୟ ପ୍ରାୟ ୭,୫୦୦ କି: ମି: ଓ ତନ୍ମଧ୍ୟରୁ ଓଡ଼ିଶାରେ ଏହା ୪୮୦ କି: ମି: ପର୍ଯ୍ୟନ୍ତ ପରିବ୍ୟାପ୍ତ । ଓଡ଼ିଶାର ମତ୍ସ୍ୟଜୀବୀମାନେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବହୁତ ପଛରେ ଅଛନ୍ତି । ସେମାନଙ୍କୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ବହୁତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି । ଏଣୁ ମତ୍ସ୍ୟଜୀବୀମାନେ ସେସବୁ ସୁବିଧା ସୁଯୋଗ ଉପଭୋଗ କରି ଅଧିକରୁ ଅଧିକ ମତ୍ସ୍ୟ ଉତ୍ପାଦନ କରି ନିଜର ଆର୍ଥିକ ସ୍ଥିତିକୁ ଦୃଢ଼ୀଭୂତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଆମ ଦେଶରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅଧିକ ସମ୍ଭାବନା ରହିଛି । ଏଣୁ ଏଥିପାଇଁ ବହୁବିଧ ଉଦ୍ୟମ, ବ୍ୟବସାୟିକ ଜ୍ଞାନ କୌଶଳ, ବୈଷୟିକ ଅନୁଭୂତି, ନୂତନ ମତ୍ସ୍ୟ ଉତ୍ପାଦନ ପ୍ରଣାଳୀ ନିରୂପଣ ଇତ୍ୟାଦିର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ମତ୍ସ୍ୟଜୀବୀମାନେ ଲକ୍ଷ୍ୟହୀନ ଭାବେ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଆନ୍ତି । ସେମାନେ ସମୁଦ୍ରର କେଉଁ ସ୍ଥାନରେ କି ମାଛ ଅଛି, ତାହା ଜାଣି ନଥାନ୍ତି । ମାତ୍ର ଭୂମିସ୍ଥ ଉପଗ୍ରହ ଜରିଆରେ ସେମାନେ ବିଭିନ୍ନ ତଥ୍ୟ ପାଇପାରିବେ ଓ ଏହାଦ୍ୱାରା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସେମାନେ ସଫଳତା ହାସଲ କରିପାରିବେ ବୋଲି ଶ୍ରୀ ପାଣ୍ଡ ଆଶା ପ୍ରକାଶ କରିଥିଲେ । ନେସ୍‌ନାଲ ଗିମୋଟ୍ ଏଜେନ୍‌ସି ପୁରୀଠାରେ ଏହି ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ଟ୍ରେନିଂ କ୍ୟାମ୍ପ୍ କରିଥିବାରୁ ଏହି ସଂସ୍ଥାକୁ ସେ ସାଧୁବାଦ ଜଣାଇଥିଲେ ।

ଏହି ଉତ୍ସବରେ ସରକାରୀ ମୁଖ୍ୟ ସଚେତକ ଶ୍ରୀ ଅଜୟ କୁମାର ଜେନା, ବରକନ୍ତ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ପୁରୀ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଉଚ୍ଚ ଅଫିସରମାନେ ଯୋଗ ଦେଇଥିଲେ ।

କୋଣାର୍କ ଉତ୍ସବ–୯୩ ଉଦ୍‌ଯାପିତ

ପ୍ରତିବର୍ଷ ଡିସେମ୍ବର ମାସର ପ୍ରଥମ ସପ୍ତାହରେ କୋଣାର୍କ ଉତ୍ସବ ଅନୁଷ୍ଠିତ ହେବ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଘୋଷଣା କରିଛନ୍ତି। ଡିସେମ୍ବର ମାସ ପହିଲାଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୋଣାର୍କ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ ଓ ସମୃଦ୍ଧ କରିବା ପାଇଁ କୋଣାର୍କଠାରେ ପ୍ରତିବର୍ଷ ଡିସେମ୍ବର ମାସ ପ୍ରଥମ ସପ୍ତାହରେ କୋଣାର୍କ ଉତ୍ସବ ଅନୁଷ୍ଠିତ ହେବ। ଏହା ଫଳରେ ପର୍ଯ୍ୟଟକମାନେ ଆମ ରାଜ୍ୟ ପ୍ରତି ଅଧିକ ଆକୃଷ୍ଟ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଜି ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଉଦ୍‌ଯାପନ ଉତ୍ସବରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିତା ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ତାଙ୍କ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସେ ଏହି ଉତ୍ସବରେ ଯୋଗ ଦେଇପାରି ନାହାନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାମିଲନାଡୁର ବନ୍ୟା ଓ ବାତ୍ୟା ପ୍ରପୀଡ଼ିତ ଲୋକମାନଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ସେମାନେ ଅବିଳମ୍ବେ ଏହି ଦାରୁଣ ଦୁର୍ଦ୍ଦଶାରୁ ମୁକ୍ତିଲାଭ କରିବେ ବୋଲି କାମନା କରିଥିଲେ।

ଉଦ୍‌ଯାପନ ଉତ୍ସବରେ ତାମିଲନାଡୁର ଲୋକ ପ୍ରିୟ କାଡ଼ାଗାମ୍ ନୃତ୍ୟ ଦର୍ଶକମାନଙ୍କର ବିଶେଷ ଉପଭୋଗ୍ୟ ହୋଇଥିଲା। କାଡ଼ାଗାମ୍ ନୃତ୍ୟ ପୂର୍ବରୁ ଆନ୍ଧ୍ର ପ୍ରଦେଶର କଳାକାର ରାଜା ଓ ରାଧା ରେଡ୍ଡିଙ୍କ ଦ୍ୱାରା କୁଚିପୁଡ଼ି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ତାପରେ ମଣିପୁରର ଜବାହର ଲାଲ ନେହେରୁ ମଣିପୁରି ନାଟକ ଏକାଡେମୀ ଆନୁକୂଲ୍ୟରେ ଦଶାବତାର, ଶ୍ରୀକୃଷ୍ଣ ବନ୍ଦନା, କୃଷ୍ଣ ବିରହ ଓ ବସନ୍ତ ରାସ ଆଦି ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।

କୋଣାର୍କ ଉତ୍ସବର ୪ର୍ଥ ଦିନରେ କେରଳର "ଚେଗଳ ମଞ୍ଚଳମ" ଅନୁଷ୍ଠାନ ପକ୍ଷରୁ ଉତ୍ତରା ରାମାୟଣର ଲବଣାସୁର ବଧ ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନା ଓଡ଼ିଶୀ ନୃତ୍ୟ ଶିଳ୍ପୀ କିରଣ ସେହାଗଲଙ୍କ ଅର୍କ କ୍ଷେତ୍ରରେ ସୂର୍ଯ୍ୟ ଦେବତାଙ୍କୁ ପୁଷ୍ପାଞ୍ଜଳୀ 'ମଙ୍ଗଳା ଚରଣ', ବାଟଛାଡ଼ ଯମୁନା ଯିବି ନିର ଆଣି ପ୍ରଭୃତି ଚିତ୍ତାକର୍ଷକ ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା।

୪ର୍ଥ ଓ ୫ମ ରଜନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଶିଳ୍ପ ମନ୍ତ୍ରୀ ଶ୍ରୀ କାଲନ୍ଦି ଚରଣ ବେହେରା, ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସ, ଝାଡ଼ା ସଂସ୍କୃତି, ଯୁବ କଲ୍ୟାଣ, ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ।

ନୂଆପଡ଼ା ଜିଲ୍ଲାର ଉନ୍ନୟନ ପାଇଁ ୨୫ କୋଟି ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ

ନୂଆପଡ଼ାଠାରେ ସମ୍ପ୍ରତି ଅନୁଷ୍ଠିତ ଜିଲ୍ଲା ଉନ୍ନୟନ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା ଜିରାନ୍ କହିଲେ ଯେ, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାକୁ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ବିଭାଗୀୟ କର୍ମକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ। ବିଭିନ୍ନ ଯୋଜନା ନିମନ୍ତେ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥର ପୂର୍ଣ୍ଣ ବିନିଯୋଗ ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ।

ଜିଲ୍ଲାର ଉନ୍ନୟନ ପାଇଁ ଯୋଜନା ୧୯୯୪–୯୫ ଆର୍ଥିକ ବର୍ଷ ନିମନ୍ତେ ୨୫ କୋଟି ୮୩ ଲକ୍ଷ ୨୦ ହଜାର ଟଙ୍କାର ବ୍ୟୟ ଅଟକଳ ବୈଠକରେ ଅନୁମୋଦନ ଲାଭ କରିଥିଲା। ସେଥିମଧ୍ୟରେ ସମ୍ପାଦିକ ହେଉଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ୨୩ କୋଟି ୭୬ ଲକ୍ଷ ୨୮ ହଜାର ଟଙ୍କା ଏବଂ ନୂତନ ପ୍ରକଳ୍ପ ନିମନ୍ତେ ୨ କୋଟି ୬ ଲକ୍ଷ ୯୨ ହଜାର ଟଙ୍କା ଅନ୍ତର୍ଭୁକ୍ତ। ୧୯୯୪–୯୫ ବର୍ଷ ପାଇଁ ଅନୁମୋଦିତ ଟଙ୍କା ମଧ୍ୟରୁ ଶିକ୍ଷା ବାବଦରେ ୩ କୋଟି ୯୬ ଲକ୍ଷ ୬୦ ହଜାର ଟଙ୍କା, ସ୍ୱାସ୍ଥ୍ୟ ବାବଦରେ ଏକ କୋଟି ୩୬ ଲକ୍ଷ ୨୦ ହଜାର ୧୯୬ ଟଙ୍କା, ସଂରକ୍ଷଣ ବାବଦରେ ଏକ କୋଟି ୨୧ ଲକ୍ଷ ୩୨ ହଜାର ୬୩୩ ଟଙ୍କା, ବୃକ୍ଷ ରୋପଣ ଓ ସାମାଜିକ ବନୀକରଣ ବାବଦରେ ୯୪ ଲକ୍ଷ ୩୫ ହଜାର ୩୦୦ ଟଙ୍କା, ପାନୀୟ ଜଳ ଯୋଗାଣ ବାବଦରେ ୭୮ ଲକ୍ଷ ୪୪ ହଜାର ୪୦୦ ଟଙ୍କା, ବିଦ୍ୟୁତ୍‌କରଣ ବାବଦରେ ୬୯ ଲକ୍ଷ ୩୫ ହଜାର ଟଙ୍କା, ଜଳସେଚନ ବାବଦରେ ୬୧ ଲକ୍ଷ ୭୨ ହଜାର ଟଙ୍କା ଏବଂ କୃଷି ବାବଦରେ ୨୦ ଲକ୍ଷ ୮୪ ହଜାର ୮୫୦ ଟଙ୍କା ବ୍ୟୟ କରାଯିବ।

୧୯୯୩–୯୪ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲାରେ ୬୫ଟି ଉଚ୍ଚ ପ୍ରାଥମିକ ସ୍କୁଲକୁ ମାଧ୍ୟମିକ ବିଦ୍ୟାଳୟରେ ଓ ୨୮ଟି ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟକୁ ହାଇସ୍କୁଲରେ ପରିଣତ କରାଯିବା ସଙ୍ଗେ ସଙ୍ଗେ ୪୫ଟି ନୂତନ ମାଧ୍ୟମିକ ବିଦ୍ୟାଳୟ, ଦୁଇଟି ହାଇସ୍କୁଲ ଓ ୫୨ଟି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି ବୋଲି ବୈଠକରେ ପ୍ରକାଶ ପାଇଥିଲା। ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ମାସ ସୁଦ୍ଧା ଜିଲ୍ଲାରେ ୯୫ଟି ନଳକୂପ, ୮ଟି ବିଶୁଦ୍ଧ ପାନୀୟ ଜଳ କୂପ ଖନନ କରାଯାଇଥିବା ବେଳେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାରେ ୫ଟି ଗ୍ରାମ ଓ ୪ଟି ହରିଜନ ବସ୍ତିକୁ ବିଦ୍ୟୁତ୍‌କରଣ କରାଯିବା ସଙ୍ଗେ ସଙ୍ଗେ ୭୨ଟି ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ମଧ୍ୟ ବୈଠକରେ ପ୍ରକାଶ ପାଇଥିଲା।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ, ଖଡ଼ିଆଳ ବିଧାୟକ ଶ୍ରୀ ଦୁର୍ଯ୍ୟୋଧନ ମାଝୀ, ଧରମଗଡ଼ ବିଧାୟକ ଶ୍ରୀ ଭାରତ ଭୂଷଣ ବେମାଲ, ଜିଲ୍ଲାପାଳ ଶ୍ରୀ ଅସିତ୍ କୁମାର ତ୍ରିପାଠୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ନିର୍ମାଣ ବିଭାଗ ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକ

ରାଜ୍ୟ ନିର୍ମାଣ ବିଭାଗ ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକ ସମ୍ପ୍ରତି ସଚିବାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଅଧ୍ୟକ୍ଷତା କରି ବିଭାଗର ସୀମିତ ସମ୍ବଳ ମଧ୍ୟରେ ହାତକୁ ନିଆଯାଇଥିବା ନୂତନ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସମ୍ଭବପର ହେଉ ନଥିବାରୁ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାନ୍ତି କହିଲେ ଯେ, ସର୍ବଭାରତୀୟ ସ୍ତରରେ ରାସ୍ତା ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଥିବାରୁ ପଞ୍ଚବାର୍ଷିକ ଯୋଜନାରେ ରାସ୍ତାଘାଟର ଉନ୍ନତିକରଣ ଉପରେ ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ୨୫୦ କୋଟି ଟଙ୍କା ବିନିଯୋଗରେ ୧,୦୨୪ କି: ମି: ରାସ୍ତାକୁ ଗୋଡ଼ି ବିଛାଇବା ଓ ପିଚୁ କରିବା, ୨୨୪ କି: ମି: ରାସ୍ତାକୁ ପ୍ରଶସ୍ତ ତଥା ଦୃଢ଼ କରିବା ଏବଂ ବିଦ୍ୟମାନ ରାସ୍ତାର ଉନ୍ନୟନ ସମେତ ୧୨୫ଟି ସେତୁ ନିର୍ମାଣ କରାଯାଇ ୨୬୮·୪୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସେ ସୂଚନା ଦେଇଥିଲେ।

୧୯୯୨–୯୩ ଆର୍ଥିକ ବର୍ଷରେ ୩୫ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୪୬୬ କି: ମି: ରାସ୍ତାର ସମ୍ପ୍ରସାରଣ, ୭୬·୨୬୧ କି: ମି: ରାସ୍ତାର ସବ୍‌ବେସ୍, ୬୮୫·୬୦୨ କି: ମି: ରାସ୍ତାର ମେଟାଲିଂ, ୧,୩୨୦·୮୯ କି: ମି: ରାସ୍ତାର ପିଚୁ କରାଯାଇଥିଲା ଏବଂ ୪୩୩ ଗୋଟି ଜସ୍ ଡ୍ରେନେଜ୍ ଓ ଦୁଇଟି ଫାଠପୋଲ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଅସମ୍ପୂର୍ଣ୍ଣ ୧୫୫ଟି ସେତୁ ମଧ୍ୟରୁ ୨୭ଟି ସେତୁ ସମ୍ପୂର୍ଣ୍ଣ କରାଯାଇଥିଲା ଓ ୫ଟି ନୂତନ ସେତୁର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ୩୨·୬୬ କି: ମି: ରାସ୍ତା ପିଚୁ, ୨୪·୬୨ କି: ମି: ରାସ୍ତା ମେଟାଲିଂ, ୪·୯୨ କି:ମି: ରାସ୍ତା ପ୍ରଶସ୍ତ ତଥା ସୁଦୃଢ଼ କରାଯିବା ସଙ୍ଗେ ସଙ୍ଗେ ୨୧ଟି ସେତୁର ନିର୍ମାଣ କାର୍ଯ୍ୟସମ୍ପୂର୍ଣ୍ଣ କରାଯାଇଛି ବୋଲି ପ୍ରକାଶ କରି ମନ୍ତ୍ରୀ ଶ୍ରୀ ମହାନ୍ତି ୨୪ଟି ସେତୁର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଆଶା ପ୍ରକାଶ କରିଥିଲେ।

କେନ୍ଦ୍ରୀୟ ସାହାଯ୍ୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ୪ଟି ସେତୁ ମଧ୍ୟରୁ ଢେଙ୍କାନାଳ କାମାକ୍ଷାନଗର ରାସ୍ତାର ବ୍ରାହ୍ମଣୀ ନଦୀ ଉପରେ ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ଏବଂ ଗୁଣପୁର ନିକଟସ୍ଥ ବଂଶଧରା ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ପ୍ରକାଶ କରି ଖୁଣ୍ଟୁଣୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିକଳ୍ପ ଯୋଗାଯୋଗ ନିମନ୍ତେ ୨·୯୭ କୋଟି ଟଙ୍କା କେନ୍ଦ୍ରୀୟ ସହାୟତାରେ ମହାନଦୀର ପୁରୁଜି ଓ ସାରଠାରେ ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ଓ କିଆବଟାଠାରେ ମହାନଦୀ ଉପରେ ସେତୁ ନିର୍ମାଣ ପାଇଁ ୨୫୦·୭୬ ଲକ୍ଷ ଟଙ୍କାର କେନ୍ଦ୍ରୀୟ ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। କେନ୍ଦ୍ରୀୟ ରାସ୍ତା ପାଣ୍ଠି ଯୋଜନାରେ କେନ୍ଦ୍ର ସରକାର ସହାୟତା କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବା ୫୪ ପ୍ରକଳ୍ପ ମଧ୍ୟରୁ ପାଞ୍ଚ ନମ୍ବର (କ) ଜାତୀୟ ରାଜପଥଠାରୁ ରହଣ୍ଡି ରାସ୍ତାର ବଡ଼ ଗେଞ୍ଜୁଟି ନଦୀ ଉପରେ ପୋଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ଗୁରୁଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଥିଲେ।

ସଫଲପୁରଠାରୁ ଗାଉରକେଲା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ଓ ସୁଦୃଢ଼ୀକରଣ ନିମନ୍ତେ ୧୮୯·୩୫ କୋଟି ଟଙ୍କାର ଏକ ପ୍ରକଳ୍ପ ହାତକୁ ନିଆଯାଇଛି। ତନ୍ମଧ୍ୟରୁ ୮୨·୬୮ କୋଟି ଟଙ୍କା ରାଜ୍ୟ ସରକାର ବହନ କରିବେ ଏବଂ ଅବଶିଷ୍ଟ ଅର୍ଥ ଏସିଆ ଉନ୍ନୟନ ବ୍ୟାଙ୍କରୁ ଋଣ ସୂତ୍ରରେ ମିଳିବ। ଚଳିତ ଆର୍ଥିକ ବର୍ଷରେ ଏ ଅକ୍ଟୋବର ମାସ ଶେଷ ସୁଦ୍ଧା ଉକ୍ତ କାର୍ଯ୍ୟ ପାଇ ୧,୦୬୨·୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲାଣି ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି କହିଥିଲେ। କଟକ ଓ ବାଲେଶ୍ୱରଠାରେ ଓଭର୍ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ଏବଂ ଭୁବନେଶ୍ୱରସ୍ଥ ସତ୍ୟନଗର ଓ ବାପୁଜୀ ନଗର, ଯାଜପୁର ରୋଡ୍, ଗାୟଗଡ଼ାଠାରେ ଓଭର୍ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସଫଲପୁରଠାରେ ଓଭର୍ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ରେଳ ବିଭାଗୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଏହା ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ଓଡ଼ିଶା ସେତୁ ନିର୍ମାଣ ନିଗମ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୭୩·୮୦ କୋଟି ଟଙ୍କା ବ୍ୟୟରେ ୩୮ଟି ସେତୁ ଓ ୧୩ଟି ଛୋଟାବାଡ଼ିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ବୋଲି ପୂର୍ତ୍ତ ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ନିଗମର ଉନ୍ନତି ସାଧନ ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇ ଏହାକୁ କିପରି ଏକ ଲାଭଜନକ ସଂସ୍ଥାରେ ପରିଣତ କରାଯାଇ ପାରିବ, ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଏମ୍: ପି: ଶ୍ରୀ ପ୍ରଭାତ ପାମଭୋଇ ଓ ବିଧାୟକ ଶ୍ରୀ ନିତ୍ୟାନନ୍ଦ ପ୍ରଧାନ, ପୂର୍ତ୍ତ ବିଭାଗ ଶାସନ ସଚିବ ଶ୍ରୀ ଜି: ସି: ମିଶ୍ର ଏବଂ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

୧୯୯୩ ରୂପଲେଖା ପୁରସ୍କାର ଓଡ଼ିଶାର ଶ୍ରୀ ନନ୍ଦ କିଶୋର ମହାପାତ୍ର ପାଇଲେ

୨୬–୧୨–୧୯୯୩ କଲିକତାରୁ ପ୍ରକାଶିତ ଦୈନିକ ରୂପଲେଖାର ୨୮ତମ ବାର୍ଷିକ ସମାରୋହ ଉତ୍ସବ କଲିକତାର ପ୍ରଖ୍ୟାତ ହୋଟେଲ କ୍ୱାଲିଟି–ଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଣ୍ଣାଢ୍ୟ ସମାରୋହରେ ଓଡ଼ିଶାର ମନ୍ତ୍ରୀ ତଥା ପ୍ରସିଦ୍ଧ ଲେଖକ କୁମାର ପାଟଶାଣୀ ଏ ପଶ୍ଚିମ ବଙ୍ଗର ଲାଘୁ ଶିଳ୍ପମନ୍ତ୍ରୀ ପତିତପାବନ ପାଠକ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପୁରସ୍କାରପ୍ରାପ୍ତିଙ୍କ ଜନ ସମ୍ପର୍କ ରାଶି ଜନତାର ଭଲାମାନଙ୍କେ ନିର୍ଭୁଲ ଭାବରେ ସ୍ମର ଉତ୍ତୋଳନ ପୂର୍ବକ ସମାଜ ତଥା ଦେଶର

ରକ୍ଷକ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ବାଦପତ୍ରଗୁଡ଼ିକ ଦେଶର ଅର୍ଥ ଲାଭ ଭାବରେ ଦେଶକୁ ଓ ସମାଜକୁ ଉନ୍ନତ ମାର୍ଗରେ ଆଗେଇ ନେବାପାଇଁ ସେମାନଙ୍କର ଦାୟିତ୍ୱବୋଧ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉତ୍ସବରେ ଦେଶର ବିଶେଷକରି କଲିକତାର ବୁଦ୍ଧିଜୀବି, ସମ୍ବାଦପତ୍ର ସମ୍ପାଦକ, ସାମ୍ବାଦିକ ସାହିତ୍ୟକାର, ସମାଜ ସେବୀ, ଶିଳ୍ପପତି ହିନ୍ଦି ସାହିତ୍ୟର ପ୍ରମୁଖ ଲେଖକ ପ୍ରବୁ ଯୋଗ ଦେଇଥିଲେ। ଏହି ଉତ୍ସବରେ ବଙ୍ଗଳାର ବିଶିଷ୍ଟ ସାହିତ୍ୟିକ, ଲେଖକ ଶ୍ରୀ ମଣିଶଙ୍କର ମୁଖାର୍ଜୀ (ଶଙ୍କର), ପିସ୍ରଗଲେସ୍ ଇଣ୍ଡାନୀର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ପି: ସି: ସେନ୍ ଓ ଓଡ଼ିଶାର ସାମ୍ବାଦିକ, ଲେଖକ, ସମାଜସେବୀ ଶ୍ରୀ ନନ୍ଦକିଶୋର ମହାପାତ୍ରଙ୍କୁ ୧୯୯୩ ରୁପଲେଖା ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ: ବଙ୍ଗର ମନ୍ତ୍ରୀ ଶ୍ରୀଯୁକ୍ତ ପାଠକ ଶ୍ରୀ ନନ୍ଦକିଶୋର ମହାପାତ୍ରଙ୍କୁ ଓ ଓଡ଼ିଶାର ମନ୍ତ୍ରୀ ଡକ୍ତର ପାଟଶାଣୀ ପ: ବଙ୍ଗର ପ୍ରଖ୍ୟାତ ଲେଖକ ଓ ସାହିତ୍ୟିକ ମନିଶଙ୍କର ମୁଖାର୍ଜୀ (ଶଙ୍କର)ଙ୍କୁ ପୁରସ୍କାର ପ୍ରଦାନକରି ସମ୍ମାନିତ କରିଥିଲେ। ଏହାପରେ କଲିକତାର ବିଶିଷ୍ଟ ଉଦ୍ୟୋଗପତି ଶ୍ରୀ କିଶାନ ମହିପାଲ ଶ୍ରୀ ମହାପାତ୍ର ଓ ଶ୍ରୀ ମୁଖାର୍ଜୀଙ୍କୁ ବିଶେଷ ଭାବରେ ତାଙ୍କ ନିଜ ସଂସ୍ଥା ତରଫରୁ ସମ୍ମାନିତ କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏହି ରୁପଲେଖା ୧୯୯୭ ପୁରସ୍କାର ଓଡ଼ିଶାର ଜନପ୍ରିୟ ମନ୍ତ୍ରୀ ଡକ୍ତର ପାଟଶାଣୀଙ୍କୁ ପ୍ରଦାନ କରାଯାଇଥିଲା ଓ ଚଳିତ ବର୍ଷ ପୁଣି ଓଡ଼ିଶାର ଶ୍ରୀ ନନ୍ଦକିଶୋର ମହାପାତ୍ରଙ୍କୁ ଉକ୍ତ ପୁରସ୍କାର ସମ୍ମାନିତ କରାଯାଇଛି।

ଶ୍ରୀ ମହାପାତ୍ର ତାଙ୍କର ଭାଷଣ ହିନ୍ଦି ଓ ଓଡ଼ିଆରେ ଦେଇ ହିନ୍ଦିର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିବା ସହିତ ସମ୍ବାଦ ପତ୍ର ଯଥା ଯଥ ଭାବରେ ସେମାନଙ୍କର ଭୂମିକା ତୁଲାଇ ଜନସାଧାରଣଙ୍କର ମନକୁ ଆକର୍ଷଣ କରିବା ଉପରେ ଜୋର ଦେଇଥିଲେ ଓ ଓଡ଼ିଶା ପ: ବଙ୍ଗଳା ସମ୍ପର୍କ ଅତିପୁରାତନ ଦର୍ଶାଇ ଜଗନ୍ନାଥ ଧର୍ମ ସଂସ୍କୃତି ଉପରେ ଆଲୋକପାତ କରିଥିଲେ ଓ ତାହା ବିଶେଷ ଭାବେ ଆଦୃତ ହୋଇଥିଲା।

ଓଡ଼ିଶାର ମନ୍ତ୍ରୀ ଡକ୍ତର ପାଟଶାଣୀଙ୍କ ଭାଷଣ ଗତବର୍ଷ ପରି ଏବର୍ଷ ମଧ୍ୟ କଲିକତାର ବୁଦ୍ଧିଜୀବି ନାଗରିକମାନଙ୍କ ମଧ୍ୟରେ ଅତ୍ୟନ୍ତ ଉପଭୋଗ୍ୟ ଓ ପ୍ରଶଂସିତ ହୋଇଥିଲା।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଲିକତାର ପୂର୍ବତନ ମେୟର ଶ୍ରୀ ଶ୍ୟାମ ସୁନ୍ଦର ଗୁପ୍ତା ବିଶିଷ୍ଟ ଉଦ୍ୟୋଗପତି ଶ୍ରୀ କିଶାନ ମହିପାଲ ବିଶିଷ୍ଟ ହିନ୍ଦି ସାହିତ୍ୟିକ କବିରାଜ ରାମଧୀନ ଶର୍ମା (ବିଶିଷ୍ଟ) ଓ ରାଜନୈତିକ ନେତା ପ୍ରମୁଖ ଯୋଗଦେଇଥିଲେ।

ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଅବସର ଗ୍ରହଣ ଦିନ ସମସ୍ତ ପ୍ରାପ୍ୟ ପ୍ରଦାନର ନିଷ୍ପତ୍ତି

ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କର ପେନ୍‌ସନ୍, ଗ୍ରାଚ୍ୟୁଇଟ୍ ଆଦି ଅବସରକାଳୀନ ପ୍ରାପ୍ୟ ଫଇସଲା କରି ଅବସର ଗ୍ରହଣ ଦିନ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା

ସରକାରଙ୍କ ଆଭିମୁଖ୍ୟ। ଶିକ୍ଷକମାନଙ୍କର ଅବସରକାଳୀନ ପ୍ରାପ୍ୟ ପଞ୍ଚାୟତୀ ସମସ୍ତ ମାମଲାଗୁଡ଼ିକ ଉପରେ ଯଥାଶୀଘ୍ର ନିଷ୍ପତ୍ତି ନେବା ନିମନ୍ତେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରେ ଏକ ପେନ୍‌ସନ ସେଲ୍ ଖୋଲା ଯାଇଥିଲି। ଶିକ୍ଷକମାନଙ୍କର ପେନ୍‌ସନ ଆଦି ବିଷୟରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ସୂଚନା ଦେଇଥିଲେ ଯେ, ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କର ପେନ୍‌ସନାଦି ବିଷୟ ଫଇସଲାଃ ନିମନ୍ତେ ୧୯୯୪ ମସିହା ଜାନୁଆରୀ ମାସଟିକୁ ପେନ୍‌ସନ ଫଇସଲା ମାସଭାବେ ପାଳନ କରାଯିବ। ଉକ୍ତ ମାସରେ ସ୍ଥାନୀୟ ଇନସପେକ୍ଟର ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସର କର୍ମଚାରୀମାନେ ପଞ୍ଚୁଡ଼ ବି: ଡି: ଓଙ୍କୁ ସହଯୋଗ କରି ବାକିଥିବା ସମସ୍ତ ପେନ୍‌ସନ ମାମଲାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଫଇସଲା କରାଯିବ। ଏଣୁ ଯେଉଁ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କର ପେନ୍‌ସନ ପ୍ରାପ୍ୟ ଫଇସଲା ନହୋଇ ବାକିଥିବା ପଡ଼ିରହିଛି ସେମାନେ ପଞ୍ଚୁଡ଼ ବି: ଡି: ଓମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ସହ ତୁରନ୍ତ ସାକ୍ଷାତ କରିବା ଉଚିତ। ଉକ୍ତ ସମୟରେ ଇନସପେକ୍ଟର ଓ ଶିକ୍ଷା ଶିକ୍ଷା ଅଫିସର କର୍ମଚାରୀମାନେ ବି: ଡି: ଓ: ଅଫିସରେ ଉପସ୍ଥିତ ରହିବେ।

ପଞ୍ଚାୟତ ସମିତି ନିର୍ବାଚିତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ସମାଜ କଲ୍ୟାଣ ଯୋଜନା ଆଦି କାର୍ଯ୍ୟକ୍ରମର କାର୍ଯ୍ୟକାରିତା କ୍ଷେତ୍ରରେ ମହିଳାମାନେ ନିଜକୁ ସାମିଲ କରିପାରିଲେ ଦେଶ ତଥା ସମାଜର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଅଧିକ ଦାୟିତ୍ୱ ହସ୍ତାନ୍ତର କରାଯାଇ ପାରିବ ବୋଲି ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତ ପଞ୍ଚାୟତ ସମିତି ନିର୍ବାଚିତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ପ୍ରକାଶ କରିଛନ୍ତି।

ହାଇଦ୍ରାବାଦ ସ୍ଥିତ ଜାତୀୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଚଳିତ ମାସ ୧୩ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଗୁଳିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ସେ କହିଲେ ଯେ, ପଞ୍ଚାୟତ ସମିତି ଏକ ମିନି ଆସେମ୍ବ୍ଲି ସଦୃଶ୍ୟ। ସେଠାରେ ନିୟମ ପ୍ରଣୟନ ହେଉ ନଥିଲେ ମଧ୍ୟ ଯଥାବିଧି କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ମହିଳାମାନେ ପଞ୍ଚାୟତ ସମିତି ସ୍ତରରେ ଦକ୍ଷତାର ସହିତ ନିଜର କାର୍ଯ୍ୟ ସମ୍ପାଦନ କରିପାରିଲେ, ଏହି କାର୍ଯ୍ୟକ୍ରମ ସଫଳ ହେଲା ବୋଲି ଭାବିବାକୁ ପଡ଼ିବ। ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ସ୍ତରର ନିର୍ବାଚିତ ପ୍ରତିନିଧିମାନଙ୍କୁ ଅନୁରାଗିତ୍ୱମ ପ୍ରଦାନ ବିଷୟ ସରକାରଙ୍କର ବିଚାରାଧୀନ ଅଛି ଓ ଏ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ଗ୍ରହଣ କରାଯାଉଥିବା ବିଷୟ ମନ୍ତ୍ରୀ ଶ୍ରୀ ରାଉତ ପ୍ରକାଶ କରିଥିଲେ।

ଏହି ଉଦ୍‌ଯାପନ ଉତ୍ସବରେ ଜାତୀୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ଉଚ୍ଚର ଶ୍ରୀମତୀ କେ: ଜସ୍ପଲାଙ୍ଗୀ ଓ ଉଚ୍ଚର ଏ: ସି: ଜେନା, ପଞ୍ଚାୟତରାଜ ନିର୍ଦ୍ଦେଶକ ଶ୍ରୀ ପତିତପାବନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିର୍ବାଚିତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ଏଚ: ପି: ଆଗ୍ରମ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଶ୍ରୀମତୀ ଗୀତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ବରାଙ୍ଗୀର ରସ୍ତ ସମସ୍ତରେ ବଦଳୀମୂଲା ବନ ବିଭାଗର ନର୍ସରୀଠାରେ ଏକ ଅଶୋକ ବୃକ୍ଷ ରୋପଣ କରୁଛନ୍ତି।

DGP MP PTS (R&PR) No. 10,000-13-1-1994

ରାଉରକେଲାସ୍ଥିତ ଏକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ନିର୍ମିତ ହେଉ ଥିବା ଫଳକଟିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି।

ଚତୁର୍ଥଟି ମଇକାଡ଼ ଠାରୁ ଶତବାର୍ଷିକ ଉତ୍ସବକୁ ପୂରଣା ଉତ୍କଳମାତାଙ୍କ ଚରଣାବିନ୍ଦ ଚନ୍ଦନଦାନ ଟିଟିକୁ ପୂରଣା ଓ ଜନାବ ଆମିନି ବିଭାଗ ମନ୍ତ୍ରୀ ଶ୍ରୀ ଦେବେଶୀ ଚୌଧୁରୀ ଉଦ୍ଘାଟନ କରୁଛନ୍ତି।

VOL. L No. 6 UTKAL PRASANGA Regd. No. O—BN—08
License No. C.R.N.P. 5—Licensed to post without Pre-payment

ପରିବାରବନ୍ଦ ପତ୍ରିକାନଟୀ କକ୍ଷରେ ଅହୁତ ଏକ ବୈଠକରେ ଦଶମ ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଶ୍ରୀ କେ: ସି: ପନ୍ତ ଓ କମିଶନ୍‌ର ସଦସ୍ୟମାନଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ଅର୍ଥ ମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲ୍, ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ରାଜ୍ୟର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

ଆମେରିକା ସଫରରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସେଠାରେ ବୋଗ୍ ବିଧାନ ସଭା ସାଂସଦଙ୍କ ସହିତ ଆଲୋଚନା କରୁଛନ୍ତି ।